

ମା' ହେଲେ
କ୍ୟାଟ୍ରିନା
▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-132 •SATURDAY •8 NOVEMBER 2025 •PAGE-12 •₹ 6.00 | JEYPORE | •ବର୍ଷ-୪୩ •ସଂଖ୍ୟା-୧୩୨ •ଶନିବାର •୮ ନଭେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


# ରଙ୍ଗ ମାରିଲେ ବିକାଶ ହୁଏନି: ନବୀନ

## ୧୧ରେ ନୂଆପଡ଼ାବାସୀ ଦେବେ ବେଇମାନୀର ଜବାବ୍





**ସାଧାରଣ ଲୋକଙ୍କୁ ନବୀନଙ୍କ ପ୍ରଶ୍ନ**

- ଆପଣମାନଙ୍କୁ ୩୦୦ ୟୁନିଟ୍ ମାଗଣା ବିଜୁଳି ମିଳିଛି କି ?
- ବୁଢ଼ାବୁଢ଼ୀମାନଙ୍କୁ ୩୫୦୦ ଟଙ୍କା ପେନ୍‌ସନ ମିଳିଛି କି ?
- ଚାଷୀଭାଇଙ୍କୁ ୟୁରିଆ ସାର ସରକାର ଦେଇପାରିଛନ୍ତି କି ?
- ଧାନ ବିକ୍ରିରେ କଟ୍‌ନୀଛଟ୍‌ନୀ ବନ୍ଦ ହୋଇପାରିଛି କି ?
- ଯୁବବର୍ଗଙ୍କୁ ସରକାରୀ ଚାକିରି ପ୍ରତିଶ୍ରୁତି ପୂରଣ ହୋଇଛି କି?

■ ନୂଆପଡ଼ା/ଭୁବନେଶ୍ୱର,୭।୧୧ (ସମିସ): ଖାଲି ରଙ୍ଗ ମାରି ଦେଲେ ବିକାଶ ହୁଏ ନାହିଁ; ମିଛ ପ୍ରତିଶ୍ରୁତିରେ ସରକାର ଚାଲେ ନାହିଁ। ମିଛ କହି ସରକାର ଗଠନ କରିପାରନ୍ତି, ପ୍ରାର୍ଥୀ ଚୋରି କରିପାରନ୍ତି; କିନ୍ତୁ ଲୋକଙ୍କ ହୃଦୟକୁ ଜିତି ପାରିବେ ନାହିଁ। ଶାସନ କରିବାର ୫୦୦ ଦିନ ମଧ୍ୟରେ ଡବଲ ଇଞ୍ଜିନ୍ ସରକାର ଲୋକଙ୍କୁ କେବଳ ଦେଇଛି ଧୋକା, ଧୋକା, ଡବଲ ଧୋକା। ଲୋକଙ୍କ ସହିତ, ବିଜେଡି ସହିତ ଓ ତାଙ୍କ ସହିତ କିପରି ବେଇମାନି କରାଯାଇଛି, ତାହା ନୂଆପଡ଼ାବାସୀ

- ◆ ଅଟକିଛି ବିକାଶ କାର୍ଯ୍ୟ, ମିଛ ପ୍ରତିଶ୍ରୁତିରେ ଚାଲେ ନାହିଁ ସରକାର
- ◆ ୫୦୦ ଦିନରେ ଡବଲ୍ ଧୋକା ଦେଇଛି ଡବଲ୍ ଇଞ୍ଜିନ୍ ସରକାର
- ◆ ପ୍ରାର୍ଥୀ ଚୋରି କରିପାରନ୍ତି; କିନ୍ତୁ ଲୋକଙ୍କ ହୃଦୟ ଜିତିପାରିବେ ନାହିଁ

ଭଲ ଭାବେ ଜାଣନ୍ତି। ନୂଆପଡ଼ାର ଭୋଟରମାନେ ୧୧ ତାରିଖ ଦିନ ଏହାର ଜବାବ ଭୋଟରେ ଦେବେ। ଆଜି ନୂଆପଡ଼ାରେ ବିଜେଡି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆଙ୍କ ସପକ୍ଷରେ ନିର୍ବାଚନ ପ୍ରଚାର ଅବସରରେ ଶାସକ ବିଜେପିକୁ ଏପରି କଟାକ୍ଷ କରିଛନ୍ତି ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ। ଖରିଆରରୋଡ଼ ଓ ନୂଆପଡ଼ା ଏନ୍‌ଏସିରେ ଆୟୋଜିତ ରୋଡ ଶୋ' ଓ ଜନସଭାରେ ବିଜୁ ଜନତା ଦଳ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ଆଶୀର୍ବାଦ କରିବା ପାଇଁ ଶ୍ରୀ ପଟ୍ଟନାୟକ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

ଶ୍ରୀ ପଟ୍ଟନାୟକ ଆଜି ଦିନିକିଆ ନୂଆପଡ଼ା ଗସ୍ତରେ ଯାଇ ସେଠାରେ ମାରାଥନ୍ ନିର୍ବାଚନ ପ୍ରଚାର କରିଥିଲେ। ଖରିଆର ରୋଡ୍ ଓ ନୂଆପଡ଼ାରେ ବିଶାଳ ରୋଡ ଶୋ'ରେ ଯୋଗଦେଇ ବିଜେଡି ▶ପୃଷ୍ଠା-୭

### ଏଟିସିରେ ବୈଷୟିକ ସମସ୍ୟା

## ଦିଲ୍ଲୀରେ ୮୦୦ ବିମାନ ଉଡ଼ାଣ ବିଳମ୍ବିତ



**ବିମାନ ଲ୍ୟାଣ୍ଡିଂ-ଟେକ୍‌ଅଫ୍‌ର କାର୍ଯ୍ୟସୂଚୀ ମିଳୁନି**

**ଭୋପାଳ, ଚଣ୍ଡିଗଡ଼, ଅହମଦାବାଦରେ ମଧ୍ୟ ସମସ୍ୟା**

■ ନୂଆଦିଲ୍ଲୀ, ୭।୧୧ (ଏଜେନ୍ସି): ଦିଲ୍ଲୀ ବିମାନ ବନ୍ଦରରେ ଶୁକ୍ରବାର ୮୦୦ରୁ ଅଧିକ ଉଡ଼ାଣ ବିଳମ୍ବିତ ହୋଇଛି। ବିମାନ ବନ୍ଦରର ଏୟାର ଟ୍ରାଫିକ୍ କଣ୍ଟ୍ରୋଲ (ଏଟିସି) ପ୍ରଣାଳୀରେ ବୈଷୟିକ ତ୍ରୁଟି ଦେଖା ଦେବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଏହି ବୈଷୟିକ ତ୍ରୁଟି କାରଣରୁ ଏଟିସିର ବିମାନ ଅବତରଣ ଓ ଉଡ଼ାଣ ନେଇ କାର୍ଯ୍ୟସୂଚୀ ମିଳିପାରୁନାହିଁ। ଗଣମାଧ୍ୟମଗୁଡ଼ିକର ସୂଚନା ଅନୁଯାୟୀ, ଏଟିସିର ଅଟୋମେଟିକ୍ ମେସେଜ ସୁଇଚ୍ ସିଷ୍ଟମ (ଏଏମ୍‌ଏସ୍‌ଏସ୍)ରେ ତ୍ରୁଟି ଦେଖିବାକୁ ମିଳିଛି। ଏଏମ୍‌ଏସ୍‌ଏସ୍ ବିମାନଗୁଡ଼ିକର ଟେକ୍‌ଅଫ୍ ଓ ଲ୍ୟାଣ୍ଡିଂ ନେଇ ସୂଚନା ପ୍ରଦାନ କରିଥାଏ। ଏଟିସି ଅଧିକାରୀମାନେ ପୂର୍ବରୁ ଉପଲବ୍ଧ ତଥ୍ୟକୁ ଆଧାର କରି ବିମାନଗୁଡ଼ିକର ଉଡ଼ାଣ ଓ ଅବତରଣ କାର୍ଯ୍ୟସୂଚୀ ସ୍ଥିର କରୁଛନ୍ତି। ଦିଲ୍ଲୀ ବିମାନ ବନ୍ଦରର ଏହି ସମସ୍ୟା ଦ୍ୱାର ଅନ୍ୟ ବିମାନ ବନ୍ଦରଗୁଡ଼ିକ ମଧ୍ୟ ପ୍ରଭାବିତ ହୋଇଛି। ଦିଲ୍ଲୀରୁ ଅନ୍ୟ ବିମାନ ବନ୍ଦରକୁ ଯିବା ▶ପୃଷ୍ଠା-୭

## ୪୨ ଦିନରେ ୫୨ ଲକ୍ଷ ଗାଡ଼ି ବିକ୍ରି



■ ନୂଆଦିଲ୍ଲୀ, ୭।୧୧ (ଏଜେନ୍ସି): ଚଳିତବର୍ଷର ପାର୍ବଣ ଋତୁରେ ସାରା ଦେଶରେ ଯାନବାହାନ ବିକ୍ରିରେ ପ୍ରତିଷ୍ଠା ହୋଇଛି ନୂଆ ରେକର୍ଡ। ଏହି ୪୨ ଦିନର ପାର୍ବଣରେ ୫୨ ଲକ୍ଷ ଗାଡ଼ି ବିକ୍ରି ହୋଇଛି। ଫେଡେରେସନ ଅଫ୍ ଅଟୋମୋବାଇଲ୍ ଡିଲର୍ସ ଆସୋସିଏସନ୍ (ଫାଡା)ର ତଥ୍ୟ ଅନୁଯାୟୀ, ଏଥର ପାର୍ବଣ ଋତୁରେ ଖୁଚୁରା ଗାଡ଼ି ବିକ୍ରି ୨୧% ବୃଦ୍ଧି ପାଇ ୫୨, ୩୮, ୪୦୧ ୟୁନିଟ୍ ହୋଇଛି, ଯାହା ଗତ ବର୍ଷର ୪୩,୨୫,୬୩୨ ୟୁନିଟ୍ ତୁଳନାରେ ବହୁତ ଅଧିକ। ଅପରପକ୍ଷେ ଏହି ସମୟ ମଧ୍ୟରେ, ପାସେଞ୍ଜର ଗାଡ଼ି କ୍ଷେତ୍ରରେ ବିକ୍ରି ୨୩% ବୃଦ୍ଧି ପାଇ ୭,୬୬,୯୧୮ ୟୁନିଟ୍ ରହିଛି। ସେହିଭଳି ଦୁଇଚକିଆ ବିକ୍ରି ୨୨% ବୃଦ୍ଧି ପାଇ ୪୦,୫୨,୫୦୩ ୟୁନିଟ୍‌ରେ ପହଞ୍ଚିଛି। ▶ପୃଷ୍ଠା-୭

### ପୁଲିସ ଏସ୍‌ଆଇ ଚାକିରି ବିକ୍ରି କେଲେଙ୍କାରୀ

## ଏସ୍‌ଆଇଟି ବୈଠକରେ ଉଦ୍‌ବେଗ

### ଅର୍ଥ କାରବାର ଉପରେ ଇଡି ନଜର ରଖିଛି: ଜଷ୍ଟିସ୍ ପଶାୟତ



■ କଟକ, ୭।୧୧ (ସମିସ): ଓଡ଼ିଶାରେ ପୁଲିସ ଏସ୍‌ଆଇ ଚାକିରି କେଲେଙ୍କାରୀ ସମେତ ଆଉ କେତେକ ପ୍ରସଙ୍ଗକୁ ନେଇ କଳାଟଙ୍କା କାରବାର ସଂପର୍କରେ ତଦନ୍ତ କରୁଥିବା ସ୍ୱତନ୍ତ୍ର ତଦନ୍ତକାରୀ ସଂସ୍ଥା(ଏସ୍‌ଆଇଟି)ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କଟକରେ ଅନୁଷ୍ଠିତ ହୋଇଯାଇଛି। ଏସ୍‌ଆଇଟି ଉପାଧ୍ୟକ୍ଷ ଜଷ୍ଟିସ୍ ଅରିଜିତ ପଶାୟତ ଏଥିରେ ଅଧ୍ୟକ୍ଷତା କରି ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଲେଙ୍କାରୀ ଘଟଣାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ବିଶେଷକରି ଏହି କେଲେଙ୍କାରୀରେ ବିପୁଳ ଅର୍ଥ କାରବାର ହୋଇଥିବା ନେଇ ତଦନ୍ତକାରୀ ସଂସ୍ଥା ପକ୍ଷରୁ ଅବଗତ କରାଯାଇଛି। ଏଣୁ ଏହା ଉପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ନଜର ରଖିଛି ବୋଲି ଜଷ୍ଟିସ ପଶାୟତ କହିଛନ୍ତି। ଏହା ସମେତ ଆଉ କେତେକ ପରୀକ୍ଷା କେଲେଙ୍କାରୀ ତଥା ଓଟିଇଟି ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗରେ ବୈଠକରେ ଆଲୋଚନା ହୋଇଥିଲା। ଏହି ଅବସରରେ ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଲେଙ୍କାରୀ ଘଟଣାରେ ଅଦ୍ୟାବଧି କ୍ରାଇମବ୍ରାଞ୍ଚ କରିଥିବା ତଦନ୍ତର ଷ୍ଟାଟସ୍ ରିପୋର୍ଟକୁ ▶ପୃଷ୍ଠା-୭

## ଶଙ୍କର, ସୁରେଶଙ୍କର ହେବ ମିଛଧରା ପରୀକ୍ଷା

■ କଟକ, ୭।୧୧ (ସମିସ): ପୁଲିସ ଏସ୍‌ଆଇ ଚାକିରି କେଲେଙ୍କାରୀର ମୁଖ୍ୟ ଅଭିଯୁକ୍ତ ତଥା ପଞ୍ଚସଫ୍ଟ ଟେକ୍ନୋଲୋଜିର ମାଲିକ ଶଙ୍କର ପୃଷ୍ଟିକୁ କ୍ରାଇମବ୍ରାଞ୍ଚ ରିମାଣ୍ଡରେ ଆଣି ପଚରାଉଚରା କରୁଛି। କିନ୍ତୁ ସେ ତଦନ୍ତକାରୀ ଅଧିକାରୀଙ୍କୁ ସହଯୋଗ କରୁ ନଥିବା ଜଣାଯାଇଛି। ବାରମ୍ବାର ବୟାନ ବଦଳାଇ ତଦନ୍ତକାରୀ ଅଧିକାରୀଙ୍କୁ ବିଭ୍ରାନ୍ତ କରୁଛି। ଏହାକୁ ନେଇ କ୍ରାଇମବ୍ରାଞ୍ଚର ଚିନ୍ତା ବଢ଼ିଛି। ତେଣୁ ତା'ର ମିଛଧରା (ପଲିଗ୍ରାଫ୍) ପରୀକ୍ଷା କରି ସତ ପଦାକୁ ଆଣିବାକୁ କ୍ରାଇମବ୍ରାଞ୍ଚ ଯୋଜନା କରିଛି। ଏନେଇ ଅନୁମତି ପ୍ରଦାନ ପାଇଁ ଖୁବ୍‌ଶୀଘ୍ର ଅଦାଲତଙ୍କୁ ଆବେଦନ କରାଯିବ ବୋଲି ଜଣାଯାଇଛି। କ୍ରାଇମବ୍ରାଞ୍ଚ ସୂତ୍ରରୁ ଜଣାପଡ଼ିଛି ଯେ ▶ପୃଷ୍ଠା-୭

**ପୀତବାସ ହତ୍ୟା ମାମଲା: ବଢ଼ିଲା ବ୍ରହ୍ମପୁର ଏସ୍‌ପିଙ୍କ ଅଡୁଆ**

## ହାଇକୋର୍ଟରେ ସତ୍ୟପାଠ ସହ ହାଜର ନିର୍ଦ୍ଦେଶ



■ କଟକ, ୭।୧୧ (ସମିସ): ପୀତବାସ ପଣ୍ଡା ହତ୍ୟା ମାମଲାରେ ବ୍ରହ୍ମପୁର ବିଧାନସଭା ନିର୍ବାଚନୀ ମକଦ୍ଦମା ସମ୍ପର୍କିତ ତଥ୍ୟ ସାର୍ବଜନୀନ କରାଯିବା ପ୍ରସଙ୍ଗକୁ ହାଇକୋର୍ଟ ଗୁରୁତ୍ୱର ସହ ନେଇ ଶୁଣାଣି କରୁଛନ୍ତି। ଏହି ମାମଲାରେ ଆଜି ବ୍ରହ୍ମପୁର ଏସ୍‌ପି ସର୍ବଣା ବିବେକ ଏମ୍‌ଙ୍କ ପକ୍ଷରୁ ଲିଖିତ ଜବାବ ଦାଖଲ କରାଯାଇଛି। କିନ୍ତୁ, ସତ୍ୟପାଠ ଜରିଆରେ ଆସନ୍ତା ୧୦ ତାରିଖ ସୁଦ୍ଧା ଏହାକୁ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବ୍ରହ୍ମପୁର ଏସ୍‌ପିଙ୍କୁ ମାମଲାର ପରବର୍ତ୍ତୀ ଶୁଣାଣି ସମୟରେ ଅଦାଲତରେ ବ୍ୟକ୍ତିଗତ ହାଜର ହେବା ପାଇଁ କହିଛନ୍ତି। ମନୋଜ କୁମାର ପଣ୍ଡାଙ୍କ ପକ୍ଷରୁ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାରଙ୍କ ବିରୋଧରେ ରୁଜୁ ନିର୍ବାଚନୀ ମାମଲାର ଶୁଣାଣି କରି ଜଷ୍ଟିସ ଶଶିକାନ୍ତ ମିଶ୍ର ଏପରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୧୧ ତାରିଖକୁ ଧାର୍ଯ୍ୟ ▶ପୃଷ୍ଠା-୭

### ଅନାହାର ମୃତ୍ୟୁକୁ ନେଇ ୩ ସଂଗଠନର ତଥ୍ୟ ଅନୁସନ୍ଧାନ ରିପୋର୍ଟ

## ଇ-କେୱାଇସି ନେଇଛି ରିସା ମାଙ୍କଡ଼ିଆଙ୍କ ଜୀବନ

- ଇ-କେୱାଇସି ହୋଇ ନ ଥିବାରୁ ମିଳି ନ ଥିଲା ଚାଉଳ
- ଆଧାର କାର୍ଡ ନ ଥିବାରୁ ହୋଇପାରି ନ ଥିଲା ଇ-କେୱାଇସି
- ବୟସ ହୋଇଥିଲେ ମଧ୍ୟ ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ଥିଲେ ରିସା
- ଏପ୍ରିଲ୍‌ରୁ ମିଳି ନ ଥିଲା ଚାଉଳ, ସନ୍ଦେହରେ ଶେଷ ଦୁଇ କିସ୍ତି

■ ଭୁବନେଶ୍ୱର,୭।୧୧(ସମିସ): ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକରେ ଅନାହାରରେ ମୃତ୍ୟୁବରଣ କରିଥିବା ଆଦିମ ଜନଜାତି ସମ୍ପ୍ରଦାୟର (ପିଭିଟିଜି ) ୭୦ ବର୍ଷ ବୟସ୍କ ରିସା ମାଙ୍କିଡିଆ ମୃତ୍ୟୁ କେବଳ ରାଜ୍ୟ ସରକାରଙ୍କ ଇ-କେୱାସି ଯୋଗୁଁ ହିଁ ହୋଇଛି। ରିସା ମାଙ୍କିଡ଼ିଆଙ୍କର ଆଧାର କାର୍ଡ ନ ଥିବାରୁ ସେ ଇ-କେୱାଇସି କରିପାରି ନ ଥିଲେ। ତେଣୁ ତାଙ୍କୁ ଗତ ଏପ୍ରିଲ୍ ମାସଠାରୁ ଆଉ ଚାଉଳ ମିଳି ନଥିଲା। ତେଣୁ ସେ ଭିକମାଗି ବା ଅନ୍ୟର ଦୟାରେ ଚଳୁଥିଲେ। ମାତ୍ର ଖାଦ୍ୟାଭାବ ଯୋଗୁଁ ଗତ ୨୧ ଅକ୍ଟୋବରରେ ତାଙ୍କର ଜୀବନ ଯାଇଥିଲା। ଏହି ଅନାହାରରେ ମୃତ୍ୟୁ ପରେ ସିଭିଲ ସୋସାଇଟି ଫୋରମ୍ ଫର ହ୍ୟୁମାନ୍ ରାଇଟ୍ସ (ସିଏସଏଫଏଚଆର), ଓଡିଶା ଖାଦ୍ୟ ଅଧିକାର ଅଭିଯାନ (ଆରଟିଏଫ) ଓ ଜନସ୍ୱାସ୍ଥ୍ୟ ଅଭିଯାନ (ଜେଏସଏ) ଆଦି ୩ ଟି ସଂଗଠନର କର୍ମକର୍ତ୍ତାମାନେ ଘଟଣା ସ୍ଥଳକୁ ଯାଇ ତଥ୍ୟ ଅନୁଧ୍ୟାନ କରିଛନ୍ତି। ପରେ ଏହି ସଂଗଠନଗୁଡ଼ିକ ଶୁକ୍ରବାର ଭୁବନେଶ୍ୱର ଲୋହିଆ ଏକାଡେମୀଠାରେ ସାମ୍ବାଦିକ ସମ୍ମିଳନୀ କରି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ସଂଗଠନ ପକ୍ଷରୁ ଦିଆଯାଇଥିବା ତଥ୍ୟ ▶ପୃଷ୍ଠା-୭


## ଆପଣଙ୍କ ପୁରୁଣା ବ୍ୟାଙ୍କ ଖାତାରେ ଟଙ୍କା ରଖି ଭୁଲିଯାଇଛନ୍ତି କି?



ଯାହା ଆପଣଙ୍କର ତାହାକୁ ପ୍ରାପ୍ତ କରିବାରେ ଆର୍‌ବିଆଇ ଆପଣଙ୍କୁ ସାହାଯ୍ୟ କରିବ ।

ଆପଣଙ୍କ ବ୍ୟାଙ୍କରେ ଅଚଳ ଖାତା (2 ବର୍ଷରୁ ଅଧିକ ଓ 10 ବର୍ଷ ପର୍ଯ୍ୟନ୍ତ ସମୟ ଧରି ନିଷ୍କ୍ରିୟ ଥିବା)ରେ ପଡ଼ିରହିଥିବା ଟଙ୍କା / ଦାବିହୀନ ଜମା (10 ବର୍ଷରୁ ଅଧିକ ସମୟ ଧରି)ଗୁଡ଼ିକୁ ଆର୍‌ବିଆଇର ଡିଇଏ ପାଣ୍ଠିକୁ ସ୍ଥାନାନ୍ତର କରିଦିଆଯାଇଥାଏ । ଆପଣ କିମ୍ବା ଆପଣଙ୍କର ଆଇନଗତ ଉତ୍ତରାଧିକାରୀ ତାହାକୁ ଯେକୌଣସି ସମୟରେ ଦାବି କରିପାରିବେ ।

### ନିଜ ଟଙ୍କାକୁ ଦାବି କରିବାର 3ଟି ସହଜ ସୋପାନ

1. ଆପଣଙ୍କ ବ୍ୟାଙ୍କର ଯେକୌଣସି ଶାଖା ପରିଦର୍ଶନ କରନ୍ତୁ, ତାହା ଆପଣଙ୍କ ନିୟମିତ ଶାଖା ନ ହୋଇଥିଲେ ମଧ୍ୟ କିଛି ଅସୁବିଧା ନାହିଁ
2. କେୱାଇସି ଦସ୍ତାବିଜ (ଆଧାର, ପାସ୍‌ପୋର୍ଟ, ମତଦାତା ପରିଚୟପତ୍ର କିମ୍ବା ଡ୍ରାଇଭିଂ ଲାଇସେନ୍ସ) ସହ ଏକ ଫର୍ମ ଦାଖଲ କରନ୍ତୁ
3. ଯାଞ୍ଚ ପରେ, ଯଦି ଆପଣଙ୍କର କୌଣସି ଅର୍ଥରାଶି ପ୍ରାପ୍ୟ ହୋଇଥାଏ ତେବେ ତାହାକୁ ସୁଧ ସହ ପ୍ରାପ୍ତ କରନ୍ତୁ

### ଆପଣଙ୍କର ଦାବିହୀନ ଜମାକୁ ଠାବ କରିବା ପାଇଁ

ଆପଣଙ୍କ ବ୍ୟାଙ୍କର ୱେବ୍‌ସାଇଟ୍‌ରେ ସନ୍ଧାନ କରନ୍ତୁ କିମ୍ବା ସମ୍ପ୍ରତି 30ଟି ବ୍ୟାଙ୍କକୁ ଅନ୍ତର୍ଭୁକ୍ତ କରୁଥିବା ଆର୍‌ବିଆଇର ଉଦ୍‌ଗମ ପୋର୍ଟାଲ (https://udgam.rbi.org.in) ଯାଞ୍ଚ କରନ୍ତୁ ।

ଅକ୍ଟୋବରରୁ ଡିସେମ୍ବର 2025 ମଧ୍ୟରେ ସାରାଦେଶରେ ସମସ୍ତ ଜିଲ୍ଲାରେ ଆୟୋଜିତ ହେଉଥିବା ସ୍ୱତନ୍ତ୍ର ଦାବିହୀନ ପରିସମ୍ପତ୍ତି ଶିବିର ପରିଦର୍ଶନ କରନ୍ତୁ




ଅଧିକ ବିବରଣୀ ପାଇଁ, ପରିଦର୍ଶନ କରନ୍ତୁ: https://rbikehtahai.rbi.org.in
ମତାମତ ପାଇଁ, rbikehtahai@rbi.org.in କୁ ଲେଖନ୍ତୁ
କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ
ଆନୁଷ୍ଠାନିକ ହ୍ୱାଟ୍ସଆପ୍ ନମ୍ବର 99990 41935

ଜନହିତରେ ଜାରି କରିଛନ୍ତି
भारतीय रिज़र्व बैंक
RESERVE BANK OF INDIA
www.rbi.org.in

# ଦେଶ ବିଦେଶ



## ବନ୍ଦେ ମାତରମ୍ ଗାନ ନେଇ ମହାରାଷ୍ଟ୍ରରେ ବିବାଦ

ମୁମ୍ବଇ, ୭ ।୧୧(ଏଜେନ୍ସି): ମହାରାଷ୍ଟ୍ରରେ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂରଣ ନେଇ ଆୟୋଜିତ ହୋଇଥିବା ସରକାରୀ କାର୍ଯ୍ୟକ୍ରମକୁ ନେଇ ବିବାଦ ସୃଷ୍ଟି ହୋଇଛି । ସମାଜବାଦୀ ପାର୍ଟି ବିଧାୟକ ଆବୁ ଆଜମି ମୁମ୍ବଇ ବିଜେପି ଅଧ୍ୟକ୍ଷ ଅମିତ ସାଟମଙ୍କ ନିମନ୍ତ୍ରଣକୁ ପ୍ରତ୍ୟାଖାନ କରିଛନ୍ତି । ଅମିତ ବନ୍ଦେ ମାତରମ୍ର ସାମୁହିକ ଗାନ ପାଇଁ ଆଜମୀଙ୍କୁ ନିମନ୍ତ୍ରଣ କରିଥିଲେ । ବନ୍ଦେ ମାତରମ୍ର ୧୫୦ ବର୍ଷ ପୂର୍ତ୍ତି ପାଳନ ପାଇଁ ମହାରାଷ୍ଟ୍ର ସରକାର ସପ୍ତାହବ୍ୟାପୀ ଉତ୍ସବ ପାଳନ କରୁଛନ୍ତି । ଏଥିପାଇଁ ରାଜ୍ୟସାରା ଏକାଧିକ କାର୍ଯ୍ୟକ୍ରମର ଆୟୋଜନ ହେଉଛି । ବନ୍ଦେ ମାତରମ୍ ଗାନ କରିବା ବେଳେ ଏହାର କିଛି ଶ୍ଳୋକ ପୂଜା ଓ ଆରାଧନା ସହିତ ଜଡିତ ରହିଛି । ହିନ୍ଦୁମାନେ ଯେଉଁଭଳି ନମାଜ ପଢ଼ିବେ ନାହିଁ, ଠିକ୍ ସେହିପରି ମୁସଲମାନ ବନ୍ଦେ ମାତରମ୍ ଗାନ କରିପାରିବେ ନାହିଁ ବୋଲି ଆଜମୀ ସ୍ପଷ୍ଟ କରିଛନ୍ତି । ପୁଣି ଏହାକୁ ଗାନ କରିବା ପାଇଁ କାହାକୁ ବାଧ କରାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ପୂର୍ବରୁ ସ୍ପଷ୍ଟ କରିଛନ୍ତି ବୋଲି ସେ କହିଛନ୍ତି । ଏଥିପାଇଁ ଆଜମୀଙ୍କୁ ବିଜେପି ତରଫରୁ ସମାଲୋଚନା କରାଯାଇଛି ।

## ବେଙ୍ଗଡୁବି ସେନା ଠିକଣାରୁ ବାଂଲାଦେଶୀ ଗିରଫ

କୋଲକାତା, ୭ ।୧୧(ଏଜେନ୍ସି): ଉତ୍ତର ବେଙ୍ଗଲର ବେଙ୍ଗଡୁବ ସେନା ଠିକଣାରେ ଜଣେ ବାଂଲାଦେଶ ନାଗରିକଙ୍କୁ ଗିରଫ କରାଯାଇଛି । ସେ ଜଣେ ଶ୍ରମିକ ଭାବେ ଏଠାରେ କାର୍ଯ୍ୟ କରୁଥିଲା । ସିଲିଗୁଡ଼ି କରିଡର ଓ ଚିକେନ ନେକ ନିକଟରେ ଏହି ସେନା ଠିକଣା ଅବସ୍ଥିତ ଥିବାରୁ ଏହାକୁ ବେଶ ସମ୍ବେଦନଶୀଳ ମନେ କରାଯାଉଛି । ତାଙ୍କଠାରୁ ନକଲି ଆଧାର, ପାନ ଓ ଭୋଟର ପରିଚୟ ପତ୍ର ଜବତ କରାଯାଇଛି ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି । ସେନା ଠିକଣାର ସୁରକ୍ଷା ବ୍ୟବସ୍ଥାକୁ ମଜଭୁତ କରିବା ପାଇଁ ସବୁ କର୍ମଚାରୀଙ୍କର ପୁନଃ ସଂସ୍ଥାପନ ଅଭିଯାନ କରାଯାଇଥିଲା । ଶ୍ରମିକମାନଙ୍କ ଦସ୍ତାବିଜ ଯାଞ୍ଚ କରିବା ବେଳେ ଏହି ବାଂଲାଦେଶ ନାଗରିକଙ୍କ ଉପରେ ସନ୍ଦେହ ସୃଷ୍ଟି ହୋଇଥିଲା । ତାଙ୍କଠାରୁ ବାଂଲାଦେଶର ପରିଚୟ ପତ୍ର ମିଳିଥିଲା । ଏହାପରେ ପରବର୍ତ୍ତୀ ଯାଞ୍ଚ ପାଇଁ ତାଙ୍କୁ ପୁଲିସକୁ ହସ୍ତାନ୍ତର କରାଯାଇଥିଲା । ତାଙ୍କଠାରୁ ନକଲି ପରିଚୟ ପତ୍ର ମିଳିଥିଲା । ରୋଜଗାର ପାଇଁ ବାଂଲାଦେଶ ନାଗରିକମାନେ ବହୁ ସଂଖ୍ୟାରେ ନକଲି ପରିଚୟପତ୍ର ବାହାର କରି ଭାରତ ଆସୁଛନ୍ତି ବୋଲି ଅଧିକାରୀ ଜଣକ କହିଛନ୍ତି ।

## ରୁଷ ସେନାରେ ୪୪ଜଣ ଭାରତୀୟ ଅଛନ୍ତି

ନୂଆଦିଲ୍ଲୀ, ୭ ।୧୧(ଏଜେନ୍ସି): ରୁଷ୍ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ଥମିବାର ନାମ ନେଉନାହିଁ । ଏହି ଯୁଦ୍ଧରେ ଭାରତୀୟ ମାନେ ସାମିଲ ଅଛନ୍ତି ବୋଲି ଜଣାପଡ଼ିଛି । ରୁଷ ସୈନ୍ୟବାହିନୀରେ ୪୪ ଜଣ ଭାରତୀୟ ସାମିଲ ଅଛନ୍ତି ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି । ଏ ନେଇ ଭାରତ ରୁଷ୍ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛି । ଏହି ସୈନିକଙ୍କ ପରିବାର ସହ ସମ୍ପର୍କ ସ୍ଥାପନ କରାଯାଇଛି ବୋଲି ସେ କହିଛନ୍ତି । ଭାରତୀୟ ଯୁବକମାନେ ରୁଷ ସେନାରେ ଭର୍ତ୍ତି ହେଉଥିବାର ସୂଚନା ଆମର ହସ୍ତଗତ ହୋଇଥିଲା । ତୁରନ୍ତ ସେମାନଙ୍କୁ ସୁରକ୍ଷିତ ଭାବେ ଛାଡି ଦେବାକୁ ରୁଷିଆକୁ କୁହାଯାଇଛି ବୋଲି ଜୟସ୍ୱାଲ ସାପ୍ତାହିକ ପ୍ରେସ୍ ବ୍ରିଫିଙ୍ଗରେ କହିଛନ୍ତି । ଭାରତୀୟ ଯୁବକଙ୍କୁ ରୁଷ୍ ସେନାରେ ଭର୍ତ୍ତି କରାଯିବା ପଛରେ ଏଜେଣ୍ଟମାନଙ୍କ ହାତ ରହିଛି । ଏହି ଏଜେଣ୍ଟମାନଙ୍କୁ ଚିହ୍ନଟ କରିବାର ଆବଶ୍ୟକତା ରହିଛି । ଏଥିସହ ସେନାରେ ଭର୍ତ୍ତି ହେବା ପାଇଁ ରୁଷ୍ର ପ୍ରସ୍ତାବକୁ ଗ୍ରହଣ ନ କରିବାକୁ ବିଦେଶ ମନ୍ତ୍ରଣାଳୟ ତରଫରୁ ସତର୍କ କରାଯାଇଛି ।

## ନମାଜବେଳେ ଇଣ୍ଡୋନେସିଆରେ ବିସ୍ଫୋରଣ; ୫୪ ଆହତ

ଜାକର୍ତ୍ତା, ୭ ।୧୧(ଏଜେନ୍ସି): ଇଣ୍ଡୋନେସିଆ ରାଜଧାନୀ ଜାକର୍ତ୍ତାରେ ଶୁକ୍ରବାର ନମାଜ ପାଠ ବେଳେ ଏକ ମସଜିଦ୍ରେ ଭୟଙ୍କର ବିସ୍ଫୋରଣ ହୋଇଥିଲା । ଏଥିରେ ୫୪ ଜଣ ଲୋକ ଆହତ ହୋଇଛନ୍ତି । ସମସ୍ତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଉତ୍ତର ଜାକର୍ତ୍ତାର କେଲାପ ଗାଣ୍ଡିଙ୍ଗ ଅଞ୍ଚଳରେ ସ୍କୁଲ ପରିସରରେ ଥିବା ଏକ ମସଜିଦ୍ରେ ଏହି ବିସ୍ଫୋରଣ ହୋଇଥିଲା । ଏବେ ପୁଲିସ ଏହି ଘଟଣା ଯାଞ୍ଚ କରୁଛି । ଯାଞ୍ଚ୍ ଅବସରରେ ପୁଲିସକୁ ଘଟଣାସ୍ଥଳରେ କିଛି ସନ୍ଦିଗ୍ଧ ଜନିଷ ମିଳିଛି । ପୁଲିସ ହାତରେ ତିଆର ବିସ୍ଫୋଟକ ଉପକରଣ (ଆଇଇଡି)ର ଅଂଶ, ଏକ ରିମୋଟ କଣ୍ଟ୍ରୋଲ, ଏୟାର ସଫ୍ଟ ଓ ରିଭଲଭର ଭଳି ବନ୍ଧୁକ ଜବତ କରିଛି । କାଚ ଖଣ୍ଡ ଓ ଦ୍ରୁତ ଗତିରେ ଆସିଥିବା ପବନ ଯୋଗୁଁ ଲୋକେ ଆହତ ହୋଇଥିଲେ ।



## ଅଭିନେତ୍ରୀ-ଗାୟିକା ସୁଲକ୍ଷଣାଙ୍କ ପରଲୋକ

ମୁମ୍ବଇ, ୭ ।୧୧(ଏଜେନ୍ସି): ଜଣାଶୁଣା ବଲିଉଡ ଅଭିନେତ୍ରୀ ତଥା ଗାୟିକା ସୁଲକ୍ଷଣା ପଣ୍ଡିତ ୭୧ ବର୍ଷ ବୟସରେ ପରଲୋକ ଗମନ କରିଛନ୍ତି । ଗୁରବାର ସନ୍ଧ୍ୟା ୭ଟାରେ ହୃଦ୍‌ଘାତ କାରଣରୁ ସେ ମୃତ୍ୟୁବରଣ କରିଛନ୍ତି । ଗତ କିଛିଦିନ ହେବ ସେ ଅସୁସ୍ଥ ରହି ଆସୁଥିଲେ । ମୁମ୍ବଇର ନାନାବତୀ ହସ୍ପିଟାଲରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ସ୍ଥାନୀୟ ବିଲେ ପାର୍ଲେ ପବନ ହଂସ ଶ୍ମଶାନ ଘାଟରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା । ଏହି ଅବସରରେ ଅଭିନେତ୍ରୀ ଶବାନା ଆଜମି, ପୁନମ ଧିଲନ ଓ ଅନ୍ୟ ବଲିଉଡ୍ ତାରକା ଉପସ୍ଥିତ ଥିଲେ । ସେ ଜଣାଶୁଣା ସଙ୍ଗୀତକାର ଯତିନ ଓ ଲଳିତ ପଣ୍ଡିତଙ୍କ ଭଉଣୀ । ଜଣାଶୁଣା ଅଭିନେତ୍ରୀ ବିଜେତା ପଣ୍ଡିତ ମଧ୍ୟ ତାଙ୍କର ଭଉଣୀ ଥିଲେ । ସେ ଅଭିନେତା ସଞ୍ଜୀବ କୁମାରଙ୍କୁ ବିବାହ କରିବାକୁ ଚାହୁଁଥିଲେ । କିନ୍ତୁ ସଞ୍ଜୀବ ତାଙ୍କ ପ୍ରସ୍ତାବକୁ ପ୍ରତ୍ୟାଖାନ କରିବା ପରେ ସେ ମାନସିକ ଭାବେ ଗଭୀର ଆଘାତ ପାଇଥିଲେ । ସେ ସାରା ଜୀବନ ବିବାହ ମଧ୍ୟ କରି ନଥିଲେ । ସେ ୧୯୫୪ରେ ଏକ ସଙ୍ଗୀତ ସହିତ ଜଡିତ ଥିବା ଏକ ପରିବାରରେ ଜନ୍ମ ଗ୍ରହଣ କରିଥିଲେ ଓ ମାତ୍ର ୯ ବର୍ଷରେ ସେ ଗୀତ ଗାଇବା ଆରମ୍ଭ କରିଥିଲେ । ୧୯୭୫ରେ 'ଉଲଝନ' ଓ ୧୯୭୬ରେ 'ସଂକଳ୍ପ' ସିନେମାରେ ଗୀତ ଗାଇ ସେ ଲୋକପ୍ରିୟତା ହାସଲ କରିଥିଲେ । ୧୯୭୦ ଓ ୮୦ ଦଶକରେ ସେ ଉଭୟ ଅଭିନେତ୍ରୀ ଓ ଗାୟିକା ଭାବେ ସଫଳତା ହାସଲ କରିଥିଲେ ମଧ୍ୟ ପରେ ବ୍ୟକ୍ତିଗତ ଓ ପେସାଦାର ଭାବେ କଷ୍ଟକର ସ୍ଥିତିର ସମ୍ମୁଖୀନ ହୋଇଥିଲେ । ସେ ଜିତେନ୍ଦ୍ର, ସଞ୍ଜୀବ କୁମାର, ରାଜେଶ ଖାନ୍ନା, ବିନୋଦ ଖାନ୍ନା, ଶଶି କପୁର ଓ ଶତ୍ରୁଘ୍ନ ସିହ୍ନାଙ୍କ ସହ ଏକାଧିକ ସିନେମାରେ ଅଭିନୟ କରି ସଫଳତା ହାସଲ କରିଥିଲେ ।

## ତୃଣମୂଳ ସାଂସଦଙ୍କ ଆକାଉଣ୍ଟରୁ ୫୬ ଲକ୍ଷ ଟଙ୍କା ଗାଏବ



କୋଲକାତା, ୭ ।୧୧(ଏଜେନ୍ସି): ତୃଣମୂଳ ସାଂସଦ କଲ୍ୟାଣ ବାନାର୍ଜୀ ସାଇବର ଠକେଇର ଶିକାର ହୋଇଛନ୍ତି । ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୫୬ ଲକ୍ଷ ଟଙ୍କା ଗାଏବ ହୋଇଛି । ଗତ ଅକ୍ଟୋବର ୨୮ ରେ ସାଇବର ଠକମାନେ ନକଲି ପାନ ଓ ଆଧାର କାର୍ଡ ବ୍ୟବହାର କରି କେୱାଇସି ଅପଡେଟ୍ କରିବା ବାହାନାରେ ପଞ୍ଜୀକୃତ ମୋବାଇଲ ନମ୍ବରର ଲିଙ୍କ ବଦଳାଇ ଏହି କାଣ୍ଡ ଘଟାଇଛନ୍ତି ବୋଲି ପୁଲିସ କହିଛି । ପର୍ଯ୍ୟାୟକ୍ରମେ ଠକମାନେ ମୋଟ୍ ୫୬ ଲକ୍ଷ ଟଙ୍କା ଉଠାଇ ନେଇଛନ୍ତି । ଏନେଇ କୋଲକାତା ପୋଲିସ ସାଇବର କ୍ରାଇମ ବ୍ରାଞ୍ଚ୍ ନିକଟରେ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଭିଯୋଗ କରିଛି । ୨୦୦୧ରୁ ୨୦୦୬ ମଧ୍ୟରେ ଦକ୍ଷିଣ ଆସାନସୋଲରେ ବିଧାୟକ ଥିବା ବେଳେ କଲ୍ୟାଣ ଏସ୍‌ବିଆଇ ଉପଶାଖାରେ ଏହି ଆକାଉଣ୍ଟ ଖୋଲିଥିଲେ । କଲ୍ୟାଣ ଏବେ ଶ୍ରୀରାମପୁରରେ ସାଂସଦ ଅଛନ୍ତି । ଏହା ଏକ ପୁରୁଣା ଆକାଉଣ୍ଟ ଓ ଦୀର୍ଘ ସମୟଧରି ଏଥିରେ ନେଣଦେଣ ହୋଇନାହିଁ ବୋଲି ସେ କହିଛନ୍ତି । ଏନେଇ ଯାଞ୍ଚ ଜାରି ରହିଛି । ଟଙ୍କା ଏକାଧିକ ଭିନ୍ନ ଏକାଉଣ୍ଟକୁ ପଠାଯାଇଛି । ଏହି ଅର୍ଥରେ ଗହଣା କ୍ରୟ କରାଯାଇଛି ଓ ଏଟିଏମ୍‌ରୁ ପଇସା ମଧ୍ୟ ଉଠାଯାଇଛି ବୋଲି ପୁଲିସ କହିଛି ।

### ଟ୍ରମ୍ପଙ୍କ ସଟ୍‌ଡାଉନ୍ ପାଇଁ କର୍ମଚାରୀଙ୍କ ସଂଖ୍ୟା ହ୍ରାସ

# ଆମେରିକାରେ ୭୦୦ ବିମାନ ଉଡ଼ାଣ ବାତିଲ

ୱାଶିଂଟନ, ୭ ।୧୧(ଏଜେନ୍ସି): ଆମେରିକାରେ ଚାଲିଥିବା ସଟ୍‌ଡାଉନ୍ ୩୭ ଦିନରେ ପହଞ୍ଚିଛି । ଏହା ଦ୍ୱାରା ବିମାନ ଯାତ୍ରା ସବୁଠାରୁ ନକାରାତ୍ମକ ଭାବେ ପ୍ରଭାବିତ ହୋଇଛି । ଫେଡେରାଲ ଆଭିଏସନ ଆଡମିନିଷ୍ଟ୍ରେସନ (ଏଫ୍‌ଏଏ) ଗୁରୁବାର ଦେଶର ୪୦ଟି ବୃହତ୍ ବିମାନ ବନ୍ଦରରେ ଉଡ଼ାଣ ସଂଖ୍ୟାକୁ ହ୍ରାସ କରିଛି । ଶୁକ୍ରବାର ଏହି ପ୍ରକ୍ରିୟାକୁ ଆରମ୍ଭ କରାଯାଇଛି । ଏଥିରେ ନ୍ୟୁୟର୍କ ଓ ୱାସିଂଟନର ବଡ଼ ବିମାନ ବନ୍ଦରଗୁଡିକ ସାମିଲ ରହିଛି । ଏହି ୪୦ଟି ବିମାନ ବନ୍ଦର ଦେଶର ସବୁଠାରୁ ବ୍ୟସ୍ତ ବହୁଳ ରହିଆସିଛି । ଏଥିପାଇଁ 'ଥ୍ୟାଙ୍କସ ଗିଭିଂ ୱିକ୍' ପୂର୍ବରୁ ଛୁଟି ଥିବାରୁ ଯାତ୍ରା କରିବାକୁ ଥିବା ଲୋକଙ୍କ ଚିନ୍ତା ବଢ଼ିଯାଇଛି । ଏକ ଜଣାଶୁଣା ନ୍ୟୁଜ୍ ଏଜେନ୍ସିର ସୂଚନା ଅନୁସାରେ କେତେକ ବଡ଼ ଏୟାର ଲାଇନ୍ସ ଆଗୁଆ ନିଜର ଉଡାଣକୁ ବାତିଲ କରିସାରିଛନ୍ତି । ଏପର୍ଯ୍ୟନ୍ତ ମୋଟ୍ ଉପରେ ୭୦୦ରୁ ଊର୍ଦ୍ଧ୍ୱ ଉଡାଣ ବାତିଲ ହୋଇ ସାରିଛି । ଏଥିରେ ଆଞ୍ଚଳିକ ଓ ମୁଖ୍ୟ ଉଡାଣ ମଧ୍ୟ ସାମିଲ ରହିଛି । କିନ୍ତୁ ଅନ୍ତର୍ଜାତୀୟ ଉଡାଣ ଏହା ଦ୍ୱାରା ପ୍ରଭାବିତ ହେବ ନାହିଁ ବୋଲି କୁହାଯାଇଛି । ଏୟାର ଟ୍ରାଫିକ୍ କଣ୍ଟ୍ରୋଲର୍ସଙ୍କ ଅଭାବକୁ କମ୍ କରିବା ପାଇଁ ଏପରି ନିଷ୍ପତ୍ତି ନିଆଯାଇଛି ବୋଲି ଏଫ୍‌ଏଏ



ତରଫରୁ କୁହାଯାଇଛି । କଣ୍ଟ୍ରୋଲରମାନେ ଗତ ଗୋଟିଏ ମାସ ହେବ ବିନା ଦରମାରେ କାର୍ଯ୍ୟ କରୁଛନ୍ତି ।

ଏହି ପ୍ରକ୍ରିୟା ଧୀରେ ଧୀରେ ଆଗକୁ ବଢ଼ିବ । ଶୁକ୍ରବାରଠାରୁ ୪ ପ୍ରତିଶତ ଉଡାଣ କମ୍ ହୋଇଛି । ନଭେମ୍ବର ୧୪ ବେଳକୁ ଏହା ୧୦ ପ୍ରତିଶତ ପର୍ଯ୍ୟନ୍ତ ପହଞ୍ଚିବ । ଉଡାଣ ବାତିଲ ପ୍ରକ୍ରିୟା ସକାଳ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଚାଲିବ । ଏହା ଦ୍ୱାରା ଘରୋଇ ଉଡାଣ ପ୍ରଭାବିତ ହେବ । ଏହା ଦ୍ୱାରା ପ୍ରତିଦିନ ୧, ୮୦୦ ଉଡାଣ ବାତିଲ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ଫଳରେ ୨.୬୮ ଲୋକ ଏହା ଦ୍ୱାରା ପ୍ରଭାବିତ ହେବେ । ଡେଲ୍ଟା ଏୟାର ଲାଇନ୍ସ ଶୁକ୍ରବାର ୧୭୦ ଉଡାଣ ବାତିଲ କରିଛି । ସେହିପରି ୟୁନାଇଟେଡ ଏୟାର ଲାଇନ୍ସର ୨୦୦ ଉଡାଣ ଓ ଆମେରିକାନ ଏୟାର ଲାଇନ୍ସର ୨୨୦ ଉଡାଣ ବାତିଲ ହୋଇଛି । ସାଉଥୱେଷ୍ଟ ଏୟାର ଲାଇନ୍ସ ୧୦୦ଟି ଉଡାଣକୁ ବାତିଲ କରିଛି । ଏୟାର ଲାଇନ୍ସ ଫର ଆମେରିକା କହିଛି ଯେ, ଆମେ ସରକାରଙ୍କ ସହ ସାଥି ହୋଇ ଯାତ୍ରୀଙ୍କ ସମସ୍ୟା କମ୍ କରିବାକୁ ପ୍ରୟାସ କରୁଛୁ । କେଉଁ ଉଡାଣକୁ ବାତିଲ କରାଯିବ ଏୟାର ଲାଇନ୍ସ ନିଜେ ସ୍ଥିର କରିବେ ବୋଲି ଏଫ୍‌ଏଏ କହିଛି । ଏହି ସସମ୍ୟାକୁ ଦୃଷ୍ଟିରେ ରଖି ଏୟାରଲାଇନ୍ସଗୁଡିକର ମାର୍ଗ ଦର୍ଶିକା ଜାରି ରହିଛି । ବ୍ୟାକ୍‌ଅପ୍ ଟିକଟ୍ ବୁକ୍ କରିବାକୁ ପରାମର୍ଶ ଦିଆଯାଇଛି । ଆମେରିକାରେ ଚାଲିଥିବା ସଟ୍‌ଡାଉନ୍ କାରଣରୁ ୧୩,୦୦୦ କଣ୍ଟ୍ରୋଲର୍ସ ଓ ୫୦,୦୦୦ ପରିବହନ ସୁରକ୍ଷା ଏଜେଣ୍ଟ (ଟିଏସ୍‌ଏ) ବିନା ପାଉଣାରେ କାର୍ଯ୍ୟ କରୁଛନ୍ତି । ଉଲ୍ଲେଖଥାଉ କି, ଅକ୍ଟୋବର ପହିଲାରୁ ଲାଗୁ ହୋଇଥିବା ଏହି ସଟ୍‌ଡାଉନ୍ ୩୭ ଦିନରେ ପହଞ୍ଚିଛି । ଆମେରିକା ଇତିହାସର ଏହା ସବୁଠାରୁ ବଡ଼ ସଟ୍‌ଡାଉନ୍ । ଏହାପୂର୍ବରୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଥମ କାର୍ଯ୍ୟକାଳରେ ୨୦୧୮ରେ ୩୫ ଦିନ ସଟ୍‌ଡାଉନ ଜାରି ହୋଇଥିଲା । ଏହି କାରଣରୁ ୬.୭ ଲକ୍ଷ ସରକାରୀ କର୍ମଚାରୀ ଛୁଟିରେ ଯାଇସାରିଛନ୍ତି । ୭.୩ ଲକ୍ଷ କର୍ମଚାରୀ ବିନା ଦରମାରେ କାର୍ଯ୍ୟ କରୁଛନ୍ତି । ୧୪ ଲକ୍ଷ ଲୋକ ଧାରଉଧାର କରି ଘର ଚଳାଉଛନ୍ତି । ଟ୍ରମ୍ପ ହେଲ୍‌ଥ କେୟାର ପ୍ରୋଗ୍ରାମ୍‌ର ସବସିଡି ବଢ଼ାଇବାକୁ ପ୍ରସ୍ତୁତ ନାହାନ୍ତି । ଏହି କାରଣରୁ ଆମେରିକା ସଂସଦର ଉପର ଗୃହରେ ସିନେଟ୍‌ରେ ଫଣ୍ଡିଂ ବିଲ୍ ପାସ୍ ହୋଇପାରୁନାହିଁ । ଏହି ବିଲ୍‌କୁ ନେଇ ଏପର୍ଯ୍ୟନ୍ତ ୧୪ଥର ଭୋଟିଂ ହୋଇ ସାରିଲାଣି । କିନ୍ତୁ ପ୍ରତ୍ୟେକଥର ବହୁମତ ପାଇଁ ୬୦ଟି ଭୋଟ ମିଳିପାରି ନାହିଁ । ପ୍ରତ୍ୟେକ ଦିନ ୩୩୦୦ କୋଟି ଟଙ୍କାର ଦରମା କ୍ଷତି ହେଉଛି ।

# ସ୍କୁଲ, କଲେଜ, ହସ୍ପିଟାଲରୁ ବୁଲା କୁକୁରଙ୍କୁ ହଟାଇବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୭ ।୧୧(ଏଜେନ୍ସି): ସ୍କୁଲ, କଲେଜ, ହସ୍ପିଟାଲ ଓ ବସ୍‌ଷ୍ଟାଣ୍ଡରୁ ବୁଲା କୁକୁରଙ୍କୁ ହଟାଇବାକୁ ଅର୍ଥାତ ଦୂରେଇ ନେବାକୁ ସୁପ୍ରିମକୋର୍ଟ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି । କୁକୁରଙ୍କୁ ରୋକିବା ପାଇଁ ସ୍କୁଲ, କଲେଜ ଓ ହସ୍ପିଟାଲରେ ବାଡ଼ ବସାଯିବାକୁ କୋର୍ଟ କହିଛନ୍ତି । ଧରାଯାଇଥିବା କୁକୁରଙ୍କୁ ଯେଉଁଠାରୁ ଉଠାଯାଉଛି, ସେହି ସ୍ଥାନରେ ପୁଣି ନ ଛାଡିବାକୁ ଓ ଏହି କୁକୁରଙ୍କୁ ଆଶ୍ରୟ ଗୃହରେ ରଖିବାକୁ କୁହାଯାଇଛି । ସେହିପରି ସବୁ ଜାତୀୟ ଓ ରାଜ୍ୟ ରାଜପଥରୁ ବୁଲା ପଶୁଙ୍କୁ ସ୍ଥାନାନ୍ତର କରିବାକୁ ମଧ୍ୟ ଆଦେଶ ଦେଇଛନ୍ତି । ସବୁ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କୁ ଏହି ଆଦେଶ କଡ଼ାକଡ଼ି ଭାବେ ପାଳନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହି



ମାମଲାରେ ଆଗାମୀ ୩ ସପ୍ତାହ ମଧ୍ୟରେ ରିପୋର୍ଟ ଓ ସତ୍ୟପାଠ ଦାଖଲ କରିବାକୁ ମଧ୍ୟ କୁହାଯାଇଛି । ଉଲ୍ଲେଖଥାଉ କି, ରାଜସ୍ଥାନ ହାଇକୋର୍ଟ ୩ ମାସ ତଳେ ସରକାରୀ ଏଜେନ୍ସିଗୁଡିକୁ ସଡକରୁ ବୁଲା ପଶୁଙ୍କୁ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ପ୍ରଭାବିତ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଏଫ୍‌ଆଇଆର ରୁଜୁ କରିବାକୁ ମଧ୍ୟ କୋର୍ଟ ନିର୍ଦ୍ଦେଶ ଦେଇଥିଲେ । ରାଜସ୍ଥାନ ହାଇକୋର୍ଟଙ୍କ ଏହି ନିଷ୍ପତ୍ତି ସାରା ଦେଶରେ ଲାଗୁ ହେବ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ଏହାପୂର୍ବରୁ ନଭେମ୍ବର ୩ରେ ସୁପ୍ରିମକୋର୍ଟ କହିଥିଲେ ଯେ, ସରକାରୀ କ୍ୟାମ୍ପସ୍‌ରେ କୁକୁରଙ୍କୁ ଖାଦ୍ୟ ଦେବା ପାଇଁ ନିୟମ ଜାରି ହେବ । ଉଲ୍ଲେଖଥାଉ କି, ଜୁଲାଇ ୨୮ରେ ଏକ ଗଣମାଧ୍ୟମ ରିପୋର୍ଟକୁ ଭିତ୍ତିକରି ସୁପ୍ରିମକୋର୍ଟ ସମସ୍ୟାକୁ ହୃଦୟଙ୍ଗମ କରିଥିଲେ । ବୁଲା କୁକୁରଙ୍କ କାମୁଡାର ଶିକାର ହୋଇ ଜଳାତଙ୍କ ରୋଗରେ ମୃତ୍ୟୁ ସଂଖ୍ୟା କୋର୍ଟଙ୍କ ନଜରକୁ ଆସିବା ପରେ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି ।

• ପାଇଲଟଙ୍କ ବାପାଙ୍କୁ ସୁପ୍ରିମକୋର୍ଟଙ୍କ ସାନ୍ତ୍ୱନା

## ଆପଣଙ୍କ ପୁଅର ଦୋଷ ନାହିଁ; ଅପବାଦ ମୁଣ୍ଡାଇବେନି

ଅହମଦାବାଦ ବିମାନ ଦୁର୍ଘଟଣା

ନୂଆଦିଲ୍ଲୀ, ୭ ।୧୧(ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣା ମାମଲାରେ ସୁପ୍ରିମକୋର୍ଟ ପୁଣିଥରେ ପାଇଲଟ୍‌ଙ୍କ କୌଣସି ଭୂମିକା ନାହିଁ ବୋଲି କହିଛନ୍ତି । ଏହି ଦୁର୍ଘଟଣା ପାଇଁ ପାଇଲଟ୍‌ଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇପାରିବ ନାହିଁ । ପାଇଲଟ୍ ସୁମୀତ ସଭରୱାଲଙ୍କ ୯୧ ବର୍ଷୀୟ ପିତା ପୁଷ୍କର ରାଜ ସଭରୱାଲଙ୍କ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ଏହି କଥା କହିଛନ୍ତି । ପୁଷ୍କରଙ୍କୁ କୋର୍ଟ ସାନ୍ତ୍ୱନା ଦେଇଛନ୍ତି । ଆପଣଙ୍କ ପୁଅର କୌଣସି ଦୋଷ ନାହିଁ ଓ ଆପଣ ଅପବାଦ ମୁଣ୍ଡାଇବେନି ବୋଲି କୋର୍ଟ ତାଙ୍କୁ କହିଛନ୍ତି । ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ଜୟମାଲ୍ୟା ବାଗଚୀଙ୍କ ଖଣ୍ଡପୀଠ କହିଛନ୍ତି ଯେ, ଏହି ଦୁର୍ଘଟଣାରେ ପାଇଲଟଙ୍କ ତ୍ରୁଟି ଥିଲା ବୋଲି ଦେଶରେ କେହି ଭାବୁନାହାନ୍ତି । ପୁଣି ଦୁର୍ଘଟଣା ପ୍ରାରମ୍ଭିକ ଯାଞ୍ଚ୍ ରିପୋର୍ଟରେ ମଧ୍ୟରେ ପାଇଲଟ୍‌ଙ୍କ ବରୋଧରେ କୌଣସି ଅଭିଯୋଗ କରାଯାଇନାହିଁ ବୋଲି କୋର୍ଟ କହିଛନ୍ତି । ପୁଷ୍କର ଏହି ବିମାନ ଦୁର୍ଘଟଣାର ସ୍ୱତନ୍ତ୍ର ଯାଞ୍ଚ୍ କରିବାକୁ ଦାବି କରିଛନ୍ତି । ଏହାକୁ ଭିତ୍ତି କରି କୋର୍ଟ କେନ୍ଦ୍ର ସରକାର ଓ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ଠାରୁ ଜବାବ ମାଗିଛନ୍ତି । ଏହି ଆବେଦନ ଉପରେ ନଭେମ୍ବର ୧୦ରେ ଅନ୍ୟଏକ ମାମଲା ସହିତ ପୁଣି ଶୁଣାଣି ହେବ । ଉଲ୍ଲେଖଥାଉ କି, ଗତ ଜୁନ୍ ୧୨ରେ ଏୟାର ଇଣ୍ଡିଆର ବିମାନ ଅହମଦାବାଦରୁ ଲଣ୍ଡନ ଯାଉଥିବା ଏଆଇ ୧୭୧ ଟେକ୍‌ଅଫ୍ କରିବାର କିଛି ସମୟ ମଧ୍ୟରେ ଦୁର୍ଘଟଣା ସମ୍ମୁଖୀନ ହୋଇଥିଲା । ଏଥିରେ ୨୩୦ ଯାତ୍ରୀ ଓ ୧୨ କ୍ରୁ ମେମ୍ବରଙ୍କ ସମେତ ୨୧୪ ଜଣ ଲୋକ ପ୍ରାଣ ହରାଇଥିଲେ । ପୁଣି ଯେଉଁଠାରେ ବିମାନ ଖସିଥିଲା ସେଠାରେ ୨୯ ଜଣ ଲୋକ ମୃତ୍ୟୁବରଣ କରିଥିଲେ । ଏହି ଦୁର୍ଘଟଣାରେ ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୁପାଣୀ ମଧ୍ୟ ପ୍ରାଣ ହରାଇଥିଲେ ।

## ଗାଜା ସୁଡ଼ଙ୍ଗରେ ଫସିଛନ୍ତି ୨୦୦ ହମାସ୍ ଯୋଦ୍ଧା

ଗାଜା, ୭ ।୧୧(ଏଜେନ୍ସି): ଗାଜାର ରଫା ସୀମା ନିକଟରେ ୨୦୦ ହମାସ ଯୋଦ୍ଧା ଏକ ସୁଡଙ୍ଗରେ ଫସି ରହିଛନ୍ତି ଓ ସେଠାରୁ ବାହାରକୁ ବାହରି ପାରୁନାହାନ୍ତି । ୨୦୨୫ ମାର୍ଚ୍ଚ ମାସରୁ ଏମାନେ ଏହି ସୁଡଙ୍ଗରେ ଫସି ରହିଛନ୍ତି ବୋଲି ଇସ୍ରାଏଲ ଗଣମାଧ୍ୟମଗୁଡିକ ସେମାନଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି । ଇସ୍ରାଏଲ ନିୟନ୍ତ୍ରଣରେ ଥିବା ଅଞ୍ଚଳରେ ଏହି ହାମାସ ଯୋଦ୍ଧାମାନେ ଫସି ରହିଛନ୍ତି ବୋଲି ଜଣେ ଅଧିକାରୀ କହିଛନ୍ତି । ଏମାନେ ସମସ୍ତେ ସୁଡଙ୍ଗ ଭିତରରେ ଲୁଚି ରହିଛନ୍ତି । କିନ୍ତୁ ଯଦି ଏମାନେ ପଛକୁ ହଟିବାକୁ ଚେଷ୍ଟା କରନ୍ତି ତେବେ, ଇସ୍ରାଏଲ ସୈନିକ (ଆଇଡିଏଫ୍) ହାତରେ ଧାରା ପଡ଼ିବାର ଆଶଙ୍କା ରହିଛି । ଏମାନଙ୍କୁ ସୁରକ୍ଷିତ ଭାବେ ବାହାରିବାକୁ ଅନୁମତି ଦିଆଯିବ ନାହିଁ ବୋଲି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ କହିଛନ୍ତି । ଏମାନଙ୍କୁ ବାହାର କରିବା ପାଇଁ ହମାସ ସହ କୌଣସି ଚୁକ୍ତି ହୋଇନାହିଁ ବୋଲି ଇସ୍ରାଏଲ ସେନା ତରଫରୁ କୁହାଯାଇଛି । ଇସ୍ରାଏଲ ସେନା ସୁଡଙ୍ଗରୁ ବାହାରିବା ରାସ୍ତା ବନ୍ଦ କରିଦେଇଛି । ଏବେ ହମାସ ଯୋଦ୍ଧା ଆତ୍ମସମର୍ପଣ କରିବା ଛଡ଼ା ଅନ୍ୟ କୌଣସି ଉପାୟ ନାହିଁ । ନେହେଲେ ସମସ୍ତଙ୍କୁ ମାରି ଦିଆଯିବ ବୋଲି ଆଇଡିଏଫ୍ ଚିଫ୍ ଅଫ୍ ଷ୍ଟାଫ୍ ଏୟାଲ ଜମୀର କହିଛନ୍ତି । ଯଦି ସେମାନେ ଆତ୍ମସମର୍ପଣ କରନ୍ତି ତେବେ, ସେମାନଙ୍କୁ ତେଇମାନ ମିଲିଟାରୀ ଠିକଣାକୁ ନିଆଯିବ । ଅନ୍ୟପଟେ ଏହି ହମାସ ଯୋଦ୍ଧାଙ୍କୁ ବାହାରକୁ ବାହାର କରାଯାଇଥିବା ରିପୋର୍ଟକୁ ନେତାନ୍ୟାହୁ ଖଣ୍ଡନ କରିଛନ୍ତି । ଫସି ରହିଥିବା ଏହି ଯୋଦ୍ଧା ହମାସ ଓ ଇସ୍ରାଏଲ ମଧ୍ୟରେ ହୋଇଥିବା ଶାନ୍ତି ଚୁକ୍ତି ବିଷୟରେ କିଛି ଜାଣିନାହାନ୍ତି ବୋଲି କୁହାଯାଇଛି । ଗତ ଦୁଇବର୍ଷ ଧରି ଚାଲିଥିବା ଇସ୍ରାଏଲ- ହମାସ ଯୁଦ୍ଧରେ ଏପର୍ଯ୍ୟନ୍ତ ୬୭ ହଜାରରୁ ଊର୍ଦ୍ଧ୍ୱ ଲୋକ ମୃତ୍ୟୁବରଣ କରିଥିବା ବେଳେ ଏକ ଲକ୍ଷ ୭୦ ହଜାର ଲୋକ ଆହତ ହୋଇଛନ୍ତି । ମୃତକଙ୍କ ମଧ୍ୟରେ ୨୦ ହଜାର ଛୋଟପିଲା ସାମିଲ ରହିଛନ୍ତି । ଇସ୍ରାଏଲ ମଧ୍ୟ ଗାଜାର ୭୫ ପ୍ରତିଶତ ଅଞ୍ଚଳକୁ ନିଜ ନିୟନ୍ତ୍ରଣକୁ ନେଇଥିଲା ।

## ଆବ୍ରାହମ୍ ଚୁକ୍ତିରେ ସାମିଲ ହେବ କାଜାଖସ୍ତାନ

ୱାଶିଂଟନ, ୭ ।୧୧(ଏଜେନ୍ସି): ଆଉ ଏକ ମୁସ୍‌ଲିମ ଦେଶ ଇସ୍ରାଏଲ ସହିତ ଆବ୍ରାହମ ଚୁକ୍ତିରେ ସାମିଲ ହେବାକୁ ଯାଉଛି । କେନ୍ଦ୍ର ଏସୀୟ ଦେଶ କାଜାଖସ୍ତାନ ଏହି ଆବ୍ରାହମ ଶାନ୍ତି ଚୁକ୍ତିରେ ସାମିଲ ହେବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗୁରୁବାର ଘୋଷଣା କରିଛନ୍ତି । ଇସ୍ରାଏଲ ଓ ମୁସ୍‌ଲିମ ବହୁଳ ଦେଶମାନଙ୍କ ମଧ୍ୟରେ ସମ୍ପର୍କକୁ ସାମାନ୍ୟ ଓ ଶତ୍ରୁତା ତଥା ସଂଘର୍ଷକୁ କମ୍ କରିବା ଏହି ଆବ୍ରାହମ ଚୁକ୍ତିର ମୂଳ ଉଦ୍ଦେଶ୍ୟ । ଆବ୍ରାହମ ଇହୁଦୀ, ମୁସଲମାନ ଓ ଖ୍ରୀଷ୍ଟିଆନ ଧର୍ମର ପୈଗମ୍ବର ରହିଥିବାରୁ ତାଙ୍କ ନାମରେ ଏହି ଚୁକ୍ତି ନାମିତ କରାଯାଇଛି । ଏ ନେଇ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଓ କାଜାଖସ୍ତାନ ରାଷ୍ଟ୍ରପତି କାସିମ-ଜୋମାର୍ଟ ତୋକାୟେଭଙ୍କ ସହ ଫୋନ୍‌ରେ କଥା ହୋଇଛନ୍ତି ବୋଲି ଟ୍ରମ୍ପ କହିଛନ୍ତି । ଖୁବ୍‌ଶୀଘ୍ର ଏହି ଚୁକ୍ତି ସ୍ୱାକ୍ଷର ନେଇ ତାରିଖ ଘୋଷଣା କରାଯିବ ଓ ଅନ୍ୟ କେତୋଟି ଦେଶ ମଧ୍ୟ ଏହି ଚୁକ୍ତିରେ ସାମିଲ ହେବାକୁ ଇଚ୍ଛା ପ୍ରକାଶ କରିଛନ୍ତି ବୋଲି ଟ୍ରମ୍ପ କହିଛନ୍ତି । ଉଲ୍ଲେଖଥାଉ କି, ଟ୍ରମ୍ପଙ୍କ ପ୍ରଥମ କାର୍ଯ୍ୟକାଳରେ ୨୦୨୦ରେ ଏହି ଆବ୍ରାହାମ ଚୁକ୍ତିର ଆରମ୍ଭ ହୋଇଥିଲା । ସେତେବେଳେ ଟ୍ରମ୍ପଙ୍କ କହିବା ଅନୁଯାୟୀ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ଓ ବାହାରିନ ଭଳି ଆରବ ଦେଶ ଇସ୍ରାଏଲ ସହିତ ସମ୍ପର୍କ ସ୍ଥାପନ କରିଥିଲେ ।

## ଆସନ୍ତା ବର୍ଷ ଭାରତ ଆସିପାରନ୍ତି ଟ୍ରମ୍ପ

ୱାଶିଂଟନ, ୭ ।୧୧(ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆସନ୍ତା ବର୍ଷ ଭାରତ ଆସିପାରନ୍ତି । ଟ୍ରମ୍ପ ଏ ନେଇ ଗୁରୁବାର ସୂଚନା ଦେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ତାଙ୍କର ଭଲଭାବେ କଥାବାର୍ତ୍ତା ଚାଲୁ ରହିଛି ଓ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଚୁକ୍ତି ନେଇ ଚର୍ଚ୍ଚା ଗଠନମୂଳକ ଭାବେ ଆଗକୁ ବଢ଼ୁଛି ବୋଲି ସେ କହିଛନ୍ତି । ହ୍ୱାଇଟ ହାଉସ୍‌ର ଓଭାଲ କାର୍ଯ୍ୟାଳୟରେ ଗଣମଧ୍ୟମଗୁଡିକ ସହ କଥା ହେବା ବେଳେ ସେ ପୁଣି ଥରେ ମୋଦୀଙ୍କୁ ନିଜର ଏକ ଭଲ ବନ୍ଧୁ ଓ ଉତ୍ତମ ବ୍ୟକ୍ତି ବୋଲି ଅଭିହିତ କରିଥିଲେ । ଆମ ମଧ୍ୟରେ ପ୍ରାୟ କଥାବାର୍ତ୍ତା ଚାଲିଛି । ସେ ରୁଷଠାରୁ ତୈଳ କ୍ରୟର ପରିମାଣକୁ କମାଇଛନ୍ତି । ଭାରତ ଆସିବାକୁ ସେ ମୋତେ ନିମନ୍ତ୍ରଣ ଦେଇଛନ୍ତି ଓ ଭାରତ ଯିବାକୁ ଚାହୁଁଛି ବୋଲି ଟ୍ରମ୍ପ କହିଛନ୍ତି । ଏକ ପ୍ରଶ୍ନ ଉତ୍ତର ଦେଇ ସେ ଆସନ୍ତାବର୍ଷ ହିଁ ଭାରତ ଆସିପାରିନ୍ତି ବୋଲି କହିଛନ୍ତି ।

# ୧୮୦୦ କୋଟି ଟଙ୍କା ଜମି ଦୁର୍ନୀତିରେ ଫସିଲେ ଅଜିତ ପାୱାରଙ୍କ ପୁଅ

ମୁମ୍ବଇ, ୭ ।୧୧(ଏଜେନ୍ସି): ମହାରାଷ୍ଟ୍ରର ଉପ ମୁଖମନ୍ତ୍ରୀ ଅଜିତ ପାୱାରଙ୍କ ପୁଅ ପାର୍ଥ ପାୱାରଙ୍କ କମ୍ପାନୀ ସହିତ ଜଡିତ ଏକ ଜମି କିଣାବିକା ଦୁର୍ନୀତିକୁ ସାମ୍ନାକୁ ଆସିଛି । ଏଥିରେ ପାର୍ଥ ଏହି ବିବାଦରେ ଫସିଥିବା ବେଳେ ଅଜିତ ବ୍ୟାକ୍‌ଫୁଟ୍‌କୁ ଆସିଛନ୍ତି । ପାର୍ଥଙ୍କ କମ୍ପାନୀ ଏକ ଜମି କିଣାବିକା ମାମଲାରେ ଅନିୟମିତତା କରିଛି ବୋଲି ଅଭିଯୋଗ ହୋଇଛି । ଅଭିଯୋଗର ଗମ୍ଭୀରତାକୁ ହୃଦୟଙ୍ଗମ କରି ସରକାର ଏକ ଉଚ୍ଚସ୍ତରୀୟ ଯାଞ୍ଚ୍ କମିଟି ଗଠନ କରିଛନ୍ତି । ଆଗାମୀ ୮ ଦିନ ମଧ୍ୟରେ କମିଟି ଅନ୍ତିମ ରିପୋର୍ଟ ଦାଖଲ କରିବ ବୋଲି ଆଶା କରାଯାଉଛି । ଏହି ମାମଲାରେ ସବ-ରେଜିଷ୍ଟ୍ରାରଙ୍କ ତଥାକଥିତ ଭୂମିକାକୁ ନେଇ ତାଙ୍କୁ ନିଲମ୍ବନ କରାଯାଇଛି । ଏବେ ଏହି ମାମଲା ନେଇ ଅଜିତ ସଫେଇ ଦେଇଛନ୍ତି । ପୁଣେରେ ଏହି କୋଟି କୋଟି ଟଙ୍କା ଜମି କିଣା ନେଇ ଆମର କୌଣସି ଯାଏଆସେ ନାହିଁ ବୋଲି ସେ କହିଛନ୍ତି । ନିୟମର ଉଲ୍ଲଂଘନ କରିଥିବା କୌଣସି ବ୍ୟକ୍ତିଙ୍କୁ ସେ ସମର୍ଥନ କରୁନାହାନ୍ତି ବୋଲି କହିଛନ୍ତି ।

୧,୮୦୦ କୋଟି ଟଙ୍କାର ଏହି ଜମି କିଣାବିକାକୁ ନେଇ ଇନ୍ସପେକ୍ଟର ଜେନେରାଲ ଅଫ୍ ରେଜିଷ୍ଟ୍ରେସନ (ଆଇଜିଆର) ଏକ ରିପୋର୍ଟ ମୁମ୍ବଇର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ନିକଟକୁ ପଠାଇଥିଲେ । ପୁଣେ ମୁନ୍ଧୱା ଅଞ୍ଚଳରେ ହୋଇଥିବା ଏହି ଜମି କିଣାବିକା ମାମଲାରେ ବ୍ୟାପକ ଅନିୟମିତତା ହୋଇଥିବା ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା । ୪୩ ଏକର ଅର୍ଥାତ ୧୭.୫



ହେକ୍ଟର ପରିମିତ ଏହି ଜମି ରାଜ୍ୟ ସରକାରଙ୍କର ବୋଲି ଜଣାପଡ଼ିଛି । ଏହାକୁ ପାର୍ଥ ପାୱାରଙ୍କ କମ୍ପାନୀ ଆମେଡିଆ ଏଣ୍ଟରପ୍ରାଇସ୍ ଏଲ୍‌ଏଲ୍‌ପିକୁ ମାତ୍ର ୩୦୦ କୋଟି ଟଙ୍କାରେ ବିକ୍ରି କରାଯାଇଥିଲା । କିନ୍ତୁ ଏହି ଜମିର ପ୍ରକୃତ ମୂଲ୍ୟ ୧,୮୦୦ କୋଟି ଟଙ୍କା ବୋଲି କୁହାଯାଇଛି । ୧୫ ବର୍ଷ ତଳେ ଏହି ଜମିକୁ ଇଣ୍ଡିଆନ ବଟାନିକାଲ ସର୍ଭେକୁ ଲିଜ୍‌ରେ ଦିଆଯାଇଥିଲା । ପରେ ଏହି ଲିଜ୍‌କୁ ୫୦ ବର୍ଷ ପାଇଁ ଅର୍ଥାତ ୨୦୩୮ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା । ଏହା ସତ୍ତ୍ୱେ ଏହି ଜମି କିପରି କିଣାବିକା ହେଲା ସେ ନେଇ ପ୍ରଶ୍ନ ଉଠିଛି । ଏବେ ଏ ନେଇ ରାଜନୀତି ଆରମ୍ଭ ହୋଇଛି । ଶାସକ ମହାଯୁତିକୁ ଟାର୍ଗେଟ କରିଛି ବିପକ୍ଷ ଦଳ ।








ନୂଆପଡ଼ାରେ ସ୍ନେହାଙ୍ଗିନୀଙ୍କ ପାଇଁ ପ୍ରଚାର ମଇଦାନରେ ବିଜେଡି ସଭାପତି ନବୀନ ପଟ୍ଟନାୟକ

### ୮୪ତମ ଭାରତୀୟ ସଡ଼କ କଂଗ୍ରେସ ଉଦ୍‌ଘାଟିତ

# ଦୁର୍ଘଟଣାରେ ଦିନକୁ ୪୨୦ ମୃତ୍ୟୁ: ଗଡ଼କରୀ



- ତ୍ରୁଟିପୂର୍ଣ୍ଣ ଡିପିଆର୍ ବଢ଼ାଉଛି ସଡ଼କ ଦୁର୍ଘଟଣା
- ବିଶ୍ୱରେ ଏକନମ୍ବର ହେବ ଭାରତର ସଡ଼କ ନେଟୱର୍କ
- ଗୁଣବତ୍ତା ପାଇଁ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ବ୍ୟବସ୍ଥା ଆବଶ୍ୟକ
- କେନ୍ଦ୍ରୀୟ ସଡ଼କ ଭିତ୍ତିଭୂମି ପାଣ୍ଠିରୁ ଓଡ଼ିଶା ପାଇଁ ୧୦୦୦ କୋଟି
- ହାଇଡ୍ରୋଜେନ ଚାଳିତ ୧୦ ପ୍ରକଳ୍ପରୁ ଓଡ଼ିଶାରେ ଗୋଟିଏ

**ଭୁବନେଶ୍ୱର,୭।୧୧(ସମିସ):** ପ୍ରତିବର୍ଷ ଦେଶରେ ୧ ଲକ୍ଷ ୮୦ ହଜାର ଦୁର୍ଘଟଣା ମୃତ୍ୟୁ ଘଟୁଛି। ହାରାହାରି ଦିନକୁ ମୃତ୍ୟୁସଂଖ୍ୟା ୪୨୦। ତେଣୁ ଆମକୁ ପରିବହନ କ୍ଷେତ୍ରରେ ରୂପାନ୍ତରଣ କରିବାର ଆବଶ୍ୟକ ଅଛି। ପ୍ରଦୂଷଣ ମୁକ୍ତ ପରିବହନକୁ ପ୍ରୋତ୍ସାହିତ କରିବାର ଆବଶ୍ୟକତା ରହିଛି। ଆମକୁ ସଡ଼କ ସୁରକ୍ଷା, ରୋଡ଼ ଇଞ୍ଜିନିୟରିଂ ପ୍ରତି ଧ୍ୟାନ ଦେବାକୁ ପଡ଼ିବ। ଏଥିରେ ତ୍ରୁଟି ବିଚ୍ୟୁତି ଆଦୌ ଗ୍ରହଣୀୟ ନୁହେଁ। ଡିପିଆରରେ ତ୍ରୁଟି କାରଣରୁ ଅନେକ ଦୁର୍ଘଟଣା ଘଟୁଛି। ଏଥିରେ ସୁଧାର ଆଣିବା ଲାଗି ଇଞ୍ଜିନିୟର ଏବଂ ପେଶାଦାରମାନେ ସମ୍ବେଦନଶୀଳ ହୁଅନ୍ତୁ। ବ୍ଲାକ ସ୍ପଟକୁ ଚିହ୍ନଟ ସହ ଏହାର ମରାମତି କରନ୍ତୁ ବୋଲି ଆହ୍ୱାନ ଦେଇଛନ୍ତି କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ।

ଶୁକ୍ରବାର ସ୍ଥାନୀୟ ଜୟଦେବ ଭବନଠାରେ ୮୪ତମ ଭାରତୀୟ ସଡକ କଂଗ୍ରେସ ସମାବେଶକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରି ଶ୍ରୀ ଗଡକରୀ କହିଛନ୍ତି ଯେ ଆମେ ଟେକ୍ନୋଲୋଜି ବ୍ୟବହାର କରି ଉତ୍ତମ ମାନର ସଡ଼କ ନିର୍ମାଣ ପାଇଁ ପ୍ରୟାସ କରୁଛୁ। ଭାରତର ସଡ଼କ ନେଟୱର୍କ ବିଶ୍ୱରେ ଏକ ନମ୍ବର ହେବାକୁ ଯାଉଛି। ଉନ୍ନତ ସଡ଼କ ବିକଶିତ ହେଲେ ବାଣିଜ୍ୟ, ବ୍ୟବସାୟ ଓ ଶିଳ୍ପର ଆଗମନ ହୋଇଥାଏ। ଏସବୁକୁ ପ୍ରୋତ୍ସାହନ ମିଳିଲେ ପୁଞ୍ଜିନିବେଶ, ରୋଜଗାର ସୃଜନ ଏବଂ ଆର୍ଥିକ ଅଭିବୃଦ୍ଧିର ମାର୍ଗ ପ୍ରଶସ୍ତ ହୁଏ। ସଡ଼କ ନିର୍ମାଣ କ୍ଷେତ୍ରରେ ଅର୍ଥ କିମ୍ବା ସମ୍ବଳର ଅଭାବ ନାହିଁ । ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ବର୍ତ୍ତମାନ ସୁଦ୍ଧା ସର୍ବାଧିକ ୨ ଲକ୍ଷ ୮୭ ହଜାର କୋଟି ଟଙ୍କାର ବଜେଟ୍ ଆବଣ୍ଟନ ହାସଲ କରିଛି। ଅର୍ଥ ଖର୍ଚ୍ଚ କରିବାକୁ ହେଲେ ସକରାତ୍ମକ ଚିନ୍ତା ଓ ଚିନ୍ତା ସହ ଶୀଘ୍ର ନିଷ୍ପତ୍ତି ନେବା ଦରକାର ବୋଲି ଉଲ୍ଲେଖ କରି ସେ ଓଡ଼ିଶା ପାଇଁ ୧୦୦୦ କୋଟି ଟଙ୍କାର କେନ୍ଦ୍ରୀୟ ସଡ଼କ ଭିତ୍ତିଭୂମି ପାଣ୍ଠି ଘୋଷଣା କରିଛନ୍ତି। ଏହାସହ ସବୁଜ ହାଇଡ୍ରୋଜେନ ଚାଳିତ ବାହନ ଚଳାଚଳ ପାଇଁ ଦେଶରେ ଯେଉଁ ୧୦ଟି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି, ସେଥିମଧ୍ୟରୁ ଗୋଟିଏ ଓଡ଼ିଶାରେ ରହିଛି ବୋଲି ସୂଚନା ଦେଇଛନ୍ତି।

ସେ ଆହୁରି ମଧ୍ୟ କହିଥିଲେ ଯେ ପ୍ରତିବର୍ଷ ଦେଶରେ ୧ ଲକ୍ଷ ୮୦ ହଜାର ଦୁର୍ଘଟଣା ମୃତ୍ୟୁ ଘଟୁଛି। ଗୋଟିଏ ଦିନରେ ୪୨୦ ଜଣଙ୍କର ମୃତ୍ୟୁ ଘଟୁଛି। ମୃତକଙ୍କ ମଧ୍ୟରେ ୬୬ ପ୍ରତିଶତ କେବଳ ୧୮ରୁ ୩୬ ବର୍ଷୀୟ ବୟସ୍କ ରହିଛନ୍ତି। ପରିବହନ କ୍ଷେତ୍ରରେ ରୂପାନ୍ତରଣର ଆବଶ୍ୟକତା ରହିଛି। ଆମକୁ ସଡ଼କ ସୁରକ୍ଷା, ରୋଡ଼ ଇଞ୍ଜିନିୟରିଂ ପ୍ରତି ଧ୍ୟାନ ଦେବାକୁ ପଡ଼ିବ। ଏଥିରେ ତ୍ରୁଟି ବିଚ୍ୟୁତି ଆଦୌ ଗ୍ରହଣୀୟ ନୁହେଁ। ଡିପିଆରରେ ତ୍ରୁଟି କାରଣରୁ ଅନେକ ଦୁର୍ଘଟଣା ଘଟୁଛି। ଏଥିରେ ସୁଧାର ଆଣିବା ଲାଗି ଇଞ୍ଜିନିୟର ଏବଂ ପେସାଦାରମାନେ ସମ୍ବେଦନଶୀଳ ହୁଅନ୍ତୁ । ବ୍ଲାକ ସ୍ପଟକୁ ଚିହ୍ନଟ ସହ ଏହାର ମରାମତି କରିବାକୁ ମୁଁ ହାତଯୋଡି ଅନୁରୋଧ କରୁଛି ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆମେ ଓଡ଼ିଶାର ଅର୍ଥନୀତିକୁ ମଜବୁତ୍ କରୁଛୁ । ଏଥିପାଇଁ ଆମ ସରକାର ବନ୍ଦର, ସଡ଼କ, ରେଳ ଏବଂ ବିମାନ ପରିବହନ କ୍ଷେତ୍ରର ବିକାଶ ଦିଗରେ ଉଦ୍ୟମ ଅବ୍ୟାହତ ରଖିଛି। ୨୦୨୫-୨୬ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ଓଡ଼ିଶା ପାଇଁ ୧୩ ହଜାର ୬୯ କୋଟି ଟଙ୍କାର ଜାତୀୟ ରାଜପଥ ମଞ୍ଜୁର କରିଛନ୍ତି। ୫ ବର୍ଷ ମଧ୍ୟରେ ଆମ ସରକାର ୭୫ ହଜାର କିଲୋମିଟର ସଡକ ନିର୍ମାଣ ପାଇଁ ଲକ୍ଷ୍ୟ ରଖିଛନ୍ତି ବୋଲି ସେ ମତବ୍ୟକ୍ତ କରିଛନ୍ତି।ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଭାରତୀୟ ସଡକ କଂଗ୍ରେସର ସଭାପତି ପ୍ରଫେସର ମନୋରଞ୍ଜନ ପରିଡା, ମହାସଚିବ ରାହୁଲ ଗୁପ୍ତା , ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ପ୍ରମୁଖ ନିଜର ଅଭିଭାଷଣ ରଖିଥିଲେ।

### ହେଲିକପ୍ଟର ଉଡ଼ାଣ ଅନୁମତି ପ୍ରଦାନରେ ୨ ଘଣ୍ଟା ବିଳମ୍ବ

# ବିମାନବନ୍ଦରରେ ଅପେକ୍ଷା କଲେ ନବୀନ

**ଭୁବନେଶ୍ୱର,୭।୧୧(ସମିସ):** ନୂଆପଡ଼ା ଗସ୍ତରେ ଯିବା ପାଇଁ ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ବିମାନବନ୍ଦରରେ ଅନେକ ସମୟ ଅପେକ୍ଷା କରିବାକୁ ପଡ଼ିଛି। ନୂଆପଡା ଯିବା ପାଇଁ ନବୀନଙ୍କ ପାଇଁ ଯେଉଁ ହେଲିକପ୍ଟର ବ୍ୟବସ୍ଥା ହୋଇଥିଲା, ତାହାକୁ ଅନୁମତି ମିଳିବାରେ ବିଳମ୍ବ ହେତୁ ନବୀନଙ୍କ ଗସ୍ତ ବିଳମ୍ବିତ ହୋଇଥିଲା। ସକାଳ ୯ଟା ୩୦ରେ ନବୀନଙ୍କ ହେଲିକପ୍ଟର ଯିବାକୁ ଥିବା ବେଳେ ଏହାକୁ ଦିନ ୧୧ଟା ୩୦ରେ ଅନୁମତି ଦିଆଯାଇଥିଲା । ଯାହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି ବିଜେଡି।

ଅନ୍ୟପଟେ ନବୀନଙ୍କ ହେଲକପ୍ଟରକୁ ଜାଣିଶୁଣି କ୍ଲିଅରାନ୍ସ ଦିଆଯାଇ ନଥିବା ନେଇ ବିଜେଡି ଅଭିଯୋଗ କରିଛି। ନବୀନଙ୍କ ଲୋକପ୍ରିୟତା ଦେଖି ବିରୋଧୀ ବିଜେପି ଛାନିଆ ହୋଇଯାଇଛି। ନବୀନଙ୍କ ପ୍ରଥମ ଜନସଭା ତଥା କୋମନା ସଭା ସମୟରେ ବିଜେପି ଏହି ସଭାକୁ ଭଣ୍ଡୁର କରିବା ପାଇଁ ବହୁ ଉଦ୍ୟମ କରିଥିଲା। ଏହା ସତ୍ତ୍ୱେ ହଜାର ହଜାର ଲୋକ ଏକାଠି ହୋଇ ନବୀନଙ୍କ ହାତମୁଠାକୁ ଟାଣ କରିଥିଲେ। ଏହି ହୀନ ଉଦ୍ୟମ ସରକାରଙ୍କର ସଫଳ ହେବ ନାହିଁ ଏହାର ଜବାବ ନୂଆପଡ଼ାବାସୀ ଦେବେ ବୋଲି ବିଜେଡି ଯୁବ ସଭାପତି ଚିନ୍ମୟ ସାହୁ କହିଛନ୍ତି।

ଏ ସଂକ୍ରାନ୍ତରେ ଭୁବନେଶ୍ୱର ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ କହିଛନ୍ତି ଯେ ନବୀନଙ୍କ ଫ୍ଲାଇଟ୍ ଅପରେଟର ଫ୍ଲାଇଟ୍ ପ୍ଲାନ୍ ସବମିଟ୍ କରି ନ ଥିବାରୁ ଏୟାର ଡିଫେନ୍ସ କ୍ଲିଅରାନ୍ସମିଳିନଥିଲା। ପରେ କୋଲକତାରୁ ନମ୍ବର ନିଆଯାଇଥିଲା। ଏଥିପାଇଁ ପ୍ରାୟ ୨୫ମିନିଟ୍ ବିଳମ୍ବ ହୋଇଛି ବୋଲି ବିମାନବନ୍ଦର କର୍ତ୍ତୃପକ୍ଷ କହିଛନ୍ତି।

### ୧୦ ଦିନରେ ଠକ ଲୁଟିନେଲେ ଦେଢ଼ କୋଟି

# ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଦମ୍ପତି ଡିଜିଟାଲ୍ ଆରେଷ୍ଟ

**ଭୁବନେଶ୍ୱର, ୭।୧୧ (ସମିସ):** ସାଇବର ଅପରାଧୀଙ୍କ ମାୟାଜାଲରେ ପଡ଼ି ୧୦ ଦିନରେ ପ୍ରାୟ ଦେଢ଼ କୋଟି ଟଙ୍କା ହରାଇଛନ୍ତି ଏକ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଦମ୍ପତି। ଉଭୟଙ୍କୁ ୧୦ଦିନ ଧରି ଡିଜିଟାଲ୍ ଆରେଷ୍ଟ କରି ଅପରାଧୀମାନେ ଯାବତୀୟ ମାନସିକ ନିର୍ଯାତନା ଦେବା ପରେ ଉଭୟ ମାନସିକ ଭାବରେ ଭାଙ୍ଗି ପଡ଼ିଛନ୍ତି। ତେବେ ସ୍ଥାନୀୟ ଲୋକ ଓ ସମ୍ପର୍କୀୟମାନେ ୧୦ଦିନ ଧରି ଯୋଗାଯୋଗ କରିବାରେ ବିଫଳ ହେବା ପରେ ସହିଦ ନଗର ପୁଲିସ ସହାୟତାରେ ଦମ୍ପତିଙ୍କୁ ଉଦ୍ଧାର କରିଛି। ପୁଲିସ ଏହି ମାମଲାକୁ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିଛି। ଏହି ଘଟଣା ରାଜଧାନୀରେ ଆଲୋଡ଼ନ ସୃଷ୍ଟି କରିଛି।

ସୂଚନା ମୁତାବକ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ବିଜୟ କୁମାର ସାହୁ ଏବଂ ତାଙ୍କ ପତ୍ନୀ ଭିଏସ୍‌ଏସ୍‌ନଗର ହାଉସିଂ ବୋର୍ଡ କଲୋନୀରେ ରହୁଛନ୍ତି। ସେମାନଙ୍କ ପରିବାର ଅନ୍ୟ ସଦସ୍ୟମାନେ ବିଦେଶରେ ରୁହନ୍ତି। ଘରୋଇ ସହାୟକମାନେ ସବୁ ସମୟରେ ତାଙ୍କ ଘର କାମ କରିବାକୁ ଯିବା ଆସିବା କରନ୍ତି। ପତିପତ୍ନୀ ଘରେ ଥିଲା ବେଳେ ୧୦ଦିନ ତଳେ ବିଜୟଙ୍କ ଫୋନ୍‌କୁ ଏକ ଭିଡିଓ କଲ୍ ଆସିଥିଲା। ନମ୍ବରଟିରେ ଦେଶ ବାହାରର ପିନ୍ କୋଡ୍ ଥିଲା। ପ୍ରଥମେ କୌଣସି ଏକ ବାହାନା ଦେଖାଇ ଅପରାଧୀମାନେ ତାଙ୍କୁ ଡରାଇଥିଲେ। ମାତ୍ର ପରେ ସାଇବର ଅପରାଧୀମାନେ ପୁଣି ଥରେ ଭିଡିଓ କଲ୍ କରିଥିଲେ। ଏଥର କିନ୍ତୁ ସାଇବର ଅପରାଧୀମାନେ ନିଜକୁ କଷ୍ଟମ୍ ବିଭାଗର ଅଧିକାରୀ ବୋଲି ପରିଚୟ ଦେଇଥିଲେ। ବିଜୟଙ୍କ ନାମରେ ବିଦେଶରୁ ଏକ ପାର୍ସଲରେ ଆସିଛି। ଏହି ପାର୍ସଲରେ କିଛି ଡ୍ରଗ୍ସ କିମ୍ବା ଅପରାଧ ସମ୍ବନ୍ଧୀୟ ପଦାର୍ଥ ରହିଛି। ଏଣୁ ଏହି ମାମଲାକୁ ବମ୍ବେ କ୍ରାଇମ୍‌ବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଛି।

ଏହାପରେ ସାଇବର ଅପରାଧୀମାନେ ମୁମ୍ବାଇ କ୍ରାଇମ୍‌ବ୍ରାଞ୍ଚର ଅଧିକାରୀ ବେଶରେ ଥିବା ବସନ୍ତ ନାମକ ଜଣେ ବ୍ୟକ୍ତି ସହ କଥା ହୋଇଥିଲେ। ସେମାନଙ୍କ ପରିଚୟ ପତ୍ର ଏବଂ ବ୍ୟାଙ୍କ ଆକାଉଣ୍ଟ ନମ୍ବର ମଧ୍ୟ ବତାଇଥିଲେ। ବିଦେଶରେ ତାଙ୍କ ପରିବାର ଲୋକେ କେଉଁଠି ରହୁଛନ୍ତି। କେଉଁ ବ୍ୟାଙ୍କରେ ତାଙ୍କର ଆକାଉଣ୍ଟ ରହିଛି। ଏଭଳି କିଛି ବ୍ୟକ୍ତିଗତ ତଥ୍ୟ ପ୍ରଦାନ କରି ସେ ମୁମ୍ବାଇ କ୍ରାଇମ୍‌ବ୍ରାଞ୍ଚ ଅଧିକାରୀ ବୋଲି ବିଜୟଙ୍କ ମନରେ ବିଶ୍ୱାସ ଜନ୍ମାଇବାରେ ସଫଳ ହୋଇଥିଲେ। ପାର୍ସଲଟି ମୁମ୍ବାଇ ସହରରେ ଅପରେଟ୍ କରୁଥିବା କ୍ରାଇମ୍ ସିଣ୍ଡିକେଟ୍‌ର ପାର୍ସଲ। ଏହି ସିଣ୍ଡିକେଟ୍‌ରେ ଥିବା କିଛି ସଦସ୍ୟମାନଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ବିଜୟଙ୍କ ନାମ ନେଇଛନ୍ତି। ଏହାସହ ବିଜୟଙ୍କ ବିରୋଧରେ ଯଥେଷ୍ଟ ପ୍ରମାଣ ମଧ୍ୟ ରହିଛି। ଏଣୁ ବିଜୟଙ୍କୁ ମଧ୍ୟ ଗିରଫ କରାଯାଉଛି ବୋଲି କ୍ରାଇମ୍‌ବ୍ରାଞ୍ଚ ବେଶରେ ଥିବା ଅପରାଧୀ କହିଥିଲା। ତତ୍‌କ୍ଷଣାତ୍ ଏକ ଡିଜିଟାଲ ଆରେଷ୍ଟ ୱାରେଣ୍ଟ ଜାରି ହୋଇଥିଲା। ଏହା ଦେଖି ବିଜୟ ଭାଙ୍ଗି ପଡ଼ିଥିଲେ। ମୁଁ କିଛି କରି ନାହିଁ। ମୋର କୌଣସି କ୍ରାଇମ୍ ସିଣ୍ଡିକେଟ୍ ସହ ଲିଙ୍କ୍ ନାହିଁ। ମୋର କିଛି ଦୋଷ ନାହିଁ ବୋଲି ବାରମ୍ବାର ନେହୁରା ହୋଇଥିଲେ।

ଅପରାଧୀମାନେ ଦମ୍ପତିଙ୍କୁ ନିଜ କବଜାକୁ ନେଇ ଯାଇଥିଲେ। ସେମାନଙ୍କ ଏକାଧିକ ଡକ୍ୟୁମେଣ୍ଟ ଯାଞ୍ଚ କରୁଥିଲେ ଓ ୧୦ଦିନ ମଧ୍ୟରେ ପ୍ରାୟ ଦେଢ଼ କୋଟି ଟଙ୍କା ଲୁଟି ନେଇଥିଲେ। ଗିରଫ ହୋଇଥିବାରୁ ସେମାନେ କାହା ସହ କଥା ହୋଇ ପାରିବେନି ବୋଲି ଧମକ ଦେଇଥିଲେ। ତାଙ୍କ ପରିବାରର ସହାୟକ ଏବଂ ସ୍ଥାନୀୟ ଲୋକେ ଯେତେ ଯୋଗାଯୋଗ କଲେ ମଧ୍ୟ ଉଭୟ ଡରରେ କବାଟ ଖୋଲି ନ ଥିଲେ। ଦିନ ବିତିବା ପରେ ଶେଷରେ ସହାୟକମାନଙ୍କୁ ସନ୍ଦେହ ହେଲା। ଏହାପରେ ସେମାନେ ପଡୋଶୀ ଏବଂ ସମ୍ପର୍କୀୟମାନଙ୍କୁ ଜଣାଇଥିଲେ। ଘଟଣାସ୍ଥଳରେ ସହିଦନଗର ପୁଲିସ ପହଞ୍ଚିଥିଲେ ବି ସେମାନେ କବାଟ ଖୋଲି ନ ଥିଲେ। ଶେଷରେ ଛାତ ଉପରେ ଥିବା ଏକ ଗଳା ବାଟରେ ପୁଲିସ ଘର ଭିତରକୁ ପ୍ରବେଶ କରିଥିଲା। ଅପରାଧୀମାନେ ତୁରନ୍ତ କଲ୍ କାଟି ଦେଇଥିଲେ।

# ରାଷ୍ଟ୍ରପ୍ରେମ, ତ୍ୟାଗ ଓ ବୀରତ୍ୱର ପ୍ରତୀକ 'ବନ୍ଦେ ମାତରଂ': ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୭।୧୧(ସମିସ):** ବନ୍ଦେ ମାତରଂ କେବଳ ଗୀତ ନୁହେଁ, ଏହା ରାଷ୍ଟ୍ରପ୍ରେମ, ତ୍ୟାଗ ଓ ବୀରତାର ପ୍ରତୀକ। ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ 'ଆନନ୍ଦ ମଠ' ଉପନ୍ୟାସରୁ ଜନ୍ମ ନେଇଥିବା ଏହି ଗୀତ ସ୍ୱାଧୀନତା ସଂଗ୍ରାମ ସମୟରେ ଦେଶବାସୀଙ୍କ ମନରେ ଜାଗୃତି, ଉତ୍ସାହ ଓ ବୈପ୍ଳବିକ ମନୋଭାବ ଜାଗ୍ରତ କରିଥିଲା। ରାଜ୍ୟସ୍ତରୀୟ ରାଷ୍ଟ୍ରଗୀତ 'ବନ୍ଦେ ମାତରଂ'ର ୧୫୦ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏହା କହିଛନ୍ତି।

ଶୁକ୍ରବାର ଲୋକସେବା ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ଗୀତର ଲୋକପ୍ରିୟତା ଓ ପ୍ରଭାବକୁ ଦେଖି ବ୍ରିଟିଶ ଶାସକମାନେ ବନ୍ଦେ ମାତରଂକୁ ବ୍ୟାନ୍ କରିଥିଲେ, ଯାହା ଏହି ଗୀତର ଶକ୍ତିର ସ୍ପଷ୍ଟ ପ୍ରମାଣ। ଆମେ କେଉଁ ଭାଷା, କେଉଁ ଧର୍ମ ବା କେଉଁ ଅଞ୍ଚଳର ହେଲେ ବି, ଦେଶପ୍ରେମ ବିନା ଦେଶର ଉନ୍ନତି ଅସମ୍ଭବ। ବନ୍ଦେ ମାତରଂ ଆମ ହୃଦୟରେ ସେହି ଦେଶପ୍ରେମର ଅଗ୍ନିକୁ ପୁନଃଜାଗ୍ରତ କରେ। ଯୁବପିଢ଼ି, ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦେଶପ୍ରେମ ଜାଗ୍ରତ କରିବା ପାଇଁ ଏହାକୁ ବର୍ଷବ୍ୟାପୀ ପାଳନ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଆଗାମୀ ଏକବର୍ଷ ଧରି ସମସ୍ତ ଜିଲ୍ଲାରେ ସ୍କୁଲ, କଲେଜ, ସରକାରୀ ଓ ବେସରକାରୀ ସଂଗଠନମାନଙ୍କ ମାଧ୍ୟମରେ ସାମୂହିକ ଗାନ, ସାଂସ୍କୃତିକ ଆୟୋଜନ ଓ ସଚେତନତା କାର୍ଯ୍ୟକ୍ରମ କରାଯିବାକୁ ଯୋଜନା କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

# ବାର୍‌ହା ଫାଶରେ ପଡ଼ି ଦୁଇ ଭାଇ ମୃତ

**ଲକ୍ଷ୍ମୀପୁର, ୭।୧୧(ସମିସ):** ବାର୍‌ହା ଶିକାର ପାଇଁ ଲାଗିଥିବା ବିଦ୍ୟୁତ୍ ଫାଶରେ ପଡ଼ି ଦୁଇଜଣଙ୍କର ମୃତ୍ୟୁ ଘଟିଛି। କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଥାନା ଅନ୍ତର୍ଗତ ପିପଲପଦର ଗ୍ରାମପଞ୍ଚାର କାନାପାଇ ଗାଁ ଜଙ୍ଗଲରେ ଏହି ଅଘଟଣ ଘଟିଛି। ମୃତକଦ୍ୱୟ ହେଲେ, ଘନିଲା ମାଣ୍ଡିଙ୍ଗା (୨୬) ଓ ତାଙ୍କର ସମ୍ପର୍କୀୟ ଭାଇ କୁମ୍ବର ହିକକା। ଗୁରୁବାର ସନ୍ଧ୍ୟାରେ ଦୁଇଭାଇ ଗାଁ ନିକଟ ଜଙ୍ଗଲକୁ ଯାଇଥିବା ବେଳେ ସେଠାରେ ବାର୍‌ହା ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ଫାଶରେ ପଡ଼ି ଯାଇଥିଲେ। ଘଟଣାସ୍ଥଳରେ ହିଁ ଦୁହିଁଙ୍କ ମୃତ୍ୟୁ ହୋଇଯାଇଥିଲା। ସେମାନଙ୍କ ମଧ୍ୟରୁ ଜଣେ ଜଳି ଯାଇଥିଲେ। ଆଜି ଏହି ଖବର ପ୍ରଘଟ ହେବା ପରେ ଲକ୍ଷ୍ମୀପୁର ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତନାଘନା କରିଛି। ଶବଦ୍ୱୟକୁ ଜବତ କରି ଲକ୍ଷ୍ମୀପୁର ମେଡିକାଲକୁ ପଠାଇବା ସହ ତଦନ୍ତ ଚଳାଇଛି। ଶୁକ୍ରବାର ବିଳମ୍ବ ହେବା ଯୋଗୁଁ ଶନିବାର ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି। କିଏ ଏହି ଫାଶ ବସାଇଥିଲା, ସେନେଇ ପୁଲିସ ଛିନ୍‌ଭିନ୍ ଚଳାଇଛି।

ଉଲ୍ଲେଖଯୋଗ୍ୟ, ଏହା ଗୋଟିଏ ଘଟଣା ନୁହେଁ, କିଛି ଦିନ ତଳେ ବାର୍‌ହା ଫାଶରେ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିଲା। ଲକ୍ଷ୍ମୀପୁର ବ୍ଲକ୍‌ର କିଛି ଗାଁରେ ଗତ କିଛି ଦିନ ହେଲା ବିଦ୍ୟୁତ୍ ତାର ବିଛାଇ ବାର୍‌ହା ଶିକାର କରାଯାଉଛି। ଏହା ମଣିଷଙ୍କ ପାଇଁ କାଳ ସାଜୁଥିବା ଦେଖାଯାଉଛି।

### ଆଇଓସିଏଲ୍ ନାଫ୍‌ଥା କ୍ରାକର୍ ପ୍ରକଳ୍ପ ଜମି ମୂଲ୍ୟାୟନ ବିବାଦ

# ଓଡ଼ିଶା ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ନୋଟିସ୍

**ପାରାଦୀପ, ୭।୧୧ (ସମିସ):** ଆଇଓସିଏଲ୍ ନାଫ୍‌ଥା କ୍ରାକର ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ମୂଲ୍ୟାୟନକୁ ନେଇ ସୃଷ୍ଟି ହୋଇଥିବା ବିବାଦ ସୁପ୍ରିମକୋର୍ଟରେ ପହଞ୍ଚିଛି । ମା' ବନରାଇ କୃଷକ ଏକତା ସଂଘ ପକ୍ଷରୁ ଆଗତ ଏକ ସ୍ୱତନ୍ତ୍ର ଲିଭ୍ ପିଟିସନର ବିଚାର କରି ସୁପ୍ରିମକୋର୍ଟ ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିଛନ୍ତି ।

ସୂଚନା ଅନୁସାରେ ଫତେପୁର ପଞ୍ଚାୟତରେ ଆଇଓସିଏଲ୍ ପ୍ରସ୍ତାବିତ ନାଫ୍‌ଥା କ୍ରାକର୍ ପ୍ରକଳ୍ପ ପାଇଁ ପ୍ରାୟ ୭୨୧.୯୩ ଏକର ଜମି ଅଧିଗ୍ରହଣ ନିମନ୍ତେ ଓଡ଼ିଶା ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଜମି ମୂଲ୍ୟାଙ୍କନ ପ୍ରକ୍ରିୟାକୁ ଚାଲେଞ୍ଜ କରିଛି ବନରାଇ କୃଷକ ଏକତା ସଂଘ। ଫତେପୁର ଗ୍ରାମର ୮୬.୬୪ ଏକର ଏବଂ ପ୍ରତାପପୁର ୬୩୫.୨୯ ଏକର ଜମି ଅଧିଗ୍ରହଣ ନିମନ୍ତେ ସରକାର ଯେଉଁ ମୂଲ୍ୟାୟନ କରିଛନ୍ତି, ତାହା ତ୍ରୁଟିପୂର୍ଣ୍ଣ ବୋଲି ଆବେଦନରେ ଦର୍ଶାଯାଇଛି। ଚାଷୀ ସଂଗଠନ ଅନୁସାରେ ଏହି ମୂଲ୍ୟାୟନ ବର୍ତ୍ତମାନର ବଜାର ଦର ତୁଳନାରେ ଯଥେଷ୍ଟ କମ୍। ତେଣୁ ସମସ୍ତ ପ୍ରଭାବିତ ଜମିମାଲିକଙ୍କ ଅଧିକାରକୁ ବଜାୟ ରଖି ଏକ ନିରପେକ୍ଷ ଏବଂ ସଚ୍ଛ ପ୍ରକ୍ରିୟା ସୁନିଶ୍ଚିତ କରିବା ପାଇଁ ଆବେଦନକାରୀମାନେ ଦାବି କରିଛନ୍ତି। ଆଜିର ଚାଷୀମାନଙ୍କ ପକ୍ଷରୁ ଆଇନଜୀବୀ ଗୌରବ ଅଗ୍ରୱାଲ, ପ୍ରଣବ ଗୁପ୍ତା, ଅଭିଷେକ ଦାଶ, ଅମ୍ରିତା ମିଶ୍ର, ଆୟୁଷ ଖଣ୍ଡେଲୱାଲ ପ୍ରମୁଖ ମୂଲ୍ୟାଙ୍କନ ପ୍ରକ୍ରିୟା ମନମୁଖୀ, ଅସ୍ୱଚ୍ଛ ଏବଂ ପ୍ରାକୃତିକ ନ୍ୟାୟର ନୀତି ବିରୋଧୀ ବୋଲି ଅଦାଲତରେ ଯୁକ୍ତି ବାଢ଼ିଛନ୍ତି । ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଅଦାଲତ ନିର୍ଦ୍ଦେଶକୁ ମା' ବରନାଇ କୃଷକ ଏକତା ମଞ୍ଚ ସ୍ୱାଗତ କରିଛି।

# ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ଖୋଲା ଚ୍ୟାଲେଞ୍ଜ

**ପୁରୀ, ୭।୧୧(ସମିସ):** ପୁଣି ଶ୍ରୀମନ୍ଦିର ଭିତରୁ ଜବତ ହୋଇଛି ଗୁପ୍ତ କ୍ୟାମେରା। ଗୁଜରାଟର ଜଣେ ଶ୍ରଦ୍ଧାଳୁ ହିଡେନ୍ କ୍ୟାମେରା ନେଇ ଶ୍ରୀମନ୍ଦିରରେ ପ୍ରବେଶ କରିଥିବା ବେଳେ ଜେଟିପି ଏବଂ ସେବାୟତ ତାଙ୍କୁ ଧରିଛନ୍ତି। ଯୁବକଜଣଙ୍କ ହେଲେ, ଗୁଜରାଟ ଅହମ୍ମଦାବାଦର ଭରତ ପାଣ୍ଡେ। ତାଙ୍କଠାରୁ ଗୁପ୍ତ କ୍ୟାମେରାଯୁକ୍ତ ଚଷମା ଜବତ କରାଯାଇଛି। ଏହି ଘଟଣାରେ ସିଂହଦ୍ୱାର ଥାନା ପୁଲିସ ଭରତଙ୍କୁ ପଚରାଉଚରା କରିଛି। ଅପରପକ୍ଷେ, ଏହି ଘଟଣା ପୁଣିଥରେ ବଡ଼ଦେଉଳର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ଶ୍ରୀମନ୍ଦିର ସେବାୟତ ଓ ବୁଦ୍ଧିଜୀବୀ ଏହାକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଶ୍ରୀମନ୍ଦିର ଭିତରକୁ ମୋବାଇଲ, କ୍ୟାମେରା ଆଦି ନେବା ଉପରେ କଡ଼ା କଟକଣା ରହିଛି। ଏହା ସତ୍ତ୍ୱେ ବିଭିନ୍ନ ସମୟରେ ସୁରକ୍ଷାବଳୟକୁ ଭେଦ କରି ମନ୍ଦିର ଭିତରକୁ ଏସବୁ ଯାଉଛି। ଫଳରେ ଅନେକ ସମୟରେ ମନ୍ଦିର ଭିତରର ବହୁ ସମ୍ବେଦନଶୀଳ ଫଟୋ, ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ବିଭିନ୍ନ ସମୟରେ ଏହା ଜଣାପଡ଼ିବା ପରେ ମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଥିବା କୁହାଯାଉଛି। ହେଲେ ବାସ୍ତବତା କିନ୍ତୁ ଭିନ୍ନ। ଶୁକ୍ରବାର

### ଚଷମାରେ ଖଞ୍ଜା ହୋଇଥିଲା ଗୁପ୍ତ କ୍ୟାମେରା

ମନ୍ଦିର ଭିତରକୁ ଗୁପ୍ତ କ୍ୟାମେରାଯୁକ୍ତ ଚଷମା ଯିବା ଏହା ପ୍ରମାଣିତ କରୁଛି।

ପୁଲିସ ସୂଚନା ଅନୁଯାୟୀ, ଶୁକ୍ରବାର ଭରତ ଗୁପ୍ତ କ୍ୟାମେରା ସଂଯୋଗ ଥିବା ଚଷମା ପିନ୍ଧି ମନ୍ଦିର ଭିତରକୁ ଯାଇଥିଲେ। ପ୍ରବେଶ ପଥରେ ଏହା ଜଣାପଡ଼ି ନଥିଲା। ତେବେ ଜଗମୋହନ ନିକଟରେ ସନ୍ଦେହ ହେବାରୁ ତାଙ୍କୁ ସେବାୟତ ଓ ଜେଟିପି ଧରିଥିଲେ। ତାଙ୍କୁ ସିଂହଦ୍ୱାର ଥାନାକୁ ହସ୍ତାନ୍ତର କରିଥିଲେ। ସିଂହଦ୍ୱାର ପୁଲିସ ଭରତଙ୍କଠାରୁ ଗୁପ୍ତ କ୍ୟାମେରା ଲାଗିଥିବା ଚଷମାକୁ ଜବତ କରିବା ସହ ତାଙ୍କୁ ପଚରାଉଚରା ମଧ୍ୟ କରାଯାଇଥିଲା। ତେବେ ଏହି ପଚରାଉଚରା କରାଯିବା ପରେ ଆଗାମୀ ଦିନରେ ତଦନ୍ତରେ ସହଯୋଗ କରିବା ସର୍ତ୍ତରେ ତାଙ୍କୁ ଥାନାରୁ ନୋଟିସ୍ ଦେଇ ଛାଡ଼ି ଦିଆଯାଇଛି। ସେପଟେ ଶ୍ରୀମନ୍ଦିର ଭିତରୁ କ୍ୟାମେରା ଜବତ ହେଲେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବାର ଆଇନ ନାହିଁ। କେବଳ ଜରିମାନା ଦେବାର ନିୟମ ରହିଛି। ଏଣୁ ରାଜ୍ୟ ସରକାର ଶ୍ରୀମନ୍ଦିର ଆଇନରେ ତୁରନ୍ତ ପରିବର୍ତ୍ତନ କରି ଏଭଳି ବେଆଇନ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ନୂଆ ନିୟମ ଆଣିବାକୁ ସାଧାରଣରେ ଦାବି ହୋଇଛି।

## ସେବାୟତ ବେଶରେ ଗର୍ଭଗୃହକୁ ପଶିଲେ

**ପୁରୀ,୭।୧୧(ସମିସ):** ଦିନକୁ ଦିନ ବିପନ୍ନ ହେବାରେ ଲାଗିଛି ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା। ମାଳମାଳ ସୁରକ୍ଷା କର୍ମୀ ମନ୍ଦିର ଭିତରେ ଏବଂ ବାହାରେ ପଇଁତରା ମାରୁଛନ୍ତି। ଏହା ସତ୍ତ୍ୱେ ବିଭିନ୍ନ ସମୟରେ ସୁରକ୍ଷା ବ୍ୟବସ୍ଥାକୁ ଚ୍ୟାଲେଞ୍ଜ ଦେବା ଭଳି ଘଟଣା ଘଟୁଛି। ଗୁପ୍ତ କ୍ୟାମେରା ମନ୍ଦିର ଭିତରକୁ ବାରମ୍ବାର ଯାଉଥିବା ବେଳେ ପ୍ରାୟ ଅଧିକାଂଶ ଦିନ ଭକ୍ତ ପକେଟ୍‌ମାରର ଶିକାର ହେଉଛନ୍ତି। ଶୁକ୍ରବାର ମନ୍ଦିର ଭିତରେ ଆଉ ଏକ ଅଭାବନୀୟ ଘଟଣା ଘଟିଛି। ସେବାୟତ ବେଶରେ ଜଣେ ଶ୍ରଦ୍ଧାଳୁ ଧୁକୁଡ଼ି ଦ୍ୱାର ଦେଇ ଗର୍ଭଗୃହକୁ ପ୍ରବେଶ କରିଛନ୍ତି। ଯୁବକଜଣକ ହେଉଛନ୍ତି, ଯାଜପୁର ଶାନ୍ତନୁ ମିଶ୍ର। ତାଙ୍କୁ ଅନ୍ୟ ସେବକମାନେ ଧରିବା ପରେ କଥା ପଦାକୁ ଆସିଥିଲା। ତାଙ୍କୁ ସିଂହଦ୍ୱାର ଥାନା ପୁଲିସକୁ ହସ୍ତାନ୍ତର କରାଯାଇଛି। ଶାନ୍ତନୁଙ୍କୁ ପୁଲିସ ପଚରାଉଚରା କରିବା ପରେ ନୋଟିସ୍ ଦେଇ ଛାଡ଼ି ଦେଇଛି। କେଉଁ ପରିସ୍ଥିତିରେ ଏବଂ କାହିଁକି ସେ ଗର୍ଭଗୃହ ଭିତରକୁ ଯାଇଥିଲେ, ସେ ନେଇ ପୁଲିସ ପଚରାଉଚରା କରିଛି। ହେଲେ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇନଥିବା ସୂଚନା ମିଳିଛି। ଏ ସମ୍ପର୍କରେ ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ କହିଛନ୍ତି, ଗର୍ଭଗୃହକୁ ପ୍ରବେଶ କରିଥିବା ଜଣେ ଯୁବକଙ୍କୁ ଅନ୍ୟ ସେବକମାନେ ଧରିଥିଲେ। ତାଙ୍କୁ ଥାନାକୁ ଆଣି ପଚରାଉଚରା କରାଯିବା ପରେ ନୋଟିସ୍ ଦେଇ ଛାଡ଼ି ଦିଆଯାଇଛି।

## ମହିଳାଙ୍କୁ ପ୍ରତାରଣା, ଯୁବକ ଗିରଫ

ଜୟପୁର, ୭ ।୧୧(ସମିସ) : କୋରାପୁଟ ଜିଲ୍ଲା ବୋରିଗୁମ୍ମା ଥାନା ବି.ସିଙ୍ଗପୁର ଥାନାର ମଦୁଲୀଗୁଡା ଗ୍ରାମ ଠାରେ ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କୁ ବିବାହ ପ୍ରଲୋଭନ ଦେଖାଇ ବାରମ୍ବାର ଦୈହିକ ସମ୍ପର୍କ ରଖିବା, ଶେଷରେ ପ୍ରତାରଣା କରିବା ଅଭିଯୋଗରେ ଉକ୍ତ ଗ୍ରାମର ଯୁବକ ଦେବରାଜ ବିଶୋୟୀ (୩୦)ଙ୍କୁ ଜୟପୁର ମହିଳା ଥାନା ପୁଲିସ ଗିରଫ କରିବା ସହ ଆଜି କୋର୍ଟ ଚାଲାଣ କରିଛି। ଅଭିଯୋକାରୀଣୀ ୨୭ ବର୍ଷିୟା ବିବାହିତ ମହିଳା ସ୍ୱାମୀ ପରିତ୍ୟକ୍ତା ହୋଇଥିବା ବେଳେ ତାଙ୍କର ୭ ବର୍ଷର ଝିଅ ରହିଛି। ଅଭିଯୁକ୍ତ ଯୁବକ ତାଙ୍କୁ ବିବାହ କରିବା ପ୍ରତିଶୃତି ଦେଇ ଗତ ୭ ମାସ ହେଲାଣି ବାରମ୍ବାର ଦୈହିକ ସମ୍ପର୍କ ରଖି ଆସୁଥିଲେ। ଶେଷରେ ଅଭିଯୋଗକାରିଣୀ ବିବାହ କରିବାକୁ ଜିଦ୍ କରିବାରୁ ଯୁବକ ତାଙ୍କୁ ବିବାହ କରିବାକୁ ମନା କରିଦେଇଥିଲେ। ଏଥିନେଇ ଶେଷରେ ପୀଡିତା ମହିଳା ଜୟପୁରସ୍ଥିତ ମହିଳା ଥାନାର ଦ୍ୱାରସ୍ଥ ହୋଇଥିଲେ ବୋଲି ଥାନା ଅଧିକାରୀ ଆଶ୍ରିତା ଖାଲ୍କୋ ସୂଚନା ଦେଇଛନ୍ତି। ଏହି ମାମଲାର ତଦନ୍ତ ଏସ.ଆଇ ଶକୁନ୍ତଳା ଦେବୀ କରିବା ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

## ପଥର ବ୍ୟବସାୟୀଙ୍କ ଆତ୍ମହତ୍ୟା!

କୋରାପୁଟ, ୭।୧୧(ସମିସ): କୋରାପୁଟ-ରାୟଗଡ଼ା ରେଳପଥର ଡାଉନ୍ ଲାଇନ୍‌ରେ ଜଣକ ମୃତଦେହ ଉଦ୍ଧାର କରା ଯାଇଥିବା କୋରାପୁଟ ଜିଆରପି ଥାନା ଭାରପ୍ରାପ୍ତ ଅଧିକାରୀ ସନ୍ତୋଷୀ ମହନ୍ତ ସୂଚନା ଦେଇଛନ୍ତି। ମୃତଦେହ ଜୟପୁର ସମ୍ବାରିତୋଟା ଅଞ୍ଚଳରେ ରହୁଥିବା ଏମ, ଶଙ୍କର (୪୫) ବୋଲି ଜଣାପଡ଼ିଛି। ଶୁକ୍ରବାର ସକାଳେ ସମଲେଶ୍ୱରୀ ଟ୍ରେନ୍‌ର ଲୋକୋ ପାଇଲଟ କୋରାପୁଟ ଜିଆରପି ଥାନାରେ ପହଞ୍ଚି ଡୁମୁରିପୁଟ କୋରାପୁଟ ଷ୍ଟେସନ ମଝିରେ ଜଣେ ବ୍ୟକ୍ତି ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା କରିଥିବା ସୂଚନା ଦେଇଥିଲେ। ସୂଚନା ପାଇ ଜିଆରପି ଟିମ୍ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତ ସମୟରେ ମୃତକଙ୍କ ପରିଚୟ ଜଣା ପଡିଥିଲା। ଶଙ୍କରଙ୍କ ନିଜ ଘର କୋଏମ୍ବାଟୁର ହୋଇ ଥିବା ବେଳେ ସେ ଜୟପୁର ସମ୍ବାରିତୋଟାରେ ରହି ପଥର ବ୍ୟବସାୟ କରୁଥିଲେ। ତେବେ ଶଙ୍କର କେଉଁ ପରିସ୍ଥିତିରେ ଆତ୍ମହତ୍ୟା କରିଛନ୍ତି ତାହା ସ୍ପଷ୍ଟ ହୋଇ ନାହିଁ। କୋରାପୁଟ ଜିଆରପି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ତଦନ୍ତ କରୁଥିବା ଶ୍ରୀମତି ମହନ୍ତ ସୂଚନା ଦେଇଛନ୍ତି।

## ବରିଷ୍ଠ ନାଗରିକ ସଂଘ ସାଧାରଣ ସମ୍ପାଦକଙ୍କ ପରଲୋକ



ସେମିଲିଗୁଡ଼ା, ୭।୧୧ (ସମିସ): ସେମିଲିଗୁଡା ବରିଷ୍ଠ ନାଗରିକ ସଂଘର ସାଧାରଣ ସମ୍ପାଦକ ରଘୁନାଥ ପାଣିଗ୍ରାହୀଙ୍କ (୭୬)ଙ୍କର ପରଲୋକ ହୋଇଯାଇଛି। ସ୍ୱର୍ଗତ ରଘୁନାଥ ପାଣିଗ୍ରାହୀ ଜଣେ ସୁଦକ୍ଷ ସଂଗଠକ, ପରୋପକାରୀ ବ୍ୟକ୍ତି ଭାବରେ ସମଗ୍ର ସେମିଲିଗୁଡା ଓ ସୁନାବେଡା ଅଞ୍ଚଳରେ ପରିଚିତ ଥିଲେ। ସୁନାବେଡା ହାଲ ମିଗ କମ୍ପାନୀ ଚାକିରିରୁ ୨୦୧୦ ମସିହାରେ ଅବସର ଗ୍ରହଣ ପରେ ସ୍ୱର୍ଗତ ପାଣିଗ୍ରାହୀ ସେମିଲିଗୁଡା ବରିଷ୍ଠ ନାଗରିକ ସଂଘର ସମ୍ପାଦକ ଭାବେ ବରିଷ୍ଠ ନାଗରିକ ମାନଙ୍କ ବିଭିନ୍ନ ସମସ୍ୟା ସମାଧାନ କରିବା ସହ ସଂଘ ପକ୍ଷରୁ ଅନେକ ଜନହିତକର କାର୍ଯ୍ୟରେ ନିଜେ ସଂଶ୍ଳିଷ୍ଟ ରହୁଥିଲେ। ତାଙ୍କର ଶେଷ ଦର୍ଶନ କରିବାକୁ ଭିଡ଼ ହୋଇଥିଲା। ସେମିଲିଗୁଡା ଶ୍ମଶାନରେ ତାଙ୍କର ଅନ୍ତିମ ସତ୍କାର କରାଯାଇଛି। ତାଙ୍କ ପୁତ୍ର ଅସିତ କୁମାର ପାଣିଗ୍ରାହୀ ମୁଖାଗ୍ନି ଦେଇଥିଲେ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

### ସାଲୁର୍ ଘାଟିରେ ସରକାରୀ ବସ୍ ଜଳିଯିବା ଘଟଣା

# ଘଟଣାସ୍ଥଳରେ ତଦନ୍ତ କଲେ ଦୁଇ ରାଜ୍ୟର ଅଧିକାରୀ



କୋରାପୁଟ/ ପଟ୍ଟାଙ୍ଗି, ୭।୧୧(ସମିସ): ଓଡ଼ିଶା ଆନ୍ଧ୍ର ସୀମା ସାଲୁର ଘାଟିରେ ଗୁରୁବାର ସକାଳେ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମର ଏକ ବସ ଜଳି ଯିବା ଘଟଣାର ତଦନ୍ତ ନିମନ୍ତେ ଦୁଇ ରାଜ୍ୟର ଅଧିକାରୀ ଶୁକ୍ରବାର ଘଟଣା ସ୍ଥଳ ପରିଦର୍ଶନ କରିଛନ୍ତି। ପରିବହନ ବିଭାଗ ଡେପୁଟି କମିଶନର (ୱେଷ୍ଟ ଜୋନ୍) ପ୍ରମୋଦ କୁମାର ପଣ୍ଡା, କୋରାପୁଟ ଏମଭିଆଇ ଚନ୍ଦ୍ରା ବିଶ୍ୱାସ, ଓଏସଆରଟିସି ଜୟପୁର ଡିପୋ ପରିଚାଳକ ଇଶ୍ୱର ମହାପାତ୍ର, ମ୍ୟାନେଜର(ଟେକ୍ନିକାଲ) ସବୀର ରାୟ, ଅଶୋକ ଲେଲାଣ୍ଡ କମ୍ପାନୀର ବୈଷୟିକ ଟିମ୍ ଏବଂ ଆନ୍ଧ୍ର ପ୍ରଦେଶ ପୁଲିସ, ପରିବହନ ଓ ଅଗ୍ନିଶମ ବିଭାଗ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ବସ ଡ୍ରାଇଭରଙ୍କୁ ଘଟଣା ସମ୍ପର୍କରେ ପଚରାଉଚରା କରିବା ସହ ବିସ୍ତୃତ ବିବରଣୀ ନେଇଥିଲେ। କେଉଁ କାରଣରୁ ବସ୍ ଜଳିଗଲା, ବସର ଫିଟନେସ କେବେ ହେଇଥିଲା ଓ ଅବଧି କେବେ ପର୍ଯ୍ୟନ୍ତ ଥିଲା, ବସ ବାହାରିବା ସମୟରେ କିମ୍ବା ନିଆ ଲାଗିବା ପୂର୍ବରୁ କୌଣସି ସମସ୍ୟା ଦେଖା ଦେଇଥିଲା କି ସେ ସବୁ ବିଷୟରେ ତଦନ୍ତକାରୀ ଟିମ୍ ତର୍ଜମା କରିଥିଲେ। ସୂଚନା ଥାଉକି ଗୁରୁବାର ସକାଳେ ଉକ୍ତ ବସ ଆନ୍ଧ୍ର ପ୍ରଦେଶର ବିଜୟନଗରମ ଠାରୁ ଓଡ଼ିଶା ଆସୁଥିବା ବେଳେ ସାଲୁର ଘାଟିରେ ହଠାତ୍ ନିଆ ଲାଗିଥିଲା। ବସ ଇଞ୍ଜିନରୁ ଧୂଆଁ ବାହାରିବା ଦେଖି ଡ୍ରାଇଭର, କଣ୍ଡକ୍ଟର ଓ ସମସ୍ତ ଯାତ୍ରୀ ଓହ୍ଲାଇ ପଡ଼ିଥିଲେ। ଘଟଣା କନୋବାଲସା ଗେଟ ନିକଟରେ ହୋଇଥିବାରୁ ଗେଟ୍ କର୍ମଚାରୀ ପାଚୁପେଣ୍ଟା ଥାନାକୁ ଜଣାଇବା ମାତ୍ରେ ସାଲୁର୍ ଅଗ୍ନିଶମ ଟିମ୍ ସହ ପୁଲିସ ପହଞ୍ଚି ନିଆ ଆୟତ କରିଥିଲେ। ପାଚୁପେଣ୍ଟା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟ ପକ୍ଷରେ ଘଟଣା ସମ୍ପର୍କରେ ଜୟପୁର ଡିପୋ ମ୍ୟାନେଜର ଇଶ୍ୱର ମହାପାତ୍ରଙ୍କୁ ପଚାରିବାରୁ ତଦନ୍ତକାରୀ ଟିମ୍ ରିପୋର୍ଟ ଦେବା ପରେ ସେ କିଛି କହି ପାରିବେ ବୋଲି କୌଣସି ମନ୍ତବ୍ୟ ଦେଇ ନାହାନ୍ତି।

## ୟୁଏଏସ୍ ସ୍ଥଗିତ ପାଇଁ ଶିକ୍ଷକ ସଂଘର ବିଇଓଙ୍କୁ ଦାବିପତ୍ର ପ୍ରଦାନ



ବୈପାରିଗୁଡ଼ା, ୭।୧୧(ସମିସ ): 'ପ୍ରଥମେ ବିଦ୍ୟାଳୟ ଗୁଡିକର ଭିତ୍ତିଭୂମି ସଜାଡ, ପରେ ୟୁଏଏସ୍ ଲାଗୁ କର' ଏଭଳି କିଛି ଦାବି ନେଇ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ବୈପାରିଗୁଡା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ସୁରେନ୍ଦ୍ର ଖରାଙ୍କ ନେତୃତ୍ୱରେ ଗୋଷ୍ଠୀ ଶିକ୍ଷା ଅଧିକାରଙ୍କ କର୍ଯ୍ୟାଳୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ୟୁନିଫାଇଡ୍ ଅଟୋ ମେସିନ୍ ସିଷ୍ଟମ (ୟୁଏଏସ୍) କୁ ବିରୋଧ କରିଛି ଶିକ୍ଷକ ସଙ୍ଘ। ଯେଉଁଥିରେ ପ୍ରଥମେ ଏଣ୍ଡ୍ରୋଏଡ୍ ମୋବାଇଲର ଆବଶ୍ୟକ ଏବଂ ସେ ଶିକ୍ଷକ ଯେଉଁ ଠାରେ ଶିକ୍ଷାଦାନ କରୁଛନ୍ତି, ସେଠାରେ ନେଟୱର୍କର ଆବଶ୍ୟକ ରହିଥାଏ। ବୈପାରିଗୁଡା ବ୍ଲକ୍‌ର ବିଭିନ୍ନ ପଞ୍ଚାୟତ ତଥା ବିଭିନ୍ନ ଅଞ୍ଚଳରେ ନେଟୱର୍କ ନାହିଁ। ଶିକ୍ଷାଦାନ ପାଇଁ ଶିକ୍ଷକ ଓ ଶ୍ରେଣୀଗୃହର ଆବଶ୍ୟକତା ରହିଛ। କାର୍ଯ୍ୟରତ ଶିକ୍ଷକ ମାନେ ଅନେକ ଅଣ ଶିକ୍ଷାଦାନ ତଥା ସମସ୍ତ କାର୍ଯ୍ୟକୁ ଅନ୍‌ଲାଇନ ମାଧ୍ୟମରେ କରନ୍ତି। ରାଜ୍ୟରେ ଷାଠିଏ ଭାଗ ବିଦ୍ୟାଳୟ ଦୁଇଜଣ ଶିକ୍ଷକରେ ପରିଚାଳିତ ହେଉଛି। ତେଣୁ ବୋଝ ଉପରେ ନଳିତା ବିଡା ଭଳି ୟୁନିଫାଇଡ ଅଟୋ ମେସିନ ସିଷ୍ଟମ୍ (ୟୁଏସ୍) ଲାଗୁ କରିବାକୁ ବାଧ କରାଯାଉଛି। ଉପଯୁକ୍ତ ଭିତ୍ତିଭୂମି ଯଥା ଲ୍ୟାପ୍‌ଟପ, ନେଟ୍‌ପ୍ୟାକ୍, ସିମକାର୍ଡ ଏବଂ ଆବଶ୍ୟକ ଶିକ୍ଷକ ନଦେବା ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ନ କରିବାକୁ ଫେଡେରେସନ ପକ୍ଷରୁ ଦୀର୍ଘ ଦିନରୁ ଦାବି କରି ଆସୁଛି। ଏଣୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମୂହ ସ୍ୱାର୍ଥ ଦୃଷ୍ଟିରୁ ସଂଘ ଦାବି କରିଛି, ଯେପର୍ଯ୍ୟନ୍ତ ଉପଯୁକ୍ତ ଭିତ୍ତିଭୂମି ସଜଡ଼ା ନହୁଏ, ସେପର୍ଯ୍ୟନ୍ତ ୟୁଏଏସ କାର୍ଯ୍ୟକାରୀତାକୁ ସ୍ଥଗିତ ରଖିବାକୁ ସଂଘର ସମସ୍ତ କର୍ମକର୍ତ୍ତାଙ୍କ ସମେତ ରାଜ୍ୟ ସଂଘର ସଂପାଦକ ତ୍ରିନାଥ ହରିଜନ ଶିକ୍ଷକ ସଂଘ ତରଫରୁ ପ୍ରତିକ୍ରିୟା ରଖିଛନ୍ତି ।

## ଛାଡ଼ଖାଇରେ ଆମିଷ ଦୋକାନରେ ଭିଡ଼

ଉମରକୋଟ,୭।୧୧(ସମିସ): ସରିଲା କାର୍ତ୍ତିକ ମାସ। ମାସ ଯାକ ହବିଷ ବ୍ରତ ପରେ ଆଜି ଛାଡଖାଇ। ଏଥିପାଇଁ ସକାଳୁ ସକାଳୁ ଉମରକୋଟ ଡିଏନକେ ଆମିଷ ବଜାରରେ ଭିଡ଼ ଦେଖିବାକୁ ମିଳିଛି। ଉମରକୋଟ ସହରର ର ଡିଏନକେ, ଡଙ୍ଗରିଗୁଡା , ଗୁଲିପାଟଣା , ବସଷ୍ଟାଣ୍ଡ ମାର୍କେଟଠାରେ ମାଛ ମାଂସ ଦୋକନାରେ ମଧ ଗ୍ରାହକଙ୍କ ଭିଡ ଜମିଛି। ସେପଟେ ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଆମିଷ ଦର ସାମାନ୍ୟ ଅଧିକ ରହିଛି। ବରଫ ମାଛ ଦର ୩୦୦ରୁ ୩୨୦ ଟଙ୍କା ଥିବାବେଳେ, ମଟନ୍ ଦର ୭୦୦ ଟଙ୍କା ରହିଛି। ସେହିପରି ଚିକେନ ଦର ବ୍ରୟଲର କୁକୁଡା ୨୦୦ ଟଙ୍କା ଥିବାବେଳେ ଦେଶୀ କୁକୁଡ଼ା ୫୫୦ ମଧ୍ୟରେ ରହିଥିଲା । ଏହି ସବୁ ମାର୍କେଟ ଠାରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା।।

## 'ବନ୍ଦେ ମାତରମ୍' ସ୍ମୃତିଚାରଣ ଉତ୍ସବ



ନନ୍ଦପୁର,୭।୧୧ (ସମିସ): ପ୍ରସିଦ୍ଧ ସାହିତ୍ୟିକ ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ରଚିତ ରାଷ୍ଟ୍ର ଗାନ "ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଆଜି ନନ୍ଦପୁର ବ୍ଲକର ବିଭିନ୍ନ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନରେ ପାଳିତ ହୋଇଯାଇଛି। ନନ୍ଦପୁର ୫ସିନ୍ଧେ ଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ସ୍ନାତକ ମହାବିଦ୍ୟାଳୟରେ ବଙ୍କିମ ଚନ୍ଦ୍ରଙ୍କ ଜୀବନି, ତାଙ୍କ ସାହିତ୍ୟିକ ଅବଦାନ ଓ ଦେଶଭକ୍ତିମୟ ଚିନ୍ତାଧାରା ର ସ୍ମୃତିଚାରଣ ସହ ଏକ ସ୍ୱରରେ ରାଷ୍ଟ୍ର ଗାନ "ବନ୍ଦେ ମାତରମ୍' ଉଚ୍ଚାରଣ କରାଯାଇଥିଲା। ଏହି ଅବସରରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଯଥା ଚିତ୍ରାଙ୍କନ, ତର୍କ, କୁଇଜ୍ ଇତ୍ୟାଦି ଆୟୋଜନ କରାଯାଇ କୃତି ଛାତ୍ର ଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ଦ୍ୱାରା ରଚିତ ବନ୍ଦେ ମାତରମ୍ ରାଷ୍ଟ୍ର ଗାନ ୭ ନଭେମ୍ବର ୧୮୭୫ ମସିହାରେ ଆନନ୍ଦ ମଠ ଉପନ୍ୟାସରେ ପ୍ରଥମେ ସାର୍ବଜନୀନ କରାଯାଇଥିଲା। ସେହିପରି ନନ୍ଦପୁର ବ୍ଲକ୍ କାର୍ଯ୍ୟାଳୟରେ ମଧ ବଙ୍କିମ ଚନ୍ଦ୍ର ଚାଟାର୍ଜୀ ରଚିତ ବନ୍ଦେ ମାତରମ ଉଚ୍ଚାରଣ କରାଯାଇଥିଲା

## ଜିଲ୍ଲାସ୍ତରୀୟ ମଡେଲ ସଂସଦ କାର୍ଯ୍ୟକ୍ରମ

କୋରାପୁଟ,୭ ।୧୧(ସମିସ) ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଜିଲ୍ଲାସ୍ତରୀୟ ମଡେଲ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ଜିଲ୍ଲାର ୧୯ ଟି ପିଏମ ଶ୍ରୀ ଉଚ୍ଚ ବିଦ୍ୟାଳୟରୁ ୮୦ ଜଣ ଛାତ୍ରଛାତ୍ରୀ ଏବଂ ୧୯ ଜଣ ଗାଇଡ ଶିକ୍ଷକ ଯୋଗ ଦେଇଥିଲେ ।ସମଗ୍ର ଶିକ୍ଷା କୋରାପୁଟ ଆନୁକୁଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ ତତ୍ତ୍?ାବଧାନ କରିଥିବା ବେଳେ ଯୋଜନା ସଂଯୋଜକ ପ୍ରଶାନ୍ତ କୁମାର ସେଠୀ ପରିଚାଳନା କରିଥିଲେ ଏବଂ ଲେସେଶ୍ୱର ସାହୁ ସହଯୋଗ କରିଥିଲେ ।ବିଚାରକ ରୂପେ ବିକ୍ରମଦେବ ବିଶ୍?ବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ମହେଶ୍ୱର ଦୁରିଆ , ସହକାରୀ ପ୍ରାଧ୍ୟାପକ ସଞ୍ଜୁ କୌଶଲ୍ୟା ଏବଂ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ଡ଼.ପୂର୍ଣ୍ଣଚନ୍ଦ୍ର ତନ୍ତୀ ଯୋଗ ଦେଇଥିଲେ ।ଜିଲ୍ଲାରୁ ମନୋନୀତ ଦୁଇ ଜଣ ପ୍ରତିଯୋଗୀ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଭାଗ ନେବେ ବୋଲି ସୂଚନା ମିଳିଛି। ଏଡିଇଓ ଅର୍ପିତା ପ୍ରଧାନ ଏବଂ ଚମେଲି ମଜୁମଦାର,ଏସଟିସି ଭେଙ୍କେଟେଶ୍ୱର ମିଶ୍ର,ପ୍ରଧାନ ଶିକ୍ଷକ ରଶ୍ମି ରଞ୍ଜନ ସେଠୀ,ହିମାଂଶୁ ଦାସ, ସିଦ୍ଧାର୍ଥ ମହାପାତ୍ର,ସିଆରସିସି ପ୍ରଦୀପ ପାତ୍ର, ତ୍ରିଲୋକେଶ ପଣ୍ଡା ଏବଂ ଗଜନି ଚନ୍ଦ୍ରଶେଖର ଯୋଗ ଦେଇଥିଲେ। ଆମ ଦେଶର ସମ୍ବିଧାନର ସର୍ବୋଚ୍ଚ ଗୃହ ସଂସଦ ଉପରେ ପିଲାମାନେ କିଛି ଜାଣିବେ ଓ ଶାସନ କ୍ଷମତାର ପରିଚାଳନା ଉପରେ ସଚେତନ ହେବା ଏହି କାଯ୍ୟକ୍ରମ କରିବାର ଉଦ୍ଦେଶ୍ୟ ବୋଲି କୁହାଯାଇଛି।

## ଜୟନଗର ଓପିଟିସିଏଲ ପାୱାର ଗ୍ରୀଡ୍‌ର ବାର୍ଷିକ ମରାମତି

**● ଆଜି ପୂର୍ବାହ୍ନ ୭ଟାରୁ ଅପରାହ୍ନ ୫ଟା ବିଦ୍ୟୁତ କାଟ୍**

ଜୟପୁର, ୭ ।୧୧(ସମିସ) : ଜୟପୁର ସହରର ସନ୍ନିକଟ ଜୟନଗର ଓପିଟିସିଏଲ ପାୱାର ଗ୍ରୀଡ୍‌ର ବାର୍ଷିକ ମରାମତି ନିମନ୍ତେ ଶନିବାର ଜୟପୁର ସହର, ଆଖପାଖ ଗ୍ରାମାଞ୍ଚଳ ସମେତ ବୈପାରୀଗୁଡା ସଦର ମହକୁମା ଗ୍ରାମ ଏବଂ ଆଖପାଖ ଅଞ୍ଚଳରେ ବିଦ୍ୟୁତ ଯୋଗାଣ ପୂର୍ବାହ୍ନ ୭ ଟା ଠାରୁ ସଂଧ୍ୟା ୫ଟା ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ବିତରଣ କାରୀ ସାଉଥକୋ ସଂସ୍ଥା ପକ୍ଷରୁ ମାଇକ ଯୋଗେ ସହରରେ ଘୋଷଣା କରାଯାଇଛି। ପ୍ରତ୍ୟେକ ବର୍ଷ ଓଡିଶା ପାୱାର ଟ୍ରାନ୍ସମିସନ କୋର୍ପରେସନ ଲିମିଟେଡ (ଓପିଟିସିଏଲ) ପକ୍ଷରୁପାୱାରହାଉସ୍‌ରେବର୍ଷାଦିନରେସୃଷ୍ଟିହୋଇଥିବାବଡ଼ବଡ଼ଘାସଏବଂଅନ୍ୟାନ୍ୟ ମରାମତି ପାଇଁ ବିଦ୍ୟୁତ ଯୋଗାଣ ବନ୍ଦି କରିବାକୁ କାର୍ଯ୍ୟ କରିଥାଆନ୍ତି। ଏହି ଅବସରରେ ସାଉଥକୋ ପକ୍ଷରୁ ସହର ଏବଂ ଆଖପାଖ ଅଞ୍ଚଳରେ ଗଛକଟା, ନୂତନ ପୋଲ ସ୍ଥାପନ ଓ ସ୍ଥାନାନ୍ତରିତ କରାଯିବା ନେଇ ବ୍ୟବସ୍ଥା କରାଯିବାର ମଧ କାର୍ଯ୍ୟକ୍ରମ ରହିଥିବା ନେଇ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## 'ଜୟ ଅଫ୍ ଗିଭିଙ୍ଗ' କାର୍ଯ୍ୟକ୍ରମ

ସୁନାବେଡା,୭।୧୦ (ସମିସ): ସୁନାବେଡା ମିଗ୍ ନଗରୀ ସ୍ଥିତ ଡିଏଭି ଭିଏସ ବିଦ୍ୟାଳୟ ପକ୍ଷରୁ 'ଜୟ ଅଫ୍ ଗିଭିଙ୍ଗ ' କାର୍ଯ୍ୟକ୍ରମ ସୁନାବେଡା ସ୍ଥିତ ଶ୍ରବଣ ବାଧିତ ବିଦ୍ୟାଳୟରେ ଆୟୋଜିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ ଶ୍ରବଣ ବାଧିତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କେଲୁ ଚରଣ ମହାନ୍ତି, ଡିଏଭି ଭିଏସ ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ ଜଣାଇବା ସହିତ ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକଳାପ ସମ୍ପର୍କରେ ଆଲୋକପାତ କରିଥିଲେ। କୋରାପୁଟ ଜିଲ୍ଲା ବଧିର ସଂଘର ସଭାପତି ଶେଖ ଇବ୍ରାହିମ ଉକ୍ତ ବିଦ୍ୟାଳୟର ଦିବ୍ୟାଙ୍ଗ ଛାତ୍ର ଛାତ୍ରୀଙ୍କ ବିଭିନ୍ନ ପ୍ରତିଭା ସମ୍ପର୍କରେ ଅବଗତ କରାଇବା ସହ




ଏଭଳି କାର୍ଯ୍ୟକ୍ରମ ପାଇଁ ଉତ୍ସାହିତ କରିଥିବା ଡିଏଭି ଭିଏସ ବିଦ୍ୟାଳୟର ଅଧ୍ୟକ୍ଷ ବାସୁଦେବ ପାଣିଗ୍ରାହୀଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି ଅବସରରେ ଡିଏଭି ଭିଏସ ବିଦ୍ୟାଳୟର ପ୍ରାୟ ୪୫ ଜଣ ଛାତ୍ରଛାତ୍ରୀ ନିଜର ସଞ୍ଚିତ ସ୍ୱଳ୍ପ ପାଣ୍ଠିର କିଛି ଅର୍ଥ ବ୍ୟୟ କରି ଶ୍ରବଣ ବାଧିତ ପିଲା ମାନଙ୍କୁ ଗୋଟିଏ କ୍ୟାରେମ୍ ବୋର୍ଡ ସମେତ ବିସ୍କୁଟ, ଚକଲେଟ ଏବଂ କଲମ ଆଦି ଉପହାର ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀ ମାନେ ଦିବ୍ୟାଙ୍ଗ ପିଲାମାନଙ୍କ ସହିତ କିଛି ସମୟ ବିତାଇ ଖୁସି ଗପ କରିଥିଲେ। ତାଙ୍କ ଠାରୁ ସାଙ୍କେତିକ ଭାଷା ଶିଖିବାର ପ୍ରୟାସ କରିଥିଲେ। ଏହି ଅବସରରେ ଦିବ୍ୟାଙ୍ଗ ଛାତ୍ରୀ ମାନେ ନୃତ୍ୟ ପରିବେଷଣ କରିଥିଲେ। ଡିଏଭି ଭିଏସ ବିଦ୍ୟାଳୟର ଶିକ୍ଷୟିତ୍ରୀ ଗାର୍ଗୀ ନିହାରିକା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଅନୁରାଗ ପାତ୍ରଙ୍କ ସମେତ ଶ୍ରବଣ ବାଧିତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବସ୍ ଚାଳକ, କର୍ମଚାରୀଙ୍କୁ ଅଗ୍ନି ସଚେତନତା କର୍ମଶାଳା



ଜୟପୁର, ୭ ।୧୧(ସମିସ) : ଜୟପୁର ଅଗ୍ନିଶମ ବିଭାଗ ଏବଂ ଜିଲ୍ଲା ପରିବହନ ବିଭାଗ ମିଳିତ ଭାବେ ସ୍ଥାନୀୟ ଘରୋଇ ବସ୍‌ଷ୍ଟାଣ୍ଡ ପରିସରରେ ଏକ ଅଗ୍ନି ସଚେତନତା କର୍ମଶାଳା ଆୟୋଜିତ ହୋଇଥିଲା। ଏହି କର୍ମଶାଳାରେ ମାଧ୍ୟମରେ ବସ୍‌ରେ ହଠାତ୍ ନିଆଁ ଲାଗିଲେ ଏହାକୁ କିଭଳି ଉପସ୍ଥିତ ବସ ଡ୍ରାଇଭର ଏବଂ କର୍ମଚାରୀ ମାନେ ନିୟନ୍ତ୍ରଣ ଏବଂ ଯାତ୍ରୀ ମାନଙ୍କୁ ସୁରକ୍ଷିତ ଉଦ୍ଧାର କରିବେ ସେ ନେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବସମାଲିକ ମାନେ ପ୍ରତ୍ୟେକ ବସ୍‌ରେ ଅଗ୍ନି ନିର୍ବାପକ ଯନ୍ତ୍ରାଂଶ ଏବଂ ଜରୁରୀକାଳୀନ ଦୁଆର, ଝରକା ଓ ସାମ୍ନା ଓ ପଛପାଖ କାଚ ଭାଙ୍ଗିବା ପାଇଁ ହାତୁଡ଼ି ରଖିବା, ଯାତ୍ରୀଙ୍କୁ ବସ୍ ଛାଡ଼ିବା ପୂର୍ବରୁ ସମସ୍ତ ଅଗ୍ନି ନିରାପତ୍ତା ସରଞ୍ଜାମ ବିଷୟରେ ସଚେତନ କରାଇବା ଇତ୍ୟାଦି ବିଷୟରେ ଧ୍ୟାନ ଦେବା ପରାମର୍ଶ ଦେଇଥିଲେ। ଏଥିରେ ସହକାରୀ ଅଗ୍ନିଶମ ଅଧିକାରୀ ସୁରେଶ କୁମାର ବାରିକ, କେନ୍ଦ୍ର ଅଧିକାରୀ ସୂର୍ଯ୍ୟ ବେହେରାଙ୍କ ନେତୃତ୍ୱରେ ବିଭାଗୀୟ କର୍ମଚାରୀ ମାନେ ଉପସ୍ଥିତ ବସ କର୍ମଚାରୀ ମାନଙ୍କୁ ଅଗ୍ନି ନିର୍ବାପକ ତାଲିମ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହାକାରୀ ପରିବହନ ଅଧିକାରୀ ଚନ୍ଦ୍ରକଳା ନାୟକ, ଟ୍ରାଫିକ ଇନସପେକ୍ଟର ଜଗନ୍ନାଥ ଦାରୁବ୍ରହ୍ମ, ବସମାଲିକ ସଂଘର ସଭାପତି ନରେନ୍ଦ୍ର ମହାନ୍ତି, ଅନ୍ୟାନ୍ୟ ବସ ମାଲିକ, ଡ୍ରାଇଭର, ହେଲପର ଓ ଯାତ୍ରୀ ମାନେ ଉପସ୍ଥିତ ଥିଲେ। ଅଗ୍ନିଶମ ବିଭାଗ ଡିଜି ଏବଂ ପରିବହନ କମିଶନରଙ୍କ ନିର୍ଦ୍ଦେଶ କ୍ରମେ ସାରା ରାଜ୍ୟରେ ଏହିପରି କର୍ମଶାଳା ମାଧ୍ୟମରେ ଅଗ୍ନିସମ ବିଭାଗର ଅଧିକାରୀ ଓ କର୍ମଚାରୀ ମାନେ ଅଗ୍ନି ନିର୍ବାପନ ପ୍ରଦର୍ଶନୀ କରୁଛନ୍ତି। ବସରେ ଅଗ୍ନି ସଂଯୋଗ ହେଲେ ସେନ୍‌ସର ମାଧ୍ୟମରେ ଆଲାରାମ ବାଜିବା ନେଇ ବସ ଗୁଡିକରେ ବ୍ୟବସ୍ଥା କରିବାକୁ ପରିବହନ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ଗତକାଲି ପୂର୍ବାହ୍ନରେ ପଡୋଶୀ ରାଜ୍ୟ ଆନ୍ଧ୍ର ପ୍ରଦେଶର ବିଜୟନଗରରୁ ଜୟପୁରକୁ ଆସୁଥିବା ଓଏସଆରଟିସିର ଏକ ବସ୍ ସାଲୁର ଘାଟି ଠାରେ ଇଞ୍ଜିନରେ ସର୍ଟ ସର୍କିଟ ଯୋଗୁଁ ନିଆଁ ଲାଗିଯାଇଥିଲା। କିନ୍ତୁ ବସ କର୍ମଚାରୀ ଏବଂ ଯାତ୍ରୀ ମାନେ ଏଥିରୁ ଅଳ୍ପକେ ବର୍ତ୍ତିଯାଇଥିଲେ।

## ପିଏମଶ୍ରୀ ଯୋଜନାରେ ପାର୍ଲାମେଣ୍ଟ କାର୍ଯ୍ୟକ୍ରମ

ମାଲକାନଗିରି, ୭ ।୧୧(ସମିସ): 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ପିଏମଶ୍ରୀ ଯୋଜନାରେ ପାର୍ଲାମେଣ୍ଟ କାର୍ଯ୍ୟକ୍ରମ ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପିଏମଶ୍ରୀ ଯୋଜନାରେ ମାଲାକନଗିରି ଜିଲ୍ଲାରେ ପରିଚାଳିତ ୧୧ ଗୋଟି ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ। ବିଶେଷ କରି ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଏକ ପାର୍ଲାମେଣ୍ଟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲ।। ଏହି କାର୍ଯ୍ୟକ୍ରମରେ ଭାରତର ପାର୍ଲାମେଣ୍ଟରେ କିପରି ସଂସଦ ଅନୁଷ୍ଠିତ ହେଉଛି, ସାଂସଦରେ ଉପସ୍ଥିତ ମନ୍ତ୍ରୀ ମାନେ କିପରି ପ୍ରଶ୍ନ କରୁଛନ୍ତି, ବାଚସ୍ପତି କିପରି ସମସ୍ତ ପ୍ରଶ୍ନର ଉତ୍ତର ଦେଉଛନ୍ତି ତାହାକୁ ଭିତି କରି ଏହି କାର୍ଯ୍ୟକ୍ରମ କରା ଯାଇଥିଲ।। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ଜଣେ ଛାତ୍ରୀଙ୍କୁ ବାଚସ୍ପତି କରା ଯାଇଥିବା ବେଳେ ଅନ୍ୟ ଛାତ୍ରଛାତ୍ରୀ ମାନେ ପାର୍ଲାମେଟ ଗୃହର ଉଭୟ ପାଶ୍ୱର୍ରେ ବସିଥିବା ଦୃଶ୍ୟ ମନୋରମ ଥିଲା। ଏହା ଦ୍ୱାରା ପ୍ରକୃତରେ ପାର୍ଲାମେଣ୍ଟରେ କିପରି ଅଧିବେଶନ ହୁଏ, ସେ ସମ୍ବନ୍ଧରେ ଛାତ୍ରଛାତ୍ରୀ ମାନେ ଅବଗତ ହୋଇ ପାରିଥିଲେ। ଏହି କାର୍ଯ୍ୟକ୍ରମରେ ୧୧ଟି ପିଏମଶ୍ରୀ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

## 'ବନ୍ଦେ ମାତରମ୍' ୧୫୦ ବର୍ଷ ପୂର୍ତ୍ତିରେ ଶୋଭାଯାତ୍ରା



ଜୟପୁର, ୭ ।୧୧(ସମିସ) : 'ବନ୍ଦେ ମାତରମ୍' ରଚନାର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଜୟପୁର ସହରରେ ଶୋଭାଯାତ୍ରା ଏବଂ କାର୍ଯ୍ୟକ୍ରମ ମାଧ୍ୟମରେ ପାଳନ କରାଯାଇଛି। ସ୍ଥାନୀୟ ସିଟି ଇଂଲିଶ ଓ ଉଚ୍ଚ ବିଦ୍ୟାଳୟର ୪୦୦ରୁ ଅଧିକ ଛାତ୍ରଛାତ୍ରୀ ଏକ ବିଶାଳ ଶୋଭଯାତ୍ରାରେ ବାହାରି ଟ୍ରାଫିକ ଛକ ଠାରେ ସମସ୍ତ ଜନସାଧାରଣଙ୍କ ସହ ମିଶି ବନ୍ଦେ ମାତରମ୍ ଗୀତ ଗାନ କରିଥିଲେ। ଏହି କାର୍ଯକ୍ରମକୁ ସିଟି ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶଶୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ମାନେ ହାତରେ ତ୍ରିରଙ୍ଗା ପତକା ନେଇ ବନ୍ଦେ ମାତରମ ସ୍ଲୋଗାନ ସହ ସ୍କୁଲ ପରିସରରୁ ବାହାରି ବେଲ ରୋଡ, ଏନକେଟି ରୋଡ, ଲାଲସାହି, ରଥ ପଡିଆ ଦେଇ ଓ ଟ୍ରାଫିକ ଛକ ଠାରେ ସମାବେଶ ହୋଇଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଚନ୍ଦନ କୁମାର ନାୟକ, ପୌରଉପାଧ୍ୟକ୍ଷ ବି ସୁନୀତା, ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ବି.ସୁଜାତା, ଅଧ୍ୟକ୍ଷ ସୁଧାକର ପଟ୍ଟନାୟକ ଓ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟତ୍ରୀଙ୍କ ସହିତ ତେଲୁଗୁ ସାଂସ୍କୃତିକ ସମିତିର ଅଧ୍ୟକ୍ଷ ବିରେଶ ପଟ୍ଟନାୟକ , ସଭ୍ୟ ଏ.ଶ୍ରୀନିବାସ ରାଓ, କେ ରାମକୃଷ୍ଣ, ବି ସତୀଶ, ୱାଇ.ଏସ୍.ଖାନ୍ନା, ଗୋବିନ୍ଦ ନାୟକ ସିୱା ଅନୁଷ୍ଠାନର ପ୍ରଦୀପ୍ତ ସାହୁ, ଆନନ୍ଦ ମୂନ୍ଦ୍ରା, ରମେଶ ଚୌଧୁରୀ, ରଞ୍ଜିତ ନାୟକ, ବିନାୟକ ମହାପାତ୍ର, କେ.କ୍ରିଷ୍ଣା ରାଓ, ଗୋପାଳ ସାହୁ, ଅଜୟ ମିଶ୍ର ଓ ପ୍ରସାଦ ରାଓପେଟା ଯୋଗ ସମିତି ସଦସ୍ୟ ଓ ଅଭିଭାବକ ଯୋଗ ଦେଇଥିଲେ। କାର୍ଯକ୍ରମକୁ ସିଟି ଉଚ୍ଚ ବିଦ୍ୟାଳୟର ଶିକ୍ଷକ ପ୍ରତାପ ପଟ୍ଟନାୟକ ପରିଚାଳନା କରିଥିଲେ। ସେହିପରି ଜୟପୁର ଏନସିସି ୧୫୦ ବାଟାଲିୟ କାର୍ଯ୍ୟାଳୟର ନିର୍ଦ୍ଦେଶକ୍ରମେ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଉଭୟ ଏନସିସି ଛାତ୍ରଛାତ୍ରୀ ମାନେ ବିଶ୍ୱବିଦ୍ୟାଳୟ ପରିସର, ପାରାବେଢା ଛକ, ଡ. ଆମ୍ବେଦକର ଛକ ଠାରେ ବନ୍ଦେ ମାତରମ ସଂଗୀତ ଗାନ ସହିତ କ୍ଷୁଦ୍ର ଗଣ ନାଟକ ପ୍ରଦର୍ଶିତ କରିଥିଲେ। ଏଥିରେ ଜାତୀୟ ପିତା ମହତା ଗାନ୍ଧୀ, ନେତାଜୀ ସୁବାଷ ଚନ୍ଦ୍ର ବୋଷ, ସହିଦ ଭଗତ ସିଂ, ଦେଶର ପ୍ରଥମ ଫିଲ୍ଡ ମାର୍ଶଲ ସାମ ମାନିକସା, ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକଶିତ ଭାରତ ଗଠନ ନେଇ ବାର୍ତ୍ତା ନାଟକ ମାଧ୍ୟମରେ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟ ଏନସିସି ଅଧିକାରୀ କ୍ୟାପେଟର ଡ.ଲକ୍ଷ୍ମଣ ପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା।

## ସ୍ଥାନୀୟ କଳାକାରଙ୍କୁ ଗୁରୁତ୍ୱ ଦେବାକୁ ଦାବି



କୋରାପୁଟ,୭।୧୧(ସମିସ): ଜିଲ୍ଲା କଳାକାର ସଂଘ ପକ୍ଷରୁ ଜାତୀୟ ସ୍ତରୀୟ ଆଦିବାସୀ ଲୋକ ମହୋତ୍ସବ 'ପରବ'ରେ ସ୍ଥାନୀୟ କଳାକାରଙ୍କୁ ସ୍ଥାନ ଦେବାକୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କୋରାପୁଟ ଜିଲ୍ଲାର ପରବ ମହୋତ୍ସବ ଜାତୀୟସ୍ତରର ମାନ୍ୟତା ପାଇଥିବା ବେଳେ ଏଯାବତ୍ ସ୍ଥାନୀୟ କଳାକାର ମାନଙ୍କୁ ମୁଖ୍ୟ ଉତ୍ସବରେ ସ୍ଥାନ ମିଳୁନାହିଁ। କୋରାପୁଟ ଜିଲ୍ଲାର ଦେଶିୟା ଇଣ୍ଡଷ୍ଟ୍ରିର କଳାକାର ମାନଙ୍କୁ ସୁଯୋଗ କିମ୍ବା ସମ୍ମାନ ମିଳି ପାରୁନାହିଁ। କୋରାପୁଟ ଜିଲ୍ଲାରେ ଦେଶିୟା ଭାଷାରେ ଗୀତ, ନାଚ, ଅଭିନୟ ଓ କମେଡି କଳାକାର ମାନଙ୍କୁ ନେଇ ଗୋଟିଏ ଦିନ ସୁଯୋଗ ମିଳିଲେ ଦେଶିଆ କଳାକାର ସମ୍ମାନ ପାଇବା ସହ ଦୁଇ ପଇସା ରୋଜଗାର କରିପାରିବେ। ତତ୍‌ସହ ଜିଲ୍ଲାର କଳାକାର ସଂଘ ପକ୍ଷରୁ ପରବ ମହୋତ୍ସବ ସମସ୍ତ କାର୍ଯ୍ୟକ୍ରମ ନିଶାଣି ମୁଣ୍ଡା ଠାରୁ ପୂଜାର୍ଚ୍ଚନା କରି ଆରମ୍ଭ କରିବାକୁ ଦାବି କରିଛନ୍ତି। 'ପରବ' ମହୋତ୍ସବ ମୁଖ୍ୟ ଉତ୍ସବରେ ଦେଶିଆ ଭାଷାକୁ ବ୍ୟବହାର କରିବା, ଆଦିବାସୀ ମାନଙ୍କ ଖାଦ୍ୟ, ବେଶଭୂଷା, ଅଳଙ୍କାର, ବସ୍ତ୍ର, ଚାଷ କାମରେ ବ୍ୟବହାର ହେଉଥିବା ଲଙ୍ଗଳ, ଟାଙ୍ଗିଆ, ଖଣ୍ଡ ସହ ଶିକାର ନିମନ୍ତେ ବ୍ୟବହାର ହେଉଥିବା ଧନୁ ଭାଲା ଓ ଟାଙ୍ଗିଆ ଏବଂ ଆଦିବାସୀ ବାଦ୍ୟଯନ୍ତ୍ର ଢୁଡୁଙ୍ଗା, ଟିମକା ବାଜା, ମଦନ ବାଜା ପରବ ମହୋତ୍ସବରେ ପ୍ରଦର୍ଶନ କରିବାକୁ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା କଳାକାର ସଂଘ ସଭାପତି ପ୍ରଦୀପ୍ତ ମୋହନ ଟାକ୍ରୀ, ମନସ୍ୱିନୀ ଟାକ୍ରୀ, ରାଜେନ୍ଦ୍ର ହୁଇକା, ବାବୁଲି ବେନ୍ୟା, ରିନା ଖିଲ, କାଜଲ ହରିଜନ, ଲକ୍ଷ୍ମୀ ବାଗଙ୍କ ସହ ଶତାଧିକ କୋରାପୁଟ ଦେଶିଆ କଳାକାର ଉପସ୍ଥିତ ଥିଲେ।

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଶ୍ରୀକାନ୍ତ କୁମାର ମହାନ୍ତି
କାଳୀମେଘା, ତିହିଡ଼ି, ଭଦ୍ରକ
ଆବିର୍ଭାବ : ୨୫-୦୫-୧୯୬୨ / ତିରୋଧାନ : ୦୮-୧୧-୨୦୨୪
ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା
ଶୋକସନ୍ତପ୍ତ: ପୁତ୍ର-ମାନବେଶ, କନ୍ୟା- ଶ୍ରୀବଲ୍ଲୀ, ବନ୍ଧୁ ଓ ପରିବାରବର୍ଗ

# ବେଆଇନ କ୍ଲିନିକ୍ ଉପରେ ଜିଲ୍ଲା ପ୍ରଶାସନର ଚଢ଼ଉ



ରାୟଗଡ଼ା/ରାମନାଗୁଡ଼ା, ୭।୧୧(ସମିସ): ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକ ଅନ୍ତର୍ଗତ ଗୋଗୁପାଡୁ ପଞ୍ଚାୟତ ଅଧୀନସ୍ଥ ସୁଲୁଡ଼ି ଛକ ନିକଟରେ ଥିବା ଏକ ବେଆଇନ କ୍ଲିନିକ୍ ଉପରେ ଚଢଉ କରିଛି ଜିଲ୍ଲା ପ୍ରଶାସନ। ବର୍ଷ ବର୍ଷ ଧରି ଏହି କ୍ଲିନିକ୍‌ରେ କ୍ୱାକ୍ ମାନେ ଉପସ୍ଥିତ ରହି ଚିକିତ୍ସିତ କରି ଲୋକଙ୍କ ଠାରୁ ମୋଟା ଅଙ୍କର ଟଙ୍କା ଆଦାୟ କରୁଥିଲେ। ଏହି ଖବର ପ୍ରଶାସନ ପାଖରେ ପହଞ୍ଚିବା ପରେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନିର୍ଦ୍ଦେଶରେ ଶୁକ୍ରବାର ଦିନ ଜିଲ୍ଲା ପ୍ରଶାସନ ତରଫରୁ ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କହଁରଙ୍କ ନେତୃତ୍ୱରେ ଏକ ଟିମ ଗସ୍ତ କରି ସୁଲୁଡି ଛକରେ ଥିବା ବେଆଇନ ବଙ୍ଗାଳୀ ଡାକ୍ତର କ୍ଲିନିକ୍ ଉପରେ ଚଢ଼ାଉ କରିବା ସହ ରାମନାଗୁଡ଼ା ସହରରେ ଥିବା ଅର୍ଣ୍ଣବ ମେଡିକାଲ ଷ୍ଟୋର ଉପରେ ମଧ ଚଢ଼ାଉ କରିଛି । ଚଢ଼ାଉ ସମୟରେ ଡ଼ିଏସପି ରାୟଗଡା, ଉପ୍ରଶାନ୍ତ କୁମାର ମିଶ୍ର ସୁପରଟେଣ୍ଡେଣ୍ଟ ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଡ. ବିଏଲଏନ ପୃଷ୍ଟି ଆଇଏମଏ, ରାୟଗଡା ଜିଲ୍ଲା ସଭାପତି ରାମନାଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଅଭିଷେକ ପଟ୍ଟନାୟକ, ମାଜିଷ୍ଟ୍ରେଟ ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ, ଗୁଣପୁର ମେଡିକାଲ କର୍ମଚାରୀ କିରଣ କୁମାର ବେହେରା, ଉପଖଣ୍ଡ ପୋଲିସର ଏକ ଟିମ୍ ଆସି ଚଢ଼ଉ କରିଥିଲେ। ଏମିତି ବ୍ଲକର ଅନେକ ଜାଗାରେ ବେଆଇନ ଭାବରେ ଆନ୍ଧ୍ର ସୀମାନ୍ତ କ୍ୱାକ୍ ମାନେ ସନ୍ଧ୍ୟା ସମୟରେ ଆସି ଲୋକଙ୍କୁ ସାଧାରଣ ଭାବେ ଡାକ୍ତରଙ୍କ ବିନା ପ୍ରେସ୍କ୍ରିପସନ୍ ରେ ଔଷଧ ଦେଇ ଅଧିକ ଟଙ୍କା ଆଦାୟ କରୁଥିବା ଜଣାପଡ଼ିଛି। ରାମନାଗୁଡ଼ା ବ୍ଲକ ଅଧୀନରେ ଥିବା ଯେଉଁ ମେଡିକାଲ ଷ୍ଟୋର ଗୁଡିକ ଅଛି, ସେହି ମେଡିକାଲ ଷ୍ଟୋର ଗୁଡିକରେ ଡାକ୍ତରଙ୍କ ବିନା ପ୍ରେସ୍କ୍ରିପସନ୍ ଔଷଧ ନ ଦେବା ପାଇଁ ପରାମର୍ଶ ଦେଇଥିଲେ। ଯଦି ମେଡିକାଲ ଷ୍ଟୋର ମାଲିକ ମାନେ ଏହାକୁ ପାଳନ ନ କରନ୍ତି, ତାହାହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କହଁର କହିଛନ୍ତି।

# ଦୀପୋତ୍ସବ ଓ ଜ୍ୱାଳା ଥୋରଣମ୍ ପୂଜା



ରାୟଗଡ଼ା, ୭।୧୧(ସମିସ): ରାୟଗଡ଼ା ଜିଲ୍ଲା ଚାନ୍ଦିଲି ଥାନା ଅନ୍ତର୍ଗତ କୋତାପେଟା ଗ୍ରାମ ଉନ୍ନୟନ କମିଟି ଦ୍ୱାରା ଯେଣ୍ଡଲା ମଲ୍ଲିକାର୍ଜୁନ ସ୍ୱାମୀ ମନ୍ଦିରରେ ଆୟୋଜିତ ଭବ୍ୟ ଦୀପୋତ୍ସବ ଓ ଜ୍ୱାଳା ଥୋରଣମ୍ ପୂଜା ଅର୍ଚ୍ଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ସମସ୍ତ ଗ୍ରାମବାସୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଗ୍ରାମବାସୀମାନେ ଶିବ ପାର୍ବତୀ ମୂର୍ତ୍ତିକୁ ପାଲଙ୍କିରେ ବୋହି ଗ୍ରାମ ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମରେ ଶୁଖିଲା ଘାସ ଓ କାଠିରେ ନିର୍ମିତ ଏକ ବିଶାଳ ଜ୍ୱାଳା ତୋରଣକୁ ଜଳାଯାଇ ଥିଲା। ପୌରାଣିକ କଥାନୁସାରେ, ସମୁଦ୍ର ମନ୍ଥନ ସମୟରେ ଭଗବାନ ଶିବ ଦ୍ୱାରା ବିଷ ହଳାହଳ ପାନ କରିବା ଘଟଣା ସହ ଏହାର ସମ୍ପର୍କ ଅଛି। ଏହି ପୂଜାକ୍ରିୟା ପରିବେଶକୁ ପବିତ୍ର କରେ, ଅଶୁଭ ଶକ୍ତିକୁ ଦୂର କରେ ଓ ଜ୍ୱାଳା ତୋରଣ ମାଧ୍ୟମରେ ଗତି କରୁଥିବା ଭକ୍ତମାନେ ଦେବୀୟ ଆଶୀର୍ବାଦ ଲାଭ କରନ୍ତି ବୋଲି ବିଶ୍ୱାସ କରାଯାଇଥାଏ

# ପ୍ରଯୁକ୍ତିବିଦ୍ୟା ଭିତ୍ତିକ ଉଦ୍ୟୋଗୀତା ବିକାଶ କାର୍ଯ୍ୟକ୍ରମ



ଟିକିରି, ୭।୧୧(ସମିସ): ଆଇଡିବିଆଇ ବ୍ୟାଙ୍କ ଓ ଇଡିଆଇଆଇ ଦ୍ୱାରା ପରିଚାଳିତ ପ୍ରକଳ୍ପ ରାଇଜ କାଶୀପୁର ବ୍ଲକ କୁଚେଇପଦର୍ ଗ୍ରାମ ପଞ୍ଚାୟତର ମା ମାନଙ୍କୁ ୧୮ ଦିନିଆ ମାଗଣା ପ୍ରଯୁକ୍ତିବିଦ୍ୟା ଭିତ୍ତିକ ଉଦ୍ୟୋଗୀତା ବିକାଶ କାର୍ଯ୍ୟକ୍ରମ ଆରମ୍ଭ କରିଛି। ପ୍ରଥମ ଦିବସ ସାଧାରଣତଃ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରର ଆକାଂକ୍ଷୀ ଉଦ୍ୟୋଗୀମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆରମ୍ଭ ଅଧିବେଶନ ଭାବରେ ଥିଲା। ଏହି ପ୍ରଥମ ଦିନ ଏକ ଆନୁଷ୍ଠାନିକ ଉଦ୍‌ଘାଟନ ସହିତ ଆରମ୍ଭ କରାଗଲା। କାର୍ଯ୍ୟକ୍ରମର ଉଦ୍ଦେଶ୍ୟଗୁଡ଼ିକୁ ୧୮ ଦିନିଆ ସଂରଚିତ ତାଲିମର ଚୂଡ଼ାନ୍ତ ଲକ୍ଷ୍ୟ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଥିଲା। କୁଚେଇପଦର ସରପଞ୍ଚ ବାଙ୍ଗାରି ଦିଶାରି, ଯତୀନ ବେନିଆ, ନିରୁପମା ସାନ୍ତା ପ୍ରମୁଖ ଅତିଥି ରୂପେ ଯୋଗଦାନ କରିବା ସହ ଜଣେ ଉଦ୍ୟୋଗୀଙ୍କ ଧାରଣା ଏବଂ ସ୍ୱ-ନିଯୁକ୍ତିର ଲାଭ ବିଷୟରେ କହିଥିଲେ। ଏହା ସହିତ ସରକାରୀ ଯୋଜନା ଏବଂ ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ପାଇଁ ଉପଲବ୍ଧ ଆର୍ଥିକ ସହାୟତାର ଏକ ବ୍ୟାପକ ସମୀକ୍ଷା ମଧ୍ୟ କରିଥିଲେ। ଏହି ଦିବସର ଲକ୍ଷ୍ୟ ପ୍ରଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିବା ଏବଂ ଉଦ୍ୟୋଗୀ ଯାତ୍ରାର ମୂଳଦୁଆ ବୁଝାମଣା ପ୍ରଦାନ କରିବା, ସେମାନଙ୍କୁ ପରବର୍ତ୍ତୀ ଦିନଗୁଡ଼ିକରେ ପ୍ରଦାନ ହେବାକୁ ଥିବା ବୈଷୟିକ ଦକ୍ଷତା ଏବଂ ବ୍ୟବସାୟ ପରିଚାଳନାରେ ଗଭୀର ଅନୁସନ୍ଧାନ ପାଇଁ ପ୍ରସ୍ତୁତ କରିବା ଇତ୍ୟାଦି ଉପରେ ଆଲୋଚନା ହୋଇଥିଲା। କୁଚେଇପଦର୍ ମା'ମାନେ ଏହି ଟ୍ରେନିଂ ନେବାକୁ ବିଶେଷ ଭାବରେ ଉତ୍ସାହିତ ଅଛନ୍ତି ଏବଂ ମାଣ୍ଡିଆ ତିଆରି ଜିନିଷ କରି ଆର୍ଥିକ ସ୍ୱାବଲମ୍ବୀ ହେବାର ଆଶା ରଖିଛନ୍ତି। ଏହି କାର୍ଯ୍ୟକ୍ରମକୁ ପ୍ରକଳ୍ପ ଅଫିସର ପପୁନ କୁମାର ପ୍ରଧାନ ପରିଚାଳନା କରୁଛନ୍ତି।

## ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଟିକିରି, ୭।୧୧(ସମିସ): ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ଟିକିରିଥାନା ଅନ୍ତର୍ଗତ ଶଙ୍କରଡା ପଞ୍ଚାୟତ କୁଟିଙ୍ଗଗୁଡା ପୋଲ ନିକଟରେ ଥିବା ବୁଦ୍ଧ ବିହାର ପାଖରେ ଥିବା ପିଜୁଳି ଗଛରେ ଜଣେ ଯୁବତୀ ଓଢ଼ଣି ଦେଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ସୂଚନା ଥାଉକି ଯୁବକ ଜଣଙ୍କ ହେଉଛନ୍ତି ଶଙ୍କରଡା ପଞ୍ଚାୟତ ଲେଲିପୁଟ ଗ୍ରାମର ସୁସିଲା ମାଝୀ। କିଛି ଦିନ ତଳେ କାକିରିଗୁମା ନିକଟରେ ଥିବା ଚିରି ଯୋଡ଼ି ଗ୍ରାମର ଜଣେ ଯୁବକକୁ ସେ ବିବାହ କରିଥିଲେ । ଖବର ପାଇ ଘଟଣାସ୍ଥଳରେ ଟିକିରି ପୋଲିସ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ କାଶିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ବ୍ୟବଚ୍ଛେଦ ପରେ ପରିବା ଲୋକଙ୍କୁ ପ୍ରଦାନ କରିଥିବା ଟିକିର ପୋଲିସ ପକ୍ଷରୁ ସୂଚନା ମିଳିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ଏହା ହତ୍ୟା ନା ଆତ୍ମହତ୍ୟା ଜଣା ପଡିବ। ଏନେଇ ଟିକିରି ଥାନାରେ ୧୦/୨୫ ଏକ କେଶରୁଜୁ କରି ତଦନ୍ତ ଚାଲିଥିବା ଟିକିରି ଥାନା ଆଇଆଇସି ବିଶ୍ୱ ବନ୍ଦିନୀ ବାଗ ସୂଚନା ଦେଇଛନ୍ତି।

# ରାଜ୍ୟସ୍ତରୀୟ 'ସୁରଭି' ରେ ଭାଗ ନେବେ ୪ ଛାତ୍ରଛାତ୍ରୀ



ବୈପାରିଗୁଡ଼ା, ୭।୧୧(ସମିସ): ରାଜ୍ୟସ୍ତରୀୟ 'ସୁରଭି'ରେ ଅଂଶଗ୍ରହଣ କରିବେ ବୈପାରୀଗୁଡ ବ୍ଲକର ୪ ଜଣ ଛାତ୍ରଛାତ୍ରୀ। ଆସନ୍ତା ନଭେମ୍ବର ୧୪ ତାରିଖ ଦିନ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି ପାଳନ ଉପଲକ୍ଷେ ଭୁବନେଶ୍ୱର ଠାରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକର କରିଥିବା ଛାତ୍ରଛାତ୍ରୀ ଭାଗ ନେବେ ନିୟମ ଥିବା ବେଳେ ବୈପାରୀଗୁଡା ବ୍ଲକର ଚାରି ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିବେ। ସୂଚନା ଥାଉକି, ଗତକାଲି କୋରାପୁଟ ଠାରେ ଅନୁଷ୍ଠିତ ହୋଇଥିବା ଜିଲ୍ଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ବୈପାରିଗୁଡା ବ୍ଲକର ମୋଟ ୩୫ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ୧୩ଜଣ ମଧ୍ୟରୁ ପ୍ରଥମ ସ୍ଥାନରେ ଚାରି ଜଣ, ଦ୍ୱିତୀୟ ସ୍ଥାନରେ ପାଞ୍ଚ ଜଣ, ଓ ତୃତୀୟ ସ୍ଥାନ ଚାରି ଜଣ ପୁରସ୍କୃତ ହୋଇଛନ୍ତି। ପ୍ରଥମ ସ୍ଥାନ ଅଧିକାର କରିଥିବା ଚାରି ଜଣହେଲେ ଜୁରିଆଗୁଡା ସେବାଶ୍ରମର ପଞ୍ଚମ ଶ୍ରେଣୀର ଛାତ୍ରୀ ରୀତା ସାନ୍ତା କନିଷ୍ଠ ବିଭାଗର ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଥମ, ସିନିୟର୍ ଏମଡିଏମ ଆର୍ଟ ପ୍ରତିଯୋଗିତରେ ଟିକିମା ହାଇସ୍କୁଲର ୧୦ମ ଶ୍ରେଣୀର ଛାତ୍ର ସମୀର ସଗରିଆ, ଜୁନିୟର ଏମଡିଏମ ଆର୍ଟରେ ଆର୍. ଭାଲୁଗୁଡା ଏନୟୁପିଏସ ସ୍କୁଲର ଅଷ୍ଟମ ଶ୍ରେଣୀର ଛାତ୍ର କିଶୋର କୁମାର ନାୟକ ଏବଂ ସୁପର୍ ସିନିୟର୍ ବକ୍ତୃତା ପ୍ରତିଯୋଗୀତାରେ ସହିଦ୍ ଲକ୍ଷ୍ମଣ ନାୟକ ଯୁକ୍ତ ଦୁଇ କେଲଜର ଦ୍ୱିତୀୟ ବର୍ଷର ଛାତ୍ରୀ ଗୌରୀ ବାରିକ । ଏହି ଚାରି ଜଣ ବୈପାରୀଗୁଡା ବ୍ଲକ ତରଫରୁ ଭୁବନେଶ୍ୱର ଠାରେ ରାଜ୍ୟସ୍ତରୀୟ ସୁରଭି ତଥା ଶିଶୁ ଦିବସ ପାଳନ ଅବସରରେ ଆୟୋଜିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । ଶିକ୍ଷକ ସୌମ୍ୟରଞ୍ଜନ ପ୍ରଧାନ, ଏନ୍. ବିଜୟ କୁମାର, କୁଳମଣି ଜେନା ଏବଂ ସୌମ୍ୟ ଛତର ଛାତ୍ରଛାତ୍ରୀଙ୍କ ଗାଇଡ୍ ଟିଚର ଭାବେ ଦାୟିତ୍ୱ ତୁଲାଉଥିବା ସୂଚନା ରହିଛି।

# ୩୦ ଖଣ୍ଡ ଗ୍ରାମବାସୀଙ୍କ ଗ୍ରୀନ୍ ପ୍ଲାଏଉଡ୍ କମ୍ପାନୀକୁ ସ୍ୱାଗତ



କୋରାପୁଟ, ୭।୧୧(ସମିସ): ସେମିଳିଗୁଡା ନିକଟ କାଡାମଗୁଡ଼ାରେ ହେବାକୁ ଥିବା ଗ୍ରୀନ ପ୍ଲାୟଉଡ କମ୍ପାନୀକୁ ସ୍ୱାଗତ କରି ସେମିଳିଗୁଡା ବ୍ଲକ ଅନ୍ତର୍ଗତ ଦଳେଇଗୁଡ଼ା ଏବଂ ପାକଝୋଲା ପଞ୍ଚାୟତର ୩୦ ଖଣ୍ଡ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସ୍ଥାନୀୟ ଅଞ୍ଚଳର ବିକାଶ ସହ ସ୍ଥାନୀୟ ଶିକ୍ଷିତ ଯୁବକ ଯୁବତୀ ମାନଙ୍କୁ ନିଯୁକ୍ତି ପାଇଁ ଗ୍ରାମବାସୀ ଦାବି କରିବା ସହ ୨ଟି ପଞ୍ଚାୟତର ୧୨ ଜଣଙ୍କୁ ନେଇ ଏକ କମିଟି ଗଠନ କରିଥିବା ବିଷୟ ଜିଲ୍ଲାପାଳଙ୍କୁ ଅବଗତ କରାଇଛନ୍ତି। ଦଳେଇଗୁଡ଼ା ପଞ୍ଚାୟତର ସୁରେଶ ପୂଜାରୀ, ଭୀମ ଖିଲ, ଗଙ୍ଗା ଖିଲ, ରଙ୍ଗା ରାଓ ଜାନି, ରଘୁନାଥ ନାୟକ ଅର୍ଜୁନ କିର୍ଷାନି ଓ ପାକଝୋଲା ପଞ୍ଚାୟତର କିଶୋର କୁଣ୍ଡୁରିଆ, ଗୁରୁନାଥ ଦେଉଳପାଡ଼ିଆ, ଲବ ଶ୍ରିହରିଆ, ସୁବ୍ରତ ପାଢ଼ୀ, ଆକାଶ ମାଝି, ଭକ୍ତରାମ ଜାନି କମିଟି ସଦସ୍ୟ ଥିବାବେଳେ ସ୍ଥାନୀୟ ବିଧାୟକ ତଥା କଂଗ୍ରେସ ବିଧାୟକ ଦଳ ନେତା ରାମ ଚନ୍ଦ୍ର କାଡ଼ାମ, ପୁର୍ବତନ ବିଧାୟକ ପିତମ୍ ପାଢ଼ୀ, ବ୍ଲକ ଅଧକ୍ଷା ଲିଲି ଆଣ୍ଟବିଡ଼ିଆ, ଉପାଧକ୍ଷ ଶିବା ବାଙ୍ଗାରି, ପାକଝୋଲା ସରପଞ୍ଚ ପଦ୍ମିନୀ ଆଇତିଆ, ଦାଲେଇଗୁଡ଼ା ସରପଞ୍ଚ ମହାଲକ୍ଷ୍ମୀ ଜାନି ପ୍ରମୁଖ କମିଟିର ଉପଦେଷ୍ଟା ଭାବେ ମନୋନୀତ ହୋଇଛନ୍ତି। ଗତମାସ ୨୨ ତାରିଖରେ ଦୁଇଟି ପଞ୍ଚାୟତ ଅଧୀନ ୩୦ ଖଣ୍ଡ ଗ୍ରାମର ଲୋକେ ଏକତ୍ରିତ ହୋଇ ଏହି କମିଟି ଗଠନ କରିଛନ୍ତି । ତେଣୁ ଜିଲ୍ଲା ପ୍ରଶାସନ ଓ କମ୍ପାନୀ କର୍ତ୍ତୃପକ୍ଷ ଏହି କମିଟିର ପରାମର୍ଶ ନେଇ କାର୍ଯ୍ୟ କରିବାକୁ ଅନୁରୋଧ କରିଛନ୍ତି। କମିଟି ପକ୍ଷରୁ କମ୍ପାନୀକୁ ସମସ୍ତ ସହଯୋଗ ଦିଆଯିବ ବୋଲି ଜଣାଇଛନ୍ତି। ପୂର୍ବତନ ବିଧାୟକ ପିତମ ପାଢୀ, ବ୍ଲକ ଉପାଧକ୍ଷ ଶିବା ବାଙ୍ଗାରୀଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

# ଉମରକୋଟ ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ



**ଉମରକୋଟ, ୭।୧୧(ସମିସ):** ବହୁ ପ୍ରତୀକ୍ଷିତ ଉମରକୋଟ ପ୍ରିମିୟର ଲିଗ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଅଷ୍ଟମ ସଂସ୍କରଣ ଉପଲକ୍ଷେ ଶୁକ୍ରବାର ପ୍ରଥମ ଦିନରେ ୪ ଟିମକୁ ନେଇ ଦୁଇଟି ମ୍ୟାଚ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଇଘର ବ୍ଲକ ଅଧକ୍ଷ ଗୁପ୍ତ ପ୍ରସାଦ ଝାଙ୍କର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ମନ୍ତ୍ରୀ ପ୍ରତିନିଧି ଅଶୋକ ପାଢ଼ୀ, କାଉନ୍‌ସିଲର ସାଇ ନାରାୟଣ ପାଢ଼ୀ, ସରୋଜିନୀ ଶବର, ଉପଖଣ୍ଡ ଅଧିକାରୀ ଶୁଭେନ୍ଦୁ ଶବର, ଥାନା ଅଧିକାରୀ ରମାକାନ୍ତ ସାଏ, ଏସଆଇ ଅକ୍ଷୟ ମିଶ୍ର, ସୌମେନ୍ଦ୍ର ସେଠ, ସଲିମ ରାଠୋର ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମ ମ୍ୟାଚରେ ଛତିଶଗଡର ଷ୍ଟାର ଇଲେଭେନ ଓ ଛତିଶଗଡ ଦନ୍ତେୱାଡା ଇଲେଭେନ ମଧ୍ୟରେ ୧୨ ଓଭର ଲେଖାଏଁ ଖେଳ ହୋଇଥିଲା। ଟସ୍ ଜିତି ପ୍ରଥମେ ଷ୍ଟାର ଇଲେଭେନ ନିର୍ଦ୍ଧାରିତ ୧୨ ଓଭରରେ ୧୦ ଉଇକେଟ ହରାଇ ୯୬ ରନ କରିଥିଲେ । ଏହି ଲକ୍ଷ୍ୟକୁ ନେଇ ଦନ୍ତେୱାଡା ଟିମ ୯୬ ରନ କରିଥିଲେ। ଫଳରେ ମ୍ୟାଚ ଡ୍ର ହୋଇଥିଲା ଏବଂ ଦୁଇଟି ଟିମ ମଧ୍ୟରେ ସୁପର ଓଭର ଖେଳ ହୋଇଥିଲା। ସୁପର ଓଭରରେ ଦନ୍ତେୱାଡା ଟିମ ବିଜୟ ଲାଭ କରିଥଲା। ଦ୍ୱିତୀୟ ମ୍ୟାଚଟି ଛତିଶଗଡ଼ ରାଜ୍ୟର କୋଣ୍ଡାଗାଁ ଟିମ ସହ ପ୍ରଥମ ମ୍ୟାଚର ବିଜେତା ଦନ୍ତେୱାଡା ଟିମ ସହ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ଦନ୍ତେୱାଡା ଟିମ ପ୍ରଥମେ ବ୍ୟାଟିଙ୍ଗ କରି ନିର୍ଦ୍ଧାରିତ ୧୨ ଓଭରରେ ୧୩୨ ରନ କରିଥିଲା। ଏହି ଲକ୍ଷକୁ ପିଛା କରି କୋଣ୍ଡାଗାଁ ଟିମ ୯ ଉଇକେଟ ହରାଇ ୧୩୩ ରନ କରିଥିଲା। ତେଣୁ ଦ୍ୱିତୀୟ ମ୍ୟାଚଟିକୁ କୋଣ୍ଡାଗାଁ ଟିମ ୧ ଉଇକେଟରେ ବିଜୟ ଲାଭ କରିଥିଲା। ଅନ୍ୟପଟେ କ୍ରିକେଟ ପ୍ରେମୀଙ୍କ ମନୋରଞ୍ଜନ ପାଇଁ ୟୁଟ୍ୟୁବରେ ସିଧା ପ୍ରସାରଣ କରାଯାଉଛି। ଖେଳାଳିଙ୍କ ମନୋବଳ ଦୃଢ କରିବାକୁ ଭୁବନେଶ୍ୱରରୁ ଚିୟର ଗାର୍ଲ ମାନେ ମଧ୍ୟ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ୟୁପିଏଲ ଟିମ ର ସଭାପତି ସୁଧାଂଶୁ ଦାସ, ଉପସଭାପତି ଚନ୍ଦନ ବେହେରା, ତପନ ପାତ୍ର, ଅଭିଳାଷ ପଟନାୟକ, ପ୍ରିୟବ୍ରତ ଦାସ, ଆଦିତ୍ୟ ଦାସ, ବାଣ୍ଟୁ ନାୟକ, ଭିକି ବାଘ, ଏମଟି ଟୋନି, ଆଦିତ୍ୟ ମୁଦୁଲି, କାବୁଲ ସାନ୍ତା, ନସୋନ ଖରାଙ୍କ ସହ ଅନେକ ଖେଳପ୍ରେମୀ ଯୁବ ଗୋଷ୍ଠୀ ସହଯୋଗ କରିଥିଲେ। ମୁମ୍ବାଇର ଅନୁରାଗ ଠାକୁର ମାଇକ୍ ଯୋଗେ ଖେଳର ସମସ୍ତ ଖବର ଦର୍ଶକଙ୍କ ନିକଟକୁ ପହଞ୍ଚାଇବାରେ ସହଯୋଗ କରିଥିଲେ। ଆଜିର ମ୍ୟାଚରେ ବବଲୁ ଭାଇ ଓ ଅଭିଜିତ ବଳ ଆମ୍ପାୟାରିଂ କରିଥିଲେ।

# ୮ ସରପଞ୍ଚ ଓ ଚାଷୀଙ୍କ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ



**ମାଲକାନଗିରି, ୭।୧୧(ସମିସ):** ମାଲକାନଗିରି ଜିଲ୍ଲା ସଦର ବ୍ଲକ ମାଦାପାଲୀ, ଶିଖପାଲ୍ଲୀ, ବଦଲି, ଗୋରାଖୁଂଟା, ତଣ୍ଡାପାଲୀ, ମାଟାପାକା, ଚଲାଣଗୁଡା, ତଣ୍ଡିକି ଗ୍ରାମପପଞ୍ଚାୟତର ସରପଞ୍ଚ ଓ ଚାଷୀ ଆଜି ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ଏହି ପଞ୍ଚାୟତ ମାନଙ୍କରେ ମଣ୍ଡି ସମୟରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଗୁଡିକୁ ଧାନ କ୍ରୟ କରିବା ନିମନ୍ତେ ଏଜେଣ୍ଟ ଗୁଡିକୁ ନିୟୋଜିତ କରା ନ ଯାଉ। କାରଣ ସ୍ୱୟଂ ସହାୟକ ଗୋଷ୍ଠି ମାନଙ୍କରେ ପରିଚାଳନା କରୁଥିବା ମହିଳା ମାନଙ୍କ ସ୍ୱାମୀ ଓ ତାଙ୍କ ସମ୍ପର୍କୀୟ ମାନେ ଧାନମଣ୍ଡି ପରିଚାଳନା କରୁଥିବା ବେଳେ ଉକ୍ତ ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠି ହୋଇଥିବା ବେଳେ ସେହି ଗ୍ରାମର ଚାଷୀ ମାନେ ସେହି ସ୍ୱୟଂ ସହାୟକ ଗୋଷ୍ଠୀକୁ ନିଜର ଧାନ ବିକ୍ରି କରୁଥିବା ବେଳେ ସ୍ୱୟଂ ସହାୟକ ଗୋଷ୍ଠି ବୃନ୍ଦ ଏହାର ଫାଇଦା ନେଇ ଗରିବ ଚାଷୀ ମାନଙ୍କୁ ଠକୁଥିବା ପରିଲକ୍ଷିତ ହୋଇଛି। ସେହିପରି ଚାଷୀ ମାନଙ୍କଠାରୁ ପଞ୍ଜୀକରଣ ନିମନ୍ତେ ଲାଞ୍ଚ ଆଦାୟ କରିବା, ଧାନ ସଂଗ୍ରହ ସମୟରେ ଦୁଇରୁ ତିନିଜଣ ରହୁଥିବା ବେଳେ ଏହି ପ୍ରକ୍ରିୟାରେ ୧୦ ରୁ ୧୫ ଜଣ ରହି ଧାନ ସଂଗ୍ରହ କରୁଛନ୍ତି। ଫଳରେ ଧାନ ସଂଗ୍ରହରେ ଜାଲିଆତି ହେଉଥିବା ଦେଖାଦେଉଛି। ତେଣୁ ଗରିବ ଚାଷୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଧାମମଣ୍ଡି ପରିଚାଳନା ଦାୟିତ୍ୱ ଲାମ୍ପସ୍‌କୁ ପ୍ରଦାନ କରାଗଲେ ମଣ୍ଡି ସୁରୁଖୁରୁରେ ପରିଚାଳନା ହେବ ବୋଲି ଉଲ୍ଲେଖ ରହିଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଆଠଟି ଗ୍ରାମପଞ୍ଚାୟତର ସରପଞ୍ଚ ଓ ଚାଷୀ ବୃନ୍ଦ ଉପସ୍ଥିତ ଥିଲେ।

### ଉତ୍ତରାଖଣ୍ଡରେ ଜେକେପୁରର ଯୁବତୀଙ୍କୁ ହତ୍ୟା ଘଟଣା

# ଦୋଷୀକୁ କଠୋର ଦଣ୍ଡବିଧାନ ଦାବି କଲେ ସାହିବାସିନ୍ଦା



ରାୟଗଡ଼ା/ଜେକେପୁର, ୭।୧୧(ସମିସ): ଉତ୍ତରାଖଣ୍ଡରେ ହତ୍ୟାର ଶୀକାର ହୋଇଥିବା ରାୟଗଡ଼ା ଜିଲ୍ଲା ଚାନ୍ଦିଲି ଥାନା ଅନ୍ତର୍ଗତ ଜେକେପୁରର ସାନଚାନ୍ଦିଲି ବାଲାଜୀ ସାହିର ରବି ଓ ମୀନା ଶର୍ମାଙ୍କ ୨୩ବର୍ଷୀୟା ଝିଅ ସୃଷ୍ଟି ଶର୍ମାଙ୍କ ହତ୍ୟାକାରୀଙ୍କୁ ମୃତ୍ୟୁଦଣ୍ଡ ଦିଆଯାଉ ବୋଲି ସାହି ବାସିନ୍ଦା ଦାବି କରିଛନ୍ତି। ବର୍ତ୍ତମାନ ମୃତା ସୃଷ୍ଟିଙ୍କ ସପରିବାର ଲାଲପୁରକୁ ଯାଇଥିବା ଜଣାପଡିଛି । ଦୀର୍ଘ ୨୫ବର୍ଷରୁ ଅଧିକ ସମୟ ଧରି ଜେକେପୁର ବାଲାଜି ସାହିରେ ରହି ଆସୁଥିବା ରବି ଓ ମୀନା ଶର୍ମାଙ୍କ ଦୁଇଟି ଝିଅଙ୍କ ମଧ୍ୟରେ ସୃଷ୍ଟି ବଡ଼ ଝିଅ ଥିଲେ। ବାପା ରବି ଶର୍ମା ଜେକେପୁର ଠାରେ ଏକ ଦୋକାନ କରି ନିଜ ପରିବାର ଭରଣପୋଷଣ କରି ଆସୁଛନ୍ତି। ପାଠ ପଢିସାରିବା ପରେ ପରିବାର ପାଇଁ କିଛି କରିବାର ଆଶା ଓ ସ୍ୱପ୍ନ ନେଇ ଗତ ୬ମାସ ତଳେ ସୁଦୂର ଉତ୍ତରାଖଣ୍ଡର ଲାଲପୁରା ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାରେ ତାଙ୍କର ଇଂଟର୍ନସିପ ଟ୍ରେନିଂ କରିବାକୁ ଯାଇଥିଲେ। ସେଠାରେ ଲାଲପୁରର ଭାରତୀୟମ ଇଣ୍ଟରନ୍ୟାସନାଲ ସ୍କୁଲ ପଛରେ କାମେଶ୍ୱର ସିଂ ନାମକ ଜଣେ ବ୍ୟକ୍ତିଙ୍କ ଘରର ଏକ କଠୋରୀରେ ସେ ଭଡ଼ା ନେଇ ରହୁଥିଲେ। ଗତ ୨୦ଦିନ ତଳେ ସୃଷ୍ଟିଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ନ ଥିବାରୁ ସେ ଜେକେପୁର ନିଜ ଘରକୁ ଫେରିଆସିଥିଲେ। ଘରେ ଛଟ୍ ପୂଜା ଅବସରରେ ସେ ପରିବାରଙ୍କ ସହ ମିଶି ଖୁସିରେ ଦିନ କାଟିଥିବା ବେଳେ ଗତ ଶନିବାର ଦିନ ସେ ପୁଣି ଲାଲପୁର ଉତ୍ତରାଖଣ୍ଡକୁ ଫେରି ଯାଇଥିଲେ। ଗତ ମଙ୍ଗଳବାର ଅପରାହ୍ନରୁ ସୃଷ୍ଟିଙ୍କ ଫୋନ୍ ବନ୍ଦ ଥିବା ବେଳେ ତାଙ୍କ ପରିବାର ଯୋଗାଯୋଗ ପାଇଁ ଯେତେ ଚେଷ୍ଟା କରିଥିଲେ ବି ସୃଷ୍ଟିଙ୍କ ସହ ଯୋଗାଯୋଗ ହୋଇପାରି ନ ଥିଲା। ପରେ ପରିବାର ଲୋକେ ଲାଲପୁରରେ ପହଞ୍ଚି ଲାଲପୁର ଥାନାରେ ସୃଷ୍ଟିଙ୍କ ନିଖୋଜ ବିଷୟରେ ରିପୋର୍ଟ କରିଥିଲେ। ପୋଲିସ ତଦନ୍ତ ବେଳେ ଘର ମାଲିକଙ୍କ ପୁଅ ଅମିତ କୁମାରଙ୍କୁ ସନ୍ଦେହ କରି ଅଧିକ ପଚରାଉଚୁରା କରିଥିବା ବେଳେ ସୃଷ୍ଟିକୁ ହତ୍ୟା କରିଥିବା ନେଇ ସେ ସ୍ୱୀକାର କରିଥିଲେ। ସୃଷ୍ଟିକୁ ହତ୍ୟା ପରେ ଏକ ଚାଦରରେ ଗୁଡାଇ ଇଟା ଏବଂ ପଥର ବାନ୍ଧି ଲାଲପୁର ମନ୍ଦିର ପଛପଟେ ଶ୍ରୀପରୁ-ମହରାଜପୁର ରାସ୍ତା ନିକଟରେ ବାଡୋର ନଦୀରେ ଫିଙ୍ଗି ଦେଇଥିବା କହିବା ପରେ ପୁଲିସ ଛାନବିନ କରି ମୃତଦେହକୁ ଉଦ୍ଧାର କରିଥିଲେ। ସୁଦୁର ଉତ୍ତରାଖଣ୍ଡକୁ ଟ୍ରେନିଂ ପାଇଁ ଯାଇଥିବା ସୃଷ୍ଟିକୁ ବିଭତ୍ସ ହତ୍ୟା ଘଟଣାକୁ ଜେକେପୁର ବାଲାଜି ସାହି ବାସିନ୍ଦାମାନେ ଘୋର ନିନ୍ଦା କରିବା ସହ ପରିବାକୁ ନ୍ୟାୟ ପ୍ରଦାନ କରାଯାଉ ବୋଲି ଓଡ଼ିଶା ସରକାରଙ୍କୁ ଅନୁରୋଧ କରିଛନ୍ତି।

# ନାଲ୍‌କୋରେ ସତର୍କତା ସଚେତନତା ସପ୍ତାହ



ଦାମନଯୋଡି, ୭।୧୧ (ସମିସ): ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ ପ୍ରକଳ୍ପ ଦାମନଯୋଡିରେ ସତର୍କତା ସଚେତନତା ସପ୍ତାହ ପାଳନ କରାଯାଇଛି। ଅଗଷ୍ଟ ୧୮ ତାରିଖରୁ ସଚେତନତା କାର୍ଯ୍ୟକ୍ରମ କୋରାପୁଟ ଜିଲ୍ଲାର ବିଭିନ୍ନ ଅନୁଷ୍ଠାନ, ବିଭିନ୍ନ ବର୍ଗର ଲୋକମାନଙ୍କୁ ନେଇ ପାଳନ କରାଯାଇଥିଲା। ଶିକ୍ଷାନୁଷ୍ଠାନ ଦିଲ୍ଲୀ ପବ୍ଲିକ ସ୍କୁଲ, ସରସ୍ୱତୀ ବିଦ୍ୟାମନ୍ଦିର, ଶିଶୁ ମନ୍ଦିର, ମାଲୁସାଉନ୍ତା ମାଧ୍ୟମିକ ବିଦ୍ୟାଳୟ, କୋରାପୁଟ ସରକାରୀ ଡିଏଭି କଲେଜ, ଆଲୁମିନା ବାଳିକା ଉଚ୍ଚ ବିଦ୍ୟାଳୟମାନଙ୍କରେ ଚଳିତ ବର୍ଷର ବିଷୟ ବସ୍ତୁ "ସତର୍କତା ଆମର ସାମୂହିକ ଦାୟୀତ୍ୱ' ଉପରେ ଡିବେଟ୍, ଚିତ୍ରାଙ୍କନ ପ୍ରତିଯୋଗିତା, ମାଇନ୍ସ କର୍ମଚାରୀଙ୍କ ମଧ୍ୟରେ ସ୍ଲୋଗାନ, ପୋଷ୍ଟର, ଏଲଆଣ୍ଡଡି ସେଣ୍ଟର, ଗୃହିଣୀମାନଙ୍କ ମଧ୍ୟରେ ,ସେମିଳିଗୁଡା ଗ୍ରାମସଭା ମିଶନ ଶକ୍ତି ମଧ୍ୟରେ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା। ଦୀର୍ଘ ଦିନଧରି ଚାଲିଥିବା ସତର୍କତା କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହ ନଭେମ୍ବର ୭ ତାରିଖ ଦିନ ନାଲକୋ ଅଡିଟୋରିୟମରେ ଅନୁଷ୍ଠିତ ହୋଇଥିଲା। କୋରାପୁଟ ଜିଲ୍ଲାର ଆରକ୍ଷୀ ଅଧିକ୍ଷକ ରୋହିତ ବର୍ମା ମୁଖ୍ୟବକ୍ତା ,ଖଣି ଓ ପରିଶୋଧନ ପ୍ରକଳ୍ପର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ନିରଞ୍ଜନ ସାମଲ ମୁଖ୍ୟ ଅତିଥି, ପ୍ରକଳ୍ପର କାୟରୟ ନିର୍ବାହୀ ନିର୍ଦ୍ଦେଶକ ଭିଏସଏସ ଆନନ୍ଦ ସମ୍ମାନିତ ଅତିଥି ରୂପେ ଯୋଗଦାନ କରିଥିଲେ। ସମସ୍ତ ବିଭାଗର ମୁଖ୍ୟ ମହାପ୍ରବନ୍ଧକଗଣ, ସିଆଇଏସଏଫ, ଶ୍ରମିକ ସଂଗଠନର କର୍ମକର୍ତ୍ତା , ଆଦର୍ଶ ଥାନାର ଆଇଆଇସି ଓ କର୍ମଚାରୀ, ପ୍ରକଳ୍ପର ଶତାଧିକ ସମବେତ ଥିଲେ। ଭିଜିଲାନ୍ସ ଏଜିଏମ ଅଚ୍ୟୁତାନନ୍ଦ ବେହେରା ପ୍ରାରମ୍ଭିକ ସମ୍ଭାଷଣ ପ୍ରଦାନ କରିଥିଲେ। ଏଜିଏମ ଶିଭେଶ ତିୱାରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଆସ୍ଥା ସିଂହ ସଂଯୋଜନା କରିଥିଲେ। ପୁରସ୍କାର ବିତରଣ ପରେ ଏଜିଏମ ଶିବ କୁମାର ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ।

TPCODL
TP CENTRAL ODISHA
DISTRIBUTION LIMITED
(A Joint Venture of Tata Power and Government of Odisha)

**TP CENTRAL ODISHA DISTRIBUTION LIMITED**
A Joint Venture of Tata Power and Govt. of Odisha,
1st Floor, Anuj Building, Plot No.29, Satya Nagar,
Bhubaneswar, Odisha - 751007

**NOTICE INVITING TENDER:** NIT No: TPCODL/2025-26/NIT/11


Bids are invited from eligible bidders for the following tenders:

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL/P&S/2025-26/1000006886 | Rate Contract for Supply of Printing Stationary for 2 Years |
| 2 | TPCODL/CCG/2025-26/1000006925 | PO for supply of MS Windows Licenses |
| 3 | TPCODL/CCG/2025-26/1000006981 | RC for SITC of DC Routers under TPSODL & TPNODL |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website **https://www.tpcentralodisha.com**. All tenders will be available on TPCODL website. Future communication / corrigendum to tender documents, if any, shall be available on TPCODL website. IT is suggested to track aforesaid website for said NIT details

ସକାଳ
THE SAKALA

# ସମ୍ପାଦକୀୟ



ଜୀବନ ଅତି ସରଳ, ଆମେ ହିଁ ତା'କୁ ଜଟିଳ କରୁଛେ।
-କନ୍ଫୁସିୟସ୍

## ଆରମ୍ଭରୁ ବିଲକ୍ଷଣ

ଉତ୍କଳୀୟ ନୌବାଣିଜ୍ୟର ଐତିହ୍ୟ, ପରମ୍ପରା ଓ ସଂସ୍କୃତିର ପ୍ରତୀକାତ୍ମକ ନିଦର୍ଶନ କଟକ ବାଲିଯାତ୍ରା ପ୍ରତିବର୍ଷ ନୂଆ ରୂପ ଓ ରଙ୍ଗରେ ସଂପ୍ରସାରିତ ହୋଇ ଚାଲିଛି। ତେଣୁ କିଛି ନା କିଛି ସମସ୍ୟା ଉପୁଜିବ ଏବଂ ପରବର୍ତ୍ତୀ ବର୍ଷ ତାହାକୁ ସଂଶୋଧନ କରାଯିବ। କିନ୍ତୁ ଏହା ଅର୍ଥ ନୁହେଁ ଯେ ବ୍ୟବସ୍ଥାରେ ସଂକୋଚନ କରି ତାହାର ଗରିମାକୁ କ୍ଷୁଣ୍ଣ କରାଯିବ। ସହରବାସୀ, ଲୋକ ପ୍ରତିନିଧିଙ୍କ ଅନୁରୋଧ ଓ ଅଦାଲତୀୟ ହସ୍ତକ୍ଷେପ ସତ୍ତ୍ୱେ ଏଥର ଉପର ପଡ଼ିଆରେ ଆୟୋଜନକୁ ସଂକୋଚନ କରାଯାଇଛି। ରାଜନୀତିର ରଙ୍ଗ ପରିବର୍ତ୍ତନରେ ମୁଖ୍ୟତୋରଣ ତା'ର ପାରମ୍ପରିକ ଆକର୍ଷଣ ଓ ଚମକ୍ ହରାଇଥିବା ଅଭିଯୋଗ ସହିତ ଜନତାଙ୍କ ମଧ୍ୟରେ ଚାପା ଅସନ୍ତୋଷ ସୃଷ୍ଟି ହୋଇଛି।

ଅଲିଖିତ ପରମ୍ପରା ଓ ବ୍ୟବସ୍ଥା ଅନୁଯାୟୀ ବାଲିଯାତ୍ରା ଆୟୋଜନରେ ସିଏମ୍‌ସି, ସିଡିଏ ଓ ଜିଲ୍ଲା ପ୍ରଶାସନର ମିଳିତ ଭୂମିକା ରହିଆସିଛି। କିନ୍ତୁ ଏଥର ଉଦ୍‌ଘାଟନ ଉତ୍ସବରେ କଟକ ମହାନଗର ନିଗମର ଭୂମିକାକୁ ଉଦ୍ଦେଶ୍ୟମୂଳକ ଭାବେ ଗୌଣ କରାଯାଇଛି। ମେୟର ଅନୁପସ୍ଥିତ ରହିଥିବା ବେଳେ ସିଏମସି ଓ ସିଡିଏ ଉଭୟଙ୍କୁ ପ୍ରତିନିଧିତ୍ୱ କରୁଥିବା କମିସନର ନିରବରେ ମଞ୍ଚ ତଳେ ବସି ରହିଥିବା ଦେଖାଯାଇଛି। ଜିଲ୍ଲା ପ୍ରଶାସନ ହିଁ ରାଜ୍ୟ ଉନ୍ନୟନ କମିଶନରଙ୍କ ନିର୍ଦ୍ଦେଶରେ ସବୁକିଛି କରୁଛି। ବାଲିଯାତ୍ରାର ଉଦ୍‌ଘାଟନ ଉତ୍ସବରେ ମେୟରଙ୍କ ଅନୁପସ୍ଥିତିରୁ ବାରି ହୋଇପଡ଼ିଛି କେଉଁଠି ନା କେଉଁଠି ଅସଂଲଗ୍ନ କାର୍ଯ୍ୟଧାରା ନେଇ ଅସନ୍ତୋଷ ମୁଣ୍ଡ ଟେକୁଛି। ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ କ୍ଷମତା ପରିବର୍ତ୍ତନ ସ୍ୱାଭାବିକ। କିନ୍ତୁ ଏହାର ଅର୍ଥ ନୁହେଁ କଟକର ନଗରପାଳ ବା ମେୟର ବିରୋଧୀଦଳର ହୋଇଥିବାରୁ ଦାୟିତ୍ୱ ନିର୍ବାହରେ କଟକଣା ପ୍ରୟୋଗ କରାଯିବ। ଦୁଇ ଦଳ ମଧ୍ୟରେ ଥିବା ରାଜନୈତିକ ବିରୋଧାଭାସର ପ୍ରତିଫଳନ ବାଲିଯାତ୍ରା ଆୟୋଜନକୁ ପ୍ରଭାବିତ କରିବା ଉଚିତ୍ ହୋଇନାହିଁ। ପ୍ରତିବାଦର ସ୍ୱର କ୍ଷୀଣ ହେଲେ ମଧ୍ୟ ଏହାର ଗୁଞ୍ଜରଣ ସୁଦୂରପ୍ରସାରୀ ହେବା ଅସମ୍ଭବ ନୁହେଁ।

ଚଳିତ ବାଲିଯାତ୍ରା ଉତ୍ସବ ଆୟୋଜନରେ ଲୋକପ୍ରତିନିଧିଙ୍କ ପ୍ରାଧାନ୍ୟ ପରିବର୍ତ୍ତେ ବାବୁରାଜ୍‌ର ଇଙ୍ଗିତ ଓ ନିୟନ୍ତ୍ରଣରେ କାର୍ଯ୍ୟ ଚାଲିଛି। ଏକଥା ସତ ଯେ ବ୍ୟବସ୍ଥାଗତ ଶୃଙ୍ଖଳା ଦାୟିତ୍ୱରେ ସବୁକାଳେ ଅଧିକାରୀମାନେ ରହିଆସିଛନ୍ତି। କିନ୍ତୁ ଏହାର ଅର୍ଥ ନୁହେଁ ଲୋକ ପ୍ରତିନିଧିଙ୍କୁ ସଂପୂର୍ଣ୍ଣ ରୂପେ ଏଡ଼ାଇଯାଇ ପ୍ରଶାସନ ସବୁ ନିଷ୍ପତ୍ତି ଗ୍ରହଣ କରିବ। ମେୟର ଏହି ସହରର ପ୍ରଥମ ନାଗରିକ। ବାଲିଯାତ୍ରା ଭଳି ପାରମ୍ପରିକ ଉତ୍ସବରୁ ସେ କାହିଁକି ଓ କେଉଁ ପରିସ୍ଥିତିରେ ନିଜକୁ ନିବୃତ୍ତ କରାଇଲେ? ତାଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଅସମ୍ମାନିତ କରିବାର ଅପଚେଷ୍ଟା ହୋଇନାହିଁ ତ? ନିଜକୁ ନିନ୍ଦା ଓ ଅପବାଦରୁ ଦୂରେଇ ରଖିବା ପାଇଁ ସେ ଶ୍ରେୟ ମଣି ନାହାନ୍ତି ତ? ଏଭଳି ଅନେକ ପ୍ରଶ୍ନ ଉଠିଛି। ନୂଆପଡ଼ା ଉପନିର୍ବାଚନ ପ୍ରଚାରରେ ସେ ବ୍ୟସ୍ତ ଅଛନ୍ତି କହି ମେୟର ଲଘୁ ମନ୍ତବ୍ୟ ଦେବାର ଯଥାର୍ଥତା କେତେ ତାହା ସହରବାସୀ ନିଶ୍ଚୟ ଅନୁଭବ କରୁଥିବେ।

ସଂକୀର୍ଣ୍ଣ ରାଜନୀତି ପାଇଁ ପ୍ରଶାସନିକ ଅଧିକାରୀଙ୍କୁ ପ୍ରୟୋଗ ଓ ସେମାନଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରିବାର ଯେଉଁ ପ୍ରୟାସ ହୋଇଛି ତାହା ଆଗାମୀ ଦିନର ସହରବାସୀଙ୍କ ବୃହତ୍ତର ସ୍ୱାର୍ଥହାନି. ଘଟାଇବ। ଉଭୟ ନିନ୍ଦା ଓ ପ୍ରଶଂସା ପାଇଁ ଜିଲ୍ଲା ପ୍ରଶାସନ ହିଁ ହକ୍‌ଦାର। ମନେ ରଖିବାକୁ ହେବ ଯେ ପ୍ରଶଂସା ସାଉଁଟିବ କ୍ଷମତା ଏବଂ ନିନ୍ଦାର ନଡ଼ିଆ ଭାଙ୍ଗିବ ପ୍ରଶାସନ ମୁଣ୍ଡରେ। ●

## ଗୁମର ଖୋଲିବ କେବେ?

ଗତ ଜୁନ ମାସରୁ କେନ୍ଦ୍ର ସରକାର ଆସନ୍ତା ଖରିଫ ଓ ରବି ଋତୁରେ ଧାନ ସଂଗ୍ରହର ବର୍ଦ୍ଧିତ ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷଣା କରିଛନ୍ତି। ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ନଭେମ୍ବର ପହିଲାରୁ ଖରିଫ ଧାନ ସଂଗ୍ରହ ଆରମ୍ଭ ହେବା କଥା। ତାହାକୁ ଦୃଷ୍ଟିରେ ରଖି ସରକାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗକୁ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ସଂପର୍କରେ ଅବଗତ କରିଛନ୍ତି। ଧାନର ବର୍ଦ୍ଧିତ ସଂଗ୍ରହ ମୂଲ୍ୟ କ୍ୱିଣ୍ଟାଲ ପିଛା ୨,୩୦୦ରୁ ୨,୩୬୯ ଟଙ୍କାକୁ ବୃଦ୍ଧି ପାଇଛି। ଇଏ ହେଉଛି ସାଧାରଣ କିସମ ଧାନର ଦର। ଗ୍ରେଡ୍ ଏ କିସମ ଧାନର କ୍ୱିଣ୍ଟାଲ ପିଛାମୂଲ୍ୟ ୨,୩୮୯ ଟଙ୍କାକୁ ବୃଦ୍ଧି ପାଇଛି। ଏବର୍ଷର ଖରିଫ ଋତୁରେ ଅକ୍ଟୋବର ଶେଷ ପର୍ଯ୍ୟନ୍ତ ବାତ୍ୟା ସହ କ୍ରମାଗତ ବର୍ଷା ଲାଗି ରହିଥିବାରୁ ଧାନ ଅମଳ ସ୍ୱାଭାବିକ ଭାବେ ବିଳମ୍ବିତ ହେବ। ଯେତେଦୂର ସମ୍ଭବ ଡିସେମ୍ବର ପୂର୍ବରୁ ମଣ୍ଡି ଖୋଲିବା ସମ୍ଭବ ହେବ ନାହିଁ।

ଏ କ୍ଷେତ୍ରରେ ଆମ ରାଜ୍ୟ ପରିସ୍ଥିତି ସଂପୂର୍ଣ୍ଣ ଅଲଗା। କେନ୍ଦ୍ର ନିର୍ଦ୍ଧାରିତ କ୍ୱିଣ୍ଟାଲ୍ ପିଛା ମୂଲ୍ୟ ଉପରେ ସରକାର ୮୦୦ ଟଙ୍କା ବୋନସ ବା ଇନପୁଟ ସହାୟତା ଦେଉଛନ୍ତି। ଗତ ଖରିଫ ଓ ରବି ଋତୁରେ ସରକାର ଦୁଇ କିସମର ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଓ ୩୧୨୦ ଟଙ୍କାରେ ସଂଗ୍ରହ କରିଛନ୍ତି। କିନ୍ତୁ ଏବର୍ଷ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ପାଇଥିବାରୁ ସରକାର ଯଦି ୮୦୦ ଟଙ୍କା ବୋନସ ନିଷ୍ପତ୍ତିରେ ସ୍ଥିର ରହିବେ ତେବେ ସାଧାରଣ ଧାନ କ୍ୱିଣ୍ଟାଲ ପିଛା ମୂଲ୍ୟ ୩୧୬୯ ଟଙ୍କା ଓ ଏ ଗ୍ରେଡ ଧାନ ମୂଲ୍ୟ ୩୧୮୯ ଟଙ୍କା ଚାଷୀଙ୍କୁ ଦେବାକୁ ପଡ଼ିବ। କିନ୍ତୁ ସରକାର ଏନେଇ କୌଣସି ସ୍ୱଷ୍ଟ ନିଷ୍ପତ୍ତି ଗ୍ରହଣ କରିନାହାନ୍ତି। ଯେତେଦୂର ମନେ ହୁଏ ନୂଆପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଉପନିର୍ବାଚନ ପ୍ରକ୍ରିୟା ଜାରି ରହିଥିବାରୁ ଉଦ୍ଦେଶ୍ୟମୂଳକ ଭାବେ ଠୋସ ନିଷ୍ପତ୍ତି ଗ୍ରହଣକୁ ସରକାର ଏଡ଼ାଇ ଯାଇଛନ୍ତି। ସରକାର ଯଦି ଧାନର ବର୍ଦ୍ଧିତ ମୂଲ୍ୟ ସହ ୮୦୦ ଟଙ୍କା ବୋନସ ଦେବାର ଅଛି ତାହାକୁ ବିଧିବଦ୍ଧ ଭାବେ ଘୋଷଣା କରି ନିର୍ବାଚନ ଫାଇଦା ହାସଲ କରିପାରିଥା'ନ୍ତେ। ଏଥିରେ ମଧ୍ୟ ଆଦର୍ଶ ନିର୍ବାଚନ ଆଚରଣବିଧି ଉଲ୍ଲଙ୍ଘନ ହେବାର ଆଶଙ୍କା ଊଣା। କାରଣ ଏହା କେନ୍ଦ୍ର ସରକାରଙ୍କ ଜୁନ ମାସର ନିଷ୍ପତ୍ତି। ଯେତେଦୂର ମନେ ହୁଏ ସରକାର ଏ ସଂପର୍କରେ ବିଧିବଦ୍ଧ ବିଜ୍ଞପ୍ତି ଜାରି ନ କରି ଗଣମାଧ୍ୟମ ସହାୟତାରେ ନିଜର ପ୍ରଚାର କରିଛନ୍ତି। କିନ୍ତୁ ବିଶ୍ୱସ୍ତ ସୂତ୍ରରୁ ହସ୍ତଗତ ହୋଇଥିବା ତଥ୍ୟ କୁହେ ଯେ ରାଜ୍ୟ ସରକାର ଧାନର ବର୍ଦ୍ଧିତ ମୂଲ୍ୟ ସେହି ୮୦୦ ଟଙ୍କା ବୋନସ୍‌ରୁ କାଟି ଚାଷୀଙ୍କୁ ଦେବେ। କହିବାକୁ ଗଲେ ଦୁଇ କିସମ ଧାନର କ୍ୱିଣ୍ଟାଲ ପିଛା ମୂଲ୍ୟ ଅପରିବର୍ତ୍ତିତ ରହିବ।

ରାଜ୍ୟ ସରକାରଙ୍କ ପାଇଁ ବାଳକା ଚାଉଳ ଏବେ ବୋଝ ହୋଇ ରହିଛି। ଭାରତୀୟ ଖାଦ୍ୟ ନିଗମ ଚାଉଳ ଉଠାଇବାକୁ ଅରାଜି ହେଉଥିବାରୁ ଏବଂ ପର୍ଯ୍ୟାପ୍ତ ଭଣ୍ଡାରଣ ସୁବିଧା ନଥିବାରୁ ବଳକା ଚାଉଳ ସରକାର ନେବେ କୁଆଡ଼େ? ଏବେ ରାଜ୍ୟରେ ୧୩ ଲକ୍ଷ ଟନ୍ ଚାଉଳ ବଳକା ରହି ଥିବା ବେଳେ ପୂର୍ବବର୍ଷ ଭଳି ଏଥର ମଧ୍ୟ ସରକାରଙ୍କ ପାଇଁ ୯୩ ଲକ୍ଷ ଟନ ଧାନ ସଂଗ୍ରହ କରିବାର ବାଧ୍ୟବାଧକତା ରହିଛି। ଏହା ଉପରେ ପୁଣି ନିର୍ବାଚନୀ ପ୍ରତିଶ୍ରୁତି ଅନୁଯାୟୀ ଇନ୍‌ପୁଟ୍ ସହାୟତା ରାଜ୍ୟ ସରକାରଙ୍କ ପାଇଁ ବୋଝ ହୋଇଥିବ। ବୋଧହୁଏ ଏହି ଗୁମରକୁ ଲୁଚାଇବା ପାଇଁ କ୍ରୟମୂଲ୍ୟକୁ ଅସ୍ୱଷ୍ଟ ରଖାଯାଇଛି। ଗୁମର କେବେ ଖୋଲିବ ତାହାକୁ ଅପେକ୍ଷା! ●

# ଅର୍ଥନୈତିକ ବିକାଶ ଓ ସୁସ୍ଥ ଜୀବନକାଳ

**ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ**

ବିଗତ ବିଂଶ ଶତାବ୍ଦୀରେ ଘଟିଯାଇଛି ଦୁଇଟି ବିଶ୍ୱଯୁଦ୍ଧ। ବ୍ୟାପିଛି ଅନେକ ମହାମାରୀ। ଏହାସତ୍ତ୍ୱେ ମଣିଷର ପ୍ରତ୍ୟାଶିତ ଜୀବନକାଳ ବୃଦ୍ଧି ପାଇଛି ପୃଥିବୀର ସର୍ବତ୍ର। ଏହା ସମ୍ଭବ ହୋଇପାରିଛି ଜୀବନଯାପନ ପ୍ରଣାଳୀରେ ଉନ୍ନତି ଏବଂ ରୋଗ ନିବାରଣ, ରୋଗ ନିର୍ଣ୍ଣୟ ଓ ରୋଗ ଚିକିତ୍ସାରେ ଉନ୍ନତି ଯୋଗୁଁ। ଉପଲବ୍ଧ ହେଲା ବିଶୁଦ୍ଧ ଜଳ। ଉନ୍ନତ ହେଲା ପରିମଳ ବ୍ୟବସ୍ଥା। ଖାଦ୍ୟାଭାବ ଆଉ ଉତ୍କଟ ରୂପ ଧାରଣ କଲାନି। ବୃଦ୍ଧି ପାଇଲା ଶିକ୍ଷାର ପ୍ରସାର। ଜନସାଧାରଣଙ୍କ ଆୟ ବଢ଼ିଲା। ବୃତ୍ତିଗତ ଜୀବନ ହୋଇପାରିଲା ଅଧିକ ନିରାପଦ। ସମାଜରେ ମହିଳାମାନଙ୍କ ସ୍ଥିତିରେ ଉନ୍ନତି ସଂଘଟିତ ହେଲା। ବିଶେଷ କରି ଶିକ୍ଷାଗତ ଓ ଅର୍ଥନୈତିକ ବିକାଶ ହିଁ ସବୁ ସାମ୍ମୁଖ୍ୟରେ ପ୍ରଗତିକୁ ତ୍ୱରାନ୍ୱିତ କରିଦେଲା। ଏହା ମଧ୍ୟ ବିଜ୍ଞାନ ଓ ପ୍ରଯୁକ୍ତିର ବିକାଶରେ ତ୍ୱରକର ଭୂମିକା ନିର୍ବାହ କଲା।

ସେହି ଏକାସମୟରେ ଏସିଆ, ଆଫ୍ରିକା ଓ ଆମେରିକାର ଅଧିକାଂଶ ଅଧିବାସୀ ଔପନିବେଶିକ ଶାସନରୁ ମୁକ୍ତ ହୋଇ ଜୀବନରେ ପ୍ରଥମ ଥର ପାଇଁ ଚାଖିଲେ ସ୍ୱାଧୀନତାର ସ୍ୱାଦ। ସେମାନେ ସ୍ଥିର କଲେ ସେମାନଙ୍କ ପ୍ରଗତିର ଧାରା। ବହୁରୋଗ ନିବାରିତ ହୋଇଗଲା, ବହୁ ଜୀବନ ରକ୍ଷା ପାଇଗଲା। ଫଳରେ ବୃଦ୍ଧି ପାଇଚାଲିଲା ଆୟୁକାଳ। ମାତ୍ର ବହୁ ବ୍ୟାଧି ମଧ୍ୟ ଛାଡ଼ି ଦେଇଗଲା ତା'ର ପାଦଚିହ୍ନ। ତଥାକଥିତ ଆରୋଗ୍ୟ ବ୍ୟକ୍ତିଠାରେ ପରେ ପରିଲକ୍ଷିତ ହେଲା ଅସୁସ୍ଥତା ଜନିତ ଶାରୀରିକ ଅସାମର୍ଥ୍ୟ। ସେ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ ରହିପାରିଲାନି। ଅବନତି ଘଟିଲା ତା'ର ଜୀବନ ନିର୍ବାହର ମାନରେ। ଫଳରେ ସେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହୋଇ ବଞ୍ଚିବା ପାଇଁ ବାଧ୍ୟ ହେଲା। ଏହି ଦୀର୍ଘକାଳୀନ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ କରିଦେଲା ପରିବାରର ଆର୍ଥିକ ସ୍ଥିତିକୁ।

ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସଂଘଟିତ ହେଲା ଅସାଧାରଣ ପ୍ରଗତି। ହ୍ରାସ ପ୍ରାଇଲା ସଂକ୍ରାମକ ରୋଗଗୁଡ଼ିକର ହାର। କିନ୍ତୁ ଖାଦ୍ୟାଭାବ ଜନିତ ରୋଗ ଏବଂ ମାତୃ ଓ ଶିଶୁସ୍ୱାସ୍ଥ୍ୟରେ ସମାନୁପାତିକ ଉନ୍ନତି ପରିଲକ୍ଷିତ ହୋଇ ନପାରିବା କାରଣରୁ ଅସୁସ୍ଥତା, ଶାରୀରିକ ଅସାମର୍ଥ୍ୟ ଏବଂ ମୃତ୍ୟୁହାର ଆଶାନୁରୂପ ଭାବରେ ହ୍ରାସ ପାଇଲାନି। ବରଂ ରାଜୁତି ଚଳେଇବା ଆରମ୍ଭ କରିଦେଲା ହୃଦ୍‌ଘାତ, ମସ୍ତିଷ୍କାଘାତ, ମଧୁମେହ, ଦୀର୍ଘକାଳୀନ ଶ୍ୱାସତନ୍ତ୍ରୀ ରୋଗ, କର୍କଟ, ଯକୃତ ଓ ବୃକ୍କ ରୋଗ, ଆଣ୍ଠୁଗଣ୍ଠି ଯନ୍ତ୍ରଣା, ଚକ୍ଷୁ-ନାସା-କର୍ଣ୍ଣ ଆଦିର ରୋଗମାନ। ବିଂଶ ଶତାବ୍ଦୀର ଶେଷ ଆଡ଼କୁ ଉଭା ହେଲା ପୃଥୁଳତା ବା ଓବେସିଟି। ପୃଥିବୀର ବହୁ ରାଷ୍ଟ୍ରରେ ଏହି ପୃଥୁଳତା ବଡ଼ ଆତଙ୍କଜନକ ଭାବରେ ବୃଦ୍ଧି ପାଇବା ଆରମ୍ଭ ହୋଇଗଲା।

ଏହିସବୁ ରୋଗର ଅଧିକାଂଶକୁ କୁହାଗଲା ଜୀବନଶୈଳୀ ରୋଗ ବା ଲାଇଫ୍ ଷ୍ଟାଇଲ ଡିଜିଜେସ୍। ମୁଖ୍ୟତଃ ଆର୍ଥିକ ଲାଭକୁ ଦୃଷ୍ଟିରେ ରଖି ବ୍ୟବସାୟୀ ଗୋଷ୍ଠୀ ଏହାକୁ ଜନସାଧାରଣଙ୍କ ଉପରେ ଲଦି ଦେଲେ ଏବଂ ଜନସାଧାରଣ ଏହାକୁ ବିନାଦ୍ୱିଧାରେ ଗ୍ରହଣ କରିନେଲେ। ତମାଖୁଜାତୀୟ ପ୍ରଦାର୍ଥ, ଅତିପ୍ରକ୍ରିୟାକୃତ ଖାଦ୍ୟଦ୍ରବ୍ୟ, ଅଧିକ ଶର୍କରା ପଡ଼ିଥିବା ଖାଦ୍ୟ ଓ ପାନୀୟ, ମଦ୍ୟ, ମାଦକ ଦ୍ରବ୍ୟ ଇତ୍ୟାଦିର ବ୍ୟବହାର ବିପର୍ଯ୍ୟସ୍ତ କରିଦେଲା ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟକୁ। ଆକର୍ଷଣୀୟ ବିଜ୍ଞାପନଗୁଡ଼ିକ ଦ୍ୱାରା ପ୍ରଲୁବ୍ଧ ହୋଇ ଜନସାଧାରଣ ଏଗୁଡ଼ିକରେ ଜାଲରେ ପଡ଼ିଗଲେ ଏବଂ ବିପତ୍ତିକୁ ଆମନ୍ତ୍ରଣ କରିବସିଲେ ନିଜ ଉପରକୁ। ତା'ସାଙ୍ଗକୁ ବୃଦ୍ଧିପାଇଲା ଯାନବାହନର ସଂଖ୍ୟା। ଘରେ ଘରେ ଶୋଭାପାଇଲା ଟେଲିଭିଜନ। ଇଣ୍ଟରନେଟ୍ ହୋଇପଡ଼ିଲା ହାତବାରିସୀ। ଫଳରେ ଜନସାଧାରଣ ଶାରୀରିକ ଶ୍ରମରୁ ଏକ ରକମର ମୁକ୍ତ ପାଇ ଉପଭୋଗ କରିଚାଲିଲେ ଶ୍ରମବିହୀନ ଜୀବନ। ଡିଜିଟାଲ ଦୁନିଆ ସହ ଜନସାଧାରଣଙ୍କ ସଂପୃକ୍ତି ବୃଦ୍ଧି ପାଇଚାଲିବାରୁ ସେମାନେ ଆବେଗିକ ସଂପର୍କ ସ୍ଥାପନରୁ ବିଚ୍ଛିନ୍ନ ହୋଇପଡ଼ିଲେ। ଏପରି ପ୍ରବଣତା ବେଶୀ ବୃଦ୍ଧି ପାଇଛି ମୁଖ୍ୟତଃ ଯୁବଗୋଷ୍ଠୀ ଭିତରେ। ଅଧିକାଂଶ ରାଷ୍ଟ୍ରରେ ସଡ଼କ ଦୁର୍ଘଟଣା ଏକ ପ୍ରଧାନ ସମସ୍ୟା ଭାବେ ଉଭା ହୋଇଥିବା ବେଳେ ଆଶାତୀତ ଭାବରେ ବୃଦ୍ଧି ପାଇ ଚାଲିଛି ହତ୍ୟା ଓ ଆତ୍ମହତ୍ୟା ହାର। ସବୁଠାରେ ଲୋକେ ଏବେ ବାୟୁ ପ୍ରଦୂଷଣରେ ଅତିଷ୍ଠ। ନୂଆ ନୂଆ ବ୍ୟାଧିମାନଙ୍କୁ ଜନ୍ମ ଦେଇଚାଲିଛି ଜଳବାୟୁ ପରିବର୍ତ୍ତନ ଏବଂ ଏହା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ଆହ୍ୱାନ ରୂପେ ଉଭା ହୋଇପଡ଼ିଲାଣି।

ଏକବିଂଶ ଶତାବ୍ଦୀରେ ସଭ୍ୟତାର ଏହି ବିକୃତ ପ୍ରଗତି ଫଳରେ ପ୍ରତ୍ୟାଶିତ ଆୟୁକାଳ ବା ଜୀବନକାଳ ବୃଦ୍ଧି ପାଇଛି ସିନା, କିନ୍ତୁ ପଛେଇ ଯାଇଛି ସୁସ୍ଥ ପ୍ରତ୍ୟାଶିତ ଆୟୁକାଳ ବା ସୁଦୀର୍ଘ ସୁସ୍ଥ ଆୟୁକାଳ। ବିଶ୍ୱସ୍ୱାସ୍ଥ୍ୟ ସଂସ୍ଥା ଆନୁକୂଲ୍ୟରେ ୧୯୫ଟି ରାଷ୍ଟ୍ରରେ କରାଯାଇଥିବା ଏକ ଅନୁଧ୍ୟାନରୁ ପ୍ରକାଶ ଯେ ୨୦୦୦ ରୁ ୨୦୧୯ ମସିହା ଭିତରେ ପ୍ରତ୍ୟାଶିତ ଆୟୁକାଳ ଏବଂ ପ୍ରତ୍ୟାଶିତ ସୁସ୍ଥ ଆୟୁକାଳ ମଧ୍ୟରେ ରହିଥିଲା ୯.୬ ବର୍ଷର ବ୍ୟବଧାନ। ପୁରୁଷମାନଙ୍କ ତୁଳନାରେ ମହିଳାମାନଙ୍କ କ୍ଷେତ୍ରରେ ଏହି ବ୍ୟବଧାନ ଥିଲା ୨.୪ ବର୍ଷ ଅଧିକ। ପ୍ରତ୍ୟାଶିତ ଆୟୁକାଳ ଓ ପ୍ରତ୍ୟାଶିତ ସୁସ୍ଥ ଆୟୁକାଳ ମଧ୍ୟରେ ସର୍ବାଧିକ ବ୍ୟବଧାନ ପରିଲକ୍ଷିତ ହୋଇଥିଲା ଯୁକ୍ତରାଷ୍ଟ୍ର ଆମେରିକାରେ (୧୨.୪ ବର୍ଷ) ଏବଂ ଯୁକେରେ (୧୧.୩ ବର୍ଷ)। ଅର୍ଥନୈତିକ ପ୍ରଗତି କାରଣରୁ ଏହି ରାଷ୍ଟ୍ର ଦୁଇଟିରେ ପ୍ରତ୍ୟାଶିତ ଆୟୁକାଳ ବୃଦ୍ଧି ପାଇଥିବା ବେଳେ ସେହି ବର୍ଦ୍ଧିତ ଆୟୁକାଳରେ କିନ୍ତୁ ସେମାନେ ସୁସ୍ଥ ଜୀବନ ଉପଭୋଗ କରିପାରି ନଥିଲେ। ଅନ୍ୟପକ୍ଷରେ ଅବିକଶିତ ଦେଶଗୁଡ଼ିକରେ ପ୍ରତ୍ୟାଶିତ ଆୟୁକାଳ ଓ ପ୍ରତ୍ୟାଶିତ ସୁସ୍ଥ ଆୟୁକାଳ ମଧ୍ୟରେ ବ୍ୟବଧାନ ଥିଲା ଊଣା। ତେଣୁ ସେହିସବୁ ରାଷ୍ଟ୍ରରେ ଉଭୟ ପରିମାପକରେ ଅଧିକ ଉନ୍ନତିର ଆବଶ୍ୟକତା ରହିଛି।

୨୦୦୦-୨୦୧୯ ମସିହାରେ ଭାରତରେ ପ୍ରତ୍ୟାଶିତ ଆୟୁକାଳ ବର୍ଷକୁ ୦.୪୩ ହାରରେ ବୃଦ୍ଧି ପାଇଥିବା ବେଳେ ପ୍ରତ୍ୟାଶିତ ସୁସ୍ଥ ଆୟୁକାଳ ବୃଦ୍ଧି ପାଇଥିଲା ବର୍ଷକୁ ୦.୩୭ ହାରରେ। ପ୍ରତ୍ୟାଶିତ ଆୟୁକାଳ ଓ ପ୍ରତ୍ୟାଶିତ ସୁସ୍ଥ ଆୟୁକାଳର ବ୍ୟବଧାନ ବୃଦ୍ଧି କରିବାରେ ଏହା ହିଁ ଥିଲା କାରଣ। ଭାରତରେ ପ୍ରତ୍ୟାଶିତ ସୁସ୍ଥ ଆୟୁକାଳ ୨୦୨୨ ମସିହାରେ ମୋଟାମୋଟି ଭାବେ ପ୍ରତ୍ୟାଶିତ ଆୟୁକାଳଠାରୁ ଥିଲା ଗୋଟିଏ ଦଶକ ପଛରେ। ଏହି ବ୍ୟବଧାନ ମୋଟ ପୁରୁଷ ଓ ମହିଳାଙ୍କ ମଧ୍ୟରେ ୧୦.୪୯ ବର୍ଷ ଥିବା ବେଳେ ପୁରୁଷମାନଙ୍କ କ୍ଷେତ୍ରରେ ଏହା ଥିଲା ୯.୨୨ ବର୍ଷ ଓ ମହିଳାମାନଙ୍କ କ୍ଷେତ୍ରରେ ୧୧.୭୭ ବର୍ଷ। ୨୦୪୭ ମସିହା ସୁଦ୍ଧା ଭାରତରେ ବିକାଶର ସ୍ତରକୁ ଆହୁରି ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରହିଛି। ସୁତରାଂ ଆମ ନାଗରିକମାନଙ୍କ ପାଇଁ ସ୍ୱାସ୍ଥ୍ୟର ପ୍ରୋତ୍ସାହନ ଓ ସୁରକ୍ଷା ପାଇଁ ଆହୁରି ଅଗ୍ରାଧିକାର ଦେବାକୁ ପଡ଼ିବ। ଏହା ସାକାର ହୋଇ ନ ପାରିଲେ ଭାରତର ଅଧିକତର ବିକାଶ ଫଳବତୀ ହୋଇପାରିବନି କି ଅର୍ଥନୈତିକ ଅତି ଶକ୍ତିଶାଳୀ ରାଷ୍ଟ୍ର ହେବାର ଆକାଂକ୍ଷା ପୂରଣ ହୋଇପାରିବନି। ଭାରତର ବିପୁଳ ଯୁବଶକ୍ତିଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖିପାରିଲେ ହିଁ ଏହି ଲକ୍ଷ୍ୟ ହାସଲ ସମ୍ଭବ।

ଭାରତୀୟମାନଙ୍କ ସ୍ୱାସ୍ଥ୍ୟକୁ ବିପନ୍ନ କରିବାରେ ଅସ୍ୱାସ୍ଥ୍ୟକର ଖାଦ୍ୟ ହିଁ ପ୍ରଧାନତଃ ଦାୟୀ। ତେଣୁ ଯୋଜନା ପ୍ରଣୟନ ସମୟରେ ଏଥିପ୍ରତି ସମୁଚିତ ଧ୍ୟାନ ଦେବା ବାଞ୍ଛନୀୟ। ସଂପ୍ରତି ଭାରତର ଲୋକସଂଖ୍ୟା ପୃଥିବୀରେ ସର୍ବାଧିକ। ଏମାନଙ୍କ ଏକ ବିରାଟ ଅଂଶ ସେମାନଙ୍କ ଜୀବନର ବହୁବର୍ଷ ନିମ୍ନ ଧରଣର ସ୍ୱାସ୍ଥ୍ୟ ଓ ନିମ୍ନମାତ୍ରାର କର୍ମଦକ୍ଷତା ମଧ୍ୟରେ ଅତିବାହିତ କରିବା ଦେଶର ପ୍ରଗତି ପାଇଁ ଆଦୌ ଅନୁକୂଳ ନୁହେଁ। ତେଣୁ ଜୀବନର ପ୍ରତ୍ୟେକ ପର୍ଯ୍ୟାୟରେ ବ୍ୟାଧି ଓ ଶାରୀରିକ ଅସାମର୍ଥ୍ୟର ବୋଝରୁ ମୁକ୍ତ ରହିବା ନିମିତ୍ତ ନିରନ୍ତର ଭାବେ ସ୍ୱାସ୍ଥ୍ୟର ସୁରକ୍ଷା ଆୟୁକାଳ ଏବଂ ସୁସ୍ଥ ଆୟୁକାଳ ମଧ୍ୟରେ ରହିଥିବା ବ୍ୟବଧାନର ଅନେକାଂଶ ଜାତ ହୋଇଥାଏ ଜୀବନକାଳର ଶେଷ ଦୁଇ ଦଶକରେ। କିନ୍ତୁ ସ୍ୱାସ୍ଥ୍ୟର ଅବକ୍ଷୟ ପ୍ରକ୍ରିୟା ଆରମ୍ଭ ହୋଇଯାଏ କମ ବୟସରୁ। ବୟସ୍କମାନଙ୍କଠାରେ ହୃଦଧମନୀ ରୋଗ ଓ ମଧୁମେହରେ ସଂଘଟିତ ହେଉଥିବା ବିକୃତ ଶାରୀରିକ ପ୍ରକ୍ରିୟା ଆଦ୍ୟ ଜୀବନର ଖାଦ୍ୟାଭ୍ୟାସ ଉପରେ ବହୁଳାଂଶରେ ନିର୍ଭରଶୀଳ।

ତେଣୁ ପରିଣତ ବୟସରେ ବ୍ୟାଧିଭାରକୁ ହ୍ରାସ କରିବା ନିମିତ୍ତ ପ୍ରୟାସ ଆରମ୍ଭ କରିବା ପାଇଁ ପଡ଼ିବ ବୟସର ବହୁପୂର୍ବରୁ ଏବଂ ଏହି ପ୍ରୟାସକୁ ଅବ୍ୟାହତ ରଖିବା ପାଇଁ ପଡ଼ିବ ଜୀବନସାରା। ଜନ ସାଧାରଣଙ୍କଠାରେ ଅନୁକୂଳତମ ସ୍ୱାସ୍ଥ୍ୟକୁ ନିଶ୍ଚିତ କରିବା ନିମିତ୍ତ ସେହି ଅନୁଯାୟୀ ପ୍ରସ୍ତୁତ କରିବାକୁ ପଡ଼ିବ ସ୍ୱାସ୍ଥ୍ୟନୀତି ତଥା ସ୍ୱାସ୍ଥ୍ୟ ସେବା କାର୍ଯ୍ୟକ୍ରମଗୁଡ଼ିକର ସୁପରିଚାଳନା ବ୍ୟବସ୍ଥା। ଏହାକୁ ସୁଚାରୁଭାବେ ରୂପାୟିତ କରିପାରିଲେ ହିଁ ଆମେ ଆୟୁକାଳ ଓ ସୁସ୍ଥ ଆୟୁକାଳ ମଧ୍ୟରେ ରହିଥିବା ବ୍ୟବଧାନକୁ ସଂକୁଚିତ କରିବାରେ ସଫଳ ହୋଇପାରିବା। ●

କଟକ ମୋ: ୯୪୩୭୭ ୬୬୧୧୭

# ଗଣିତ-ତର୍କର ସଙ୍ଗୀତ

**ପୁଣ୍ୟବିନୟ ଦାସ**

କିଏ କହେ ଜୀବନ ଏକ ଧୂପକାଠି, ତା'କୁ ସୁଗନ୍ଧିତ କର। କିଏ କହେ ଜୀବନ ଏକ ନାଟକ, ସେଥିରେ ଅଭିନୟ କର। ଆଉ କିଏ କହେ ଜୀବନ ଏକ ଖେଳ, ତା'କୁ ଖେଳ। କିନ୍ତୁ ଜୀବନ ଏକ ଗଣିତ-ତର୍କର ସଙ୍ଗୀତ। ବିନା ଗଣିତରେ ଜୀବନ ନାହିଁ। ବିନା ତର୍କରେ ଜୀବନରେ ସିଦ୍ଧି ନାହିଁ। ଆଉ ସାଙ୍ଗିତିକତା ଜୀବନର ପୁଞ୍ଜି ବା ମୂଳଧନ। ଗାଣିତିକ ନିୟମରେ ସୂର୍ଯ୍ୟ, ଚନ୍ଦ୍ର ଉଦୟ-ଅସ୍ତ ହେବା ପରି ଜୀବନ ଗତିଶୀଳ ହୁଏ। ମଣିଷର ନିତ୍ୟନୈମିତିକ କାର୍ଯ୍ୟଧାରା ଗାଣିତିକ ସୂତ୍ର ଉପରେ ହିଁ ପର୍ଯ୍ୟବସିତ।

ସେହିପରି ତର୍କର ବି ଜୀବନରେ ବହୁଳ ଆବଶ୍ୟକତା ରହିଛି। ବିନା ତର୍କରେ ସିଦ୍ଧି ନାହିଁ। ତର୍କସିଦ୍ଧ ଜୀବନ ହିଁ ଏକ ଶୃଙ୍ଖଳିତ ଜୀବନ। ତର୍କର ପରିଭାଷା ଭିନ୍ନ ଭିନ୍ନ ହୋଇପାରେ। କିନ୍ତୁ ତର୍କ ଆଧାରିତ ଜୀବନ ହେଲେ ମଣିଷ ବୁଦ୍ଧିଦୀପ୍ତ, ଶୃଙ୍ଖଳିତ, ସିଦ୍ଧି ପ୍ରାପ୍ତ ହୋଇପାରେ। ତର୍କରୁ ଦର୍ଶନର ଜନ୍ମ। ଏହି ତର୍କ କରି ମଣିଷ ବିଭିନ୍ନ ଆବିଷ୍କାର ଓ ଉଦଭାବନ କରିପାରିଛି; ସାରା ଦୁନିଆ ସମ୍ପର୍କରେ ଅବଗତ ହୋଇପାରିଛି। ସମଗ୍ର ଜୀବନ ତର୍କସିଦ୍ଧ ଏକ ଗାଣିତିକ ସଙ୍ଗୀତ। ମନ, ବୁଦ୍ଧି, ବିବେକକୁ ନେଇ ଆମେ ପରିଚାଳିତ। ମଣିଷର ମନ ଗଣିତ କରେ। ଭୁଲ ଠିକ ହିସାବ କରେ। ବିଭିନ୍ନ ପ୍ରକାର ସୂତ୍ରକୁ ନେଇ ଗତିଶୀଳ ହୁଏ। ନାନାଦି ପ୍ରୟୋଗ ଜରିଆରେ ଜୀବନକୁ ଗାଣିତିକ ଉପାୟରେ ପରୀକ୍ଷା ନିରୀକ୍ଷା କରେ।

ଗଣିତ ଭିତରେ ତର୍କ ଲୁଚି ରହିଛି। ସେହି ଗାଣିତିକ ସୂତ୍ର ଅନୁସାରେ ଜୀବନରୂପୀ ଗଣିତ ନିଷ୍କର୍ଷରେ ପହଞ୍ଚେ। ଆଉ ଏହି ନିଷ୍କର୍ଷକୁ ନେଇ ମଣିଷ ସଙ୍ଗୀତକୁ ଖୋଜେ। ଖୋଜି ଖୋଜି ଶେଷରେ ସାଙ୍ଗିତିକତା ସିଦ୍ଧାନ୍ତରେ ଉପନୀତ ହୁଏ। ରଙ୍ଗ ରୂପ ରସରେ ଜୀବନକୁ ସଙ୍ଖୋଳେ। ସଙ୍ଗୀତର ମୂର୍ଚ୍ଛନାରେ ଜୀବନକୁ ଉପଭୋଗ କରେ। ନିଜକୁ ଆବିଷ୍କାର କରିବାକୁ ଉଦ୍ୟତ ହୁଏ। ଖୋଜି ଖୋଜି ସେହି ବ୍ରହ୍ମ ସ୍ୱରୂପ ଜୀବନୀ ସତ୍ତାକୁ ଆବିଷ୍କାର କରେ। ନିର୍ଗୁଣ ନିରାକାର ପରଂବ୍ରହ୍ମଙ୍କ ସାକ୍ଷାତରେ ତା'ର ଚକ୍ଷୁ ଉନ୍ମୀଳନ ହୁଏ। ଗଣିତ-ତର୍କର ସଙ୍ଗୀତରେ ଅଭିମନ୍ତ୍ରିତ ଜୀବନଧାରା ପରଂବ୍ରହ୍ମଙ୍କ ସାକ୍ଷାତରେ ସଞ୍ଜୀବନୀ ପାଏ। ଚିଦାନନ୍ଦ ରୂପୀ ସେହି ଶିବଙ୍କ ସାକ୍ଷାତ କରି ଆତ୍ମଦର୍ଶନ କରେ। ଶିବୋହମର ଭାବଧାରାରେ ନିଜର ସାଙ୍ଗିତିକ ଜ୍ୟାମିତିକୁ ସଜାଡ଼େ। ସେ ଭୋଜନ କିମ୍ବା ଭୋକ୍ତା ନୁହେଁ ବୋଲି ହୃଦବୋଧ କରେ। ପୁଣ୍ୟ କିମ୍ବା ପାପ ବି ସେ ନୁହେଁ। ମନ୍ତ୍ର ତୀର୍ଥ କିମ୍ବା ବେଦ କିମ୍ବା ଯଜ୍ଞ ବି ସେ ନୁହେଁ। ମୃତ୍ୟୁ କିମ୍ବା ଶଙ୍କା କିମ୍ବା ଜାତିଭେଦ କିମ୍ବା ପିତା କିମ୍ବା ମାତା କିମ୍ବା ମିତ୍ର କିମ୍ବା ଗୁରୁ କିମ୍ବା ଶିଷ୍ୟ ବି ସେ ନୁହେଁ। ବରଂ ଚିଦାନନ୍ଦ ରୂପୀ ସ୍ୱୟଂ ଶିବ ସ୍ୱରୂପ।

କଳୁଷ ପଙ୍କ ଭିତରେ ରହି ପଦ୍ମ ଯେପରି କୋଟି ଲାବଣ୍ୟନିଧିର ଅଧିକାରୀ ହୋଇଥାଏ, ସେହିପରି ମଣିଷ ପଙ୍କିଳ ସଂସାର ଭିତରେ ରହି ସେହି ଗଣିତ-ତର୍କର ଦୌଡ଼ରେ ନିଜକୁ ହଜାଇ ମଜାଇ ସଙ୍ଗୀତରେ ପାଖୁଡ଼ା ମେଲାଇବା ପରି ଜୀବନକୁ ସଂଚାରିତ କରେ। ଫଳରେ ସସାଗରାଧରା ସେହି ଅଦେଖା ସଂଚରଣ ଭିତରେ ଜୀବନକୁ ସାଉଁଟେ। ଜୀବନସାରା ଦୌଡ଼େ। ଅର୍ଥ ଓ କ୍ଷମତାର ଲୋଭରେ ମଣିଷ ମୋହାବିଷ୍ଟ ହୁଏ। ପଥ ଅପଥ ବିପଥରେ ପଡ଼େ। ମନ ବିମନ କୁମନରେ ପଡ଼ି ସୁମନାଶ୍ରିତ ହୁଏ। ହାନି ଲାଭର ଗୋଲକଧନ୍ଦାରେ ସଙ୍ଗୀତ ଭିତରେ ଆନନ୍ଦ ଖୋଜେ। ଆଉ ସେହି ସଙ୍ଗୀତ ଭିତରେ ଜୀବନ ଜିନ୍ଦାବାଦର ସ୍ୱର ଗୁଣୁଗୁଣାଏ।

ବିନା ସଙ୍ଗୀତରେ ଜୀବନ ନାହିଁ। ବିନା ଗଣିତରେ ତର୍କ ନାହିଁ। ତେଣୁ ଉଭୟ ଗଣିତ ଓ ତର୍କକୁ ନେଇ ସଙ୍ଗୀତର ତାଳେ ତାଳେ ଜୀବନକୁ ଗତିଶୀଳ କରାଇଲେ ସମଗ୍ର ଜୀବନ ଧାରା ନାଚି ଉଠେ। ତାଳ, ଲୟ, ମଣିଷ ସଙ୍ଗୀତ ଗାନ କରେ। କୋମଳ, ଗାନ୍ଧାର, ଭୈରବ ସ୍ୱରରେ ଜୀବନର ତନ୍ତ୍ରୀକୁ ଅଭିମନ୍ତ୍ରିତ କରେ। ଜୀବନର ସଂଜ୍ଞା ଓ ସ୍ୱରୂପ ବୁଝିଗଲେ ମଣିଷ ସଙ୍ଗୀତ ମାଧ୍ୟମରେ ଆତ୍ମଉପଲବ୍ଧି କରିଥାଏ। ସମଗ୍ର ଜୀବନ ଏକ ସଙ୍ଗୀତ ହେଲେ ଏହା ଗଣିତ ଓ ତର୍କ ସିଦ୍ଧ ହେବା ଆବଶ୍ୟକ। କାରଣ ବିନା ଗଣିତରେ ସଙ୍ଗୀତର ସ୍ୱର କିମ୍ବା ତାଳ କିମ୍ବା ଲୟ ସ୍ଥିର ହୋଇନଥାଏ।

ସଙ୍ଗୀତର ବିଭିନ୍ନ ପର୍ଯ୍ୟାୟ ଅନୁରୂପ ଜୀବନ ଗତିଶୀଳ ହେଉଥିବାରୁ ମଣିଷ ସଫଳ ଜୀବନ ଜୀଇଁବାକୁ ଏଥିରେ ହିଁ ସଞ୍ଜୀବନୀ ଖୋଜିବା ଆବଶ୍ୟକ। ତା'ରି ଭିତରେ କିଛି ମୂର୍ଚ୍ଛନା ଦରକାର। ଭକ୍ତି, ପ୍ରେମ, କର୍ମ ପରି ବିଭିନ୍ନ ପର୍ଯ୍ୟାୟରେ ଗତି କରି ମଣିଷ ଗଣିତ-ତର୍କର ସଙ୍ଗୀତ ଗାନ କଲେ ଜୀବନ ମଧୁମୟ ହୋଇପାରିବ। ସାରା ଜୀବନ ସାଙ୍ଗିତିକତାରେ ଭରିଯିବ।

ବେସୁରା ଜୀବନ ଜୀବନ ନୁହେଁ। ସ୍ୱରାବିଷ୍ଟ ହେଲେ ଏହା ଶ୍ରୁତିମଧୁର ହୁଏ। ପଲ୍ଲବିତ ହୁଏ। ସାକାର ହୁଏ। ସାର୍ଥକ ହୁଏ। ତେଣୁ ସେହି ଚିଦାନନ୍ଦରୂପୀ ଶିବ ସ୍ୱରୂପୀ ଆତ୍ମା ଦର୍ଶନ କରିବାକୁ ଯେଉଁ ଗଣିତ-ତର୍କ ଦରକାର ତାକୁ ଆୟତ୍ତ କରିବା ଆବଶ୍ୟକ। ଏଥିଲାଗି ସାଧନା ଦରକାର। ପ୍ରକୃତିର ନିୟମ ଯେପରି ଗଣିତ-ତର୍କ ସିଦ୍ଧାନ୍ତରେ ପର୍ଯ୍ୟବସିତ ସେହି ସାଙ୍ଗିତିକ ନିୟମାନୁସାରେ ମଣିଷ ଜୀବନ ଗତିଶୀଳ ହେଲେ ସଫଳ ହୁଏ। ଦୀର୍ଘସ୍ଥାୟୀ ଓ ଚିରଞ୍ଜୀବୀ ହୁଏ। ସୁଲଳିତ ହୁଏ। ସୁଶ୍ରାବ୍ୟ ହୁଏ। ମନୋରଞ୍ଜନ ସହ କର୍ମ ରଞ୍ଜନ ବି ହୋଇଥାଏ।

ଜନ୍ମରୁ ମୃତ୍ୟୁ ଗଣିତ-ତର୍କର ହିଁ ଏକ ସଙ୍ଗୀତ। କେତେବେଳେ ଗଣିତକୁ ନେଇ ହାନି-ଲାଭ ତ କେବେ ତର୍କକୁ ନେଇ ବାକ-ବିତର୍କ। କିନ୍ତୁ ଏହା ହିଁ ଜୀବନର ସାମ ସଙ୍ଗୀତ। ବିଭିନ୍ନ ଭାବରେ ଗତିଶୀଳ। କେତେବେଳେ ଉତଥିତ କେବେ ନିରବ କେବେ ତଳମୁଖୀ ତ କେବେ ସମାନ୍ତରାଳ। କେବେ ହାସ୍ୟ ତ କେବେ ବୀଭତ୍ସ ତ କେବେ କରୁଣ। ତାରି ଭିତରେ ଜୀବନର ସଙ୍ଗୀତ ଗାନ କରିବାକୁ ପଡ଼େ। ଗଣିତ-ତର୍କର ଜୀବନରେ ହିଁ ଆନନ୍ଦମୁଖୀ ହୁଏ ମଣିଷ। ●

କଟକ, ମୋ: ୯୯୩୮ ୬୧୧୦୫୩

# ପଦ୍ମପୁର: ପଦ୍ମସମ୍ଭବଙ୍କ ଜନ୍ମସ୍ଥଳ

**ପ୍ରବୀର କୁମାର ପଟ୍ଟନାୟକ**

## ଦ୍ୱିତୀୟ-ବୁଦ୍ଧ କଥା



ଦ୍ୱିତୀୟ କିମ୍ବଦନ୍ତୀ ଦର୍ଶାଇଥାଏ ପ୍ରାଚୀନ ଉଡ୍ଡୀୟାନ ଅନ୍ତର୍ଗତ ସମ୍ବଳ ରାଜ୍ୟର ଧନକୋଷ ନାମକ ହ୍ରଦରେ ଏକ ଫୁଟନ୍ତା ପଦ୍ମଫୁଲ ଉପରେ ଆଠ ବର୍ଷ ବୟସର ବାଳକ ଭାବେ ବସିଥିବା ଅବସ୍ଥାରେ ତାଙ୍କର ଆର୍ବିଭାବ ହୋଇଥିଲା। ପଦ୍ମ ଫୁଲ ଉପରେ ବସିଥିବା ବେଳେ ତାଙ୍କର ଆବିର୍ଭାବ ଯୋଗୁଁ ତାଙ୍କ ନାମ 'ପଦ୍ମସମ୍ଭବ' ହେଇଛି। ସମ୍ବଳର ରାଜା ଇନ୍ଦ୍ରଭୂତିଙ୍କ ମନ୍ତ୍ରୀ ପ୍ରଥମେ ତାଙ୍କର ସନ୍ଧାନ ପାଇ ରାଜାଙ୍କୁ ଖବର କଲେ। ସେତେବେଳେ ନିଜ ପୁଅର ବିୟୋଗରେ ରାଜା ଅତ୍ୟନ୍ତ ଦୁଃଖ ଓ ମନସ୍ତାପରେ ଥିଲେ। ମନ୍ତ୍ରୀ ଏହି ବାଳକଟି ପାଖରେ ବହୁ ଶୁଭଲକ୍ଷଣ ଦେଖିଥିବାରୁ ରାଜା ଓ ପ୍ରଜାମାନେ ବହୁସଂଖ୍ୟାରେ ହ୍ରଦ କୂଳରେ ଏକାଠି ହୋଇ ବାଳକଟିକୁ ହ୍ରଦ ମଧ୍ୟରୁ ଉଦ୍ଧାର କରି ମହାସମାରୋହରେ ରାଜପ୍ରସାଦକୁ ନେଲେ।

ଏହି ପ୍ରାଚୀନ ସମ୍ବଳ ବା ସମ୍ବଲକ ରାଜ୍ୟ ହେଉଛି ବର୍ତ୍ତମାନର ଅବିଭକ୍ତ ତଥା ବୃହତ୍ତର ସମ୍ବଲପୁର ଅଞ୍ଚଳ। ସମ୍ବଲପୁର ଜିଲ୍ଲାଟି ଏବେ ସମ୍ବଲପୁର, ଝାରସୁଗୁଡା, ବରଗଡ଼ ଓ ଦେବଗଡ଼ - ଏପରି ଚାରିଗୋଟି ଜିଲ୍ଲାରେ ବିଭକ୍ତ ହେଇଛି। ଏଥିମଧ୍ୟରୁ ସମ୍ବଲପୁର, ଝାରସୁଗୁଡ଼ା ଓ ବରଗଡ଼ ଜିଲ୍ଲା ମହାନଦୀର ତଟବର୍ତ୍ତୀ ଅଞ୍ଚଳ। ସମ୍ବଲପୁର ସହର ମହାନଦୀ କୂଳରେ ହିଁ ଅବସ୍ଥିତ। ସମ୍ବଲପୁର ନିକଟରେ ମହାନଦୀରେ ହୀରାକୁଦ ନଦୀବନ୍ଧ ଯୋଗନା କରାଯାଇଛି ଏବଂ ଏହାର ଜଳଭଣ୍ଡାରକୁ ଲାଗି ତିନୋଟି ଯାକ ତଟବର୍ତ୍ତୀ ଜିଲ୍ଲାର ବହୁଅଞ୍ଚଳ ରହିଛି। ଆହୁରି ଅନେକ ଅଞ୍ଚଳ ଜଳଭଣ୍ଡାର ମଧ୍ୟରେ ବୁଡ଼ିଯାଇଛି।

ସ୍ଥାନୀୟ ପରମ୍ପରା ତଥା ଗବେଷଣା ମୁତାବକ ଖ୍ରୀ ୭୧୭ ରୁ ୭୨୨ ମଧ୍ୟରେ ଧନକୋଷ ହ୍ରଦରେ ପଦ୍ମସମ୍ଭବଙ୍କ ଆବିର୍ଭାବ ଘଟିଥିଲା। ଭୁବନେଶ୍ୱର ମହାବୋଧି ସୋସାଇଟି ସହ ସଂପର୍କିତ ଜଣେ ବୟୋଜ୍ୟେଷ୍ଠ ଗବେଷକ ଏହି ଆବିର୍ଭାବ ଖ୍ରୀ ୭୧୭ରେ ହୋଇଥିଲା ବୋଲି ଦର୍ଶାଇଛନ୍ତି। ଆବିର୍ଭାବ ବେଳକୁ ତାଙ୍କର ବୟସ ଆଠ ବର୍ଷ ହୋଇଥିଲା ଏବଂ ରାଜା ଇନ୍ଦ୍ରଭୂତି ତାଙ୍କଠାରୁ ତାଙ୍କ ପିତାମାତାଙ୍କ ନାମ ଆଦି ସଂଗ୍ରହ କରି ତାଙ୍କର ନିଜର ପ୍ରକୃତ ଜନ୍ମସ୍ଥାନକୁ ସେହି ମହାନଦୀ କୂଳରେ ସମ୍ବଳ ରାଜପ୍ରସାଦ ରହିଥିବା ହୀରାକୁଦ ଅଞ୍ଚଳର ସ୍ଥାନଠାରୁ ମହାନଦୀର ଉପର ମୁଣ୍ଡରେ କିଛି ଦୂରରେ ଅବସ୍ଥିତ ପଦ୍ମପୁର ନଗରକୁ ଚିହ୍ନଟ କରିଥିଲେ। ଏହି ସ୍ଥାନଟି ଏବେ ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ବ୍ଲକ ଅଞ୍ଚଳରେ ଅବସ୍ଥିତ। ମାତ୍ର ଏହି ସ୍ଥାନ ସହ ସମ୍ବଲପୁର ପାଖକୁ ଧରି ଏକ ବୃହତ୍ ଅଞ୍ଚଳ ହୀରାକୁଦ ନଦୀବନ୍ଧର ଜଳଭଣ୍ଡାର ମଧ୍ୟରେ ବୁଡ଼ି ଯାଇଛି। ଏହି ସ୍ଥାନର ସମସ୍ତ ଲୋକ ଉଠି ଯାଇ ନିକଟସ୍ଥ ଛତିଶଗଡ଼ ଅଞ୍ଚଳରେ ତଥା ପାଖାପାଖି ଅଞ୍ଚଳରେ ବାସ କରୁଛନ୍ତି।

ରାଜା ଇନ୍ଦ୍ରଭୂତିଙ୍କ ଦ୍ୱାରା ପ୍ରତିଷ୍ଠିତ ବୌଦ୍ଧ ଦେବୀ ପଦ୍ମାସିନୀଙ୍କ ମନ୍ଦିର ପୁନରୁଦ୍ଧାର ହୋଇ ଏବେ ମଧ୍ୟ ସେହି ବୁଡ଼ିସ୍ଥାନରେ ରହିଯାଇଛି ଏବଂ ଗ୍ରୀଷ୍ମ ଋତୁରେ ଜଳସ୍ତର ତଳକୁ ଖସିଗଲେ ଏବେ ମଧ୍ୟ ସେହି ପ୍ରାଚୀନ ମନ୍ଦିର ଦୃଶ୍ୟମାନ ହେଉଛି। ମାତ୍ର ଦେବୀଙ୍କୁ ଲୋକମାନେ ଉଠାଇ ନେଇ ନୂଆ ବସବାସ କରୁଥିବା ସ୍ଥାନରେ ରଖି ପୂଜା କରୁଛନ୍ତି।(କ୍ରମଶଃ...) ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ନବୀନଙ୍କ ହେଲିକପ୍ଟର ବିଳମ୍ବ ପ୍ରସଙ୍ଗ

# ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହେଲା ବିଜେଡି



**ଭୁବନେଶ୍ୱର,୭।୧୧(ସମିସ):** ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ହେଲିକପ୍ଟରକୁ ବିମାନ ବନ୍ଦରରେ ଜାଣିଶୁଣି ତଥା ବିନା କାରଣରେ ବିଳମ୍ବ କରାଯିବା ଘଟଣାରେ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛି ବିଜେଡି। ଶାସକ ବିଜେପିର ପ୍ରତ୍ୟକ୍ଷ ପ୍ରଭାବରେ ସରକାରୀ କଳକୁ ଅପବ୍ୟବହାର କରାଯାଇ ଜାଣିଶୁଣି ନବୀନଙ୍କ ହେଲିକପ୍ଟରକୁ ଅନୁମତି ଦିଆଯାଇ ନାହିଁ। ଯାହା ବିଜେଡି ଓ ଏହାର ନେତା ନବୀନ ପଟ୍ଟନାୟକଙ୍କଙ୍କ ମୁକ୍ତ ପ୍ରଚାର ଅଧିକାର ଉପରେ ରାଜନୈତିକ ଭେଦଭାବ ଏବଂ ପ୍ରତିବନ୍ଧକ ସୃଷ୍ଟି କରୁଛି। ତେଣୁ ଏନେଇ ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ବିଜେଡିର ପ୍ରତିନିଧି ଦଳ ଦାବି କରିଛି।

ପ୍ରତିନିଧି ମଣ୍ଡଳୀର ଅଭିଯୋଗ ଅନୁଯାୟୀ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ୭ ତାରିଖରେ ନୂଆପଡ଼ାରେ ପୂର୍ବ ନିର୍ଦ୍ଧାରିତ ପ୍ରଚାର କାର୍ଯ୍ୟକ୍ରମ ବିଜୁ ପଟ୍ଟନାୟକ

### ବିନା କାରଣରେ ଜାଣିଶୁଣି ବିଳମ୍ବ କରାଯାଇଛି

### ବିଳମ୍ବ ପଛରେ ଶାସକ ବିଜେପିର ହାତ ସନ୍ଦେହ

ବିମାନ ବନ୍ଦରରେ ଅଯଥା ଏବଂ ଜାଣିଶୁଣି ବିଳମ୍ବ କରିବା କାରଣରୁ ବାଧାପ୍ରାପ୍ତ ହୋଇଛି। ଏହି ଗସ୍ତ ପାଇଁ କାର୍ଯ୍ୟସୂଚୀ ବିରୋଧୀ ଦଳ ନେତାଙ୍କ କାର୍ଯ୍ୟାଳୟ ଦ୍ୱାରା ଗତ ୫ ତାରିଖରେ ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ, ପୁଲିସ ଡିଜି, ଏସପି(ସିକ୍ୟୁରିଟି) ବିମାନବନ୍ଦର ନିର୍ଦ୍ଦେଶକ ଏବଂ ଡ୍ୟୁଟି ଅଫିସର, ଏୟାର ଟ୍ରାଫିକ କଣ୍ଟ୍ରୋଲ ସମେତ ସମସ୍ତ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଆଗୁଆ ସୂଚିତ କରାଯାଇଥିଲା। ତେବେ ଶାସକ ବିଜେପିର ପ୍ରତ୍ୟକ୍ଷ ପ୍ରଭାବରେ ସରକାରୀ ବ୍ୟବସ୍ଥାର ଅପବ୍ୟବହାର ଦ୍ୱାରା ଏହି ସୁଚିନ୍ତିତ ବିଳମ୍ବ ଆଦର୍ଶ ଆଚରଣ ବିଧିର ଏକ ଗୁରୁତର ଉଲ୍ଲଂଘନ ଅଟେ। ବିଶେଷକରି ବିମାନ ବନ୍ଦର ଭଳି ଗୁରୁତ୍ୱପୂର୍ଣ୍ଣ ସାର୍ବଜନୀନ ଭିତ୍ତିଭୂମି ଉପରେ ନିଯନ୍ତ୍ରଣ ମାଧ୍ୟମରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କାର୍ଯ୍ୟାନୁଷ୍ଠାନ ବିଜୁ ଜନତା ଦଳ ଓ ଏହାର ନେତା ନବୀନ ପଟ୍ଟନାୟକଙ୍କଙ୍କ ମୁକ୍ତ ପ୍ରଚାର ଅଧିକାର ଉପରେ ରାଜନୈତିକ ଭେଦଭାବ ଏବଂ ପ୍ରତିବନ୍ଧକ ସୃଷ୍ଟି କରୁଛି। ପ୍ରତିନିଧି ଦଳର ଯୁକ୍ତି ଅନୁଯାୟୀ ଏହି ବ୍ୟାଘାତ କାରଣରୁ ବିଜୁ ଜନତା ଦଳ କ୍ଷତି ସହିବ। ପ୍ରଚାର ଅବଧି ଶୀଘ୍ର ସମାପ୍ତ ହେବାକୁ ଯାଉଥିବାରୁ ପ୍ରଚାର କାର୍ଯ୍ୟକ୍ରମ ପୁନଃଧାର୍ଯ୍ୟ କରିବା ଅସମ୍ଭବ ଅଟେ। ଏହା ଦଳର ନିର୍ବାଚନ ପ୍ରଚାରକୁ ସିଧାସଳଖ କ୍ଷତି ପହଞ୍ଚାଉଛି ବୋଲି ପ୍ରତିନିଧି ମଣ୍ଡଳୀ ଅଭିଯୋଗ କରିଛି। ନୂଆପଡ଼ାରେ ସରକାରୀ କଳର ଅପବ୍ୟବହାର ନେଇ ବିଜେଡ଼ି ନେତା ଓ କର୍ମୀମାନେ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ଏନେଇ କୌଣସି ଫଳପ୍ରଦ ଆଖିଦୃଶିଆ ପଦକ୍ଷେପ ନିଆଯାଇନାହିଁ। ଶାସକ ଦଳର ନିର୍ଦ୍ଦେଶରେ ପ୍ରଶାସନିକ ସଂସ୍ଥାଗୁଡ଼ିକ ବିଜେଡ଼ିକୁ ଟାର୍ଗେଟ କରିଚାଲିଛନ୍ତି। ଯାହା ନିର୍ବାଚନ ପ୍ରକ୍ରିୟାର ନିରପେକ୍ଷତା ଏବଂ ବିଶ୍ୱସନୀୟତା ଉପରେପ୍ରଶ୍ନବାଚୀ ସୃଷ୍ଟି କରୁଛି ବୋଲି ବିଜେଡି କ୍ଷୋଭ ପ୍ରକାଶ କରିଛି। ତେଣୁ ନିର୍ବାଚନ ଅଧିକାରୀ ତୁରନ୍ତ ହେଲିକପ୍ଟର ବିଳମ୍ବ ହେବାର କାରଣ ନେଇ ତୁରନ୍ତ ତଦନ୍ତ କରିବା ସହ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିନିଧି ମଣ୍ଡଳୀ ଦାବି କରିଛି। ଏହି ପ୍ରତିନିଧି ଦଳରେ ରାଜ୍ୟସଭା ସାଂସଦ ସୁଲତା ଦେଓ, ନାରାୟଣ ଜେନା, ରୀତାଞ୍ଜଳି ପ୍ରଧାନ, ସୋଫିଆ ଆଲାମ, ମିହିର ରାୟ, ପ୍ରଦୀପ ପଣ୍ଡା ଓ ସିଦ୍ଧାନ୍ତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ନୂଆପଡ଼ା ଉପନିର୍ବାଚନରେ ଶିଶୁଙ୍କୁ ବ୍ୟବହାର କରୁଛି ବିଜେପି

## ସିଇଓଙ୍କୁ ଅଭିଯୋଗ କଲା ରାଜ୍ୟ କଂଗ୍ରେସ



**ଭୁବନେଶ୍ୱର, ୭।୧୧ (ସମିସ):** ନୂଆପଡ଼ା ଉପନିର୍ବାଚନରେ ନିର୍ବାଚନ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରି ଶିଶୁମାନଙ୍କୁ ନିର୍ବାଚନ ପ୍ରଚାରରେ ବ୍ୟବହାର କରୁଛି ବିଜେପି। ନିର୍ବାଚନ ପ୍ରଚାର ସମୟରେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ଓ ତାଙ୍କ ଦଳ ଜାଣିଶୁଣି ଶିଶୁମାନଙ୍କୁ ପ୍ରଚାର କାର୍ଯ୍ୟରେ ବ୍ୟବହାର କରୁଛି। ଏପରି ସଂଗିନ୍ ଅଭିଯୋଗ ଆଣି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛି କଂଗ୍ରେସ। କଂଗ୍ରେସର ଏକ ପ୍ରତିନିଧିଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଲିଖିତ ଭାବେ ଏନେଇ ଅଭିଯୋଗପତ୍ର ଦିଆଯାଇଛି। ଏଥିରେ ଦର୍ଶାଯାଇଛି ଯେ ଏହି ପ୍ରଚାରରେ ନାବାଳିକା ଝିଅମାନେ ମଧ୍ୟ ଅଛନ୍ତି। ୫ ନଭେମ୍ବରରେ ନୂଆପଡା ବିଧାନସଭା ଅନ୍ତର୍ଗତ ଖୁଟାବନ ଭେରା ପଞ୍ଚାୟତରେ ଜଣେ ନାବାଳିକା ବିଜେପି ପତାକା ଧରି 'ଜୟ ଢୋଲକିଆ ଜିତିବେ' ବୋଲି ସ୍ଲୋଗାନ ଦେଉଥିବା ଦେଖାଯାଇଛି। ଏହାସହ ଏହିପରି ଶିଶୁମାନଙ୍କ ଦୁରୁପଯୋଗ ନୂଆପଡ଼ା ଅଞ୍ଚଳର ବିଭିନ୍ନ ସ୍ଥାନରେ ହୋଇଥିବା ତଥ୍ୟ ମଧ୍ୟ ମିଳିଛି।

ଓଡ଼ିଶା ପ୍ରଦେଶ କଂଗ୍ରେସ ଏହି ଭିଡିଓ ପ୍ରମାଣ ସହ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଅଭିଯୋଗ ଦେଇଛି। ଏହିପରି କାର୍ଯ୍ୟ ନିର୍ବାଚନ ଆଚରଣ ନିୟମର ଗୁରୁତର ଉଲ୍ଲଂଘନ ଓ ଆଇନ ଅନୁସାରେ ଦଣ୍ଡନୀୟ ଅପରାଧ। ନିର୍ବାଚନ କମିସନର୍ ଆଦେଶ ଅନୁଯାୟୀ ଶିଶୁମାନଙ୍କୁ ନିର୍ବାଚନ ପ୍ରଚାର କାର୍ଯ୍ୟରେ ନିୟୋଜିତ କରିବା ସଂପୂର୍ଣ୍ଣ ନିଷିଦ୍ଧ ଏବଂ ଏହାର ଉଲ୍ଲଂଘନ କଲେ ଅନୁସାରେ ଦଣ୍ଡ ବ୍ୟବସ୍ଥା ରହିଛି। ଶିଶୁମାନଙ୍କ ଦୁରୁପଯୋଗ ହେଉଛି ମାନବତା ବିରୋଧୀ ଓ ଅନୈତିକ କାର୍ଯ୍ୟ, ଯାହା ନିର୍ବାଚନ ପ୍ରକ୍ରିୟାର ସମ୍ମାନ ଓ ନିଷ୍ପକ୍ଷତାକୁ ହ୍ରାସ କରୁଛି। ତେଣୁ ତୁରନ୍ତ ଏହି ମାମଲାରେ ନିର୍ବାଚନ ଅଧିକାରୀ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ଓ ତାଙ୍କ ଦଳ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି କଂଗ୍ରେସ ଦାବି କରିଛି। ଉକ୍ତ ପ୍ରତିନିଧି ଦଳରେ ପ୍ରଦେଶ କଂଗ୍ରେସର ମୁଖପାତ୍ର ସୋନାଲି ସାହୁ, ଡଃ ମନୀଷା ଦାସ ପଟ୍ଟନାୟକ ଓ ମଧୁସ୍ମିତା ଆଚାର୍ଯ୍ୟ ପ୍ରମୁଖ ସାମିଲ ଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ରଙ୍ଗ ମାରିଲେ...

ପ୍ରାର୍ଥୀଙ୍କୁ ଆଶୀର୍ବାଦ କରିବା ସହ ସ୍ନେହାଙ୍ଗିନୀଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ଅନୁରୋଧ କରିଥିଲେ। ଦୀର୍ଘ ତିନିଘଣ୍ଟା ଧରି ଚାଲିଥିବା ଏହି ରୋଡ ଶୋ'ରେ ହଜାର ହଜାର ଲୋକ ନବୀନ ପଟ୍ଟନାୟକଙ୍କୁ ସ୍ୱାଗତ କରିଥିଲେ। ରୋଡ ଶୋ' ପରେ ଅପରାହ୍ଣ ୩ଟାରେ ନୂଆପଡ଼ା ବ୍ଲକ୍ ପରକୋଡ଼ ପଞ୍ଚାୟତରେ ଆୟୋଜିତ ବିଶାଳ ଜନସଭାରେ ଯୋଗଦେଇ ଶ୍ରୀ ପଟ୍ଟନାୟକ ବିଜେପି ସରକାରକୁ କଠୋର ଶବ୍ଦରେ ସମାଲୋଚନା କରିଥିଲେ। ସେ କହିଥିଲେ ଯେ ବିଜୁ ଜନତା ଦଳ ସରକାର ସମୟରେ ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଯୋଗ, ପାନୀୟଜଳ, ଜଳସେଚନ, ଆଦିବାସୀ କଲ୍ୟାଣ ଆଦି ବିଭିନ୍ନ କ୍ଷେତ୍ରରେ ପ୍ରଭୂତ ବିକାଶ ଆସିଥିଲା। ନୂଆପଡାରେ ହଜାର ହଜାର ଏକର ଜମିକୁ ଜଳସେଚନ ଯୋଗାଇ ଦିଆଯାଇଥିଲା। ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ପ୍ରଭୂତ ଉନ୍ନତି ଆସିଥିଲା। ତାଙ୍କ ସରକାର ସମୟରେ ହୋଇଥିବା ବିଜୁ ଏକ୍ସପ୍ରେସ ୱେ ଆଜି ନୂଆପଡାର ଆର୍ଥିକ ବିକାଶ ପାଇଁ ସୁଯୋଗ ଆଣିଥିଲା ବୋଲି ନବୀନ କହିଥିଲେ।

ଏହି ଅବସରରେ ୫୦୦ ଦିନ ପୁରଣ କରିଥିବା ବିଜେପି ସରକାର ଲୋକଙ୍କ ପାଇଁ କ'ଣ କରିଛି ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଥିଲେ। ୩୦୦ ୟୁନିଟ୍ ମାଗଣା ବିଜୁଳି, ୩୫୦୦ ଟଙ୍କା ପେନସନ, ଚାଷୀ ଭାଇଙ୍କୁ ୟୁରିଆ ସାର, ଯୁବକଙ୍କୁ ଚାକିରି ଆଦି ପ୍ରତିଶ୍ରୁତି ପୂରଣରେ ସରକାର ବିଫଳ ହୋଇଥିବା କହିଥିଲେ। ମିଶନ ଶକ୍ତି ମା'ମାନଙ୍କୁ ଋଣ ନ ମିଳିବା ଓ ଧାନ କିଣାରେ କଟନିଛଟନି ବନ୍ଦ ହୋଇ ନ ଥିବାର ଅସନ୍ତୋଷ ବ୍ୟକ୍ତ କରିଥିଲେ। ବିଏସ୍‌କେୱାଇ କାର୍ଡରେ ଲୋକଙ୍କୁ ସେବା ମିଳୁଥିଲା; କିନ୍ତୁ ଏବେ ଆୟୁଷ୍ମାନ କାର୍ଡରେ କେବଳ ଟେନ୍‌ସନ ମିଳୁଛି ବୋଲି ସେ କ୍ଷୋଭର ସହ କହିଥିଲେ। କୋମନା ସଭାରେ ଲୋକଙ୍କ ମନରେ ଯେଉଁ କ୍ରୋଧ ଓ ଦୁଃଖ ସେ ଦେଖିଥିଲେ ଆଜି ମଧ୍ୟ ନୂଆପଡାରେ ଲୋକଙ୍କ ଆଖିରେ ସେହି କ୍ରୋଧ ଓ ଦୁଃଖ ରହିଛି। ନୂଆପଡାରେ ରହି ନୂଆପଡାବାସୀଙ୍କ ସେବା କରିବା ପାଇଁ ଶ୍ରୀ ପଟ୍ଟନାୟକ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ନିର୍ଦ୍ଦେଶ ଦେଇଥିବା ଉଲ୍ଲେଖ କରି ତାଙ୍କୁ ବହୁ ଭୋଟ ବ୍ୟବଧାନରେ ବିଜୟୀ କରାଇବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଗତ ତିନି ତାରିଖ ଦିନ ତାଙ୍କ ସଭାକୁ ଯେପରି ଲୋକ ନ ଆସିପାରିବେ, ସେଥିପାଇଁ ଅନେକ ଚେଷ୍ଟା କରାଯାଇଥିଲା ; କିନ୍ତୁ କୋମନାରେ ଭୋଟର ଭାଇ ଭଉଣୀମାନେ ବହୁ ସଂଖ୍ୟାରେ ତାଙ୍କ ସଭାରେ ଯୋଗ ଦେଇଥିବାରୁ ଶ୍ରୀ ପଟ୍ଟନାୟକ ତାଙ୍କ ଭାଷଣରେ ଧନ୍ୟବାଦ ଜଣାଇଥିଲେ।

ଆଜି ରୋଡ ଶୋ' ଅବସରରେ ଶ୍ରୀ ପଟ୍ଟନାୟକ ରାସ୍ତାର ଦୁଇ ପଟରେ ଥିବା ହଜାର ହଜାର ଶୁଭେଚ୍ଛୁଙ୍କୁ ହାତ ହଲାଇ ଅଭିବାଦନ ଜଣାଇବା ସହ ଖରିଆର ରୋଡର ଡାଗା ଛକ, ବିଜୁ ପଟ୍ଟନାୟକ ଛକ ଓ ଲଖନିଆ ପେଟ୍ରୋଲ୍ ପମ୍ପ ଛକ ମାନଙ୍କରେ ଜନସାଧାରଣଙ୍କୁ ସମ୍ବୋଧିତ କରିଥିଲେ। ସେହିପରି ନୂଆପଡା ଏନଏସି ଅଞ୍ଚଳର ସୂର୍ଯ୍ୟନଗର ଛକ, ଗାୟତ୍ରୀ ମନ୍ଦିର ଛକ ଓ ଏକତା ଛକରେ ମଧ୍ୟ ଶ୍ରୀ ପଟ୍ଟନାୟକ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ସ୍ନେହାଙ୍ଗିନୀଙ୍କୁ ଆଶୀର୍ବାଦ କରିବାକୁ ନୁରୋଧ କରିଥିଲେ। ପାରକୋଟ ଜନସଭାରେ ବିଜେଡିର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ପ୍ରସନ୍ନ ଆଚାର୍ଯ୍ୟ, ସନ୍ତୃପ୍ତ ମିଶ୍ର, ସଂଜୟ ଦାସବର୍ମା, ଅରୁଣ ସାହୁ, ପ୍ରତାପ ଜେନା, ଅରୁଣ ସାହୁ, ଟୁକୁନି ସାହୁ, ଚିନ୍ମୟ ସାହୁ, ଇପ୍ସିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଳର ବରିଷ୍ଠ ନେତା କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର, ଶ୍ରୀକାନ୍ତ ସାହୁ, ପ୍ରଦୀପ ସାହୁ, ନିରଂଜନ ବିଶି, ବର୍ଷା ସିଂ ବରିହା, ମନୋହର ରନ୍ଧାରୀ, ସୁଦର୍ଶନ ହରିପାଲ, ଧ୍ରୁବ ଚରଣ ସାହୁ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଦେବାଶିଷ ମାରାଣ୍ଡି, ସାରଦା ଜେନା, ପ୍ରଶାନ୍ତ ବେହେରା, ନିହାର ବେହେରା, ଦେବାଶିଷ ପଟ୍ଟନାୟକ, ବେଣୁଧର ପ୍ରଧାନ, ସାନନ୍ଦ ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

### ଦିଲ୍ଲୀରେ ୮୦୦...

ଆସିବା କରୁଥିବା ବିମାନଗୁଡିକ ମଧ୍ୟ ବିଳମ୍ବିତ ହୋଇଛି। ଏହି ସମସ୍ୟା କେବେ ସମାଧାନ ହେବ ଓ ସ୍ଥିତି କେବେ ସାମାନ୍ୟ ହେବ ସେ ନେଇ ଦିଲ୍ଲୀ ବିମାନ ବନ୍ଦର କର୍ତ୍ତୃପକ୍ଷ କୌଣସି ସୂଚନା ଦେଇ ନାହାନ୍ତି। ଫ୍ଲାଇଟ୍ ଟ୍ରାକିଂ ପୋର୍ଟାଲରେ ଦିଲ୍ଲୀର ଆକାଶର ଚିତ୍ର ଦେଖିବାକୁ ମିଳୁଛି। ଗୁରୁବାର ସନ୍ଧ୍ୟାଠାରୁ ଏହି ସମସ୍ୟା ଦେଖିବାକୁ ମିଳିଥିଲା। ବିମାନ ବିଳମ୍ବିତ ହେବା କାରଣରୁ ଯାତ୍ରୀ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଚେକ୍ ଇନ୍, ଗେଟ୍ ନିକଟରେ ଅପେକ୍ଷା, ବୋର୍ଡିଓ ଲେଟ୍, କନେକସନ ଫ୍ଲାଇଟ୍‌ରୁ ବଞ୍ଚିତ ହେବାର ସମସ୍ୟା ସୃଷ୍ଟି ହୋଇଛି। ଏହା ଦ୍ୱାରା ମଧ୍ୟ ଅପରେସନ ପ୍ରଭାବିତ ହୋଇଛି। ଦିଲ୍ଲୀ ବିମାନ ବନ୍ଦରରେ ପ୍ରତିଦିନ ୧,୫୦୦ ବିମାନ ଯିବା ଆସିବା କରିଥାଏ। ଏହା ଦ୍ୱାର ଏୟାର ଲାଇନ୍ସ ଓ ବିମାନବନ୍ଦର କାର୍ଯ୍ୟପ୍ରଣାଳୀ ବିଳମ୍ବିତ ହୋଇଛି। ଏହି ସମସ୍ୟା କାରଣରୁ ବେଟିଆ, ଲକ୍ଷ୍ନୌ, ଜୟପୁର, ଚଣ୍ଡିଗଡ଼ ବିମାନ ବନ୍ଦର ମଧ୍ୟ ପ୍ରଭାବିତ ହୋଇଛି। ବିମାନ ବିଳିମ୍ବିତ ହେବା କାରଣରୁ ଆଗକୁ ଆସିବାକୁ ଥିବା ବିମାନ ଗୁଡିକର କାର୍ଯ୍ୟସୂଚୀ ବିଳମ୍ବିତ ହୋଇଛି।

### ୪୨ ଦିନରେ ବିକ୍ରି...

ଏଥିରେ ଯାତ୍ରୀବାହୀ କାର ଏବଂ ଦୁଇ ଚକିଆ ଯାନ ପାଇଁ ରେକର୍ଡ ପଞ୍ଜିକରଣ ହୋଇଛି। ଜିଏସ୍ଟି ୨.୦ ଲାଗୁ ହେବା ପରେ ଯାନବାହାନ ମୂଲ୍ୟ ହ୍ରାସର ପ୍ରଭାବ ମଧ୍ୟ ଏଥର ବଜାରରେ ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଫାଡା ସଭାପତି ସି.ଏସ୍. ବିଘ୍ନେଶ୍ୱର କହିଛନ୍ତି ଯେ, ଚଳିତ ପାର୍ବଣ ଋତୁରେ ହୋଇଥିବା ବିକ୍ରି, ଭାରତର ଅଟୋ କ୍ଷେତ୍ରର ଖୁଚୁରା ବିକ୍ରି ଇତିହାସରେ ସବୁଠୁ ବଡ଼। ଜିଏସ୍ଟି ୨.୦ ଯୋଗୁ ମଧ୍ୟବିତ୍ତ ବର୍ଗଙ୍କ ପାଇଁ ଯାନବାହାନ କିଣିବା ସରଳ ଓ ସହଜ ହୋଇଛି। କମ୍ପାକ୍ଟ ଓ ୪ ମିଟରରୁ କମ୍ ଆକାରର ଗାଡ଼ି ଚାହିଦା ସବୁଠୁ ଅଧିକ ରହିଛି। ଗ୍ରାମାଞ୍ଚଳର ମଧ୍ୟ ଗାଡ଼ି ବିକ୍ରି ଆଖିଦୃଶିଆ ଭାବରେ ବଢ଼ିଛି। ଏହା ବାଦ ଇଲେକ୍ଟ୍ରିକ୍ ଗାଡ଼ି ପ୍ରତି ମଧ୍ୟ ଗ୍ରାହକଙ୍କ ଆଗ୍ରହ ବଢ଼ିଛି। ତିନି ଚକିଆ ଏବଂ କର୍ମସିଆଲ ଇଭି ଗାଡ଼ିର ବିକ୍ରି ଯଥାକ୍ରମେ ୯% ଏବଂ ୧୫% ଅଭିବୃଦ୍ଧି ରେକର୍ଡ କରିଛି।

### ଏସ୍‌ଆଇଟି ବୈଠକରେ...

ବୈଠକରେ ବିଭାଗୀୟ ଅଧିକାରୀ ଉପସ୍ଥାପନ କରିଥିଲେ। ସରକାରଙ୍କ ସୁପାରିସକ୍ରମେ ଏହାର ତଦନ୍ତ ଆଗକୁ ସିବିଆଇ କରିବ। ଏଣୁ, ତଦନ୍ତ ପରେ ଅଧିକ ତଥ୍ୟ ଆସିପାରିବ ବୋଲି ସେ କହିଥିଲେ। ନିକଟ ଅତୀତରେ ଦୁର୍ନୀତି ମାମଲାରେ ବହୁ ସଂଖ୍ୟାରେ ଉଚ୍ଚପଦସ୍ଥ ଅଧିକାରୀ ଧରାପଡ଼ିଛନ୍ତି। ଏପରିକି, ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣାରେ ସରକାରୀ ଅଧିକାରୀ ଧରାପଡ଼ିଥିବା ବେଳେ ଓପିଆରବି ଦ୍ୱାରା ପରିଚାଳିତ ହେଉଥିବା ପୁଲିସ୍ ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଲେଙ୍କାରୀ ଘଟଣାରେ ଏଯାଏ କୌଣସି ସରକାରୀ ଅଧିକାରୀଙ୍କୁ ଗିରଫ କରାଯାଇନାହିଁ। ଏହି ଘଟଣାରେ ନିଯୁକ୍ତି ଆଶାୟୀଙ୍କଠାରୁ ବିପୁଳ ଅର୍ଥ କାରବାର ହୋଇଥିବାରୁ ଇଡି ପକ୍ଷରୁ ଏହି ପ୍ରସଙ୍ଗରେ ନଜର ରଖାଯିବା ପାଇଁ ଜଷ୍ଟିସ ପଶାୟତ ଗୁରୁତ୍ୱାରୋପ କରିଥିଲେ।

ସେହିଭଳି ଦୁର୍ନୀତି ନିବାରଣ ଆଇନ ମାମଲାର ଅନ୍ୟ ଦିଗ ବିଷୟରେ ଓ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ନେଇ ନିଆଯାଇଥିବା ପଦକ୍ଷେପ ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ଯେଉଁ ବିଭାଗରେ ଅଧିକ ଦୁର୍ନୀତି ମାମଲା ଧରାପଡୁଛି, ସେହି ବିଭାଗ ପ୍ରତି ଅଧିକ ଧ୍ୟାନ ଦିଆଯିବାକୁ କୁହାଯାଇଛି। ଏସ୍‌ଆଇଟି ଉପାଧ୍ୟକ୍ଷ ଜଷ୍ଟିସ ପଶାୟତଙ୍କ ଅଧ୍ୟକ୍ଷତାରେ ତାଙ୍କ ତେଲେଙ୍ଗାବଜାରସ୍ଥିତ ବାସଭବନରେ ଅନୁଷ୍ଠିତ ବୈଠକରେ ଇଡି, ଭିଜିଲାନ୍ସ, କ୍ରାଇମବ୍ରାଞ୍ଚ, ଭିଜିଲାନ୍ସ ଓ ସିବିଆଇ ଅଧିକାରୀମାନେ ଉପସ୍ଥିତ ଥିଲେ। ପରବର୍ତ୍ତୀ ବୈଠକ ମୁମ୍ବଇଠାରେ ଅନୁଷ୍ଠିତ ହେବ।

### ଶଙ୍କର, ସୁରେଶଙ୍କର...

ବର୍ତ୍ତମାନ ବିଚାର ବିଭାଗୀୟ ରିମାଣ୍ଡରେ ଥିବା ଶଙ୍କର ସହ ସିଲିକନ୍-ଟେକ୍‌ର ମାଲିକ ସୁରେଶ ନାୟକଙ୍କ ମଧ୍ୟ ଉକ୍ତ ପରୀକ୍ଷା କରାଯିବ। ଏହି ପରୀକ୍ଷାର ଲକ୍ଷ୍ୟ ବୟାନ ଯାଞ୍ଚ କରିବା ଏବଂ ମାମଲାର ପ୍ରମୁଖ ଦିଗଗୁଡ଼ିକ ଉପରେ ସ୍ୱଷ୍ଟତା ସଂଗ୍ରହ କରିବା ବୋଲି କ୍ରାଇମବ୍ରାଞ୍ଚ କହିଛି। ରିମାଣ୍ଡ ଅବଧି ଶେଷ ହେବା ପର ମିଛ ଚିହ୍ନଟ ପରୀକ୍ଷା ପାଇଁ କୋର୍ଟରେ ଆବେଦନ କରାଯିବ ବୋଲି ଜଣାଯାଇଛି। ପ୍ରକାଶଥାଉକି, ଉତ୍ତରାଖଣ୍ଡର ନେପାଳ ସୀମା ନିକଟରୁ ଶଙ୍କରକୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା। ଶଙ୍କର ସହ ଗିରଫ ଆଉ ଜଣେ ଅଭିଯୁକ୍ତ ଅରବିନ୍ଦର ୫ ଦିନିଆ ରିମାଣ୍ଡ ଶନିବାର ଶେଷ ହେଉଛି।

### ହାଇକୋର୍ଟରେ ସତ୍ୟପାଠ...

କରାଯାଇଛି। ପ୍ରକାଶଥାଉକି, ଗତ ଶୁଣାଣି ସମୟରେ ବ୍ରହ୍ମପୁର ଏସ୍‌ପିଙ୍କୁ ସ୍ୱଷ୍ଟୀକରଣ ମାଗିଥିଲେ ହାଇକୋର୍ଟ। ଆଜି ଏସ୍‌ପିଙ୍କ ପକ୍ଷରୁ ଏକ ଲିଖିତ ଜବାବ ଦାଖଲ କରାଯାଇଥିଲା। ଦାଖଲ ଲିଖିତ ଜବାବରେ ଏସପି ସ୍ୱୀକାର କରିଛନ୍ତି ଯେ ପୀତବାସ ପଣ୍ଡା ହତ୍ୟା ଘଟଣା ସହ ଏହି ନିର୍ବାଚନୀ ମକଦ୍ଦମାକୁ ଲିଙ୍କ୍ କରି ସେ ଗଣମାଧ୍ୟମରେ ସାର୍ବଜନୀନ ମନ୍ତବ୍ୟ ଦେଇଥିଲେ। ତେବେ ସତ୍ୟପାଠ ଜରିଆରେ ଏହାକୁ ଦେବାକୁ ଅଦାଲତ କହିଛନ୍ତି। ସତ୍ୟପାଠ ଗ୍ରହଣ କରିବା ପରେ ଏସ୍‌ପିଙ୍କ ଉପରୋକ୍ତ ଆଚରଣ ଅଦାଲତ ଅବମାନନା କି ନୁହେଁ, ତାହାର ବିଚାର କରାଯିବ ବୋଲି ହାଇକୋର୍ଟ କହିଛନ୍ତି। ଏସ୍‌ପିଙ୍କ ଭଳି ଜଣେ ବରିଷ୍ଠ ପୁଲିସ ଅଧିକାରୀ କିଭଳି ଓ କେଉଁ କାରଣ ପାଇଁ ଅଦାଲତରେ ବିଚାରାଧୀନ ଥିବା ମକଦ୍ଦମା ଫଳାଫଳ ସମ୍ପର୍କରେ ଏଭଳି ମନ୍ତବ୍ୟକୁ ସାର୍ବଜନୀନ କଲେ, ସେ ସମ୍ପର୍କରେ ଏସ୍‌ପି ସତ୍ୟପାଠ ଦେବେ।

ମାମଲାରୁ ପ୍ରକାଶ, ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣା ସହ ନିର୍ବାଚନୀ ମକଦ୍ଦମାର ସଂଯୋଗ ରହିଛି ବୋଲି ଏସ୍‌ପି ଏକ ସାମ୍ବାଦିକ ସମ୍ମିଳନୀରେ କହିଥିଲେ। ବ୍ରହ୍ମପୁର ବିଧାୟକଙ୍କ ବିରୋଧରେ ଦାୟର ଏହି ନିର୍ବାଚନୀ ମକଦ୍ଦମା ହତ୍ୟା ଅଭିଯୁକ୍ତ ଶିବଶଙ୍କର ଦାସଙ୍କ ବାସଭବନରେ କାମ କରୁଥିବା ଜଣେ ସହାୟକଙ୍କ ନାମରେ ଦାଖଲ କରାଯାଇଥିଲା। ବାସ୍ତବରେ ଏହାକୁ ଶିବଶଙ୍କର ଦାସ ନିଜେ ଦାଖଲ କରିଥିଲେ। ନିର୍ବାଚନୀ ମକଦ୍ଦମା ପାଇଁ ଆଇନଗତ ଖର୍ଚ୍ଚ ଓ ଓକିଲାତି ଫି' ବିକ୍ରମ ପଣ୍ଡା ଭରଣା କରୁଥିଲେ ବୋଲି ଏସ୍‌ପି ଗଣମାଧ୍ୟମରେ କହିଥିଲେ। ହତ୍ୟା ଘଟଣା ସହ ବିଚରାଧୀନ ନିର୍ବାଚନୀ ମକଦ୍ଦମାକୁ ଯୋଡ଼ିବା ଅଦାଲତ ଅବମାନନା ବୋଲି ଆବେଦନକାରୀ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ ଦର୍ଶାଇଥିଲେ ଯେ ଗତ ୨୦୨୫ ଅକ୍ଟୋବର ୨୨ରେ ଘରକୁ ଫେରୁଥିବା ବେଳେ କିଛି ପୁଲିସ କର୍ମଚାରୀ ସାଦା ପୋଷାକରେ ରହି ତାଙ୍କୁ ବ୍ରହ୍ମପୁର ପୁଲିସ ବାରାକକୁ ଉଠାଇ ନେଇଥିଲେ। ଏପରିକି ସେଠାରେ ଅଟକ ରଖି ବିଧାୟକଙ୍କ ନାମରେ କାହିଁକି ନିର୍ବାଚନୀ ମକଦ୍ଦମା ଦାୟର କରିଛ ବୋଲି ପଚରାଉଚରା କରିଥିଲେ।

### ଇ-କେୱାଇସି ନେଇଛି...

ଅନୁଯାୟୀ ରିସା ମାଙ୍କିଡ଼ିଆଙ୍କର ଅନ୍ତ୍ୟୋଦୟ ଅନ୍ନ ଯୋଜନା (ଏଏୱାଇ) ରାସନ କାର୍ଡ ଥିଲା। ମାତ୍ର ତାଙ୍କର ଆଧାରକାର୍ଡ ହୋଇପାରି ନ ଥିଲା। ବାରମ୍ବାର ଚେଷ୍ଟା ସତ୍ୱେ ଇ-କେୱାଇସି ସମ୍ପୂର୍ଣ୍ଣ ନହେବା କାରଣରୁ ତାଙ୍କୁ ଚାଉଳ ମିଳୁ ନ ଥିଲା। ବିନା ନୋଟିସରେ ତାଙ୍କର ଅନ୍ତ୍ୟୋଦୟ କାର୍ଡକୁ ନିଷ୍କ୍ରିୟ କରାଯାଇଥିବା ବେଳେ ସ୍ଥାନୀୟ ସରକାରୀ ଅଧିକାରୀ ମଧ୍ୟ ଏହାକୁ ଗୁରୁତ୍ୱ ଦେଇ ନ ଥିଲେ। ଓଡ଼ିଶା ରିଲିଫ କୋଡ୍‌ର ନିୟମ ଅନୁଯାୟୀ ଯଦି କୌଣସି ବ୍ୟକ୍ତିର ଅନାହାରରେ ମୃତ୍ୟୁ ହୁଏ ତେବେ ମୃତ୍ୟୁର ୪୮ ଘଣ୍ଟା ମଧ୍ୟରେ ତହସିଲଦାରସ୍ତରର କୌଣସି ସରକାରୀ ଅଫିସର ତଦନ୍ତ କରିବା ବାଧ୍ୟତାମୂଳକ। ହେଲେ ରିସା ମାଙ୍କିଡିଆଙ୍କ କ୍ଷେତ୍ରରେ ଏହାକୁ ଅନୁପାଳନ କରାଯାଇ ନାହିଁ। ରିସା ମାଙ୍କିଡିଆଙ୍କ ରାସନ ବହି ଦର୍ଶାଉଛି ଯେ ସେ ଏପ୍ରିଲ୍ ୨୦୨୫ ପର୍ଯ୍ୟନ୍ତ ନିୟମିତ ଭାବରେ ୩୫ କିଲୋ ଚାଉଳ ପାଇଥିଲେ। ମେ' ଏବଂ ଜୁନ୍ ମାସ ପାଇଁ ରାସନ ବହି ପୃଷ୍ଠା ଖାଲି ଥିବାବେଳେ ଜୁଲାଇ ଏବଂ ଅଗଷ୍ଟ ୨୦୨୫ ପାଇଁ ଗୋଟିଏ ବିବାଦୀୟ ଏଣ୍ଟ୍ରି ଅଛି। ପୂର୍ବତନ ସ୍ଥାନୀୟ ୱାର୍ଡମେମ୍ବରଙ୍କ ତଥ୍ୟ ଅନୁଯାୟୀ ତାଙ୍କ ମୃତ୍ୟୁ ପରେ ବ୍ଲକ ଅଧିକାରୀମାନେ କାର୍ଡ ନେଇଛନ୍ତି। ଏହାସହିତ ମିଞ୍ଜରୀ ମାଙ୍କେଡ଼ିଆ (ରିସାଙ୍କ ବୋହୂ)ଙ୍କ ରାସନ କାର୍ଡ ମଧ୍ୟ ବର୍ତ୍ତମାନ ସ୍ଥାନୀୟ ପିଡିଏସ ଡିଲରଙ୍କ ପାଖରେ ଅଛି। ଯାହାକୁ ନେଇ ଏହି ଟିମ୍‌ର ସଦସ୍ୟମାନେ ସନ୍ଦେହ ପ୍ରକଟ କରିଛନ୍ତି। ଅନ୍ୟପଟେ ରିସା ମାଙ୍କିଡିଆଙ୍କ ଅନାହାରଜନିତ ମୃତ୍ୟୁ ଓଡ଼ିଶାରେ ଖାଦ୍ୟ ସୁରକ୍ଷା ଏବଂ ସାମାଜିକ ସୁରକ୍ଷା ବ୍ୟବସ୍ଥା କେତେ ଦୟନୀୟ ଅବସ୍ଥାରେ ଅଛି, ତାହା ଅନୁମେୟ ବୋଲି ସଂଗଠନଗୁଡ଼ିକ କହିଛନ୍ତି। ତେଣୁ ରାଜ୍ୟ ସରକାର ତୁରନ୍ତ ଏହି ଘଟଣାରେ ନିରପେକ୍ଷ ତଦନ୍ତ କରିବା ସହ ବିହିତ କାର୍ଯ୍ୟାନୁଷ୍ଠାନ ନେବାପାଇଁ ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ୩ ସଂଗଠନ ପକ୍ଷରୁ ଗୌରାଙ୍ଗ ମହାପାତ୍ର, ରଞ୍ଜିତ ସୁତାର, ସମୀତ ପଣ୍ଡା ଓ ସାମାଜିକ କର୍ମୀ ମଣ୍ଟୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।


## AFFIDAVIT

By virtue of an affidavit sworn before the Notary Public, Cuttack Town on Dt. 01/07/2025. I, **Eram Ahamed Saikh,** W/o- Monazir Akhtar, resident of Village- Sayedpur, Ps- Binjharpur, Dist- Jajpur. My name has been wrongly mentioned as **Eram Mushtaque Ahmed Shaikh** in my Passport bearing No- Y3931701. I declare that my self **Eram Ahmed Shaikh** and **Eram Mushtaque Ahmed Shaikh** is one and same person for all purposes.

## AFFIDAVIT

By virtue of an affidavit before The Notary Public, Titilagarh, on dated- 06/11/2025. I, **Santosh Kumar Majhi** (new name) formerly called as Santosh Majhi (old name), S/o Mahadeba Majhi, permanent resident of AT: Digisira, PO: Kushkela, PS: Sindhekela, Dist: Balangir (Odisha), PIN: 767066 now residing at the same place affirm that I have changed my name from **Santosh Majhi** (old name) to **Santosh Kumar Majhi** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I shall be known as **Santosh Kumar Majhi** (new name).

**Santosh Kumar Majhi**

## AFFIDAVIT

I MOHD ABDUL HASIB ABDUL QAIYUM MOHD/MOHAMMED ABDUL HASIB S/O ABDUL QAIYUM AT: AKHUN MOHALLA, PO- PO- KRUSHNANANDAPUR, PS- TIRTOL, JAGATSINGHPUR- 754135, ODISHA DECLARE BY THIS AFFIDAVIT NO- 40752, DATE- 6.11.2025, THAT NOW ONWARDS, I SHALL BE KNOWN AS **MOHAMMAD ABDUL HASIB** FOR ALL FUTURE PURPOSES.

## AFFIDAVIT

By virtue of an affidavit sworn before the Executive Magistrate, Jajpur, dtd.03.11.2025, I, Abhiram Khandai, S/o Giridhari Khandai, At–Kalaspur, Po–Hasinpur, PS–Jajpur Sadar, Dist–Jajpur, Odisha–755017, do hereby declare that I have changed my name from Abhiram Panda to Abhiram Khandai, Date of Birth: 01/07/1963, for all purposes. Henceforth, I shall be known as **Abhiram Khandai**.

**Sd/- Abhiram Khandai**

## AFFIDAVIT

By virtue of an affidavit sworn before Executive Magistrate, Bhograi, dated: 19/07/2025, I, Malati Jena, Resident of At- Mandarsahi, Po- Sukhasandha Patna, Via- Dehurda, Block- Bhograi, Dist- Balasore, Pin- 756036, Odisha declare that I have changed my son name from Pabitra Jen to Ashutosh Jena. Henceforth, he shall be known as **Ashutosh Jena** for all purposes.

## AFFIDAVIT

By virtue of an affidavit sworn before the Executive Magistrate, Bhograi, dated 06/11/2025 I, Kalpana Mohapatra, W/o. Padmalochan Mohapatra, At. Ghantilodi, Po. Kumarjalina, Ps. Bhograi, Dist. Balasore, Pin- 756036, Odisha declare that I have changed the name of my son from Dibyandhu Mohapatra to Dibyanshu Mohapatra. Henceforth, he will be known as **Dibyanshu Mohapatra** for all purposes.

## AFFIDAVIT

By virtue of an affidavit sworn before the Executive Magistrate, Bhograi, dated 04/11/2025 I, Dhananjay Das, S/o. Narayan Prasad Das, At. Deula, Po. Deulahat, Ps. Bhograi, Dist. Balasore, Pin- 756036, Odisha renounce, relinquish and abandon the use of my minor son's former name Manoranjan Das (old name) instead of Madhujit Das (New name). Henceforth, he will be known as **Madhujit Das** for all purposes.

## AFFIDAVIT

I, Priyadarsini Swain, aged about 41 years, W/o- Subhransu Behura, resident of At- Tinigharia, Nayabazar, Ps- Madhupatna, Cuttack, Dist- Cuttack, Pin-753004, Odisha declare by this affidavit No. 2274, dtd- 07/11/2025, that now onwards I shall be known as **PRIYADARSHINI SWAIN** for all future purposes.

## AFFIDAVIT

I, Rashmi Rekha Pradhan, aged about 46 years, W/o- Santosh Kumar Pradhan, Resident of Flat No.: 401, Specific Royal Palace, PO:Sailashreevihar, Bhubaneswar, Dist.: Khorda, Odisha, PIN-751021 declared by this Affidavit No.1369, Dated: 07.11.2025. that now onwards I shall be known as **RASHMI REKHA GARNAIK** or all future Purposes.

## AFFIDAVIT

By virtue of an Affidavit sworn before the Executive Magistrate Sohela dated 07/11/2025 I Babita Sahoo D/O- Chakradhar Sahu resident of village/Ward Mahabir Pada PO/PS.: Bhawanipatna Dist.: Kalahandi declare that I have changed my name from **Babita Kumari Sahoo** to **Babita Sahoo**. Henceforth I shall be known as **Babita Sahoo** for all purposes.

## AFFIDAVIT

I, Monali Nayak, aged about 39 years, W/o- Partha Pratim Nayak resident of At- Plot No- 167/5, Gajapati Nagar, Durga Mandap Lane, Press Chhak, Po- Sainik School, Bhubaneswar, Pin- 751005, Odisha declare by this affidavit No.108, dtd- 19/07/2025, that now onwards I shall be known as **MONALI MALLICK** for all future purposes.

## AFFIDAVIT

I RANJIT KUMAR JENA/ RANJIT JENA, S/O.: LATE BISWANATH JENA, PLOT NO.- 4249/9268, PANDAV NAGAR, TANKAPANI ROAD, P.S.: BADAGADA, BHUBANESWAR- 751018, ODISHA DECLARE BY THIS AFFIDAVIT NO.: 40750 DATE- 6.11.2025, THAT NOW ONWARDS, I SHALL BE KNOWN AS **RANJEET KUMAR JENA** FOR ALL FUTURE PURPOSES.

## AFFIDAVIT

I TASNIM ARA ABDUL HASIB MOHD W/O MOHAMMAD ABDUL HASIB AT- AKHUN MOHALLA, PO- PO- KRUSHNANANDAPUR, PS- TIRTOL, JAGATSINGHPUR- 754135, ODISHA DECLARE BY THIS AFFIDAVIT NO- 40749, DATE- 6.11.2025, THAT NOW ONWARDS, I SHALL BE KNOWN AS **TASNIM ARA** FOR ALL FUTURE PURPOSES.

## AFFIDAVIT

By virtue of an affidavit sworn before the Excutive Magistrate and Tahsildar Sohela, on the 30th of October, 2025, I, **Keshaba Sahu**, S/o Suryabali Sahu, resident of Village: Mangalpali, PO: Rengali, PS: Sohela, Dist: Bargarh, PIN- 768033, Odisha, declare that I have changed the name of my minor son from **Mukshyajit Sahu** (old name) to **Meyar Sahu** (new name). Henceforth, he shall be known as **Meyar Sahu** for all purposes.

**Keshaba Sahu**

## ପୂର୍ବ ତଟ ରେଳପଥ

### ଓଭରହେଡ୍ ଟ୍ରାକ୍ସନ ତାରରେ ବିଦ୍ୟୁତ ପ୍ରବାହ ସମ୍ବନ୍ଧୀୟ ସାର୍ବଜନୀକ ଅଧିସୂଚନା

ପ୍ରୋଫର୍ମା-10.01

ପୂର୍ବ ତଟ ରେଳପଥର ନିମ୍ନ ବର୍ଣ୍ଣିତ ସେକ୍ସନର ସମ୍ପୂର୍ଣ୍ଣ ହୋଇଥିବା ସେକ୍ସନରେ ଅବସ୍ଥିତ ରେଳବାଇ ଲାଇନ୍ ଏବଂ ପରିସରକୁ ବ୍ୟବହାର କରୁଥିବା ସମସ୍ତ ବ୍ୟକ୍ତିବିଶେଷଙ୍କୁ ଏତଦ୍ୱାରା ଅବଗତ କରାଇ ଦିଆଯାଉଅଛି ଯେ, ନିର୍ଦ୍ଦିଷ୍ଟ ସେକ୍ସନ ନିମନ୍ତେ ନିର୍ଦ୍ଧାରିତ ତାରିଖରେ କିମ୍ବା ଏହା ପରେ 25,000 ଭୋଲ୍ଟ, 50 Hz, AC ଓଭରହେଡ୍ ଟ୍ରାକ୍ସନ ତାରରେ ବିଦ୍ୟୁତ ପ୍ରବାହ କରାଯିବ। ସେହି ତାରିଖ ଦିନ କିମ୍ବା ତା'ପର ଠାରୁ ଓଭରହେଡ ଟ୍ରାକ୍ସନ ଲାଇନ୍‌ରେ ସବୁ ସମୟ ପାଇଁ ବିଦ୍ୟୁତ ପ୍ରବାହିତ ହେବ । ଏଥିପାଇଁ ଯେକୌଣସି ଅନଧିକୃତ ବ୍ୟକ୍ତି ଉକ୍ତ ଓଭର ହେଡ୍ ଲାଇନ୍ ନିକଟକୁ ଯିବେ ନାହିଁ କିମ୍ବା ତାହାର ଆଖପାଖରେ କୌଣସି କାର୍ଯ୍ୟ କରିପାରିବେ ନାହିଁ।

| ସେକ୍ସନ | ମଣ୍ଡଳ | ବିଦ୍ୟୁତ୍ ପ୍ରବାହ ତାରିଖ |
|---|---|---|
| ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ତାଳଚେର ରୋଡ଼ ୟାର୍ଡ - ତାଳଚେର ୟାର୍ଡ ଚତୁର୍ଥ ଲାଇନ ଯେଉଁଥିରେ ତାଳଚେର ୟାର୍ଡ (ଓଏଚ୍‌ଇ କି.ମି. **168/14N**, ସିଏଚ୍: **168/615.00** (ତାଳଚେର ରୋଡ଼ ୟାର୍ଡ) ଠାରୁ କି.ମି. ତାଳଚେର/**1168N**, ସିଏଚ୍- (ତାଳଚେର ୟାର୍ଡ) ଅନ୍ତର୍ଭୁକ୍ତ ଅଟେ। | ଖୋର୍ଦ୍ଧା ରୋଡ଼ | 17.11.2025 |

### AC 25 KV ଟ୍ରାକ୍ସନର ପ୍ରଚଳନ "ସଡ଼କ ବ୍ୟବହାରକାରୀମାନଙ୍କ ପାଇଁ ସତର୍କତା"

ପ୍ରୋଫର୍ମା-10.02

ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ସୂଚାଇ ଦିଆଯାଉଅଛି ଯେ "ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର ତାଳଚେର ରୋଡ଼ ୟାର୍ଡ ଚତୁର୍ଥ ଲାଇନ୍, ତାଳଚେର ୟାର୍ଡ (ସମସ୍ତ ନୂଆ ଲାଇନ, ସିକ୍ ସାଇଡିଂ, ଏଆରଟୀ ସାଇଡିଂ, ଟି-ଆଉଟ୍ / ଏକ୍ସ-ଓଭର ଲାଇନ) ସେକ୍ସନ୍ ଉପରେ 25,000 ଭୋଲ୍ଟ ଏସି ଇଲେକ୍ଟ୍ରିକ୍ ଟ୍ରାକ୍ସନ୍‌ର ଶୁଭାରମ୍ଭ"ସମ୍ବନ୍ଧୀୟ ସମସ୍ତ ଲେଭେଲ କ୍ରସିଂଗୁଡ଼ିକ ଠାରେ କୌଣସି ବୋଝେଇ ଯାନ ଜୀବନ୍ତ ଟ୍ରାକ୍ସନ ତାର (କଣ୍ଟାକ୍ଟ ତାର) ସଂସ୍ପର୍ଶରେ ନ ଆସିବା କିମ୍ବା ଏହାର ନିକଟବର୍ତ୍ତୀ ବିପଦାଞ୍ଚଳକୁ ପ୍ରବେଶ ନିଷିଦ୍ଧ ନିମନ୍ତେ ସଡ଼କ ସ୍ତର ଠାରୁ 4.78m ଉଚ୍ଚତା ହାଇଟ୍ ଗେଜ୍ ସ୍ଥାପନ କରାଯାଇଛି, ଯାହାର ଉଚ୍ଚତା ଲେଭେଲ କ୍ରସିଙ୍ଗଗୁଡ଼ିକ ଠାରେ ରେଲ ଲେଭେଲ ଠାରୁ ସର୍ବନିମ୍ନ 5.5m ହେବ।

ତେଣୁ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ସୂଚାଇ ଦିଆଯାଉଅଛି ଯେ, ସଡ଼କ ଗାଡ଼ିରେ ମାଲ ବୋଝେଇ କରିବା ସମୟରେ ଉପର ଲିଖିତ ଉଚ୍ଚତାକୁ ଧ୍ୟାନରେ ରଖି ମାଲ ବୋଝେଇ କରିବେ ଏବଂ ଏହା ଯେପରି କୌଣସି ପରିସ୍ଥିତିରେ ହାଇଟ୍ ଗେଜ୍ ସୀମା ଉଲ୍ଲଙ୍ଘନ ନ କରେ, ସେଥିପ୍ରତି ଦୃଷ୍ଟି ଦେବେ।

ଅଧିକ ଉଚ୍ଚତାରେ ମାଲ୍ ବୋଝେଇ କରିବା ଦ୍ୱାରା ନିମ୍ନଲିଖିତ ବିପଦ ରହିଛି :

1) ହାଇଟ୍ ଗଜ୍ ପ୍ରତି ବିପଦ ଏବଂ ପରିଣାମ ସ୍ୱରୂପ ରେଳ ଲାଇନ୍ ଓ ରାସ୍ତା ଅବରୋଧ ।
2) ପରିବହନ ହେଉଥିବା ମାଲ କିମ୍ବା ଯନ୍ତାଂଶ କିମ୍ବା ସେହି ଯାନ ପ୍ରତି ବିପଦ ।
3) ବିଦ୍ୟୁତ ପରିବାହୀ ସଂସ୍ପର୍ଶରେ ଆସିବା ଫଳରେ ବିପଦର ନିକଟବର୍ତ୍ତୀ ହେବା ସହ ଅଗ୍ନି ଭୟ ସହିତ ଜୀବନ ହାନୀର ଆଶଙ୍କା।

PR-157/CI/25-26

ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ-II), ପୂର୍ବ ତଟ ରେଳପଥ / ଭୁବନେଶ୍ୱର

## ଓଡ଼ିଶା ସରକାର

A-859

ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଆଖୁଆପଦା ଜଳସେଚନ ବିଭାଗନ
Email: akp.irrigationdivision@gmail.com

**'e'-Procurement Notice No. 12/2028-26**

| | | |
|---|---|---|
| 1 | କାର୍ଯ୍ୟ ର ନାମ | : ମରାମତି କାର୍ଯ୍ୟ |
| 2 | ମୋଟ କାର୍ଯ୍ୟ ସଂଖ୍ୟା | : ୧୩ ଗୋଟି କାର୍ଯ୍ୟ |
| 3 | ଅଟକଳ ମୂଲ୍ୟ | : ୪୭.୦୪ ଲକ୍ଷ ରୁ ୮୩.୯୦ ଲକ୍ଷ |
| 4 | ଇ.ଏମ.ଡି (Bid security) ଓ ବିଡ ମୂଲ୍ୟର ଦେୟ ପ୍ରଣାଳୀ | : The bidder shall transfer the required amount of EMD (Bid Security) and cost of Bid by Online through electronic payment as per Govt. of Odisha WDOM No.17254/WE Dated 05.12.2017 as Mentioned in DTCN. |
| 5 | କାର୍ଯ୍ୟ ସମାପ୍ତି ସମୟ | : ୬ ମାସ । |
| 6 | ନିମ୍ନ ଲିଖିତ ଭାବରେ ଅନ୍ୟାନ୍ୟ ବିବରଣୀ : | |
| | I. Procurement Officer | : ଅଧିକ୍ଷଣ ଯନ୍ତ୍ରୀ,ଆଖୁଆପଦା ଜଳସେଚନ ବିଭାଗନ, ଆଖୁଆପଦା |
| | II.ଅନଲାଇନ Biddingର ସମୟସୀମା | :ତା ୦୭.୧୧.୨୦୨୫ ଦିବା ୧୦ ଘଟିକା ରୁ ତା ୨୧.୧୧.୨୦୨୫ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ। |
| | III. Technical ଏବଂFinancial bid ଖୋଲାଯିବାର ତାରିଖ ଓ ସମୟ। | :ଅଧିକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଗନ ଙ୍କ କାର୍ଯ୍ୟାଳୟ ରେ ତା ୨୪.୧୧.୨୦୨୫ ଦିବା ୧୧.୩୦। |
| | IV. Transparent Lottery ର ତାରିଖ ଓ ସମୟ | : ଅଧିକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଗନଙ୍କ କାର୍ଯ୍ୟାଳୟ ରେ ତା ୦୫.୧୨.୨୦୨୫ ଦିବା ୧୧.୦୦ ଘଟିକା ସମୟ ରେ। |

ଅନଲାଇନ ତଥ୍ୟ ଏହି ୱେବସାଇଟ ର ପ୍ରଦାନ କରାଯାଇଅଛି ।www.tendersorissa.gov.in.

ଅଧିକ୍ଷଣ ଯନ୍ତ୍ରୀ
ଆଖୁଆପଦା ଜଳସେଚନ ବିଭାଗନ, ଆଖୁଆପଦା

OIPR-

# ବିଧାୟକଙ୍କ ବିରୁଦ୍ଧରେ ଅଭିଯୋଗ ଆଣିଲେ ଜନ ପ୍ରତିନିଧି




କୋରୁକୋଣ୍ଡା,୭ ।୧୧ (ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅଧୀନ ସମସ୍ତ ୧୨ଗ୍ରାମପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ମିଳିତ ହୋଇ ଚିତ୍ରକୋଣ୍ଡା ଏବଂ ମାଲକାନଗିରି ନିର୍ବାଚନ ମଣ୍ଡଳୀ ବିଧାୟକଙ୍କ ମନମୁଖୀ କାର୍ଯ୍ୟ ବିରୋଧରେ ଏକ ଦାବିପତ୍ର କୋରୁକୋଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି । ପ୍ରକାଶ ଥାଉକି ରାଜ୍ୟ ସରକାରଙ୍କ ବିକଶିତ ଗ୍ରାମ ବିକଶିତ ଓଡିଶା କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମର ବିକାଶ ଦିଗରେ ବିଭିନ୍ନ ଉନ୍ନୟନ ମୂଳକ କାମ ହେଉଛି ଏବଂ ଗ୍ରାମର କେଉଁ କେଉଁ କାମ ହେବ ଗ୍ରାମସଭା, ପଲ୍ଲିସଭାରେ ସ୍ୱୀକୃତି ପାଇ ସରକାରଙ୍କ ଅନୁମୋଦନପାଇଁ ଯାଉଛି ଏବଂ ସେଥିମଧ୍ୟରୁ ୪୦ ପ୍ରତିଶତ ଉନ୍ନୟନମୂଳକ କାର୍ଯ୍ୟ ବିଧାୟକମାନେ ନିଜ ଇଚ୍ଛା ମୁତାବକ ଦେବାର ପ୍ରାବଧାନ ଅଛି । କିନ୍ତୁ କାମ ଗୁଡିକ ଅନୁମୋଦନ ହୋଇ ଆସିଲା ପରେ ଉଭୟ ବିଧାୟକ ସମସ୍ତ କାମ ନିଜ ନିଜର କର୍ମୀ କରିବେ ବୋଲି ବ୍ଲକ ପ୍ରଶାସନକୁ ଚାପ ପକାଉଛନ୍ତି। ଫଳରେ ନିର୍ବାଚିତ ପଞ୍ଚାୟତ ପ୍ରତିନିଧିଙ୍କ ଉନ୍ନୟନ କାମରେ କୌଣସି ଭୂମିକା ରହୁନାହିଁ । ତେଣୁ କୋରୁକୋଣ୍ଡା ବ୍ଲକ ଅଧ୍ୟକ୍ଷଙ୍କ ନେତୃତ୍ୱରେ ବ୍ଲକର ସମସ୍ତ ସରପଞ୍ଚ ଏବଂ ସମିତିସଭ୍ୟ ଏକଜୁଟ ହୋଇ ଉଭୟ ବିଧାୟକଙ୍କ କେଉଁ ଅଧିକାରରେ ସମସ୍ତ କାମକୁ ପାର୍ଟିର କର୍ମୀଙ୍କ ଭିତରେ ବାଣ୍ଟିବାକୁ ଦାବି କରୁଛନ୍ତି ବୋଲି ବିଡିଓଙ୍କୁ ପ୍ରଶ୍ନ କରିଥିଲେ। ଆସିଥିବା ସମସ୍ତ କାମରେ ପଞ୍ଚାୟତ ପ୍ରତିନିଧିଙ୍କ ଅଗ୍ରାଧିକାର ରହୁ ବୋଲି ଦାବି କରିବା ସହ ଏକ ଲିଖିତ ଅଭିଯୋଗ ପ୍ରଦାନ କରିଥିଲେ। ଆଗାମୀ ଦିନରେ ଯଦି ଏହି ପ୍ରଥା ବନ୍ଦ ନହୁଏ, ତେବେ ଆଗାମୀ ଦିନରେ ବ୍ଲକ ଅଚଳ କରିବାକୁ ପଞ୍ଚାୟତ ପ୍ରତିନିଧି ମାନେ କହିଛନ୍ତି।

# ସାଇବର ସଚେତନତା ପାଇଁ ବିତର୍କ ପ୍ରତିଯୋଗିତା

ରାୟଗଡ଼ା/ଚନ୍ଦ୍ରପୁର, ୭।୧୧(ସମିସ): ରାୟଗଡା ଜିଲ୍ଲା ଚନ୍ଦ୍ରପୁର ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟ ଓ ଚନ୍ଦ୍ରପୁର ଥାନାର ମିଳିତ ଆନୁକୂଲ୍ୟରେ ତଥା ଗୋଷ୍ଠୀ ଶିକ୍ଷାଧିକାରୀ ଗଣେଶ ଶବରଙ୍କ ତତ୍ତ୍ୱାବଧାନରେ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଚନ୍ଦ୍ରପୁର ଠାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଡିବେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି। ଏହି ପ୍ରତିଯୋଗିତାରେ ଚନ୍ଦ୍ରପୁର ଥାନା ଆଇଆଇସି ପ୍ରଶାନ୍ତ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଉକ୍ତ ବିଦ୍ୟାଳୟର ଅଧ୍ୟକ୍ଷ କେଶବ ବେହେରା ମଣ୍ଡଳ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ଉକ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉମାକାନ୍ତ ମିଶାଲ ଓ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ତଥା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସିଙ୍ଗନା ତାଡିଙ୍ଗ ଉପସ୍ଥିତ ଥିଲେ।

## କାହା ଛତ୍ରଛାୟାରେ ଚାଲିଥିଲା ବେଆଇନ୍ କ୍ଲିନିକ୍ ?

# ୬ କ୍ଲିନିକ୍ ଓ ପାଥୋଲ୍ୟାବ୍‌କୁ ସିଲ୍ କଲା ସ୍ୱାସ୍ଥ୍ୟ ବିଭାଗ

### ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ ନେବାକୁ ଉପ ଜିଲ୍ଲାପାଳଙ୍କ ଅପିଲ୍

ଗୁଣପୁର, ୭।୧୧(ସମିସ): ରାୟଗଡ଼ା ଜିଲ୍ଲା ଗୁଣପୁର ଉପଖଣ୍ଡରେ ବେଆଇନ ଭାବେ ଚାଲିଥିବା କ୍ଲିନିକ୍ ଗୁଡିକକୁ ଆଜି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସିଲ୍ କରିଛି। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନିର୍ଦ୍ଦେଶ କ୍ରମେ ଉପ ଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲିପ ଗତ ଗୁରୁବାର ଦିନ ଅଚାନକ ଚଢଉ କରି ବିଭିନ୍ନ କ୍ଲିନିକ୍ ଗୁଡିକୁ ଯାଞ୍ଚ କରିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ସୂଚନା ଦେଇଥିଲେ। ଆଜି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଜନସ୍ୱାସ୍ଥ୍ୟ ଅଧିକାରି ଭି ସରୋଜିନୀ ଦେବୀଙ୍କ ନେତୃତ୍ୱରେ ଏକ ଟିମ୍ ବେଆଇନ କ୍ଲିନିକ୍ ଗୁଡିକୁ ଯାଇ କାଗଜପତ୍ର ଯାଞ୍ଚ କରିବା ସହ ୬ଟି କ୍ଲିନିକ୍‌କୁ ସିଲ୍ କରିଛନ୍ତି। ମାଜିଷ୍ଟ୍ରେଟ ଭାବେ ରାମନାଗୁଡା ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ ଉପସ୍ଥିତ ରହିଥିଲେ। ଏମ୍‌ଏମ୍ ମେଡିକସ, ଆମ୍ମା କ୍ଲିନିକ, ଅମୂଲ୍ୟ ଭାରତ, ରାଧିକା, ଜଶେଫ ଶବର, ଅନନ୍ତ ଦାସ ପ୍ରମୁଖ କ୍ଲିନିକ ଓ ପାଥୋଲ୍ୟାବର କାଗଜପତ୍ର ତନଖି କରିବା ସମୟରେ ବହୁ ଅସଙ୍ଗତି ନଜରକୁ ଆସିବା ପରେ



ସେଗୁଡିକୁ ସିଲ କରିଦିଆଯାଇଛି। ସେମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଆଦର୍ଶ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେବା ସହ ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ ନେବା ପାଇଁ ଉପ ଜିଲ୍ଲାପାଳ ଗୁଣପୁର ଉପଖଣ୍ଡର ସମସ୍ତ ଜନ ସାଧାରଣଙ୍କୁ ଅପିଲ କରିଥିଲେ। ଏଥିସହ ଆଜି ଅତିରିକ୍ତ ଜିଲ୍ଲାପାଳ, ରାୟଗଡ ନିହାର ରଞ୍ଜନ କହଁରଙ୍କ ନେତୃତ୍ୱରେ ରାମାନଗୁଡ଼ା ବ୍ଲକରେ ମଧ୍ୟ ୨ଟି ବେଆଇନ କ୍ଲିନିକ୍‌ର କାଗଜପତ୍ର ତନଖି କରିବା ସହ ସିଲ୍ କରାଯାଇଛି। ଆଗାମୀ ଦିନ ମାନଙ୍କରେ ଗୁଣପୁର ଉପଖଣ୍ଡର ସମସ୍ତ ବ୍ଲକ ଓ ଗ୍ରାମରେ ଥିବା ବିଭିନ୍ନ ବେଆଇନ କ୍ଲିନିକ୍ ଉପରେ ଚଢାଉ ଜାରି ରହିବ ଓ ଲୋକଙ୍କ ସ୍ୱାସ୍ଥ୍ୟ ସେବାରେ ଯେମିତି ଅସୁବିଧା ହେବନାହିଁ । ତାହା ଉପରେ ତୀକ୍ଷ୍ଣ ନଜର ରଖାଯିବ ବୋଲି ଉପଜିଲ୍ଲାପାଳ ସୂଚନା ଦେଇଛନ୍ତି। ଆଜିର ଏହି କାର୍ଯ୍ୟକ୍ରମରେ ଗୁଣପୁର ଉପଖଣ୍ଡ ଚିକିତ୍ସାଳୟ ଭାରପ୍ରାପ୍ତ ଅଧିକାରୀ ପ୍ରଦୀପ କୁମାର ପଣ୍ଡା, ବରିଷ୍ଠ କିରାଣୀ ରାଜେଶ ପାତ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଏଠାରେ ପ୍ରଶ୍ନ ଉଠିଛି ଯେ ଦୀର୍ଘ ବର୍ଷ ଧରି ଏହି ବେଆଇନ କ୍ଲିନିକ୍ ଗୁଡିକ କାହାର ଛତ୍ରଛାୟାରେ ଚାଲିଥିଲା। ତେଣୁ ସେ ସମ୍ପର୍କରେ ମଧ୍ୟ ତଦନ୍ତ କରିବା ଉଚିତ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଦୀର୍ଘ ବର୍ଷ ଧରି ଚାଲିଥିବା ଏହି ବେଆଇନ କ୍ଲିନିକ୍ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗ କିପରି ଜାଣି ପାରି ନଥିଲା ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ପାଳିତ

ରାୟଗଡ଼ା,୭।୧୧(ସମିସ): ରାୟଗଡ଼ା ଜିଲ୍ଲାର ସଦର ମହକୁମା ସ୍ଥିତ ବିଜୁ ପଟ୍ଟନାୟକ ଅଡିଟୋରୀୟମ ଠାରେ ଆଜି ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ୨୦୨୫ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବୀନ ଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ଓ ସହକାରୀ ବୈଷୟିକ ପରିଚାଳକ କୃଷି ବିଭାଗ ମୁନିଗୁଡା ଉତ୍ତମ କୁମାର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସଭାପତି ଜିଲ୍ଲା ପରିଷଦ ସୁଶ୍ରୀ ସରସ୍ୱତୀ ମାଝୀ ଯୋଗଦେଇ ସମସ୍ତଙ୍କୁ ଉତ୍ସାହିତ ଓ ଅନୁପ୍ରାଣିତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବରେ ସାଂସଦ କୋରାପୁଟଙ୍କ ପ୍ରତିନିଧି ସୁଧୀର ଚନ୍ଦ୍ର ପଣ୍ଡା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଏସ୍ .କେ. ଏହେସାନ, ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡକ୍ଟର ମୃଣ୍ମୟ କୁମାର ପଣ୍ଡା, ପ୍ରକଳ୍ପ ନିର୍ଦ୍ଦେଶକ ଜଳଛାୟା ବିଭାଗ ଦାମୋଦର ପାଣିଗ୍ରାହୀ, କୃଷି ଜିଲ୍ଲା ଅଧିକାରୀ ଗୁଣୁପୁର ଦିବ୍ୟ ସ୍ୱରୂପ ପଣ୍ଡା, ଏଡିପିଏହେଚଓ ଡକ୍ଟର




ମମତା ପ୍ରଧାନ, ସହକାରୀ ଯନ୍ତ୍ରୀ ସରୋଜିନୀ ବାଗ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ , ସହକାରୀ ମତ୍ସ୍ୟ ଅଧିକାରୀ ସୁଶ୍ରୀ ପ୍ରିତିସ ନନ୍ଦା ପଟ୍ଟନାୟକ, ପ୍ରକଳ୍ପ ପ୍ରଶାସକ ଆଦିବାସୀ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟର ସେକ୍ସନ ଅଧିକାରୀ ଡି ବି ଏସ ରାଓ , ସହକାରୀ ଜଙ୍ଗଲ ସଂରକ୍ଷକ ଅଶୋକ କୁମାର ପ୍ରଧାନ, ଜିଲ୍ଲା ପ୍ରକଳ୍ପ ପରିଚାଳକ ଓଡ଼ିଶା ଜୀବିକା ମିଶନ ଶଙ୍କର ଚାଲାଣ ଓ ଜିଲ୍ଲା ସଂଯୋଜକ ଅନ୍ନ ଅଭିଯାନ ଶିଳାଭଦ୍ର ଦିଗାଲ ପ୍ରମୁଖ ଅଧିକାରୀ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ସୂଚନା ଦେଇଥିଲେ। ଏଥିସହିତ ସଫଳ ସହଯୋଗୀ ଅନୁଷ୍ଠାନ, କୃଷକ ଉତ୍ପାଦକ ସଂଗଠକ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସଫଳ ଷ୍ଟଲ୍ ସହ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ଓ ଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସ୍ୱାଗତ ଅଭିଭାଷଣରେ ଶ୍ରୀ ଅନ୍ନ ଅଭିଯାନ ମାଧ୍ୟମରେ ୩୦ଟି ଜିଲ୍ଲାରେ ୧୭୭ଟି ବ୍ଲକରେ ,୨୮୮୪ ଗ୍ରାମ ପଞ୍ଚାୟତ ସହ ୧୪୮୪୧ ଗ୍ରାମ ଓ ୨୪୩୨୫୬ଜଣ ଚାଷୀ ଏହି ମାଣ୍ଡିଆ ଚାଷରେ ଉପକୃତ ହେଉଛନ୍ତି ବୋଲି କହିଥିଲେ। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନିଜର ଅଭିଭାଷଣରେ ଚଳିତ ବର୍ଷ ର ଥିମ୍ କୃଷି ଐତିହ୍ୟ ଓ ଜୈବ ବିବିଧତା ସଂରକ୍ଷଣରେ ନାରୀମାନଙ୍କ ଭୂମିକା ଥିବା ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ। ବିଶେଷ ଭାବରେ ଶ୍ରୀଅନ୍ନ ଅଭିଯାନ ସହ ଜଡ଼ିତ କାର୍ଯକାରୀ ଅନୁଷ୍ଠାନ ଗୁଣୁପୁରର ଆଶା, ରାୟଗଡାର ଓପିଡିଏସି, କାଶିପୁରର ଅଗ୍ରଗାମୀ, ଚନ୍ଦ୍ରପୁରର ପ୍ରଭାତ ସଂସ୍ଥାଙ୍କ ଦ୍ୱାରା ମାଣ୍ଡିଆ ପ୍ରସ୍ତୁତ କେକ୍ ଅତିଥିଙ୍କ ଦ୍ୱାରା କଟା ଯାଇଥିଲା। ଫୁଡ୍ ଷ୍ଟଲ୍‌ରେ ମାଣ୍ଡିଆ ତିଆରି ସୁନ୍ଦର ଓ ସୁସ୍ୱାଦୁକର ଖାଦ୍ୟ ଚାଷୀ ଭାଇ ମାନେ ଓ ଅତିଥିମାନେ ଗ୍ରହଣ କରିଥିଲେ। ସଭାସାଙ୍ଗ ପରେ ଅତିଥି ମାନଙ୍କ ଦ୍ୱାରା ଷ୍ଟଲ୍ ଓ ମାଣ୍ଡିଆ ରଥ ଉଦ୍‌ଘାଟିତ ହୋଇଥିଲା। ଦ୍ୱିତୀୟ ଅଧିବେଶନରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥିତ ଅତିଥି ତଥା ଚାଷୀ ଭାଇ ଓ ଭଉଣୀମାନଙ୍କୁ ମନ୍ତ୍ର ମୁଗ୍ଧ କରିଥିଲା। ଶେଷରେ କୃଷି ଜିଲ୍ଲା ଅଧିକାରୀ ଗୁଣୁପୁର ଧନ୍ୟବାଦ ଅର୍ପଣ କରିଥିଲେ।


# ଖାଦ୍ୟ ସୁରକ୍ଷା, ଅବକାରୀ ଓ ଡ୍ରଗ୍ସ ବିଭାଗର ଚଢ଼ଉ



କୋରୁକୋଣ୍ଡା,୭ ।୧୧(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ବାଲିମେଳା ସହରରେ ଥିବା ବିଭିନ୍ନ ଦୋକାନ ଗୁଡିକ ଉପରେ ଖାଦ୍ୟ ସୁରକ୍ଷା , ଅବକାରୀ ଓ ଡ୍ରଗ୍ସ ବିଭାଗର ମିଳିତ ଚଢାଉ କରାଯାଇଥିଲା। ଆଜି ସକାଳୁ ବାଲିମେଳା ମହାବିଦ୍ୟାଳୟ ଆଖପାଖରେ ଥିବା ବିଭିନ୍ନ ପାନ ଦୋକାନ ଉପରେ ଚଢ଼ଉ କରାଯାଇଥିବା ବେଳେ ଗୁଟ୍‌ଖା ସିଗାରେଟ ଆଦି ଜବତ କରିବା ସହ ଜରିମାନା କଟାଯାଇଥିଲା। ଏହା ପରେ ବାଲିମେଳା ସହରର ଦୈନିକ ବଜାର ଥିବା ଦୋକାନ ଗୁଡିକ ଉପରେ ସେହିପରି ଚଢ଼ଉ କରାଯାଇ ବହୁ ପରିମାଣର ଗୁଟୁଖା, ଭାଙ୍ଗ ଅନ୍ୟାନ୍ୟ ମାଦକ ଦ୍ରବ୍ୟ ଆଦି ଜବତ କରିବା ସହିତ ଖାଦ୍ୟ ସୁରକ୍ଷା ସାର୍ଟିଫିକେଟ କରିବା ପାଇଁ ପରାମର୍ଶ ଦେଇଥିଲେ ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରଭାତ କୁମାର ସେଠୀ। ଏହା ସହିତ ଷ୍ଟେସେନେରୀ ଦୋକାନରେ ଚଢ଼ଉ କରିଥିଲେ ଡ୍ରଗ୍ସ ଇନ୍ସପେକ୍ଟର ବିରେନ କୁମାର। କିଛି ଔଷଧ ମିଳିବାରୁ ଦୋକାନୀକୁ ତାଗିତ କରିବା ସହିତ ସମସ୍ତ ଔଷଧ ଜବତ କରାଯାଇଥିଲା। ଆଗାମୀ ଦିନରେ ସମସ୍ତ ବ୍ୟବସାୟୀ ମାନଙ୍କୁ ଖାଦ୍ୟ ସୁରକ୍ଷା ସାର୍ଟିଫିକେଟ କରିବା ପାଇଁ ନିବେଦନ କରିଥିଲେ। ଆଜିର ଚଢ଼ଉରେ ବିଭିନ୍ନ ଦୋକାନୀଙ୍କ ଠାରୁ ୧୧ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଏହି ଅବସରରେ ବାଲିମେଳା ଅବକାରୀ ବିଭାଗ ଓ ଓର୍କେଲ ଥାନା ପକ୍ଷରୁ ଏଏସଆଇ ସଞ୍ଜୀବ ଟାକିରି ଏବଂ ତାଙ୍କ ଟିମ ଉପସ୍ଥିତ ଥିଲେ।

# ବ୍ୟବସାୟୀଙ୍କ ଦେହାନ୍ତ

ମାଲକାନଗିରି, ୭ ।୧୧(ସମିସ): ମାଲକାନଗିରି ଜିଲ୍ଲାର ଜଣେ ଧର୍ମପରାୟଣ ଓ ବ୍ୟବସାୟୀ ସହ ମିଷ୍ଟଭାସୀ ଦୁର୍ଯ୍ୟଧନ ମହାନ୍ତିଙ୍କ ଦେହାନ୍ତ ଘଟିଛି। ସ୍ୱର୍ଗତ ମହାନ୍ତି ଜିଲ୍ଲା ସଦରରେ



ମା' ମାଝିଗୌରି ହୋଟେଲର ମାଲିକ। ତାଙ୍କର ବ୍ୟବହାର ଓ ଗ୍ରାହକଙ୍କୁ ଉତ୍ତମ ସେବା ସେହି ହୋଟେଲର ନିଜ ନାମ ବଦଳରେ ମହାନ୍ତି ହୋଟେଲର ପରିଚୟ ଦେଇଥିଲା। ଦୀର୍ଘ ବର୍ଷ ଧରି ସେ ଏହି ହୋଟେଲ ଚଲାଉ ଥିବା ବେଳେ ଶୁକ୍ରବାର ସକାଳ ପ୍ରାୟ ୧୦ ଘଟିକା ସମୟରେ ତାଙ୍କର ଦେହାନ୍ତ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୦ ବର୍ଷ ବୟସ ହୋଇଥିଲା। ତାଙ୍କ ଶେଷ ସମୟରେ ୪ ପୁଅ ଗୋପୀନାଥ, ନରସିଂ ନାଥ, ଲକ୍ଷ୍ମୀ ନାରାୟଣ, ରାଧାକୃଷ୍ଣ ଓ ନାତି ନାତୁଣୀ ଏବଂ ପରିବାର ଲୋକେ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଯୋଗୁଁ ଜିଲ୍ଲାର ବ୍ୟବସାୟୀ ମହଲରେ ଶୋକର ଛାୟା ଖେଳାଇ ଦେଇଛି। ଜିଲ୍ଲାର ବିଭିନ୍ନ ବ୍ୟବସାୟ ଅନୁଷ୍ଠାନ ଓ ଦୋକାନ ବଜାର ବନ୍ଦ ରହିଥିବା ଦେଖିବାକୁ ମିଳିଛି।

# ଜିଲ୍ଲା ବିଦ୍ୟାଳୟ ସମୂହର କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ



ମାଲକାନଗିରି, ୭ ।୧୧(ସମିସ): ମାଲକାନଗିରି ଜିଲ୍ଲା ବିଦ୍ୟାଳୟ ସମୂହର ଦ୍ୱାଦଶ କ୍ରୀଡ଼ା ପ୍ରତିଯୋଗିତା ଏମଭି ୭ ଜଗନ୍ନାଥପାଲୀ ହାଇସ୍କୁଲ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଏହି କ୍ରୀଡା ଉତ୍ସବରେ ସାତଟି ବ୍ଲକରୁ ୩୨୦ ଜଣ ଛାତ୍ରଛାତ୍ରୀ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଭାଗ ନେଇ କ୍ରୀଡା ପ୍ରଦର୍ଶନ କରିଛନ୍ତି। ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ରୀଡା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ, ମୁଖ୍ୟବକ୍ତା ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ଏ. ଶ୍ରୀନିବାସ ଆଚାରୀ, ସମ୍ମାନିତ ଅତିଥିଭାବେ ବ୍ଲକ ସାଂସଦ ପ୍ରତିନିଧି ଉଙ୍ଗା ପଡିଆମୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ, ମାଲକାନଗିରି ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ମମତା ସୋଏ, ମାଥିଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁମିତ କୁମାର ବିଶ୍ୱାସ, ଅନ୍ୟତମ ଅତିଥିଭାବେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ କାର୍ତ୍ତିକ ଚନ୍ଦ୍ର ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିକାଶ ବୈରାଗୀ, ପୂର୍ବତନ ସଭାପତି ବିଜୟକୁମାର ବିଶ୍ୱାସ, ସମିତି ସଭ୍ୟା ଶ୍ୟାମଳୀ ମଣ୍ଡଳ ଯୋଗ ଦେଇ ଶିକ୍ଷା ସହିତ କ୍ରୀଡାର ଆବଶ୍ୟକତା ରହିଛି, କ୍ରୀଡା ଦ୍ୱାରା ଦେହ ମନ ସୁସ୍ଥ ଓ ପ୍ରଫୁଲ୍ଲିତ ରହିଥାଏ ବୋଲି କହି କ୍ରୀଡାବିତ୍ ମାନଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏ. ଇଶ୍ୱର ରାଓ ଓ ଅନ୍ୟାନ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ପଡିଆ, ୭ ।୧୧(ସମିସ) : ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ସଦର ମହକୁମାରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ପଡିଆ ସ୍ଥିତ ଅନୁସୁଚିତ ଜାତି ଓ ଜନଜାତି ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୋଟ ୪୦୩ ଜଣ ତାଲିକାଭୁକ୍ତ ହୋଇ ଶାରୀରିକ ଓ ମାନସିକ ଯାଞ୍ଚ କରାଇଥିବା ଜଣାପଡିଛି। ପଡିଆ ବ୍ଲକର ଆଠଟି ପଞ୍ଚାୟତରୁ ହିତାଧୀକାରୀ ମାନେ ଆସି ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିବା ବେଳେ ଚଳିତ ବର୍ଷ ଆଦିବାସୀ ଅଧ୍ୟୁଷିତ ମାଟେରୁ, କାଲଦାପଲ୍ଲୀ ଓ ନିଲିଗୁଡା ପଞ୍ଚାୟତର ସର୍ବାଧିକ ହିତାଧିକାରୀ ଆସିଥିବା ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମକୁ ପଡିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଶ୍ୱନୀ କୁମାର ମହାପାତ୍ର ଉଦଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ପଡିଆ ବ୍ଲକ ସାଂସଦଙ୍କ ପ୍ରତିନିଧି ପି ଭେଙ୍କେଟେଶ୍ୱର ରାଓ, ବିଧାୟକଙ୍କ ପ୍ରତିନିଧି ମନ ଦୀପଙ୍କର ରାୟ ମାଲକାନଗିରି ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଅବସରରେ ଅନୁସୂଚିତ ଜାତି ଓ ଜନଜାତି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୁଦୁରା କାବାସୀ, କନିଷ୍ଠ ସହାୟକ ରାଜେଶ ବେହେରା, ମିଥୁନ ହାଲଦାରଙ୍କ ସମେତ ବିଭିନ୍ନ ପଞ୍ଚାୟତର ପିଇଓ ଉପସ୍ଥିତ ଥିଲେ।

## ■ ପୁଲିସ, ଅବକାରୀ ଓ ବନବିଭାଗର ଚଢ଼ଉ

# ୩୦୦୦ ଗଞ୍ଜେଇ ଗଛ ନଷ୍ଟ



ଗୁଡାରୀ,୭।୧୧ (ସମିସ): ସୂଚନା ମୁତାବକ ପେଣ୍ଡିଲି ପଞ୍ଚାୟତ ମୁଟୁକୁନି ଗ୍ରାମ ନିକଟରେ ଗୁଡାରୀ ପୁଲିସ, ଅବକାରୀ ଏବଂ ବନ କର୍ମଚାରୀଙ୍କ ଦ୍ୱାରା ପ୍ରାୟ ୩୦୦୦ ଗଞ୍ଜେଇ ଗଛ ଉପାଡ଼ି ନଷ୍ଟ କରାଯାଇଥିବା ଜଣାପଡ଼ିଛି। ଏହି ସମ୍ପର୍କରେ ଗୁମୁଡ଼ା ଏସ୍.ଆଇ ବୀରେନ୍ଦ୍ର ରାୟଙ୍କ ରିପୋର୍ଟରେ ପିଏସ ମାମଲା ନଂ ୧୨୬/୨୫ ରୁଜୁ ହୋଇଛି। ଏହି ମାମଲାଟି ଇନ୍ସପେକ୍ଟର ଏସ.ସ୍ୱାଇଁ ତଦନ୍ତ କରିଥିଲେ।

# 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ



ମାଲକାନଗିରି, ୭ ।୧୧(ସମିସ): ଆଜି ଜିଲ୍ଲାରେ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରାଯାଇଛି। ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବରଙ୍କ ଅଧ୍ୟକ୍ଷତାରେ ପୂର୍ବାହ୍ନ ୧୦ଟାରେ ସାମୁହିକ ବନ୍ଦେ ମାତରମ୍ ସଙ୍ଗୀତ ଗାନ କରାଯାଇଛି। ବନ୍ଦେ ମାତରମ୍ କେବଳ ଗୀତ ନୁହେଁ, ଏହା ରାଷ୍ଟ୍ରପ୍ରେମ, ତ୍ୟାଗ ଓ ରାଷ୍ଟ୍ର ପ୍ରତି ସମର୍ପଣ ଭାବର ପ୍ରତୀକ। ଆଜି ଆମେ ସମସ୍ତେ ସାରା ଭାରତର ଲୋକ, କାଶ୍ମୀରରୁ କନ୍ୟା କୁମାରୀ ପର୍ଯ୍ୟନ୍ତ, ବନ୍ଦେ ମାତରମ୍‌କୁ ସାମୂହିକ ଭାବେ ଗାନ କରିବାର ପ୍ରଭାବ ଖୁବ୍ ସୁଦୂରପ୍ରସାରୀ ହୋଇପାରିଛି। ବିଶେଷ କରି ଛୋଟ ଛୋଟ ପିଲା, ଛାତ୍ର ଓ ଯୁବକ ମାନଙ୍କ ଉପରେ ଏହାର ଖୁବ୍ ପ୍ରଭାବ ରହିବ। ଆଗାମୀ ଦିନରେ ଏହା ରାଷ୍ଟ୍ରବାଦକୁ ଏକ ନୂଆ ସଂଜ୍ଞା ଦେବାରେ ସଫଳ ହେବ ବୋଲି ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଶବର ଏହି ଅବସରରେ ମତ ପ୍ରକାଶ କରିଛନ୍ତି। ସେହିପରି ଜିଲ୍ଲା ଆରକ୍ଷୀ କାର୍ଯ୍ୟାଳୟ ରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରାଜ କିଶୋର ଦାସଙ୍କ ଅଧ୍ୟକ୍ଷତାରେ ସମସ୍ତ ପୁଲିସ୍ କର୍ମଚାରୀଙ୍କ ଉପସ୍ଥିତିରେ ସାମୂହିକ ବନ୍ଦେ ମାତରମ୍ ସଙ୍ଗୀତ ଗାନ କରାଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ଜିଲ୍ଲା ପୁଲିସ କାର୍ଯ୍ୟାଳୟ ଠାରେ ସମସ୍ତ ପୁଲିସ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ରାୟଗଡ଼ା ପଞ୍ଚାୟତ ସମିତିର ଚତୁର୍ଦ୍ଦଶ ବୈଠକ

# ମରାମତି କି ନୂତନ ରାସ୍ତା ନିର୍ମାଣ ହେଉନି, ଲୋକେ ହନ୍ତସନ୍ତ

ରାୟଗଡ଼ା,୭।୧୧(ସମିସ): ରାୟଗଡ଼ା ଜିଲ୍ଲା ସଦର ପଞ୍ଚାୟତ ସମିତିର ଚତୁର୍ଦ୍ଦଶ ସମିତି ବୈଠକ ଶୁକ୍ରବାର ଦିନ ବ୍ଲକ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଶଙ୍କର ଉଲ୍ଲାକା ଓ ରାୟଗଡା ବିଧାୟକ କାଡ୍ରାକା ଆପାଲାସ୍ୱାମୀ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଅଧ୍ୟକ୍ଷା ସୁଶ୍ରୀ ଟୁନି ହୁଇକା ଏଥିରେ ଅଧ୍ୟକ୍ଷତା କରିଥିଲେ। ଉପାଧ୍ୟକ୍ଷ ହର ପ୍ରସାଦ ହେପୃକା, ବିଡିଓ ସୁଜିତ କୁମାର ମିଶ୍ର, ଏବିଡିଓ କାଳୁ ଚରଣ ନାୟକ, ସମସ୍ତ ସମିତି ସଦସ୍ୟ, ସରପଞ୍ଚ ଓ ଜିଲ୍ଲା ପରିଷଦ ସଭ୍ୟସଭ୍ୟା ଯୋଗଦେଇ ଆଜିର ଏବଂ ପୂର୍ବ ବୈଠକର ବିଭିନ୍ନ ଯୋଜନା, ସମସ୍ୟା ଓ ସମାଧାନ ବିଷୟରେ ଆଲୋଚନା କରିଥିଲେ। ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ସରକାରୀ ଯୋଜନାର ସୁବିଧା ବିଷୟରେ ଗୃହକୁ ଅବଗତ କରିଥିଲେ। ସାଂସଦ ଶ୍ରୀ ଉଲ୍ଲାକା ବ୍ଲକ ତରଫରୁ କାର୍ଯ୍ୟକାରୀ ହେଉଥିବା ଏମପି ଲାଡ, ବିକେବିୱାଇ , ବିଜିବିଓ ଆଦି ବିଭିନ୍ନ ଉନ୍ନୟନ ଯୋଜନାର ସ୍ଥିତି , ସମସ୍ତ ନିର୍ବାଚିତ ପ୍ରତିନିଧିଙ୍କ ସହ ପ୍ରକଳ୍ପର ଅଗ୍ରଗତି ବିଷୟରେ ଆଲୋଚନା କରିବା ସହ ପାଣ୍ଠିର ସୁବିନିଯୋଗ କରି ପ୍ରକଳ୍ପ ଗୁଡିକର ଶିଘ୍ର ସଂପର୍ଣ୍ଣ କରିବା ନିମନ୍ତେ ଉତ୍ସାହିତ କରିଥିଲେ। ସମସ୍ତ ନିର୍ବାଚିତ ପ୍ରତିନିଧିଙ୍କୁ ଭାଗିଦାରୀରେ ପ୍ରକଳ୍ପ ଚୟନ, ବିଭିନ୍ନ ବିଭାଗର ସମନ୍ୱୟରେ ଯୋଜନା ପ୍ରସ୍ତୁତି ନିମନ୍ତେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ବିଧାୟକ ଶ୍ରୀ ଆପାଲାସ୍ୱାମୀ ପ୍ରତି ବିଭାଗୀୟ ଅଧିକାରୀଙ୍କୁ ଦାୟିତ୍ୱବୋଧ ହେବା ସହ ବିକାଶମୂଳକ କାର୍ଯ୍ୟରେ ନିର୍ବାଚିତ ପ୍ରତିନିଧିଙ୍କ ଅଂଶଗ୍ରହଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଆରଡି ବିଭାଗକୁ ଏ ନେକ ଗ୍ରାମାଞ୍ଚଳ ରାସ୍ତା ହସ୍ତାନ୍ତର ହୋଇଥିଲେ ମଧ୍ୟପୁରାତନ ରାସ୍ତାର ରକ୍ଷଣାବେକ୍ଷଣ ତଥା ନୂତନ ରାସ୍ତା ନିର୍ମାଣ କ୍ଷେତ୍ରରେ ଆଶାନୁରୂପ ଅଗ୍ରଗତି ହୋଇପାରିନଥିବାରୁ ଗୃହ ଉଦବେଗ ପ୍ରକାଶ କରିଥିଲେ। ଅନେକ ସରପଞ୍ଚ, ସମିତି ସଭ୍ୟ ମାନେ ନିଜ ପଞ୍ଚାୟତର ରାସ୍ତାଘାଟ, ପାନୀୟ ଜଳ, ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ମୌଳିକ ସମସ୍ୟା ବିଷୟରେ ସମ୍ପୃକ୍ତ ଅଧିକାରୀଙ୍କୁ ଅବଗତ




କରାଗଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ବୈଠକରେ ପ୍ରକାଶ କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ମିଶ୍ର ଆବାସ, ଭତ୍ତା ଓ ଉନ୍ନୟନ ମୂଳକ ପ୍ରକଳ୍ପର ସ୍ଥିତି ବିଷୟରେ ତଥ୍ୟ ଉପସ୍ଥାପନ କରିଥିଲେ। ଆଗାମୀ ୨୦୨୫-୨୬ ବର୍ଷ ନିମନ୍ତେ ରାୟଗଡ଼ା ବ୍ଲକ ଅଞ୍ଚଳରେ ଉପଲବ୍ଧ ଅଣସ୍ତରୀ ଗୋଟି ଲଘୁବନଜାତ ଦ୍ରବ୍ୟର ଦର ଆଲୋଚନା ପରେ ସ୍ଥିରୀକୃତ କରାଯାଇଥିଲା। ବିଡିଓ ଶ୍ରୀ ମିଶ୍ର ସ୍ୱାଗତ ଭାଷଣ ରଖିଥିବା ବେଳେ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ସ୍ମୃତିରେଖା ନାୟକ ପୂର୍ବ ବୈଠକର ବିବରଣୀ ଉପସ୍ଥାପନ କରିଥିଲେ। ଶେଷରେ ଏବିଡିଓ କାଳୁଚରଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଅମୃତ ସରୋବର ପୁନରୁଦ୍ଧାର ନାମରେ ହରିଲୁଟ୍ !

କଲ୍ୟାଣସିଂହପୁର,୭।୧୧ (ସମିସ):



ରାୟଗଡ଼ା ଜିଲ୍ଲାର ଲାଲ୍ୟାଣସିଂହପୁର ବ୍ଲକ ସଦର କଲ୍ୟାଣସିଂହପୁର ପଞ୍ଚାୟତର ଦେବଗିରି ପାହାଡ଼ ନିକଟରେ ଥିବା ପୁରୁଣା ପୋଖରୀ କାମ ଅଧାରେ ଅଟକିଛି । ଆଜାଦିର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଅମୃତ ସରୋବର ନାମରେ ପୋଖରୀ ଖନନ କରି ଲୋକଙ୍କ କାର୍ଯ୍ୟରେ ଆସିବ ବୋଲି ଆଶା ଥିଲା। ସ୍ୱପ୍ନ ସାକାର ହେବା ନେଇ ଆଶଙ୍କା କରାଯାଇଥିଲା। କିନ୍ତୁ ସରକାରୀ ବାବୁଙ୍କ ଉଦାସୀନତା ପାଇଁ ଏହି ଯୋଜନା ଫଳପ୍ରଦ ହେଲାନାହିଁ। ସୂଚନା ମୁତାବକ, ଗତ ତିନି ବର୍ଷ ତଳେ ଏହି ବ୍ଲକ ସଦର କଲ୍ୟାଣସିଂହପୁର ଦେବଗିରି ଶୈବ ପୀଠକୁ ଆସୁଥିବା ଭକ୍ତ ଓ ପର୍ଯ୍ୟଟକ ମାନଙ୍କ ପାଇଁ ଉଦ୍ଦିଷ୍ଟ ହେବ ଓ ସରକାରଙ୍କ ଉଦ୍ଦେଶ୍ୟ ସାଧିତ ହେବ ବୋଲି ସାଧାରଣ ଲୋକ ଓ ଗ୍ରାମବାସୀ ଆଶା କରିଥିଲେ। ପାହାଡ଼କୁ ଲାଗି ରହିଥିବା ପୁରୁଣା ପୋଖରୀ କାମ ଆରମ୍ଭ ହୋଇଥିଲା। ୪୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପୁରୁଣା ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ସାଙ୍ଗକୁ ସୌନ୍ଦର୍ଯ୍ୟକରଣ ବ୍ୟବସ୍ଥା କରି ଅମୃତ ସରୋବରର ରୂପ ଦେବାକୁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ମନରେଗା ଯୋଜନାରେ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଗୋଟିଏ ଫାଇଲ ଖୋଲାଯାଇ କାମ ଆରମ୍ଭ ହୋଇଛି । ଉକ୍ତ ଟଙ୍କାରେ ପୋଖରୀ ଖନନ, ପଙ୍କ ଉଦ୍ଧାର ସାଙ୍ଗକୁ ସୁରକ୍ଷା ପାଚେରୀ, ସୋଲାର ଆଲୁଅ ଆଦି କାମ କରିବା କଥା। ସେହି ସମୟରେ ଜେସିବି ମେସିନ ମାଧ୍ୟମରେ ଖୋଳି ଶ୍ରମିକ ନାମରେ ଟଙ୍କା ଉଠାଇ ବ୍ଲକର କର୍ମଚାରୀ ହରିଲୁଟ କରିବା ସ୍ପଷ୍ଟ ହୋଇଥିବା କଥା ଶେଷ ସୋମବାର ଓ କାର୍ତ୍ତିକ ପୂର୍ଣ୍ଣମୀକୁ ଦେବଗିରି ଶୈବ ପୀଠକୁ ଆସିଥିବା ଭକ୍ତ ଓ ପର୍ଯ୍ୟଟକ ମାନେ ଅଭିଯୋଗ କରିଥିଲେ। ତଦନ୍ତ କଲେ ପ୍ରକୃତ ତଥ୍ୟ ପଦାକୁ ଆସିବ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଅଧାରେ ଅଟକି ଗଲା ମନରେଗାରେ କେତେ ବିଲ ହେଲା ସୂଚନା ପ୍ରଦାନ କରାଗଲା ନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପୁରୁଣା ବନ୍ଧର ସୌନ୍ଦର୍ଯ୍ୟ କରଣ ପାଇଁ ଗୁଡ଼ାଏ କାମ ବାକି ରହିଛି। ପୋଖରୀ ଚାରିପଟେ ପଥର ପ୍ୟାକିଂ, ପୋଖରୀ ହୁଡ଼ା ରାସ୍ତା, ବସିବା ପାଇଁ ବ୍ୟବସ୍ଥା, ଉଦ୍ୟାନ, ଘାସ ରୋପଣ, ପାହାଚ ଆଦି ବ୍ୟବସ୍ଥା କରାଗଲେ ପୁରୁଣା ପୋଖରୀ ସମ୍ପୂର୍ଣ୍ଣ ଅମୃତ ସରୋବରରେ ପରିଗଣିତ ହେବା ସ୍ୱପ୍ନ ଅଧାରେ ରହିଗଲା। ବର୍ତ୍ତମାନ ପାହାଡ଼କୁ ଦର୍ଶନ ପାଇଁ ଆସୁଥିବା ପର୍ଯ୍ୟଟକ ମାନଙ୍କ ପାଇଖାନା ସ୍ଥଳୀ ପାଲଟି ଯାଇଛି କହିଲେ ଭୁଲ ହେବନାହିଁ। ଏଠି ବ୍ଲକର ବିଭାଗୀୟ ଅଧିକାରୀମାନେ ଦୁର୍ନୀତି କରିଥିବା ଦାୟୀ କରିଛନ୍ତି ଅଞ୍ଚଳବାସୀ। ଉକ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ଅମୃତ ସରୋବରର ସୌନ୍ଦର୍ଯ୍ୟକୁ ବୋଟିଂ ମାଧ୍ୟମରେ ଉପଭୋଗ କରାଯାଇ ପାରନ୍ତା। ଚିକ୍‌ମିକ୍ ଆଲୁଅରେ ଝଲସି ଥାନ୍ତା। ପର୍ଯ୍ୟଟକଙ୍କ ସୁଅ ଛୁଟିଥାନ୍ତା । କିନ୍ତୁ ଭକ୍ତ ଓ ପର୍ଯ୍ୟଟକଙ୍କ ସ୍ୱପ୍ନ କେବଳ ସ୍ୱପ୍ନରେ ରହିଗଲା ବୋଲି କିଛି ପର୍ଯ୍ୟଟକ ଅଭିଯୋଗ କରିଛନ୍ତି। ମନରେଗା ଯୋଜନା ନାଁରେ ପୁରୁଣା ପୋଖରୀର ସୌନ୍ଦର୍ଯ୍ୟ କରଣ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା



ନବରଙ୍ଗପୁର,୭।୧୧(ସମିସ): ନବରଙ୍ଗପୁର ଡିପିଆରସି ପଡ଼ିଆରେ ବ୍ଲକ୍ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଲୋକମାନଙ୍କୁ ସ୍ୱାବଲମ୍ବୀ କରିବା ସହ ଅଧିକ ରୋଜଗାରକ୍ଷମ କରାଇବା ପାଇଁ ସରକାର ମତ୍ସ୍ୟ ଚାଷ ଓ ଗୋପାଳନକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ମାଧ୍ୟମରେ କୃଷକମାନଙ୍କ ପାଇଁ ଅନେକ ଲାଭଦାୟକ ବ୍ୟବସାୟର ଯୋଜନା ପ୍ରସ୍ତୁତ କରିଛନ୍ତି। ଏହି ଯୋଜନା ମାଧ୍ୟମରେ ଲୋକମାନଙ୍କୁ ହାତ ପାଆନ୍ତାରେ ସବୁ ସୁବିଧା, ଚିକିତ୍ସା ବ୍ୟବସ୍ଥା ଯୋଗାଇ ଦେବା ସହ ଅଧିକ ସବ୍‌ସିଡିର ବ୍ୟବସ୍ଥା କରିଛନ୍ତି। ଏପରିକି ବାଛୁରୀ ମାନଙ୍କ ନିମନ୍ତେ ମାଗଣା ଇନ୍‌ସ୍ୟୁରାନ୍ସ ବ୍ୟବସ୍ଥା କରିଛନ୍ତି। କାମଧେନୁ ଯୋଜନାରେ ଗାଈ ମଇଁଷି ସବ୍‌ସିଡିରେ ଯୋଗାଇ ଦେଉଛନ୍ତି। ଏହି ମେଳାର ମୁଖ୍ୟ ଉଦ୍ଦେଶ୍ୟ ସରକାରଙ୍କ ବିଭିନ୍ନ ଯୋଜନା ବିଷୟ ରେ ଚାଷୀ ମାନଙ୍କୁ ଅବଗତ କରାଇବା ବୋଲି ମୁଖ୍ୟଅତିଥି ସିଡିଭିଓ ଡ.ରାଧେଶ୍ୟାମ ଲାଇକ କହିଥିଲେ। କାର୍ଯ୍ୟକ୍ରମରେ କାର୍ଯ୍ୟକ୍ରମରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ବିଷ୍ଣୁ ଚରଣ କିସାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁନିଲ କୁମାର ଖରା, ରାଜ୍ୟ ନୋଡାଲ ଅଫିସର ଡ. ସୁଭାସିସ ସାମନ୍ତ, ଏଡିଭିଓ ଡ. ମନୋରଞ୍ଜନ ନନ୍ଦ, ସାଂସଦ ପ୍ରତିନିଧି ଦଇତାରୀ ମାଝୀ, ବିଧାୟକଙ୍କ ପ୍ରତିନିଧି ସନ୍ତୋଷ ଭତ୍ରା ପ୍ରମୁଖ ଯୋଗ ଦେଇ ତାଙ୍କର ବ୍ୟକ୍ତବ୍ୟ ରଖିଥିଲେ। ମେଳାରେ ମତ୍ସ୍ୟ ବିଭାଗର ୪ ଜଣ ଏବଂ ପ୍ରାଣୀସମ୍ପଦ ବିଭାଗର ୪ ଜଣ ଅଗଣୀ ଚାଷୀଙ୍କୁ ସାର୍ଟିଫିକେଟ୍, ଆର୍ଥିକ ପୁରସ୍କାର, ଉତ୍ତରୀୟ ଏବଂ ମୋମେଣ୍ଟୋ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ନବରଙ୍ଗପୁର ବିଡିଓ ସୁନିଲ ଖରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସହକାରୀ ପ୍ରାଣୀ ଚିକିତ୍ସକ ଡ. ସ୍ମିତାଶ୍ରୀ ପଟ୍ଟନାୟକ ଏବଂ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସକ ଡ. ପ୍ରଜ୍ଞାନ ପରୀମିତା ପଣ୍ଡା ପରିଚାଳନା କରିଥିଲେ।

# 'ବନ୍ଦେ ମାତରମ୍' ମହାସମାରୋହରେ ପାଳିତ

ନବରଙ୍ଗପୁର,୭।୧୧(ସମିସ): ରାଷ୍ଟ୍ରୀୟ ଚେତନାର ପ୍ରତୀକ ତଥା ଭାରତୀୟ ସ୍ୱାଧୀନତା ସଂଗ୍ରାମର ମହାନ୍ ମନ୍ତ୍ର 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ନବରଙ୍ଗପୁର ଜିଲ୍ଲାରେ ପାଳନ କରାଯାଇଛି। ଐତିହାସିକ ଦିବସରେ ଜିଲ୍ଲାପାଳ ଡ଼ଃ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମୁଖ୍ୟାଳୟର ଦୁଇଟି ପ୍ରମୁଖ ସ୍ଥାନ ଅଶୋକ ମେହେଟ୍ଟା ସମ୍ମିଳନୀ କକ୍ଷ ଏବଂ ସାଇ କଲ୍ୟାଣୀ ମଣ୍ଡପରେ ବଡ଼ ଧରଣର ସମାବେଶ ଆୟୋଜନ କରାଯାଇଥିଲା। ଅଶୋକ ମେହେଟ୍ଟା ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ୍ ବର୍ମନଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଦେଶଭକ୍ତିର ବାର୍ତ୍ତା ପ୍ରଚାର କରିଥିଲେ। ସାଇ କଲ୍ୟାଣ ମଣ୍ଡପଠାରେ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦର୍ୱାନ, ଉପ-ଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଅନ୍ୟାନ୍ୟ ଶିକ୍ଷକ/ଶିକ୍ଷୟିତ୍ରୀ ଓ ବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ଏକତ୍ରିତ ହୋଇଥିଲେ। ଏହି କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟର କନିଷ୍ଠ ସହାୟକ ଅ।। ପ୍ରକାଶ ସାହୁ ଏବଂ ସହକାରୀ କର୍ମଚାରୀ ଏ. ସନ୍ତୋଷ କୁମାର ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ ଉପସ୍ଥିତ ସମସ୍ତଙ୍କୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରିଥିଲେ।

# କୋଟପାଡ଼ରେ ସର୍କିଟ୍ କୋର୍ଟର ଶୁଭାରମ୍ଭ



କୋଟପାଡ଼, ୭।୧୧(ସମିସ): କୋଟପାଡ଼ କୋର୍ଟରେ ଆଜି ଜିଲ୍ଲା ଦୌରା ଓ ସେସନ୍ସ ଜର୍ଜଙ୍କ ସର୍କିଟ କୋର୍ଟର ଶୁଭାରମ୍ଭ ହୋଇଛି। କୋଟପାଡ଼ ଓକିଲ ସଂଘ ଦୀର୍ଘ ଦିନରୁ ଏଥିନେଇ ଓଡ଼ିଶାର ଉଚ୍ଚ ନ୍ୟାୟାଳୟଙ୍କ ଠାରେ ଦାବି ଜ ଜଣାଇ ଆସୁଥିଲା। ଓଡିଶା ଉଚ୍ଚ ନ୍ୟାୟାଳୟର ତତ୍କାଳୀନ ମୁଖ୍ୟ ନ୍ୟାୟାଧିଶ ଏସ ମୁରଲୀ ଧର ଓକିଲ ସଙ୍ଘର ଦାବିକୁ ଯଥାର୍ଥ କହି କୋଟପାଡ଼ରେ ମହିଳା କୋର୍ଟ, ପୋକ୍‌ସୋ କୋର୍ଟ, ଫ୍ୟାମିଲି କୋର୍ଟ ଓ ଜିଲ୍ଲା ଦୌରା ଜର୍ଜଙ୍କ ସେସନ୍ସ ଜର୍ଜଙ୍କ ସର୍କିଟ କୋର୍ଟ ଖୋଲିବା ପାଇଁ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏଥି ମଧ୍ୟରେ ମହିଳା କୋର୍ଟ, ପକ୍‌ସୋ କୋର୍ଟ, ଫ୍ୟାମିଲ କୋର୍ଟର ସର୍କିଟ କୋର୍ଟ କାର୍ଯ୍ୟକାରୀ କରି ଆସୁଥିବା ବେଳେ ଆଜି ଜିଲ୍ଲା ଦୌରା ଜର୍ଜଙ୍କ ସେସନ୍ସ ସର୍କିଟ କୋର୍ଟର ଶୁଭାରମ୍ଭ ହୋଇଛି। ଉଭୟ ଓକିଲ ଓ ମହକିଲଙ୍କ ସୁବିଧା ଦୃଷ୍ଟିରୁ ଏହି ସବୁ କୋର୍ଟ ଖୋଲିବା ପରେ କୋଟପାଡ଼ବାସୀଙ୍କ ମଧ୍ୟରେ ଖୁସି ଦେଖିବାକୁ ମିଳିଛିଫ ଆଜିର ଦୌରା ଓ ସେସନ୍ସ ଜର୍ଜଙ୍କ ସର୍କିଟ କୋର୍ଟ ଶୁଭାରମ୍ଭ ଅବସରରେ ଜିଲ୍ଲା ଦୌରା ଓ ସେସନ୍ସ ଜଜ୍ ପ୍ରଦୀପ କୁମାର ମହନ୍ତଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଓକିଲ ସଂଘ ସଭାପତି ମଣି ପଟନାୟକ, ପୂର୍ବତନ ସଭାପତି ପଙ୍କଜ କୁମାର ପାତ୍ର, ସମ୍ପାଦକ ମୁକ୍ତେଶ୍ୱର ନାୟକ, ସରକାରୀ ଓକିଲ କିଶୋର ମିଶ୍ର, ପ୍ରଦୀପ ବକ୍ସି, ଶଙ୍କର ପଣ୍ଡା, ଜିତେନ୍ଦ୍ର ମହାପାତ୍ର, ଗୁପ୍ତ ବେହେରା, ଅଜିତ ପାତ୍ର, ଖଗପତି ପାତ୍ର, ଶ୍ରୀମନ୍ତ ପଣ୍ଡା, ଚିନ୍ମୟ ଷଡ଼ଙ୍ଗୀ, ବିଦ୍ୟୁତ ଲତା ବକ୍ସି, ନିମେଶ୍ୱରୀ ନାୟକ, ସୁଧୀର ମହାନ୍ତି, ଗୁପ୍ତ ମହାନ୍ତିଙ୍କ ସମେତ ସମସ୍ତ ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ। ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି, ପୋର୍ଟ ଫୋଲିଓ ଜର୍ଜ, ଓ ଜିଲ୍ଲା ଜର୍ଜଙ୍କୁ କୋଟପାଡ଼ ଓକିଲ ସଂଘ କୃତଜ୍ଞତା ଜଣାଇଥିବା ଜଣାପଡିଛି। କୋଟପାଡ଼ ଠାରେ ଏହି ସମସ୍ତ କୋର୍ଟର ସର୍କିଟ କୋର୍ଟ ଖୋଲିବା ପରେ କୋଟପାଡ଼ ବାସୀ ଓ ଓକିଲ ସଂଘର ଦୀର୍ଘ ଦିନର ପ୍ରତୀକ୍ଷାର ଅନ୍ତ ଘଟିଥିବା ବେଳେ ମହକିଲମାନେ ପ୍ରାୟ ୮୦ କିଲୋମିଟର ଯାଇ ବହୁ ଖର୍ଚ୍ଚାନ୍ତ ଓ ଯାତାୟାତ ଅସୁବିଧାର ସମ୍ମୁଖୀନରୁ ରକ୍ଷା ପାଇଥିବା ଜଣାପଡ଼ିଛି।

# ଅଟୋ-ବାଇକ୍ ମୁହାଁମୁହିଁ ଧକ୍କା , ୩ ଗୁରୁତର

ଡାବୁଗାଁ, ୭।୧୧(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ସଦରମହକୁମା ଜଗନ୍ନାଥ ଗୁଡା ନିକଟରେ ଅଟୋ ଓ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ୩ ଜଣ ଗୁରୁତର ହୋଇଛନ୍ତି। ଡାବୁଗାଁ ବ୍ଲକ ଅଧୀନ ବାଇଗାଁ ଗ୍ରାମର ଲାଇବନ କଲାର (୨୨) ଓ ଈଶ୍ୱର କଲାର (୩୫) ମୋଟରସାଇକେଲ ନମ୍ବର ଓଡି ୨୪ଏମ ୪୪୬୨ ଯୋଗେ ବାଇଗାଁ ଠାରୁ ଡାବୁଗାଁ ଆସୁଥିବା ସମୟରେ ବିପରୀତ ଦିଗରୁ ଏକ ଅଟୋ ନମ୍ବର ଓଡି ୨୪ ୯୮୫୦ ଉମରାହାଣ୍ଡି ଯାଉଥିବା ସମୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଲାଇବନ ଓ ଈଶ୍ୱର ଛିଟିକି ପଡ଼ିଥିବା ବେଳେ ଲାଇବନର ଗୋଡ଼ରେ, ଇଶ୍ୱରର ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଅଟୋ ଡ୍ରାଇଭର ବଳି ଭତ୍ରା (୩୦)ଙ୍କ ମୁଣ୍ଡରେ ମଧ୍ୟ ଆଘାତ ଲାଗିଛି। ଘଟଣା ସ୍ଥଳରେ ଡାବୁଗାଁ ଅଗ୍ନିଶମଙ୍କ ସହଯୋଗରେ ୩ ଜଣଙ୍କୁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେଠାରେ ଉଭୟ ଲାଇବନ ଓ ଈଶ୍ୱରଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଘଟଣା ସ୍ଥଳରେ ଡାବୁଗାଁ ଥାନା ଏଏସଆଇ ସସ୍ମିତା ଦାଶ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ପୁଲିସ ଦୁର୍ଘଟଣା ଗ୍ରସ୍ତ ୨ଟି ଗାଡିକୁ ଜବତ କରି ଥାନାକୁ ଆଣିଛି।

# ଜିଲ୍ଲା କୃଷି ବିଭାଗ ପକ୍ଷରୁ ମାଣ୍ଡିଆ ଦିବସ ପାଳିତ



ନବରଙ୍ଗପୁର,୭।୧୧(ସମିସ): ନବରଙ୍ଗପୁର ଜିଲ୍ଲା କୃଷି ବିଭାଗ ପକ୍ଷରୁ ଶ୍ରୀ ଅନ୍ନ ଅଭିଯାନ ଓ ମଣ୍ଡିଆ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସୁଧୀରଞ୍ଜନ ବେହେରାଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରତିନିଧି ମୃତ୍ୟୁଞ୍ଜୟ ମହାରଣା , ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର ପ୍ରମୁଖ ଅଧିକାରୀମାନେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମାଣ୍ଡିଆ ଚାଷର ଉପକାରିତା ବିଷୟରେ ଆଲୋକପାତ କରିବା ସହିତ ଚାଷୀମାନଙ୍କୁ ଉତ୍ସାହିତ କରିଥିଲେ। ମାଣ୍ଡିଆକୁ ଦୈନନ୍ଦିନ ଖାଦ୍ୟରେ ସଂଲଗ୍ନ କରିବା ନିମନ୍ତେ ଏବଂ କୃଷି ଐତିହ୍ୟ ଓ ଜୈବ ବିବିଧତା ସଂରକ୍ଷଣରେ ଭୂମିକାକୁ ଗୁରୁତ୍ୱ ଦେବା ସହିତ ଶ୍ରୀ ଅନ୍ନ ଅଭିଯାନ ଯୋଜନା ବିଷୟରେ ଅବଗତ କରାଇଥିଲେ ମଞ୍ଚାସୀନ ଅତିଥି ବୃନ୍ଦ। ଏହି କାର୍ଯ୍ୟକ୍ରମରେ ମଣ୍ଡିଆ ଉତ୍ପାଦ ପ୍ରଦର୍ଶନୀ, ବୀଜ ପ୍ରଦର୍ଶନ ଓ ପୌଷ୍ଟିକ ଖାଦ୍ୟ ଯଥା ମଣ୍ଡିଆ ଲଡ୍ଡୁ, ବିସ୍କୁଟ ଭଳି ୪୦ ପ୍ରକାର ଦ୍ରବ୍ୟର ପ୍ରଦର୍ଶନୀ କରାଯାଇଥିଲା। ପ୍ରତ୍ୟେକ ଅଂଶ ଗ୍ରହଣକାରୀ ମାନେ ଷ୍ଟଲ୍ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଗତିଶୀଳ କୃଷକ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନଙ୍କୁ ସମ୍ମାନିତ କରାଯାଇଥିଲା। ସମସ୍ତ ବ୍ଲକର ଶ୍ରେଷ୍ଠ ଏଫ୍‌ଏଏଫ୍‌ପି, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଚାଷୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଶ୍ରେଷ୍ଠ ବୀଜ ସଂରକ୍ଷକମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା।

# 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ



ରାୟଗଡ଼ା,୭।୧୧(ସମିସ): ରାୟଗଡା ଠାରେ ରାଷ୍ଟ୍ରୀୟ ସଂଗୀତ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ପାଳିତ ହୋଇଯାଇଛି । ସ୍ଥାନୀୟ ଜିଲ୍ଲା ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଶିଷ୍ଟ ଲେଖକ ବଂକିମ ଚନ୍ଦ୍ର ଚଟୋପାଧ୍ୟାୟଙ୍କ ରଚିତ ଏହି ରଷ୍ଟ୍ରୀୟ ସଂଗୀତର ସିଧା ପ୍ରସାରଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପସ୍ଥିତରେ ସିଧା ପ୍ରସାରଣ କାର୍ଯ୍ୟକ୍ରମ କରାଯାଇଥିଲା। ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ରାୟଗଡ଼ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି, ଅତିରିକ୍ତ ଜିଲ୍ଲାପାଳ ନବୀନ ନାୟକ, ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କହଁର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ସୁସ୍ମିତା ବାଉରୀ, ଜିଲ୍ଲା ସୂଚନା ବିଜ୍ଞାନ କେନ୍ଦ୍ରର ଅଧିକାରୀ ଏନ ଗୁଣ ଶେଖର, ଜିଲ୍ଲା କ୍ରୀଡା ଅଧିକାରୀ ଶେଖ ଅଲେନୁର, ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ, ଜିଲ୍ଲା ସମାଜ କଲ୍ୟାଣ ବିଭାଗର ସୁରକ୍ଷା ଅଧିକାରୀ ପ୍ରତମା ରାଣୀ ଦାଶ, ଜିଲ୍ଲା ପଞ୍ଚାୟତ ଅଧିକାରୀ ସୂର୍ଯ୍ୟନାରାୟଣ ମହାରଣା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ଭୂମି ଅଧିଗ୍ରହଣ ଅଧିକାରୀ ମନ ଭଞ୍ଜନ କହଁର, ଅନ୍ୟାନ୍ୟ ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଯୋଗଦାନ କରି ସମ୍ମିଳିତ ଭାବରେ ରାଷ୍ଟ୍ରୀୟ ସଂଗୀତ ବନ୍ଦେ ମାତରଂ ଗାନ କରିଥିଲେ। ସ୍ଥାନୀୟ ସେବା ସମାଜ ଅନୁଷ୍ଠାନର କୁନି କଳାକାର ମାନେ ରାଷ୍ଟ୍ରୀୟ ସଂଗୀତ ବନ୍ଦେ ମାତରମ ସୁନ୍ଦର ଭାବରେ ଗାନ କରିଥିଲେ। କଣ୍ଠ ଶିଳ୍ପୀ ତଥା ଶିକ୍ଷକ ପ୍ରଶାନ୍ତ ନାୟକ ମଞ୍ଚ ପରିଚାଳନା କରିଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ସୁସ୍ମିତା ବାଉରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# 'ବନ୍ଦେ ମାତରମ୍'ର ୧୫୦ ବର୍ଷପୂର୍ତ୍ତି କାର୍ଯ୍ୟକ୍ରମ



ନବରଙ୍ଗପୁର,୭।୧୧(ସମିସ): ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତି ଅବସରରେ ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳୟରେ ଏକ ବିଶେଷ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷା ମାଳେଶ୍ୱରୀ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦେଶ ସ୍ୱାଧୀନତା ପଛରେ ଏହି ରାଷ୍ଟ୍ରୀୟ ଗୀତର ପ୍ରେରଣା ସମ୍ପର୍କରେ ଆଲୋକପାତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁରର ବରିଷ୍ଠ ଶିକ୍ଷାବିତ୍ ନିରଞ୍ଜନ ମିଶ୍ର ଯୋଗଦେଇ "ବନ୍ଦେ ମାତରମ୍ " ରାଷ୍ଟ୍ରୀୟ ଗୀତ ଭାବେ ସ୍ୱୀକୃତି ପାଇବା ଏବଂ ତାହାର ଉଦ୍ଦେଶ୍ୟ ସମ୍ପର୍କରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ଶିକ୍ଷା ବିଭାଗର ବିଭାଗର ମୁଖ୍ୟ ଡା. ସଂଯୁକ୍ତା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ ଲିଖନ, କୁଇଜ ଓ ଚିତ୍ରକଳା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବିଜୟୀ ପ୍ରତିଯୋଗୀମାନଙ୍କୁ ମଞ୍ଚାସୀନ ଅତିଥି, ମହାବିଦ୍ୟାଳୟ ଅଧ୍ୟକ୍ଷା ଓ ଅଧ୍ୟାପକ/ଅଧ୍ୟାପିକାମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଶ୍ରୀମତୀ ରଞ୍ଜୁଷା କୁମାରୀ ପ୍ରହରାଜ, ଶ୍ରୀମତୀ ତରନୁମ୍ ଆରା, ଶ୍ରୀ ଲକ୍ଷ୍ମୀକାନ୍ତ ସୌରା, ଭୁବନ ହରିଜନ, ଅକ୍ଷୟ ନାୟକ, ପଙ୍କଜ ଗରଡା, ଭୁବନ ଭକ୍ତ ଏବଂ ବହୁ ସଂଖ୍ୟକ ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଇତିହାସ ବିଭାଗର ଅଧ୍ୟାପିକା ସୁନୀତା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ମା' ଧନଲକ୍ଷ୍ମୀଙ୍କ ପୂଜା ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ



ଗୁଡ଼ାରୀ, ୭।୧୧ (ସମିସ): ପ୍ରତ୍ୟେକ ବର୍ଷ ଭଳି ଏହି ବର୍ଷ ମା' ଧନଲକ୍ଷ୍ମୀ ଙ୍କ ପୂଜା ଅନୁଷ୍ଠିତ କରିବା ପାଇଁ ବ୍ୟାପକ ପ୍ରସ୍ତୁତ ଚଳାଇଛି ଗୁଡ଼ାରୀ ଧନ ଲକ୍ଷ୍ମୀପୂଜା କମିଟି। ସୂଚନା ମୁତାବକ ଗୋପୀନାଥ ମନ୍ଦିର ନିକଟରେ ଟାଉନ୍ ଧନଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଧନଲକ୍ଷ୍ମୀ ପୂଜା ଉପଲକ୍ଷେ ଗତ ଶୁକ୍ରବାର ଦିନ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଗୁଡାରୀ ରାଜ ପୁରୋହିତ ଭାବେ ଶ୍ରୀରାମ ପ୍ରସାଦ ରଥ ସମସ୍ତ ପୂଜାପାଠ ଶେଷ କରିବା ପରେ ମା'ଧନଲକ୍ଷ୍ମୀଙ୍କ ଆରାଧନା କରି ଶୁଭଖୁଣ୍ଟି ସ୍ଥାପନ କରିଥିଲେ। ମା'ଙ୍କ ପୁଜା ପାଇଁ ତ୍ରିପତି ନାୟକଙ୍କୁ କର୍ତ୍ତା ଭାବେ ଦାୟିତ୍ୱ ଦିଆଯାଇଛି। କମିଟିର ଗୌରାଙ୍ଗ ପାଢ଼ୀ କହିଛନ୍ତି, ଏହି ବର୍ଷ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ତୋରଣ ତଥା ଉନ୍ନତମାନର ଆଲୋକ ସଜ୍ଜା ବ୍ୟବସ୍ଥା କରାଯାଇଛି। କମିଟିର ହାରି ଭାଇ କହିଛନ୍ତି, ପରିଷଦ ସମସ୍ତ ଜନସାଧାରଣ ସହଯୋଗ କରିବା ପାଇଁ ଅନୁରୋଧ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କମିଟିର ସମୀର ଦାଶ, ବାବୁଲି ମହାନ୍ତି, ଭୀ.ହାରି କ୍ରିଷ୍ଣାରାଓ, ତପନ ସାହୁ, ବାରାଟି ତିରୁମୁଲା, ନାଗୁଲୁ ନକୁଳ, ପି.ମାଝୀ, ରଞ୍ଜନ ରଥ, ବଂଶୀ ପଣ୍ଡା, ପି.ରାଜୁ, ଏମ.ଗୌତମ ସାଇ ସିପୁନ, ପୂଜାରୀ, ଭି.ଆଦିତ୍ୟ, ପି.ଚରଣ, ଶିବ ସାହୁ, ଜଗଦୀଶ ନାୟକ, ଡମ୍ବୁରୁ, ବଂଶୀ, ଶିବାଶିଷ, ବିଭୁ, ରାଜା, ରାହୁଲ, ବାବୁଶାନ୍, ଓମ୍ ତଥା ଉପସ୍ଥିତ ଥିବାବେଳେ ପରିଷଦ, ପଞ୍ଚାୟତର ସମସ୍ତ ଲୋକେ ମା' ଧନଲକ୍ଷ୍ମୀଙ୍କ ପୂଜାକୁ ସୂଚାରୁ ରୁପେ ସଫଳ କରିବା ପାଇଁ କମିଟି ତରଫରୁ ଅନୁରୋଧ କରିଥିବା ଜଣାପଡ଼ିଛି।

# ଛାଡ଼ଖାଇରେ ମାଛ, ମାଂସ ଦରବୃଦ୍ଧି

ଜୟପୁର, ୭ ।୧୧(ସମିସ): ପବିତ୍ର କାର୍ତ୍ତିକ ମାସ ବୁଧବାର ଶେଷ ହେବା ପରେ ଗତକାଲି ମାର୍ଗଶୀର ମାସର ପ୍ରଥମ ଗୁରବାର ପାଳିତ ହୋଇଥିଲା ଏବଂ ଆଜି ଛାଡ଼ଖାଇ ପାଳନ କରାଯାଇଥିଲା। ଏହାର ସୁଯୋଗ ନେଇ ଜୟପୁର ସହରରେ ଆମିଷ ବ୍ୟବସାୟୀ ମାନେ ଅନ୍ୟାନ୍ୟ ଦିନ ଅପେକ୍ଷା ଆଜି ଉଚ୍ଚାଦରରେ ବିକ୍ରି କରିଥିଲେ। ଦୈନିକ ବଜାରରେ ବିଭିନ୍ନ ପ୍ରଜାତିର ମାଛ କିଲୋ ୨୦୦ ରୁ ୩୦୦ ଟଙ୍କା ପର୍ଯନ୍ତ ବିକ୍ରି କରାଯାଇଥି ବେଳେ ଛେଳି ମାସଂ ୮ଶହରୁ ୧ ହଜାର ଟଙ୍କ।।, କୁକୁଡା ମାଂସ ୧୮୦ ରୁ ୨୨୦ ପର୍ଯ୍ୟନ୍ତ ଏବଂ ଚିଙ୍ଗୁଡିର ଦର ମାଧ ଅନ୍ୟାନ୍ୟ ଦିନ ଅପେକ୍ଷା ୫୦ରୁ ୭୦ ଟଙ୍କା ଅଧିକରେ ବିକ୍ରି କରିଥିଲେ। ଗ୍ରାହକ ମାନେ ମୂଲଚାଲ କରିଥିଲେ ସୁଦ୍ଧା ବ୍ୟବସାୟୀ ମାନେ ଛାଡଖାଇର ସୁଯୋଗ ନେଇ ଚଢା ଦରରେ ବିକ୍ରି କରୁଥିଲେ। ଆମିଷ ବଜାରରେ ମାଛ ଦର ଅଧିକ ରହିଥିବା ବେଳେ ସହରର ଅନ୍ୟାନ୍ୟ ସ୍ଥାନରେ ମାଛ କିଲୋ ପିଛା ୧୮୦ ଟଙ୍କା ରହିଥିଲା। ଆଜି ସହରରେ ପ୍ରାୟ ୩ ଲକ୍ଷରୁ ଅଧିକ ଟଙ୍କାର ମାଛ ମାଂସ ବିକ୍ରି କରାଯାଇଥିବା ଚର୍ଚ୍ଚା ହେଉଛି।

### ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

# ଗାଈକୁ ରାସ୍ତା ଉପରେ ନ ଛାଡିବାକୁ ଆହ୍ୱାନ



ଜୟପୁର, ୭ ।୧୧(ସମିସ): କୋରାପୁଟ ଜିଲ୍ଲା ଜୟପୁର ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ସ୍ଥାନୀୟ ବେଲ ରୋଡ କଲ୍ୟାଣ ମଣ୍ଡପ ଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ବ୍ଲକ ପ୍ରାଣୀସମ୍ପଦ ଅଧିକାରୀ ଡା. ସୁନୀଲ କୁମାର ନାୟକଙ୍କ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜୟପୁର ଉପଜିଲ୍ଲାପାଳ ଏ .ଶଶ୍ୟା ରେଡ଼୍ଡି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହିପରି ଉଭୟ ଗାଈ, ଛେଳି, କୁକୁଡା ସହିତ ମତ୍ସ୍ୟ ଚାଷ ଉପରେ ଗୁରୁତ୍ୱାରୋପ କରିବା ସହିତ ସ୍ୱାବଲମ୍ବୀ ହେବାକୁ ଆହ୍ୱାନ କରିଥିଲେ। ମୁଖ୍ୟତଃ ଗାଈ ଗୋରୁଙ୍କୁ ରାସ୍ତା ଉପରେ ନ ଛାଡିବାକୁ ପରାମର୍ଶ ଦେଇଥିଲେ। ରାସ୍ତାରେ ବୁଲା ଗାଈଙ୍କ ଚିକିତ୍ସା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ପଶୁ ସମ୍ପଦ ବିଭାଗ ପକ୍ଷରୁ କରାଯାଇଥିବା ନେଇ ସୂଚନା ଦେଇଥିଲେ। ଏହି ଅବସରରେ ଜିଲ୍ଲା ପଶୁସମ୍ପଦ ଅଧିକାରୀ ଲକ୍ଷ୍ମୀଧର ବେହେରା, ଜିଲ୍ଲା ମତ୍ସ୍ୟ ଅଧିକାରୀ ସାଗର କୁମାର ରାମ, ବ୍ଲକ ଅଧ୍ୟକ୍ଷା ତିଳୋତ୍ତମା ମୁଦୁଲି, ଜିଲ୍ଲା ପରିଷଦ ସଦସ୍ୟା ତପତି ପଟ୍ଟନାୟକ, ଏବିଡିଓ ମୋନଜ ନାୟକ, ସାଂସଦ ପ୍ରତିନିଧି କୃଷ୍ଣଚନ୍ଦ୍ର ନେପାକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରାଣୀ ସମ୍ପଦ ଏବଂ ମତ୍ସ୍ୟ ବିଭାଗ ପକ୍ଷରୁ ପ୍ରତ୍ୟେକ ୩ଜଣ ଲେଖାଏଁ ବ୍ୟକ୍ତିଗତ ଚାଷୀ ଏବଂ ଜଣେ ଲେଖାଏଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଚାଷୀଙ୍କୁ ସଫଳ ଚାଷୀ ଭାବେ ସମୁଦାୟ ୮ଜଣ ଚାଷୀଙ୍କୁ ପ୍ରତ୍ୟେକ ୧ ହଜାର ଟଙ୍କାର ଚେକ୍, ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପଶୁ ସମ୍ପଦ ବିଭାଗର ୪ଟି ଏବଂ ମତ୍ସ୍ୟ ବିଭାଗର ୪ଟି ସହିତ ସ୍ଥାନୀୟ ଅଞ୍ଚଳରେ ପ୍ରସ୍ତୁତ ମାଣ୍ଡିଆ ଶସ୍ୟର ୨ଟି ଏବଂ ଓମଫେଡ୍ ପକ୍ଷରୁ ୨ଟି ସମୁଦାୟ ୧୪ଟି ନିର୍ମାଣ ଷ୍ଟଲ୍‌କୁ ମୁଖ୍ୟ ଅତିଥି ଏବଂ ଅନ୍ୟାନ୍ୟ ଅତିଥି ମାନେ ଉଦ୍‌ଘାଟନ କରିଥିଲେ। ଶେଷରେ ବୀଣାପାଣି ଗ୍ରୁପ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ଏହି ମେଳା ଆୟୋଜନରେ ଅତିରିକ୍ତ ଜିଲ୍ଲା ପ୍ରାଣୀ ରୋଗ ନିୟନ୍ତ୍ରଣ ଅଧିକାରୀ ଡା. ପରୀକ୍ଷିତ କୁଣ୍ଡୁ, ବୋରିଗୁମ୍ମା ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ପ୍ରଭାତ କୁମାର ଜେନା ଯୋଗ ଦେଇଥିଲେ। ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସୌଭାଗ୍ୟ ମୁଦୁଲି ମଞ୍ଚ ପରିଚାଳନା କରିଥିଲେ। ବ୍ଲକ୍‌ମତ୍ସ୍ୟ ଅଧିକାରୀ ସୋନାଲି ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବ୍ଲକର ସମୁଦାୟ ୨୨ଟି ଗ୍ରାମପଞ୍ଚାୟତର ୪୪୦ ଜଣ ଚାଷୀ ଉପସ୍ଥିତ ଥିଲେ।

## ନୀଳମାଧବ ବିକାଶ ପ୍ରକଳ୍ପ ବିପର୍ଯ୍ୟସ୍ତ

# ପାଚେରିରେ ଶୁଖୁଛି ଶାଢ଼ି, ପାହାଚରେ ବଡ଼ି



**ନୟାଗଡ଼/ଖଣ୍ଡପଡ଼ା, ୭।୧୧ (ସମିସ):** ମହାପ୍ରଭୁ ଜଗନ୍ନାଥଙ୍କ ଆଦିପୀଠ ନୟାଗଡ଼ ଜିଲ୍ଲା କଣ୍ଟିଲୋ ନୀଳମାଧବ ପୀଠ ଉନ୍ନତି ଓ ବିକାଶ ପାଇଁ ପୂର୍ବ ସରକାର ଯୋଜନା ପ୍ରସ୍ତୁତ କରିଥିଲେ। ଶହେ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟୟବରାଦ ହୋଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୩୦ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା। ଏହି ଅର୍ଥକୁ ବ୍ୟୟ କରି ଅନେକ ଉନ୍ନତୀକରଣ କାର୍ଯ୍ୟ କରାଯାଇଥିଲା। କିନ୍ତୁ ସାଧାରଣ ନିର୍ବାଚନ ପରଠାରୁ ଏହି କାର୍ଯ୍ୟ ଧୀରେଧୀରେ ଧିମା ହୋଇ ଏବେ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଯେତିକି ବି ବିକାଶମୂଳକ କାର୍ଯ୍ୟ ହୋଇଥିଲା, ରକ୍ଷଣାବେକ୍ଷଣ ଓ ସୁରକ୍ଷା ଅଭାବରୁ ତାହା ବିପର୍ଯ୍ୟସ୍ତ ହୋଇଗଲାଣି।

ନୀଳମାଧବ ପୀଠ ଉନ୍ନତି ପାଇଁ ସମ୍ପୂର୍ଣ୍ଣ ମନ୍ଦିରକୁ ସ୍ୱଚ୍ଛ ଧଳା ରଙ୍ଗ କରାଯାଇଥିଲା। କିନ୍ତୁ ଭକ୍ତମାନଙ୍କ ସଚେତନତା ଅଭାବରୁ ମନ୍ଦିର କାନ୍ଥ ସାରା ସିନ୍ଦୂର ଦାଗ ଜଳଜଳ ଦେଖାଯାଉଛି। ମନ୍ଦିର ପରିସରରେ ସ୍ୱଚ୍ଛତା ପ୍ରତି ଆଦୌ ଧ୍ୟାନ ଦିଆଯାଉନାହିଁ। ବେଢ଼ା ଭିତରେ ଦୀପ, ଭୋଗ, ଖେଳଣା ଓ ଆଇସକ୍ରିମ ଦୋକାନ ଖୋଲିଛି। କୋଟିକୋଟି ଟଙ୍କା ବ୍ୟୟରେ ହୋଇଥିବା ଏହି ରୂପାନ୍ତରଣ କାର୍ଯ୍ୟର ଅବସ୍ଥା ଦେଖିଲେ, ରାଜ୍ୟ ତଥା ଦେଶ ବାହାରୁ ଆସୁଥିବା ପର୍ଯ୍ୟଟକ ନାକ ଟେକୁଛନ୍ତି। ଖାଲି ସେତିକି ନୁହେଁ, ଭକ୍ତଙ୍କ ପାଇଁ ନିର୍ମାଣ ହୋଇଥିବା ଲିଫ୍ଟ ଆଦୌ ବ୍ୟବହାର ହେଉନାହିଁ। ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ଦିନଟିଏ ଲିଫ୍ଟ କାର୍ଯ୍ୟକ୍ଷମ ହୋଇଥିବା ବେଳେ ଏବେ ତାହା ବନ୍ଦ ଅବସ୍ଥାରେ ରହିଛି। ମନ୍ଦିର ଆଲୋକୀକରଣ ବ୍ୟବସ୍ଥା ବି ଫେଲ୍ ମାରିବାକୁ ବସିଛି। ପାର୍କଠାରୁ ଆରମ୍ଭ କରି ଦୟଣାଚୋରି ବଗିଚା ପର୍ଯ୍ୟନ୍ତ ସବୁଠି ବିପର୍ଯ୍ୟସ୍ତ ଅବସ୍ଥା କଣ୍ଟିଲୋବାସୀଙ୍କୁ ଚିନ୍ତାରେ ପକାଇଛି। ଦୟଣାଚୋରି ବଗିଚାରେ ଲାଜକୁଳି ଲତା ମାଡ଼ି ଯାଇଥିବା ବେଳେ ସେଥିରେ ତାଲା ଝୁଲୁଛି। ପାର୍କରେ ଲାଇଟ୍ ବ୍ୟବସ୍ଥା ସଠିକ୍ ନଥିବା ଦେଖିବାକୁ ମିଳିଛି। ଏହାସହ ପୁନରୁଦ୍ଧାର ହୋଇଥିବା ଚାପ ପୋଖରୀ ଭିତର ଓ ବାହାରେ କୁଡ଼କୁଡ଼ ଆବର୍ଜନା ଦେଖିବାକୁ ମିଳିଛି।

ନୀଳମାଧବ ବିକାଶ ପ୍ରକଳ୍ପରେ ଏକ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ କରାଯାଇଥିବା ବେଳେ ତାହା ଅବ୍ୟବହୃତ ହୋଇ ପଡ଼ିରହିଛି। ନୀଳମାଧବ କ୍ଷେତ୍ରକୁ ପ୍ରତ୍ୟେକ ଦିନ ରାଜ୍ୟ ଓ ରାଜ୍ୟ ବାହାରୁ ହଜାର ହଜାର ପର୍ଯ୍ୟଟକ ଆସୁଥିବା ବେଳେ ଏସବୁ ବିପର୍ଯ୍ୟସ୍ତ ଅବସ୍ଥା ଦେଖି ସ୍ଥାନୀୟ ଲୋକଙ୍କୁ ପ୍ରଶ୍ନ ପଚାରି ମନକୁ ସନ୍ତୁଷ୍ଟ କରୁଛନ୍ତି।

ନୀଳମାଧବ ବିକାଶ ପ୍ରକଳ୍ପରେ ଅନେକ ଯୋଜନା ରହିଥିବା ବେଳେ ଏଥିପ୍ରତି ସରକାର ଆଦୌ ଧ୍ୟାନ ନଦେବା, ହୋଇଥିବା କାମର ସୁରକ୍ଷା ଓ ରକ୍ଷଣାବେକ୍ଷଣ କରାନଯିବା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନୀଳମାଧବ ମନ୍ଦିର ପରିକ୍ରମା ପାଇଁ ରହିଥିବା ଯୋଜନା କେବେ କାର୍ଯ୍ୟକାରୀ ହେବ ବୋଲି ସ୍ଥାନୀୟ ବାସିନ୍ଦା ପ୍ରଶ୍ନ କରୁଛନ୍ତି। ମନ୍ଦିର ଚାରି ପାଖରେ ଘର କରି ରହିଥିବା ସେବାୟତଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇ, ପାହାଚ ଚାରିପାଖରେ ପରିକ୍ରମା ରାସ୍ତା ନିର୍ମାଣ କାର୍ଯ୍ୟ ଆଦୌ ଆରମ୍ଭ ହୋଇପାରିନାହିଁ।

ଐତିହ୍ୟସଂପନ୍ନ ନୀଳମାଧବ ପୀଠର ଆଧ୍ୟାତ୍ମିକ ପରିବେଶ ନଷ୍ଟ ହେବାକୁ ବସିଥିବା ବେଳେ ଜିଲ୍ଲା ପ୍ରଶାସନ କିମ୍ବା ଦେବୋତ୍ତର ବିଭାଗ ଏଥିପ୍ରତି ଆଡ଼ ଆଖିରେ ଚାହୁଁନାହିଁ। ମନ୍ଦିର ନିକଟରେ ଆବଶ୍ୟକ ଶୌଚାଳୟ ସୁବିଧା ନାହିଁ। ବ୍ରହ୍ମାଦୀ ପାହାଡ଼ ଉପରେ ଅବସ୍ଥିତ ନୀଳମାଧବ ପୀଠ ପୁରୀ ଶ୍ରୀମନ୍ଦିର ଭଳି ରୂପାନ୍ତରିତ ହେବ ବୋଲି ଜିଲ୍ଲାବାସୀ ଆଶା ରଖିଥିଲେ। ସେହି ଆଶା ଧୂଳିସାତ ହୋଇଥିବା ବେଳେ ସ୍ଥାନୀୟ ବିଧାୟକ ମଧ୍ୟ ଏଥିପ୍ରତି ଧ୍ୟାନ ଦେଉନଥିବା ଜନସାଧାରଣ ଅଭିଯୋଗ କରିଛନ୍ତି।

## ମାଟ୍ରିକ୍ ପରୀକ୍ଷା ଫର୍ମପୂରଣ ଆଜିଠାରୁ

**କଟକ, ୭ ।୧୧ (ସମିସ):** ୨୦୨୬ ମାଟ୍ରିକ୍ ପରୀକ୍ଷା ପାଇଁ ଫର୍ମପୂରଣ ସଂକ୍ରାନ୍ତରେ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ଏକ ବିଜ୍ଞପ୍ତି ଜାରି ହୋଇଛି। ଆସନ୍ତା ୮ରୁ ନଭେମ୍ବର ୨୨ ତାରିଖ ରାତି ୧୧ଟା ୪୫ ପର୍ଯ୍ୟନ୍ତ ଅନଲାଇନ୍‌ରେ ରେଗୁଲାର୍ ଓ ଏକ୍ସ-ରେଗୁଲାର୍ ପରୀକ୍ଷାର୍ଥୀଙ୍କ ଫର୍ମପୂରଣ ବିଦ୍ୟାଳୟ ମୁଖ୍ୟଙ୍କ ଦ୍ୱାରା କରାଯିବ। ସେହିଭଳି ପତ୍ରମାଧ୍ୟମ ରେଗୁଲାର୍ ଓ ଏକ୍ସ-ରେଗୁଲାର୍ ପରୀକ୍ଷାର୍ଥୀ ବୋର୍ଡର ଆଞ୍ଚଳିକ କାର୍ଯ୍ୟାଳୟରେ ଉପ-ସମ୍ପାଦକଙ୍କ ଦ୍ୱାରା ଅଫଲାଇନ୍‌ରେ ଫର୍ମପୂରଣ କରାଇବେ ବୋଲି କୁହାଯାଇଛି। ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ପାଇଁ ଫର୍ମପୂରଣ ପ୍ରକ୍ରିୟା ଉପରୋକ୍ତ ଅବଧିରେ ଜିଲ୍ଲା ଓ ବ୍ଲକ୍ ଷ୍ଟଡିସେଣ୍ଟରର ମୁଖ୍ୟଙ୍କ ଦ୍ୱାରା ସମ୍ପାଦନ କରାଯିବ। ମଧ୍ୟମା ପରୀକ୍ଷା ପାଇଁ ସଂସ୍କୃତ ଟୋଲ୍‌ର ମୁଖ୍ୟମାନେ ଆସନ୍ତା ୧୨ରୁ ୨୨ ତାରିଖ ପର୍ଯ୍ୟନ୍ତ ଅଫଲାଇନ୍‌ରେ କରିବେ ବୋଲି ବୋର୍ଡ କହିଛି।

## ବେନିୟମ କାର୍ଯ୍ୟ ପାଇଁ ୩ ସେବାୟତ ନିଲମ୍ବିତ

**ପୁରୀ, ୭।୧୧(ସମିସ):** ବେନିୟମ କାର୍ଯ୍ୟ ଏବଂ ଶ୍ରୀମନ୍ଦିର ପ୍ରଶାସନର ନୀତି ଆଦର୍ଶ ଉଲ୍ଲଂଘନ କରୁଥିବା ସେବାୟତଙ୍କ ବିରୋଧରେ କଠୋର୍ ଆଭିମୁଖ୍ୟ ଗ୍ରହଣ କରିଛି ମନ୍ଦିର ପ୍ରଶାସନ। ଗତ ମାସ ବାହାରକାଠ ନିକଟରେ ଯାତ୍ରୀମାନଙ୍କଠାରୁ ବେଆଇନ ଭାବେ ଅର୍ଥ ଆଦାୟ ଏବଂ ଉକ୍ତ ଅର୍ଥକୁ ନେଇ ନିଜନିଜ ଭିତରେ ମାରପିଟ୍ ହୋଇଥିଲା। ଏହାଦ୍ୱାରା ଶ୍ରୀମନ୍ଦିର ଶୃଙ୍ଖଳା, ସୁରକ୍ଷା ଓ ଗରିମା ଗୁରୁତର ଭାବେ ପ୍ରଭାବିତ ହୋଇଥିବାରୁ ସୁଆର ବଡୁସେବକ ନାରାୟଣ ପଣ୍ଡା ଏବଂ ଖୁଣ୍ଟିଆ ସେବକ ରାଜାରାମ ଖୁଣ୍ଟିଆଙ୍କୁ ନିଲମ୍ବିତ କରାଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଶ୍ରୀଜଗନ୍ନାଥ ମନ୍ଦିର ଆଇନ ୧୯୫୫ର ୨୧ (କ) ଧାରା ଅନୁଯାୟୀ ଦୁହିଁଙ୍କୁ ୨ମାସ ପାଇଁ ନିଲମ୍ବନ କରିଛନ୍ତି। ସେହିଭଳି ଶ୍ରୀମନ୍ଦିର ପରିସରରେ ଡାଲ୍‌ଡା ଘିଅ ବ୍ୟବହାର କରିବାକୁ ପ୍ରରୋଚନା ଦେଇଥିବାରୁ ମହାସୁଆର ସେବକ ବେନା ମହାସୁଆରଙ୍କୁ ମଧ୍ୟ ୨ମାସ ପାଇଁ ସେବା କାର୍ଯ୍ୟରୁ ନିଲମ୍ବନ କରାଯାଇଛି।

**ନାଟମଣ୍ଡପରେ ମାରପିଟ୍ ପାଇଁ ୨ ଓ ଡାଲ୍‌ଡା ଘିଅ ବ୍ୟବହାର ଘଟଣାରେ ଜଣେ ନିଲମ୍ବିତ**

ଉପରୋକ୍ତ ତିନିଜଣ ସେବକଙ୍କୁ ସ୍ପଷ୍ଟ ଭାବେ ଚେତାଇ ଦିଆଯାଇଛି ଯେ ଏହି ନିଲମ୍ବନ ସମୟରେ ସେମାନେ ନିଜେ କିମ୍ବା ଅନ୍ୟ କୌଣସି ସେବାୟତ କିମ୍ବା ବ୍ୟକ୍ତିବିଶେଷଙ୍କ ଦ୍ୱାରା କୌଣସି ପ୍ରକାର ବିଶୃଙ୍ଖଳା କରିବାକୁ ଅପଚେଷ୍ଟା କଲେ ନିଲମ୍ବନ ଅବଧିକୁ ବୃଦ୍ଧି କରାଯିବ। ଏଥିସହ ଆହୁରି ଅଧିକ କଠୋର୍ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଶ୍ରୀମନ୍ଦିର ପରିସରରେ ମହାପ୍ରଭୁଙ୍କ ନୀତିକାନ୍ତି ବା ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନରେ କୌଣସି ପ୍ରକାର ବାଧକ ସାଜିଲେ ସମ୍ପୃକ୍ତ ସେବାୟତ କିମ୍ବା ଅନ୍ୟ ବ୍ୟକ୍ତିବିଶେଷଙ୍କୁ ଛଡ଼ାଯିବ ନାହିଁ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢ଼ୀ ସ୍ପଷ୍ଟ କରିଛନ୍ତି। ଏଥିସହ ଶ୍ରୀମନ୍ଦିରର ଶୃଙ୍ଖଳା ଏବଂ ଗରିମା ରକ୍ଷା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି।

## କଳିଙ୍ଗା ଘାଟିରେ ଦୁର୍ଘଟଣା
## ବସ୍ ଓଲଟି ମହିଳା ମୃତ, ୫ ଗୁରୁତର



**ଜି.ଉଦୟଗିରି, ୭।୧୧ (ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ନିକଟସ୍ଥ କଳିଙ୍ଗା ଘାଟି ଅନ୍ଧାରିକୋଟି ନିକଟରେ ଶୁକ୍ରବାର ଭୋର ୪ଟାରେ ଶ୍ରୀରାମ ନାମକ ଏକ ଯାତ୍ରୀବାହୀ ବସ୍ ଓଲଟି ପଡ଼ିବାରୁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ୫ଜଣ ଗୁରୁତର ଆହତ ହୋଇଛନ୍ତି। ମୃତ ମହିଳାଜଣଙ୍କ ହେଲେ, ଗଞ୍ଜାମ ଜିଲ୍ଲା ଆସିକା ବାବନପୁରର ସୂର୍ଯ୍ୟକାନ୍ତି ନାୟକ(୫୫)। ଜି.ଉଦୟଗିରି ଥାନା ଅଧିକାରୀ ବିଜୟ କୁମାର ସ୍ୱାଇଁ ଏବଂ ଅଗ୍ନିଶମ ଅଧିକାରୀ ମହେଶ୍ୱର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଗୁରୁତର ଏବଂ ମୃତକଙ୍କୁ ଉଦ୍ଧାର କରି ଜି.ଉଦୟଗିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ କିଛିଜଣଙ୍କର ସ୍ୱାସ୍ଥ୍ୟାବସ୍ଥା ରହିବାରୁ ଭଞ୍ଜନଗର ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ବରଗଡ଼ରୁ ବ୍ରହ୍ମପୁର ଯାଉଥିବା ବେଳେ ବସ୍‌ଟି ଘାଟିରେ ଭାରସାମ୍ୟ ହରାଇ ଗାର୍ଡୱାଲ୍‌ରେ ପିଟି ହେବା ସହ ଓଲଟି ପଡ଼ିଥିଲା। ଗାର୍ଡୱାଲରେ ଧକ୍କା ହୋଇ ବସ୍‌ଟି ରାସ୍ତା ଉପରକୁ ଓଲଟି ପଡ଼ିଥିବାରୁ ଏକ ବଡ଼ ଦୁର୍ଘଟଣା ଟଳି ଯାଉଛି। ଆଉ ଟିକେ ଆଗକୁ ଯଦି ଘାଟି ତଳକୁ ଖସିଥାନ୍ତା, କେହି ବର୍ତ୍ତି ନଥାନ୍ତୁ ବୋଲି କହିଛନ୍ତି ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ଯାତ୍ରୀ।

### ଘାଟିରେ ଭାରୀଯାନ ଚଳାଚଳ ପାଇଁ ନଥିଲା ଅନୁମତି

କଳିଙ୍ଗା ଘାଟିରେ ସେପ୍ଟେମ୍ବର ୧୬ରେ ହୋଇଥିବା ଭୂ-ସ୍ଖଳନର ୪୭ଦିନ ପରେ ଚଳିତ ମାସ ୧ ତାରିଖରୁ କେବଳ ଦୁଇଚକିଆ ଏବଂ ଚାରି ଚକିଆ ଭଳି ହାଲୁକା ଯାନ ଯିବା ପାଇଁ ଅନୁମତି ଥିଲା। ବଡ଼ ଗାଡି ବା ଭାରୀଯାନ ଯାତାୟାତ କରିବାକୁ ଏଯାବତ୍ ଅନୁମତି ମିଳିନାହିଁ। ଭୂ-ସ୍ଖଳନ ସ୍ଥାନରେ ଗାର୍ଡୱାଲ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଆଉ କିଛି ଦିନ ପରେ ସବୁ ଗାଡ଼ି ଯାତାୟାତ କରିବାକୁ ପ୍ରଶାସନ ତରଫରୁ ଘୋଷଣା କରାଯାଇଥା'ନ୍ତା। ଏଭଳି ପରିସ୍ଥିତିରେ ବିପଦସଂକୁଳ ଅବସ୍ଥାରେ ଯାତାୟାତ ନ କରିବାକୁ ପ୍ରଶାସନ ପକ୍ଷରୁ ନାକା କରି ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ସାଧାରଣରେ ଦାବି ହୋଇଛି।

## ତୀର୍ଥଯାତ୍ରୀ ଗାଡ଼ି ଦୁର୍ଘଟଣା; ୧୬ ଆହତ

**ବଇଣ୍ଡା, ୭ ।୧୧ (ସମିସ):** କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ହଣ୍ଡପା ଥାନା ଲୁହାମୁଣ୍ଡାଠାରେ ଶୁକ୍ରବାର ଭୋର୍ ୫ଟାରେ ଏକ ତୀର୍ଥଯାତ୍ରୀ ଗାଡ଼ି ଡିଭାଇଡର୍‌ରେ ଧକ୍କା ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ଗାଡ଼ିରେ ବସିଥିବା ଭୁବନେଶ୍ୱର ବାଲକାଟି ଅଞ୍ଚଳର ୧୬ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ, ମାନସ ରଞ୍ଜନ ସାହୁ, ଦେବଶ୍ରୀ ବେହେରା, କରିସ୍ମା ବେହେରା, ବୁବୁନ ମହାପାତ୍ର, ରୀନା ବେହେରା, ଯୋଗେନ୍ଦ୍ର ସାହୁ, ମାମିନା ସାହୁ, ମିତାଲି ସାହୁ, ଚନ୍ଦନ କୁମାର ବେହେରା, ପୂଜା ପତି, ରଶ୍ମିପ୍ରସାଦ ମହାପାତ୍ର, ନାରାୟଣ ମହାପାତ୍ର, ଲକ୍ଷ୍ମୀପ୍ରିୟା ମହାପାତ୍ର, ସସ୍ମିତା ସାହୁ, ଟଙ୍କପାଣି ରୋଡ଼ର ଚନ୍ଦ୍ରଶେଖର ନାୟକ ଓ ୫ ବର୍ଷର ଶିଶୁ ପ୍ରିୟାଂଶୁ ବେହେରା। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଜରିଆରେ କିଶୋରନଗର ମେଡିକାଲରେ ଭର୍ତ୍ତି କରାଇଛନ୍ତି। ଭୁବନେଶ୍ୱରରୁ ଏମାନେ ମା' ସମଲେଶ୍ୱରୀ ଦର୍ଶନ ପାଇଁ ଏକ ଟ୍ରାଭେଲର୍ ଗାଡ଼ି ଯୋଗେ ସମ୍ବଲପୁର ଯାଉଥିବା ବେଳେ ଚାଳକ ଭାରସାମ୍ୟ ହରାଇବାରୁ ଦୁର୍ଘଟଣା ଘଟିଥିଲା। ବଇଣ୍ଡା ଫାଣ୍ଡି ଅଧିକାରୀ ତପନ କୁମାର ରାଏ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି।



## ପୀତବାସ ହତ୍ୟାକାଣ୍ଡ ମାମଲା

# ବିକ୍ରମଙ୍କୁ ସର୍ତ୍ତମୂଳକ ଖଲାସ ଆବେଦନ

**ବ୍ରହ୍ମପୁର, ୭ ।୧୧(ସମିସ):** ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ପକ୍ଷରୁ ତାଙ୍କ ଓକିଲ ଗୁରୁବାର ଦାଖଲ କରିଥିବା ଏକ ପିଟିସନ୍‌ର ଶୁକ୍ରବାର ଶୁଣାଣି ହୋଇଛି। ପିଟିସନ୍ ଉପରେ ଉଭୟ ପକ୍ଷର ଶୁଣାଣି ଶେଷ ହୋଇଥିବା ବେଳେ ଆସନ୍ତା ୧୩ ତାରିଖରେ ରାୟ ପ୍ରକାଶ କରିବାକୁ ଦିନ ଧାର୍ଯ୍ୟ କରାଯାଇଥିବା ଜଣାପଡ଼ିଛି। ସ୍ଥାନୀୟ ଏସଡିଜେଏମ୍‌ଙ୍କ କୋର୍ଟରେ ବିକ୍ରମଙ୍କ ଓକିଲ ତଥା ବରିଷ୍ଠ ଆଇନଜୀବୀ କୁମାରକାନ୍ତ ବେହେରା ଯୁକ୍ତି ବାଢ଼ିଛନ୍ତି ଯେ ବିନା କୌଣସି ବିଶ୍ୱାସଯୋଗ୍ୟ ତଥା ଠୋସ୍ ପ୍ରମାଣରେ ବିକ୍ରମଙ୍କୁ ପୁଲିସ ଗିରଫ କରିଛି। ଏହା ସମ୍ବିଧାନର ଧାରା ୨୧ ଓ ୨୨ର ଖୋଲାଖୋଲି ଉଲ୍ଲଂଘନ। ସେହିଭଳି ବିକ୍ରମଙ୍କ ଆରେଷ୍ଟ-ମେମୋରେ ମଧ୍ୟ ନିର୍ଦ୍ଦିଷ୍ଟ କାରଣ ଓ ଅଭିଯୋଗ ମଧ୍ୟ ଦର୍ଶାନଯିବା ଭାରତୀୟ ନ୍ୟାୟ ସଂହିତାର ଧାରା ୪୮କୁ ଖିଲାପ କରୁଛି। ବଡ଼ କଥା ହେଲା, ଜଣେ ଅପରାଧୀ ଭଳି ବିକ୍ରମଙ୍କୁ ରାତିଅଧିଆ ପୁଲିସ ତାଙ୍କ ଘରୁ ଉଠାଇ ନେଇଥିଲା। ଗିରଫ କରିବା ସମୟରେ ପରିବାର ସଦସ୍ୟ, ସ୍ଥାନୀୟ ବୁଦ୍ଧିଜୀବୀ କିମ୍ବା କୌଣସି ବନ୍ଧୁଙ୍କ ଦସ୍ତଖତ ନେବାର ବିଧି ରହିଛି। କିନ୍ତୁ ବିକ୍ରମଙ୍କ କ୍ଷେତ୍ରରେ ପୁଲିସ ଏଥିରେ ଖିଲାପ କରିଛି। ବଡ଼ବଜାର ଅଞ୍ଚଳର ଜଣେ ପୁରୁଣା ଅପରାଧୀଙ୍କ ଦସ୍ତଖତରେ ବିକ୍ରମଙ୍କୁ ଗିରଫ କରାଯିବା ଭାରତୀୟ ନ୍ୟାୟ ସଂହିତାର ଧାରା ୧୮୭ର ସମ୍ପୂର୍ଣ୍ଣ ଖିଲାପ। ଏ ସବୁକୁ ଦୃଷ୍ଟିରେ ରଖି ତଥା ପୁଲିସ ପକ୍ଷରୁ କୋର୍ଟଙ୍କୁ କୌଣସି ଠୋସ୍ କାରଣ ବା ପ୍ରମାଣ ଦିଆଯାଇନଥିବାରୁ ବିକ୍ରମଙ୍କ ଗିରଫକୁ ବେଆଇନ ଦର୍ଶାଇ ତାଙ୍କୁ ସର୍ତ୍ତମୂଳକ ଭାବେ ଖଲାସ କରିବାକୁ ଓକିଲ ଶ୍ରୀ ବେହେରା ଯୁକ୍ତି ଉପସ୍ଥାପନ କରିଥିଲେ।

**ପିଟିସନକୁ ବିରୋଧ**
**ଶୁଣାଣି ଶେଷ, ରାୟ ସଂରକ୍ଷିତ**

ତେବେ ଏହି ଯୁକ୍ତିକୁ ସରକାରୀ ଓକିଲ ରାଜେନ୍ଦ୍ର ସାବତ ବିରୋଧ କରିଥିଲେ। ବିକ୍ରମଙ୍କ ବିରୋଧରେ ଆବଶ୍ୟକ ପ୍ରମାଣ ଥିବା ସେ ଦର୍ଶାଇଥିଲେ। ଏହି ପିଟିସନ୍ ଉପରେ ଉଭୟପକ୍ଷର ଶୁଣାଣି କରିବା ପରେ କୋର୍ଟ ରାୟକୁ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ସଂରକ୍ଷିତ ରଖିଛନ୍ତି। ସେପଟେ, ବିକ୍ରମଙ୍କୁ ସର୍ତ୍ତମୂଳକ ଖଲାସ ଆବେଦନକୁ ବିରୋଧ କରି ତଥା ଏହି ମାମଲାରେ ସରକାରୀ ଓକିଲଙ୍କୁ ମକଦ୍ଦମା ପରିଚାଳନାରେ ସହଯୋଗ କରିବାକୁ ଶତାଧିକ ଓକିଲ ବରିଷ୍ଠ ଆଇନଜୀବୀ ଶିଶିର ପାଢ଼ୀଙ୍କ ନେତୃତ୍ୱରେ ଏସଡିଜେଏମଙ୍କ କୋର୍ଟରେ ୱକାଲତନାମା ଦାଖଲ କରିଥିବା ଜଣାପଡ଼ିଛି। ଏହାକୁ କୋର୍ଟ ଗ୍ରହଣ କରିଥିବା ସରକାରୀ ଓକିଲ ରାଜେନ୍ଦ୍ର ସାବତ ସୂଚନା ଦେଇଛନ୍ତି।

## ପୁଣି ରିମାଣ୍ଡରେ ଯିବେ ଉମା, ଯୋଗେନ୍ଦ୍ର

**ବ୍ରହ୍ମପୁର, ୭ ।୧୧ (ସମିସ):** ପୀତବାସ ପଣ୍ଡା ହତ୍ୟା ମାମଲାରେ ୬ଜଣ ଅଭିଯୁକ୍ତଙ୍କୁ ପୁଲିସ ରିମାଣ୍ଡରେ ନେଇ ଜେରା କରିସାରିଛି। ଏବେ ପୁଣିଥରେ ସେଥିମଧ୍ୟରୁ ଦୁଇ ଅଭିଯୁକ୍ତ ଉମା ବିଶୋୟୀ ଓ ଯୋଗେନ୍ଦ୍ର ରାଉତକୁ ରିମାଣ୍ଡରେ ନେଇ ଅଧିକ ଜେରା କରାଯିବ ବୋଲି ସୂଚନା ଦେଇଛନ୍ତି ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ।

ପୂର୍ବରୁ କର୍ପୋରେଟର୍ ମଳୟ ବିଶୋୟୀ ଓ ଆଇନଜୀବୀ ମଦନ ଦଳେଇଙ୍କ ସମେତ ମୁଖ୍ୟ ଷଡ଼୍‌ଯନ୍ତ୍ରକାରୀ ଉମା ବିଶୋୟୀ, ଯୋଗେନ୍ଦ୍ର ରାଉତ ଓ ସୁଟର୍ କୁରୁପତି ଭୂୟାଁ ସମେତ ଚିଣ୍ଟୁ ପ୍ରଧାନକୁ ଦୁଇଦିନିଆ ରିମାଣ୍ଡରେ ନେଇ ପୁଲିସ ଜେରା କରିଥିଲା। ସମସ୍ତଙ୍କ ରିମାଣ୍ଡ ଅବଧି ଶେଷ ହେବା ପରେ ପୁଣି ଜେଲକୁ ପଠାଇ ଦିଆଯାଇଥିଲା। ତେବେ ଦୁଇ ଦିନିଆ ରିମାଣ୍ଡରେ ଆସିଥିବା ଉଭୟ ମଳୟ ବିଶୋୟୀ ଓ ମଦନ ଦଳେଇଙ୍କୁ ପୁଲିସ ଗୋଟିଏ ଦିନ ପରେ ଜେଲକୁ ପଠାଇ ଦେଇଥିଲା। ରିମାଣ୍ଡ ସମୟରେ ଅନ୍ୟ ୪ଜଣ ଅଭିଯୁକ୍ତଙ୍କଠାରୁ ପୁଲିସ କିଛି ନୂତନ ତଥ୍ୟ ହାସଲ କରିଥିବାରୁ ତାକୁ ଆଧାର କରି ଆଉ କିଛି ଅଧିକ ତଥ୍ୟ ଓଗାଳିବା ଲକ୍ଷ୍ୟରେ ପୁଲିସ ଉମା ଓ ଯୋଗେନ୍ଦ୍ରକୁ ରିମାଣ୍ଡରେ ନେଇ ଜେରା କରିବ ବୋଲି ସୂଚନା ଦେଇଛନ୍ତି ବ୍ରହ୍ମପୁର ଏସପି। ଏଥିପାଇଁ ପୁଲିସ ପକ୍ଷରୁ ଏସଡିଜେଏମଙ୍କ କୋର୍ଟରେ ଆବେଦନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ଅଚ୍ୟୁତ ସାମନ୍ତଙ୍କୁ ୬୯ତମ ସମ୍ମାନସୂଚକ ଡକ୍ଟରେଟ୍



**ଭୁବନେଶ୍ୱର, ୭ ।୧୧ (ସମିସ):** ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଏସ୍‌ଆର୍‌ଏମ୍ ବିଶ୍ୱବିଦ୍ୟାଳୟ, ସୋନିପତ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଛି। ଏସ୍‌ଆର୍‌ଏମ୍ ବିଶ୍ୱବିଦ୍ୟାଳୟର ତୃତୀୟ ସମାବର୍ତ୍ତନ ଉତ୍ସବ ଅବସରରେ ଶିକ୍ଷା ଜରିଆରେ ସମାଜର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଶୁକ୍ରବାର ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହା ହେଉଛି ଶ୍ରୀ ସାମନ୍ତଙ୍କ ୬୯ତମ ସମ୍ମାନସୂଚକ ଡକ୍ଟରେଟ୍।

ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା କୁଳାଧିପତି ଡ. ଟି.ଆର୍. ପାରିଭିନ୍ଦର, କୁଳପତି ପ୍ରଫେସର୍ ପରମଜିତ ଜୟସ୍ୱାଲ ଓ କୁଳସଚିବ ପ୍ରଫେସର୍ ଭି ସାମୁଏଲ୍ ରାଜଙ୍କ ଉପସ୍ଥିତିରେ ଭାରତର ଉପରାଷ୍ଟ୍ରପତି ସି.ପି ରାଧାକ୍ରିଷ୍ଣନ୍ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ଏଥିପାଇଁ ଏସ୍‌ଆର୍‌ଏମ୍ ବିଶ୍ୱବିଦ୍ୟାଳୟ, ସୋନିପତର ଶିକ୍ଷା ପରିଷଦ ଏବଂ ପରିଚାଳନା ବୋର୍ଡ ଶ୍ରୀ ସାମନ୍ତଙ୍କ ନାମ ସୁପାରିଶ କରିଥିଲେ ଏବଂ ସର୍ବସମ୍ମତିକ୍ରମେ ଶ୍ରୀ ସାମନ୍ତଙ୍କୁ ଏହି ଡିଗ୍ରୀ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଥିଲେ। ଏସ୍‌ଆରଏମ୍ ବିଶ୍ୱବିଦ୍ୟାଳୟ ଏହାର ପ୍ରଶଂସାପତ୍ରରେ ଶ୍ରୀ ସାମନ୍ତଙ୍କୁ ଶିକ୍ଷା ଜରିଆରେ ସେବା ଓ ମାନବିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନକୁ ପ୍ରଶଂସା କରାଯାଇଛି। ସମାବର୍ତ୍ତନ ସମାରୋହ ଅବସରରେ ଶ୍ରୀ ସାମନ୍ତ ଏସ୍‌ଆର୍‌ଏମ୍ ବିଶ୍ୱବିଦ୍ୟାଳୟ, ସୋନିପତ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇବା ସହ ଏହି ସମ୍ମାନ ଶିକ୍ଷା ଓ ସମାଜସେବା କ୍ଷେତ୍ରରେ କାମ କରିବାକୁ ଆହୁରି ପ୍ରେରଣା ଯୋଗାଇବ ବୋଲି କହିଛନ୍ତି।

# ସରକାରଙ୍କ ଭୁଲ୍; ଦଣ୍ଡ ଭୋଗୁଛନ୍ତି ଆଶାୟୀ

## ଦଳେ ରାସ୍ତାରେ, ଦଳେ କୋର୍ଟରେ

**ଭୁବନେଶ୍ୱର,୭ ।୧୧ (ସମିସ):** ଲିଭ୍ ଟ୍ରେନିଂ ଟିଚର (ଏଲ୍‌ଟିଆର) ନିଯୁକ୍ତିରେ ବ୍ୟାପକ ଅସଙ୍ଗତି ରହିଛି। ବିଜ୍ଞପ୍ତି ଅନୁଯାୟୀ ଓଡ଼ିଶା କର୍ମଚାରୀ ପ୍ରବରଣ ଆୟଗ (ଓଏସ୍‌ଏସ୍‌ସି) ପରୀକ୍ଷା ପରିଚାଳନା କରିନାହିଁ। ପୁନଶ୍ଚ ଯେଉଁ ପରୀକ୍ଷା ହୋଇଛି, ସେଥିରେ ସମସ୍ତ ନୀତି ନିୟମକୁ ଜଳାଞ୍ଜଳି ଦିଆଯାଇଛି। ଫଳରେ ମାମଲା କୋର୍ଟରେ ପହଞ୍ଚିବା ସହ ସମ୍ପୂର୍ଣ୍ଣର୍ ନିଯୁକ୍ତି ପ୍ରକ୍ରିୟା ବିଳମ୍ବିତ ହୋଇଛି। ହିନ୍ଦୀ ଶିକ୍ଷକ ପରୀକ୍ଷାକୁ ହାଇକୋର୍ଟ ରଦ୍ଦ କରିଥିବାବେଳେ ସଂସ୍କୃତ ଶିକ୍ଷକ ଆଶାୟୀମାନେ ଦୁଇଦିନ ହେଲା ଓଏସ୍‌ଏସ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ ଜାରି ରଖିଛନ୍ତି। ଅପରପକ୍ଷରେ ହିନ୍ଦୀ ପରି ସଂସ୍କୃତ ଶିକ୍ଷକ ପଦ ପାଇଁ ୫ଗୁଣାରୁ ଅଧିକ ଆଶାୟୀ ଆବେଦନ କରିଥିବାବେଳେ ପ୍ରିଲିମିନାରୀ ପରୀକ୍ଷା କରାଯାଇ ନ ଥିବାରୁ ସମ୍ପୂର୍ଣ୍ଣ ନିଯୁକ୍ତି ପରୀକ୍ଷା ରଦ୍ଦ ହେବାର ଆଶଙ୍କା ସୃଷ୍ଟି ହୋଇଛି।

ଏଲ୍‌ଟିଆର୍ ଶିକ୍ଷକ ନିଯୁକ୍ତିରେ ୭୨୯ଟି ସଂସ୍କୃତ ଶିକ୍ଷକ ପଦ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିପାଇଁ ପ୍ରାୟ ୪୯୬୯ ଜଣ ଆଶାୟୀ ଆବେଦନ କରିଥିବା ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟରେ ସତ୍ୟପାଠ ଦାଖଲ କରାଯାଇଛି। ଅର୍ଥାତ୍ ମୋଟ୍ ପଦ ପାଇଁ ପ୍ରାୟ ୭ଗୁଣା ଆଶାୟୀ ଆବେଦନ କରିଥିଲେ। ଅପରପକ୍ଷରେ ମୋଟ୍ ପଦର ୫ଗୁଣାରୁ ଅଧିକ ଆଶାୟୀ ଆବେଦନ କଲେ ପ୍ରିଲିମିନାରୀ ପରୀକ୍ଷା ହେବା ପରେ ମୁଖ୍ୟ ପରୀକ୍ଷା ହେବ ବୋଲି ସ୍ପଷ୍ଟ ଉଲ୍ଲେଖ କରାଯାଇଛି। ଏହାସତ୍ତ୍ୱେ ଉଭୟ ହିନ୍ଦୀ ଓ ସଂସ୍କୃତ ଆଶାୟୀଙ୍କ ପ୍ରିଲିମିନାରୀ ପରୀକ୍ଷା କରାଯାଇ ନ ଥିଲା। ହିନ୍ଦୀ ଶିକ୍ଷକଙ୍କ ମାମଲା କୋର୍ଟରେ ପହଞ୍ଚିବା ପରେ ସମ୍ପୂର୍ଣ୍ଣ ନିଯୁକ୍ତି ପ୍ରକ୍ରିୟାକୁ ଗତମାସ ୧୬ ତାରିଖରେ ହାଇକୋର୍ଟ ରଦ୍ଦ କରିଛନ୍ତି। ଅନୁରୂପ ଭାବେ ସଂସ୍କୃତ ଶିକ୍ଷକ ପଦ ପାଇଁ ନିଯୁକ୍ତି ପ୍ରକ୍ରିୟାକୁ ରଦ୍ଦ କରି ପ୍ରିଲିମିନାରୀ ପରୀକ୍ଷା କରିବାକୁ କୋର୍ଟରେ ମାମଲା ବିଚାରଧୀନ ରହିଛି। ଅପରପକ୍ଷରେ ସଂସ୍କୃତ ବ୍ୟତୀତ ଅନ୍ୟ ସମସ୍ତ ପଦ ପାଇଁ ଚୂଡ଼ାନ୍ତ ପରୀକ୍ଷା ଫଳ ପ୍ରକାଶ ପାଇଛି। ଆସନ୍ତା ୧୫ ତାରିଖରେ ସେମାନଙ୍କୁ ମୁଖ୍ୟମନ୍ତ୍ରୀ ନିଯୁକ୍ତି ପତ୍ର ବାଣ୍ଟିବେ। ଏଣୁ ସଂସ୍କୃତ ଆଶାୟୀଙ୍କ ପରୀକ୍ଷା ଫଳ ପ୍ରକାଶ କରି ସେମାନଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଉ ବୋଲି ଆଶାୟୀମାନେ ଓଏସ୍‌ଏସ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ୨ଦିନ ଧରି ଆନ୍ଦୋଳନ କରିଛନ୍ତି। ଓଏସ୍‌ଏସ୍‌ସି ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ କୋର୍ଟରେ ମାମଲା ବିଚାରଧୀନ ରହିଥିବାରୁ ପରୀକ୍ଷା ଫଳ ପ୍ରକାଶ ପାଇନାହିଁ। ଚୂଡ଼ାନ୍ତ ରାୟ ବା କୋର୍ଟଙ୍କ ନିର୍ଦ୍ଦେଶ ବିନା ପରୀକ୍ଷା ଫଳ ପ୍ରକାଶ ପାଇବ ନାହିଁ।

ସରକାରଙ୍କ ତ୍ରୁଟିପୂର୍ଣ୍ଣ ବିଜ୍ଞପ୍ତି ପାଇଁ ଆଶାୟୀମାନେ ଦହଗଞ୍ଜ ହେଉଛନ୍ତି। ପରୀକ୍ଷା ଦେଇ ଚାକିରି ପାଇଁ ଯୋଗ୍ୟ ହୋଇଥିଲେ ମଧ୍ୟ ନିଯୁକ୍ତି ପତ୍ର ଦିଆଯାଉ ନାହିଁ। କେବଳ ଏଲ୍‌ଟିଆର୍ ନୁହେଁ, ପ୍ରତିଟି ନିଯୁକ୍ତି ପରୀକ୍ଷାରେ ବିଭ୍ରାଟ ହେଉଥିବାରୁ ଆଶାୟୀଙ୍କ ମାନସିକ ସ୍ଥିତି ଦୋହଲି ସାରିଛି। ସରକାର ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା କରିବାରେ ବାରମ୍ବାର ବିଫଳ ହେଉଥିବା ଅଭିଯୋଗ ହେଉଛି।

### ୧୬ରେ ହିନ୍ଦୀ ଶିକ୍ଷକଙ୍କ ପ୍ରିଲିମିନାରୀ ପରୀକ୍ଷା

ରଦ୍ଦ ହୋଇଥିବା ଏଲ୍‌ଟିଆର୍ ହିନ୍ଦୀ ଶିକ୍ଷକ ପରୀକ୍ଷା ଆସନ୍ତା ୧୬ତାରିଖରେ ଅନୁଷ୍ଠିତ ହେବ। ଅବିଭକ୍ତ ୧୩ଟି ଜିଲ୍ଲାର ପରୀକ୍ଷାକେନ୍ଦ୍ରରେ ପରୀକ୍ଷା ଦେବେ ଆଶାୟୀ ଛାତ୍ରଛାତ୍ରୀ। ଓଏମ୍‌ଆର୍ ବେସଡ୍ ପରୀକ୍ଷା ପାଇଁ ଆବେଦନ କରିଥିବା ପିଲାମାନେ ଆସନ୍ତା ୧୦ ତାରିଖ ଠାରୁ ଆଡମିଟ୍ କାର୍ଡ ଡାଉନଲୋଡ୍ କରିପାରିବେ। ଦୁଇ ଘଣ୍ଟାରେ ସମୁଦାୟ ଶହେ ମାର୍କର ପରୀକ୍ଷା ଅନୁଷ୍ଠିତ ହେବ। ଏନେଇ ଓଏସ୍‌ଏସ୍‌ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ଓଏସ୍‌ଏସ୍‌ସି କାର୍ଯ୍ୟାଳୟ ସାମ୍ନାରେ ବିକ୍ଷୋଭ



**ଭୁବନେଶ୍ୱର, ୭ ।୧୧ (ସମିସ):** ଏଲ୍‌ଟିଆର୍ ସଂସ୍କୃତ ଶିକ୍ଷକ ଆଶାୟୀମାନେ ଦୁଇଦିନ ଧରି ଓଏସ୍‌ଏସ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିଛନ୍ତି। ରାତିରେ କାର୍ଯ୍ୟାଳୟ ସମ୍ମୁଖରେ ଶୋଇବା ସହ ଚୂଡାନ୍ତ ପରୀକ୍ଷାଫଳ ପ୍ରକାଶ ନ କଲେ ଆନ୍ଦୋଳନରୁ ହଟିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଓଏସ୍‌ଏସ୍‌ସିର ସମସ୍ତ ନିୟମ ଅନୁଯାୟୀ ପରୀକ୍ଷା ଦେଇଥିଲେ ମଧ୍ୟ ସେମାନଙ୍କୁ କାହିଁକି ନିଯୁକ୍ତି ଦିଆଯାଉନି ବୋଲି ଗର୍ଜନ କରିଛନ୍ତି। ଆଶାୟୀଙ୍କ କହିବା କଥା ପରୀକ୍ଷାରେ ଅକୃତକାର୍ଯ୍ୟ ହେଉଥିବା କିଛି ପରୀକ୍ଷାର୍ଥୀ ଉଦ୍ଦେଶ୍ୟମୂଳକ ଭାବେ କୋର୍ଟ ଯାଉଛନ୍ତି। ବିଜ୍ଞପ୍ତିରେ ଏକାଧିକ ତ୍ରୁଟି ସେମାନଙ୍କୁ କେସ୍ କରିବାକୁ ସୁଯୋଗ ଦେଉଛି। ହେଲେ ପରୀକ୍ଷା ଦେଇ ମେଧା ଆଧାରରେ ଚୟନ ହୋଇଥିଲେ ମଧ୍ୟ ସେମାନଙ୍କୁ ନିଯୁକ୍ତି ଦିଆଯାଉନି ବୋଲି ପ୍ରଶ୍ନ କରିଛନ୍ତି। ଅନ୍ୟ ଏଲ୍‌ଟିଆର୍ ପଦ ପାଇଁ କୋର୍ଟରେ ମାମଲା ହୋଇଥିଲେ ମଧ୍ୟ କେସ୍ ନମ୍ବର ପକାଇ ରେଜଲ୍ଟ ପ୍ରକାଶ କରାଯାଇଛି। ତାହେଲେ ସଂସ୍କୃତ ଶିକ୍ଷକଙ୍କ ସହ ବୈମାତୃକ ମନୋଭାବ କାହିଁକି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ସମାନ ବିଜ୍ଞପ୍ତିରେ ଆସନ୍ତା ୧୫ ତାରିଖ ଦିନ ସମସ୍ତେ ନିଯୁକ୍ତି ପତ୍ର ପାଇବାକୁ ଯାଉଥିବାବେଳେ ସେମାନଙ୍କୁ କାହିଁକି ବାଦ୍ ଦିଆଯାଉଛି ବୋଲି ପଚାରିଛନ୍ତି। ମେଧାବୀ ପରୀକ୍ଷାର୍ଥୀଙ୍କ ପ୍ରମାଣପତ୍ର ଯାଞ୍ଚ ପ୍ରକ୍ରିୟା ସରିଛି। ମାମଲା ବିଚାରଧୀନ ଥିଲେ ମଧ୍ୟ ଅନ୍ୟ ବିଷୟରେ ନିଯୁକ୍ତି ପରି କେସ୍ ନମ୍ବର ପକାଇ ସେମାନଙ୍କୁ ମଧ୍ୟ ନିଯୁକ୍ତି ଦେବାକୁ ଆନ୍ଦୋଳନରତ ଆଶାୟୀମାନେ ଦାବି କରିଛନ୍ତି। ଓଏସ୍‌ଏସ୍‌ସି କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା ପରେ ବିଳମ୍ବିତ ସନ୍ଧ୍ୟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି।

## ଆଜିର ରାଶିଫଳ

**ମେଷ:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ । ପେଟ ଜନିତ ସମସ୍ୟା ଦେଖା ଦେଇପାରେ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ।

**କର୍କଟ:** ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି। ମନ ପ୍ରସନ୍ନ ରହିବ। ମାନସିକ ଚିନ୍ତା ଦୂର ହେବ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

**କନ୍ୟା:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମ ଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ତୁଳା:** ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଜମିବାଡ଼ିକୁ ନେଇ ବିବାଦ ଦେଖା ଦେଇପାରେ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ।


**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ଆୟ ଓ ବ୍ୟୟ ସମାନ ରହିବ। ପୂଜାର୍ଚ୍ଚନାରେ ସମୟ ବିତାଇବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**ମୀନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ଘରେ ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

## ଆଜିର ଇତିହାସ

- ୧୯୪୫- ହଂକଂରେ ନୌକା ଦୁର୍ଘଟଣାରେ ୧୫୫୦ ଲୋକଙ୍କ ମୃତ୍ୟୁ।
- ୧୯୬୫- ବ୍ରିଟେନରେ, ହତ୍ୟା ମାମଲାରେ ମୃତ୍ୟୁଦଣ୍ଡକୁ ଉଠାଇ ଦିଆଗଲା।
- ୧୯୮୮-ଚୀନ୍‌ରେ ବିନାଶକାରୀ ଭୂମିକମ୍ପ ଯୋଗୁଁ ୯୦୦ ଲୋକଙ୍କ ମୃତ୍ୟୁ।
- ୨୦୦୦- ବିଲ୍ କ୍ଲିଣ୍ଟନ୍‌ଙ୍କ ପତ୍ନୀ ହିଲାରି କ୍ଲିଣ୍ଟନ୍ ନ୍ୟୁୟର୍କ ସିଟ୍‌ରୁ ଜିତି ରେକର୍ଡ କଲେ।
- ୨୦୦୮ - ଭାରତର ପ୍ରଥମ ମାନବ ରହିତ ମହାକାଶଯାନ ଚନ୍ଦ୍ରଯାନ-୧ ଚନ୍ଦ୍ର କକ୍ଷରେ ପହଞ୍ଚିଲା।



# ହୀରା ଖଚିତ ଆଖି

ଫିଲ୍ମ ତଥା ଟିଭିରେ ବେଳେ ବେଳେ ଏମିତି ଚରିତ୍ର ନଜର ଆସିଛନ୍ତି, ଯେଉଁମାନଙ୍କ ଦାନ୍ତ ସୁନାର ହୋଇଥାଏ। ସେହିପରି ବାସ୍ତବ ଜୀବନରେ ବି କିଛି ଧନୀ ଲୋକ ଏମିତି ଥାନ୍ତି, ଯେଉଁମାନେ ସୁନାର ଦାନ୍ତ ଲଗାଇଥାନ୍ତି। ଏହି କ୍ରମରେ ଏବେ ଜଣେ ବ୍ୟକ୍ତି ସୁନା ନୁହେଁ, ବରଂ ହୀରା ଖଚିତ ଆଖି ପାଇଁ ସଭିଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ଆଲବାମା ନିବାସୀ ସେଲ୍ଟର ଜୋନ୍ସଙ୍କ ପାଖରେ ବିଶ୍ୱର ସବୁଠୁ ଦାମୀ କୃତ୍ରିମ ଆଖି ଅଛି। ଜୋନ୍ସ ଜଣେ ଗହଣା ଦୋକାନର ମାଲିକ। ସେ ତାଙ୍କ କୃତ୍ରିମ ଆଖିରେ ୨ କ୍ୟାରେଟ୍‌ର ହୀରା ଲଗାଇଛନ୍ତି। ସେ ଡାହାଣ ଚକ୍ଷୁର ଦୃଷ୍ଟିଶକ୍ତି ସମ୍ପୂର୍ଣ୍ଣ ହରାଇବା ପରେ ତାଙ୍କ କୃତ୍ରିମ ଆଖିରେ ହୀରା ଲଗାଇବା ନିଷ୍ପତ୍ତି ନେଲେ। ତେବେ ସେ ଏକ ଭୟାନକ ରୋଗ ଯୋଗୁଁ ନିଜ ଡାହାଣ ଆଖିର ଦୃଷ୍ଟିଶକ୍ତି ହରାଇବା ପରେ କୃତ୍ରିମ ଆଖି ଲଗାଇବାକୁ ଚାହିଁଲେ। ତେଣୁ ଏ ଲାଗି ସେ ବିଶେଷଜ୍ଞ ଜନ୍ ଲିମ୍‌ଙ୍କ ପାଖକୁ ଗଲେ। ଏଠାରେ ଜୋନ୍ସ ଏକ ବିଶେଷ ପ୍ରକାର ଆଖି ତିଆରି ପାଇଁ ବରାଦ ଦେଲେ। ଜୋନ୍ସ ଏମିତି ଏକ ଆଖି ଚାହୁଁଥିଲେ, ଯାହାକି ତାଙ୍କୁ ଜଣେ ଅଳଙ୍କାର ଡିଜାଇନର ବୋଲି ଦର୍ଶାଇ ପାରୁଥିବ। ତାଙ୍କ ଆଖିରେ ଲାଗିଥିବା ହୀରା ଉପରେ ଆଲୋକ ପଡ଼ିଲେ ଚିକ୍‌ମିକ୍ କରେ। ସେହିପରି ସେ ତାଙ୍କର ହୀରା ଆଖି ଯୋଗୁଁ ଯୁଆଡ଼େ ଯାଆନ୍ତି ଚର୍ଚ୍ଚାରେ ରହନ୍ତି। ତେବେ ଏହି କୃତ୍ରିମ ଆଖି ତାଙ୍କ ଜୀବନରେ ନୂଆ ଆଲୋକ ଆଣିଥିବା କହିଛନ୍ତି। ଲିମ୍ ଛଅ ସପ୍ତାହ ଶିଶୁଙ୍କଠାରୁ ଆରମ୍ଭ କରି ୧୦୧ ବର୍ଷ ବୟସ୍କ ପାଇଁ ପ୍ରାୟ ୧୦ ହଜାର କୃତ୍ରିମ ଚକ୍ଷୁ ତିଆରି କରିଛନ୍ତି। ହେଲେ ଜୋନ୍ସଙ୍କର କୃତ୍ରିମ ଆଖି ସବୁଠୁ ଦାମୀ ବୋଲି ଲିମ୍ କହନ୍ତି। ଅନ୍ୟପକ୍ଷରେ ସାମାଜିକ ଗଣମାଧ୍ୟମରେ ଏକଥା ସାମ୍ନାକୁ ଆସିବା ପରେ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।

# ମା' ହେଲେ କ୍ୟାଟ୍ରିନା



ବିବାହର ଚାରି ବର୍ଷ ପରେ ବଲିଉଡ୍‌ର ପାୱାର କପଲ୍ କାଟ୍ରିନା କୈଫ୍ ଏବଂ ଭିକି କୌଶଲ ମା' ବାପା ହୋଇଛନ୍ତି। ଏହି ଦମ୍ପତି ଆଜି (ନଭେମ୍ବର ୭ ତାରିଖ) ସେମାନଙ୍କର ପ୍ରଥମ ସନ୍ତାନକୁ ସ୍ୱାଗତ କରିଛନ୍ତି। ୪୨ ବର୍ଷୀୟା କ୍ୟାଟ୍ରିନା ଏକ ଶିଶୁ ପୁତ୍ରକୁ ଜନ୍ମ ଦେଇଛନ୍ତି। ଉଭୟ ମା' ଓ ପୁଅଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ସୂଚନା ମିଳିଛି। କାଟ୍ରିନା ଏବଂ ଭିକି ଉଭୟ ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରି ପ୍ରଶଂସକଙ୍କ ସହିତ ଏହି ଖୁସି ଖବର ସେୟାର କରିଛନ୍ତି। ପୋଷ୍ଟରେ ଲେଖାଯାଇଛି- "ଆମ ଖୁସିର ବଣ୍ଡଲ୍ ଆସିଗଲା। ଅତ୍ୟନ୍ତ ଆନନ୍ଦ ଏବଂ ଉତ୍ସାହର ସହିତ ଆମେ ଆମ ପୁଅକୁ ସ୍ୱାଗତ କରୁଛୁ। ନଭେମ୍ବର ୭, ୨୦୨୫। କ୍ୟାଟ୍ରିନା ଏବଂ ଭିକି।" ପୋଷ୍ଟ ସେୟାର୍ ହେବା ପରେ ବଲିଉଡ୍ ତାରକାଙ୍କଠାରୁ ଆରମ୍ଭ କରି ପ୍ରଶଂସକଙ୍କ ପର୍ଯ୍ୟନ୍ତ ସମସ୍ତେ ଭିକି ଓ କେଟ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଚଳିତବର୍ଷ ଆରମ୍ଭରୁ କ୍ୟାଟ୍ରିନା ଗର୍ଭବତୀ ଥିବା କଥା ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେଉଥିଲେ ମଧ୍ୟ ଏହି ଦମ୍ପତି କିନ୍ତୁ ଗୋପନୀୟତା ବଜାୟ ରଖିଥିଲେ। ଶେଷରେ ସେପ୍ଟେମ୍ବର ୨୦୨୫ରେ, କ୍ୟାଟ୍ରିନା ମା' ହେବାକୁ ଯାଉଥିବା କଥା ଘୋଷଣା କରି ଏହି ଖବର ଉପରେ ବିରାମ ଲଗାଇଥିଲେ।

# ପିଲାଙ୍କ ପାଇଁ ବ୍ୟାଙ୍କ




ଜାପାନ କେବଳ ଟେକ୍ନୋଲୋଜି ଏବଂ ନୂତନ ଜ୍ଞାନ କୌଶଳ ପ୍ରୟୋଗରେ ଆଗରେ ରହିଛି ତାହା ନୁହେଁ; ଏଠାକାର ସ୍ୱଚ୍ଛ ବାତାବରଣ, ସଫା ରାସ୍ତା, ଲୋକଙ୍କ ଜୀବନଶୈଳୀ ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇଥାଏ। ଏହି କ୍ରମରେ ଏଠାରେ ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ବ୍ୟାଙ୍କକୁ ନେଇ ଚର୍ଚ୍ଚା ହେଉଛି। ଜାପାନରେ ପିଲାମାନଙ୍କ ପାଇଁ ରହିଛି ସ୍ୱତନ୍ତ୍ର ବ୍ୟାଙ୍କ। ଏହି ବ୍ୟାଙ୍କଗୁଡ଼ିକ ଭିତରକୁ ପିଲାମାନଙ୍କ ବାପା-ମାଆଙ୍କୁ ମଧ୍ୟ ପ୍ରବେଶ ପାଇଁ ଅନୁମତି ନାହିଁ। କୁନି କୁନି ପିଲାମାନଙ୍କୁ ଛୋଟ ବୟସରୁ ଆର୍ଥିକ ସ୍ତରରେ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ଏଭଳି ଏକ ପରିକଳ୍ପନା କରାଯାଇଛି। ବ୍ୟାଙ୍କରେ ପିଲାମାନେ ନିଜେ ନିଜେ ଟଙ୍କା ଜମା କରିଥାନ୍ତି। ସେମାନଙ୍କୁ ସେମାନଙ୍କ ସଞ୍ଚୟ ଉପରେ ସୁଧ ମିଳିଥାଏ। ଏହାଦ୍ୱାରା ପିଲାମାନେ ଖୁବ୍ କମ୍ ବୟସରୁ ଆର୍ଥିକ ପରିଚାଳନା ଶିଖିପାରନ୍ତି। ଏନେଇ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ସେୟାର କରାଯାଇଛି। ଏଥିରେ କୁହାଯାଇଛି ଯେ, ପିଲାମାନଙ୍କ ପାଇଁ ଜାପାନ ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ। ଅନ୍ୟ ଦେଶମାନଙ୍କରେ ପିଲାମାନେ ବୟସ୍କଙ୍କ ତତ୍ତ୍ୱାବଧାନରେ ରୁହନ୍ତି। ପିଲାଙ୍କୁ କେଉଁଠିକୁ ଏକାକି ଛଡ଼ାଯାଇ ନ ଥାଏ। ହେଲେ ଜାପାନରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଥାଏ। ଏଠାରେ ପିଲାମାନେ ବୟସ୍କଙ୍କ ବିନା ନିଜ କାମ ନିଜେ କରନ୍ତି। ଏକାକି ସ୍କୁଲ ଯାଆନ୍ତି। ଏସବୁ ଜାପାନର ପିଲାମାନଙ୍କ ପାଇଁ ସାଧାରଣ କଥା। କେବଳ ସେତିକି ନୁହେଁ, ଜାପାନରେ ଚୋରି ମାମଲା ବି ଦେଖିବାକୁ ମିଳେନାହିଁ। ଯଦି ଜଣେ ବ୍ୟକ୍ତି ଏଠାରେ ନିଜର ଫୋନ୍, ମନିପର୍ସ କିମ୍ବା ବ୍ୟାଗ୍‌କୁ କେଉଁଠି ଛାଡ଼ି ଦେଇଥାନ୍ତି, ଏକ ଘଣ୍ଟା ପରେ ଉକ୍ତ ସ୍ଥାନରେ ସେହି ସାମଗ୍ରୀ ମିଳିଯାଇଥାଏ। ସେହିପରି ହଜିଯାଇଥିବା ସାମଗ୍ରୀକୁ ଖୋଜିଲେ ଏଠାରେ ମିଳିବାର ଆଶା ଶତ ପ୍ରତିଶତ ରହିଥାଏ।

## ଶିଶୁ





**ପ୍ରଶାନ୍ତ କୁମାର ସାହୁ**

ଶିଶୁଟିଏ ଥିଲେ ଘରେ ସବୁ ଦିନ ପରବ
ଲୋଡ଼ା ନାହିଁ ସୁନା ରୁପା ଲୋଡ଼ା ନାହିଁ ଦରବ।
ଲୋଡ଼ା ନାହିଁ ହୀରା ଲୀଳା ମୋତି ଅବା ମାଣିକ
ଲୋଡ଼ା ନାହିଁ ଜହ୍ନ ତାରା ପୁଅ ଝିଅ ଫରକ।
ଶିଶୁଟିଏ ପରିବାର ଦେଶ ପାଇଁ ଗରବ
ଫେରାଇ ଆଣିବ ଦିନେ ଅତୀତ ଗଉରବ।
ଶିଶୁଟିଏ ଜାଣେ ନାହିଁ ଛନ୍ଦ ଅବା କପଟ
ଶିଖାଇବ ନିତି ତାକୁ ସତ୍ୟ ନ୍ୟାୟ ସୁବାଟ।
ଶୁଣାଇବ ଗୀତ ଗପ ଛୋଟ ଛୋଟ କାହାଣୀ
ଶୁଣାଇବ କେବେ କେବେ ବଡ଼ ଲୋକ ଜୀବନୀ।
ଛାତିରେ ମନରେ ତା'ର ଭରିଦେବ ସାହସ
ସ୍ନେହ ପ୍ରେମେ ବାନ୍ଧିଦେଇ ଭରିଦେବ ଉଲ୍ଲାସ।
ଆଜି ସିନା କଳି ସିଏ କାଲି ଫୁଟି ବାସିବ
ଦୁନିଆଟି ନିଶ୍ଚେ ଦିନେ ତା' ପାଇଁ ହସିବ।

ଇନ୍ଦିପୁର, ଚନ୍ଦନ ମଣ୍ଡପ ସାହି, ଢେଙ୍କାନାଳ
ମୋ- ୯୭୭୭୦୯୦୦୫୬

## ପ୍ରହେଳିକା

- ଗୋରା ଶାସକଙ୍କ ବିରୁଦ୍ଧେ ସେହି
ଲଢ଼ିଥିଲେ କାରାବରଣ ସହି
ବାପୁଜୀଙ୍କ ସହ ହାତ ମିଳାଇ
ଇଂରେଜଙ୍କୁ ଦେଲେ ଦେଶୁ ହଟେଇ
ସ୍ୱାଧୀନ ହୋଇଲା ଦେଶ
ପ୍ରଥମ ପ୍ରଧାନମନ୍ତ୍ରୀ ସେ ହୋଇଲେ
କୁହ ତାଙ୍କ ନାମ କିସ।
ଉତ୍ତର-ଜବାହାରଲାଲ୍ ନେହରୁ

- ନଭେମ୍ବର ମାସ ଚଉଦ ଦିନ
ହସିଉଠେ ସର୍ବ ଶିଶୁଙ୍କ ମନ
ଚାଚା ନେହରୁଙ୍କ ଜନ୍ମ ଦିବସ
ପାଳନ୍ତି ସଭିଏଁ ହୋଇ ହରଷ
ପରବଟିଏ ସେ ଆମ
ଚାଚାଙ୍କ ଜନମ ଦିନ ସେ ଆସଇ
କୁହ ଦେଖି ତା'ର ନାମ।
ଉତ୍ତର-ଶିଶୁ ଦିବସ

- ମଗୁଶିର କୃଷ୍ଣ ଅଷ୍ଟମୀ ଦିନ
ପର୍ବଟିଏ ରାଜ୍ୟେ ହୁଏ ପାଳନ
ଜ୍ୟେଷ୍ଠ ସନ୍ତାନକୁ ମିଳେ ସମ୍ମାନ
ପିନ୍ଧିଥାଏ ସିଏ ନୂଆ ବସନ
ହୁଏ ପୂଜାବିଧି କର୍ମ
ଏଣ୍ଡୁରି ପିଠାର ବାସ ମହକଇ
କୁହ ସେ ପରବ ନାମ।
ଉତ୍ତର-ପ୍ରଥମାଷ୍ଟମୀ

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ମାର୍ଗଶିର ମାସେ ପ୍ରଥମାଷ୍ଟମୀ ଯେ



**ନିରଞ୍ଜନ ସାହୁ**

ଏଣ୍ଡୁରି ପିଠାଟି ବାସଇ
ପ୍ରଥମ ସନ୍ତାନ ପଢୁଆଁ ହେବାକୁ
ମାମୁଁଘରୁ ସବୁ ଆସଇ ।
ମାମୁଁଘରୁ ଆସେ ନୂତନ ପୋଷାକ
ପ୍ରଥମ ସନ୍ତାନ ପାଇଁକି
ପିଠାମିଠା ବଡ଼ ଶରଧାରେ ଧରି
ମାମୁଁ ଆସିଥାନ୍ତି ଧାଇଁକି ।
କେଉଁ କାଳରୁ ଏ ବିଧି ରହିଅଛି
ମାମୁଁ ଯେ ପଢୁଆଁ କରିବେ
ବଡ଼ ଭଣଜା କି ବଡ଼ ଭାଣିଜୀଙ୍କ
ମନରେ ସନ୍ତୋଷ ଭରିବେ ।
ଘରର ପ୍ରଥମ ସନ୍ତାନ ଉପରେ
ଅନେକ ଦାୟିତ୍ୱ ରହିଛି
ସେଥିପାଇଁ ତାଙ୍କୁ ସ୍ୱତନ୍ତ୍ର ସମ୍ମାନ
ଦେବାକୁ ଦୁନିଆ କହିଛି ।
ପ୍ରଥମାଷ୍ଟମୀରେ ପଢୁଆଁ ହୁଅନ୍ତି
ପ୍ରଥମ ସନ୍ତାନ ଯେତେକ
ଏହି ସମ୍ମାନରେ ସମ୍ମାନିତ ସିଏ
ତାଙ୍କ ଲାଗି କଥା ଏତେକ ।
ନୂଆ ବିରି ନୂଆ ଅରୁଆ ଚାଉଳ
ଯେମିତି ଯେଉଁଠୁ ଆଣିବ
ହଳଦୀ ପତରେ ପିଠା ଗଢ଼ା ହେବ
ପୁର ପଶିଥିବ ଜାଣିବ ।
ଏଣ୍ଡୁରି ପିଠାର ବହୁତ ଆଦର
ପ୍ରଥମ ଅଷ୍ଟମୀ ପରବେ
ପିଲା ଠାରୁ ବୁଢ଼ା, ରଙ୍କ ଠାରୁ ରାଜା
ପିଠା ଖାଇଥାନ୍ତି ସରବେ ।



ନିହଲ ପ୍ରସାଦ, ଢେଙ୍କାନାଳ
ମୋ- ୯୯୩୮୭୪୧୫୮୩

## ସୁମନ

# ନୂତନ ପ୍ରକାଶ





**ସୁଧାଂଶୁ ଶେଖର ଦ୍ୱିବେଦୀ**

ଶରତ ଋତୁର ମୃଦୁ ସନ୍ଧ୍ୟା। ଗ୍ରାମ୍ୟ ଜୀବନର ନିସ୍ତବ୍ଧତା ମଧ୍ୟରେ ଅନତୀ ଦୂରରୁ ମୃଦଙ୍ଗର ମୃଦୁ ଶବ୍ଦ ପ୍ରତିଧ୍ୱନିତ ହେଉଥାଏ। ସେଇ ଗାଁରେ ସଂଗ୍ରାମ ନାମକ ବାଳକଟିଏ ରହୁଥାଏ। ସଂଗ୍ରାମ ଅଳ୍ପଭାଷୀ, ଆତ୍ମସଙ୍କୋଚରେ ଗ୍ରସ୍ତ। ବିଦ୍ୟାଳୟରେ କୌଣସି ପ୍ରତିଯୋଗିତା ହେଲେ ଅନ୍ୟ ବିଦ୍ୟାର୍ଥୀ ଉତ୍ସାହ ପୂର୍ବକ ଅଂଶଗ୍ରହଣ କରନ୍ତି କିନ୍ତୁ ସଂଗ୍ରାମ ସବୁବେଳେ ନିରବ ରୁହେ। ତା' ଭିତରର ଆତ୍ମବଳ ଲୁପ୍ତ ହୋଇଯାଇଛି ବୋଲି ସେ ଅନୁଭବ କରେ । ଦିନେ ବିଦ୍ୟାଳୟରେ ବକ୍ତୃତା ପ୍ରତିଯୋଗିତା ହେବ ବୋଲି ଘୋଷଣା ହେଲା। ସଂଗ୍ରାମର ସାଙ୍ଗ ସନ୍ତୋଷ ଖୁସି ହୋଇ କହିଲା- ମୁଁ ମଞ୍ଚକୁ ଯାଇ ବକ୍ତୃତା ଦେବି। ତୁ ଯିବୁ ନା ସଂଗ୍ରାମ ? ସାଙ୍ଗର କଥା ଶୁଣି ସଂଗ୍ରାମ ପୂର୍ବପରି ମୌନବ୍ରତ ଧାରଣ କରି ବସିରହିଲା। ତା'ର ଦୃଷ୍ଟି ଭୂମିରେ ନିବଦ୍ଧ ଥାଏ। ଯେମିତି ଭୟ ଓ ଶଙ୍କା ତାକୁ ଆବୋରି ନେଇଛି। ସନ୍ଧ୍ୟା ସମୟରେ ଘରକୁ ଫେରି ସେ ଜେଜେଙ୍କ ପାଖରେ ବସିଗଲା। ଜେଜେ ସ୍ନେହସିକ୍ତ ସ୍ୱରରେ ପଚାରିଲେ-କ'ଣ ହେଇଛି କିରେ ସଂଗ୍ରାମ? ତୁ ଏମିତି ଚୁପଚାପ୍ ବସିଛୁ ? ସଂଗ୍ରାମ ନମ୍ର ହୋଇ କହିଲା- ଜେଜେ ! ମୋ ମନରେ ପ୍ରବଳ ଇଚ୍ଛା ଥିବା ସତ୍ତ୍ୱେ ମୁଁ ବିଦ୍ୟାଳୟର ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରୁନି। ଜେଜେ ତା' ମନର କଥା ବୁଝି ତାକୁ କୋଳରେ ବସାଇ ଏକ ପୁରୁଣା ପୁସ୍ତକ ବାହାର କଲେ। ପୃଷ୍ଠା ଓଲଟାଇ ଗୋଟେ ଚିତ୍ରକୁ ସଙ୍କେତ କରି କହିଲେ- ବଟବୃକ୍ଷ ପରି ଧୈର୍ଯ୍ୟବାନ ମହାପୁରୁଷ ହେଉଛନ୍ତି ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ। ସେ ତାଙ୍କ ଜୀବନରେ ସବୁବେଳେ ଗୋଟେ କଥା କହୁଥିଲେ- ନିଜ ଜୀବନର ମୋଡ଼କୁ ବଦଳାଇବା ପାଇଁ ତୁରନ୍ତ ନୂଆ ନୂଆ ସଂକଳ୍ପ ଆରମ୍ଭ କର। ଜେଜେଙ୍କ ମାର୍ଗଦର୍ଶନରେ ସଂଗ୍ରାମ ମଧ୍ୟରେ ଆତ୍ମବିଶ୍ୱାସ ଜାଗ୍ରତ ହେଲା। ରାତିରେ ଆକାଶର ତାରା ସବୁ ଝିଲମିଲ୍ ହେଉଥାନ୍ତି। ସଂଗ୍ରାମ ନିଜ ପଢ଼ା ଘରେ ବସି ବକ୍ତୃତା ଲେଖୁଥାଏ। ତା' ହୃଦୟରେ ଆଶଙ୍କା ଥାଏ ହେଲେ ମନରେ ଏକ ନୂତନ ପ୍ରକାଶ ସାହାସ ବାନ୍ଧୁଥାଏ। ତା' ପରଦିନ ବିଦ୍ୟାଳୟରେ ପ୍ରତିଯୋଗିତା ଥାଏ। ମଞ୍ଚରେ ପହଞ୍ଚି ସଂଗ୍ରାମର ହୃଦୟ ଧକ୍ ଧକ୍ ହେଲା। ନିଜକୁ ଦୃଢ଼ କରି ଜେଜେଙ୍କ ମାର୍ଗଦର୍ଶନକୁ ମନେ ପକାଇଲା। ଏକ ଦୀର୍ଘ ନିଶ୍ୱାସ ନେଇ ଆତ୍ମବିଶ୍ୱାସର ସହିତ ଧୀର ଓ ନମ୍ର କଣ୍ଠରେ ନିଜ ବକ୍ତୃତା ଆରମ୍ଭ କଲା। ଶବ୍ଦରେ ସ୍ପଷ୍ଟତା ଏବଂ ଭାବର ବିସ୍ତାର ଆସିଗଲା। ସେ ଅନର୍ଗଳ କହି ଚାଲିଲା। ବକ୍ତୃତା ସମାପ୍ତ ପରେ ବିଦ୍ୟାଳୟ ପ୍ରାଙ୍ଗଣରେ ତାଳିର ଧ୍ୱନି ଗୁଞ୍ଜରିତ ହେଉଥାଏ। ସଂଗ୍ରାମକୁ ଜଣା ଯାଉଥାଏ ଆଜି ସେ ନିଜକୁ ଚିହ୍ନିପାରିଛି। ସେହିଦିନଠାରୁ ସେ ଆଉ ମୌନ କି ସଙ୍କୋଚ ବାଳକ ହୋଇ ରହିଲା ନାହିଁ। ଅନ୍ଧାରରୁ ପ୍ରକାଶ ଦିଗକୁ ଅଗ୍ରସର ହେଲା। ଇଚ୍ଛାଶକ୍ତି ଦୃଢ଼ କରି ଯେବେ କୌଣସି କାମ କରେ କି ପାଠ ପଢ଼େ ପୂରା ଉତ୍ସାହରେ ପ୍ରକାଶିତ ହୋଇ ଆଗକୁ ବଢ଼ି ଚାଲିଲା।

ବିସି-୭୪, ସଲ୍ଟ ଲେକ୍, କଲିକତା
ମୋ- ୯୬୮୧୩୭୩୫୧୨



**ସିଦ୍ଧ ମାନିସ ସାହୁ**
ପଞ୍ଚମ ଶ୍ରେଣୀ
ଗାଇଡାନ୍ସ ଇଂରାଜୀ ମାଧ୍ୟମ ସ୍କୁଲ
ଡୁମୁଡୁମା, ଭୁବନେଶ୍ୱର



**ପ୍ରିୟଲ ଶାହ**
ପ୍ରଥମ ଶ୍ରେଣୀ
ଗୀତାଦେବୀ ଡିଏଭି ପବ୍ଲିକ୍ ସ୍କୁଲ
ଦେଓଘର, ଝାରଖଣ୍ଡ



**ଅମ୍ରିତ ସାହୁ**
ପଞ୍ଚମ ଶ୍ରେଣୀ
ଚନ୍ଦନ ମଣ୍ଡପ ସାହି
ସରକାରୀ ପ୍ରାଥମିକ ବିଦ୍ୟାଳୟ
ଇନ୍ଦିପୁର, ଢେଙ୍କାନାଳ



**ଉପମିତା ଦାସ**
ଚତୁର୍ଥ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ଦଶରଥପୁର, ଯାଜପୁର

# ଛେତ୍ରୀ ଯୁଗର ଅନ୍ତ

ନୂଆଦିଲ୍ଲୀ, ୭ ।୧୧ (ଏଜେନ୍ସି): ଭାରତୀୟ ଫୁଟ୍‌ବଲର କିମ୍ବଦନ୍ତୀ ଖେଳାଳି ସୁନିଲ ଛେତ୍ରୀଙ୍କ ଅନ୍ତର୍ଜାତୀୟ କ୍ୟାରିୟରର ଅନ୍ତ ଘଟିଛି। ତାଙ୍କୁ ଆଉ ନୀଳ ଜର୍ସି ପରିଧାନ କରି ଜାତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବାର ଦେଖିବାକୁ ମିଳିବ ନାହିଁ। ଚଳିତ ଏଏଫ୍‌ସି ଏସିଆନ୍ କପ୍-୨୦୨୭ ଫାଇନାଲ ରାଉଣ୍ଡ ଯୋଗ୍ୟତା ପର୍ଯ୍ୟାୟରୁ ଭାରତ ବିଦାୟ ନେବା ସହ ତାଙ୍କର ଅନ୍ତର୍ଜାତୀୟ କ୍ୟାରିୟର ଶେଷ ହୋଇଥିବା ୪୧ ବର୍ଷୀୟ ଛେତ୍ରୀ କହିଛନ୍ତି। ଗତ ବର୍ଷ ଜୁନରେ



## ଆଉ ଖେଳିବେନି ବୋଲି ନିଶ୍ଚିତ କଲେ ସୁନିଲ୍

ଛେତ୍ରୀ ପ୍ରଥମେ ଅନ୍ତର୍ଜାତୀୟ ଫୁଟ୍‌ବଲକୁ ଅଲ୍‌ବିଦା କରିଥିଲେ। କୋଲକାତାର ସଲ୍ଟ ଲେକ୍ ଷ୍ଟାଡିୟମରେ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ମଧ୍ୟ ଦିଆଯାଇଥିଲା। କିନ୍ତୁ ଚଳିତ ବର୍ଷ ପ୍ରାରମ୍ଭରେ ସେ ତାଙ୍କ ଅବସର ନିଷ୍ପତ୍ତିରେ ପରିବର୍ତ୍ତନ କରିଥିଲେ। ଏଥିସହ ପୁଣିଥରେ ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଶୁକ୍ରବାର ଏକ ସାକ୍ଷାତ୍‌କାରରେ ଛେତ୍ରୀ କହିଛନ୍ତି, 'ଯେତେବେଳେ ମୁଁ ଦ୍ୱିତୀୟଥର ଜାତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିଲି ମୋ ମୁଣ୍ଡରେ କେବଳ ଗୋଟିଏ ଲକ୍ଷ୍ୟ ଥିଲା ଯେ ଏଏଫ୍‌ସି ଏସିଆନ କପ୍‌କୁ ଯୋଗ୍ୟତା ଅର୍ଜନ ଲାଗି ଯଥାସମ୍ଭବ ଯୋଗଦାନ ଦେବି। ଯୋଗ୍ୟତା ଅର୍ଜନ ଲାଗି ଯଦି କୌଣସି ସମ୍ଭାବନା ନ ଥିଲା ତାହାଲେ ହୁଏତ ମୁଁ ପ୍ରତ୍ୟାବର୍ତ୍ତନ କରି ନ ଥାନ୍ତି। ଗାଣିତିକ ଭାବେ ଆମେ ଆଉ ଯୋଗ୍ୟତା ଅର୍ଜନ କରିପାରୁନାହୁଁ। ତେଣୁ ଏହା ଅବସର ନେବାର ଏକ ସଠିକ ସମୟ ବୋଲି ଅନୁଭବ କଲି। କୋଚ୍ ଖଲିଦ ଜମିଲ ସାର୍‌ଙ୍କୁ ମୋର ନିଷ୍ପତ୍ତି ବିଷୟରେ କହିବା ସହଜ ଥିଲା' ବୋଲି ଛେତ୍ରୀ ଏହି ସାକ୍ଷାତ୍‌କାର ସମୟରେ କହିଛନ୍ତି।

### ■ ଭାରତର ଟପ୍ ସ୍କୋରର

ସିକନ୍ଦରାବାଦ ଜନ୍ମିତ ଛେତ୍ରୀ ପ୍ରଥମେ ୩୦ ମାର୍ଚ୍ଚ ୨୦୦୪ରେ ଭାରତୀୟ ୨୦ ବର୍ଷରୁ କମ୍ ଦଳ ପକ୍ଷରୁ ଖେଳିଥିଲେ। ଏହାର ବର୍ଷକ ପରେ ୧୨ ଜୁନ ୨୦୦୫ରେ ସେ ପାକିସ୍ତାନ ବିପକ୍ଷରେ ସିନିଅରସ୍ତରରେ ପଦାର୍ପଣ କରିଥିଲେ। ଜାତୀୟ ଦଳ ପକ୍ଷରୁ ଦୁଇ ଦଶନ୍ଧି ଧରି ଖେଳିଥିବା ଛେତ୍ରୀଙ୍କୁ ଭାରତୀୟ ଫୁଟ୍‌ବଲର ସର୍ବଶ୍ରେଷ୍ଠ ଖେଳାଳି ଭାବେ ବିବେଚନା କରାଯାଏ। ସେ ଦେଶ ପାଇଁ ୧୫୭ଟି ମ୍ୟାଚ୍ ଖେଳି ୯୫ଟି ଗୋଲ୍ ଦେଇଛନ୍ତି। ଭାରତୀୟ ଫୁଟବଲର ସେ ସର୍ବକାଳୀନ ସର୍ବାଧିକ ସ୍କୋରର ବିବେଚିତ ହୋଇଛନ୍ତି। ସେହିଭଳି ଅନ୍ତର୍ଜାତୀୟ ଫୁଟବଲରେ ସର୍ବାଧିକ ଗୋଲ୍ ଦେବାରେ ସେ କ୍ରିଷ୍ଟିଆନୋ ରୋନାଲ୍ଡୋ (୧୪୩ ଗୋଲ୍) ଲିଓନେଲ ମେସି (୧୧୪), ଇରାନର ଅଲି ଡାଇ (୧୦୮)ଙ୍କ ପଛକୁ ଛେତ୍ରୀ ୪ର୍ଥ ସ୍ଥାନରେ ରହିଛନ୍ତି।

# କୀର୍ତ୍ତିମାନଠୁ ଗୋଟିଏ ୱିକେଟ ଦୂରରେ ଯଶପ୍ରୀତ୍ ବୁମ୍‌ରା

ବ୍ରିସବେନ, ୭ ।୧୧ (ଏଜେନ୍ସି): ଭାରତୀୟ କ୍ରିକେଟ୍ ଦଳର ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ଏକ ବଡ଼ କୀର୍ତ୍ତିମାନଠୁ ପାଦେ ଦୂରରେ ରହିଛନ୍ତି। ଶନିବାର ଘରୋଇ



ଅଷ୍ଟ୍ରେଲିଆ ବିପକ୍ଷ ଅନ୍ତିମ ତଥା ୫ମ ଟି-୨୦ରେ ସେ ଆଉ ଜଣେ ବ୍ୟାଟରଙ୍କୁ ଆଉଟ୍ କରନ୍ତି। ତେବେ ଏହି ଛୋଟିଆ ଫର୍ମାଟ୍‌ରେ ବୁମ୍‌ରା ତାଙ୍କର ୧୦୦ ୱିକେଟ୍ ପୂରଣ କରିବେ। ଅର୍ଶଦୀପ୍ ସିଂହ (୧୦୫)ଙ୍କ ପରେ ସେ ଦ୍ୱିତୀୟ ଭାରତୀୟ କ୍ରିକେଟର୍ ଭାବେ ଟି-୨୦ ଫର୍ମାଟ୍‌ରେ ୧୦୦ ୱିକେଟ୍ ନେବାର ସୌଭାଗ୍ୟ ଲାଭ କରିବେ। ବୁମରା ବର୍ତ୍ତମାନ ୭୯ ମ୍ୟାଚରୁ ୧୮.୧୧ ହାରରେ ୯୯ଟି ୱିକେଟ୍ ନେଇଛନ୍ତି। ସେହିଭଳି ବୁମ୍‌ରା ମଧ୍ୟ ଆଉ ଏକ ବଡ଼ ରେକର୍ଡ କରିବେ। ଭାରତର ପ୍ରଥମ ବୋଲର ଭାବେ ସେ କ୍ରିକେଟ୍‌ର ୩ଟି ଯାକ ଫର୍ମାଟ୍‌ରେ ୧୦୦ କିମ୍ବା ଏହାଠାରୁ ଊର୍ଦ୍ଧ୍ୱ ୱିକେଟ ନେବାର ସଫଳତା ପାଇବେ। ବୁମରା ବର୍ତ୍ତମାନ ଟେଷ୍ଟରେ ୨୨୬ଟି ଓ ଦିନିକିଆରେ ୧୪୯ଟି ୱିକେଟ ନେଇଛନ୍ତି।

**ନିର୍ଣ୍ଣାୟକ ପଞ୍ଚମ ଟି-୨୦ ଆଜି**

# ସିରିଜ ବିଜୟ ଲକ୍ଷ୍ୟରେ ଭାରତ

ବ୍ରିସବେନ, ୭ ।୧୧ (ଏଜେନ୍ସି): ଭ୍ରମଣକାରୀ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଚଳିତ ଟି-୨୦ ସିରିଜର ଅନ୍ତିମ ତଥା ନିର୍ଣ୍ଣାୟକ ୫ମ ମୁକାବିଲା ଶନିବାର ବ୍ରିସବେନରେ ଖେଳାଯିବ। ଉଭୟ ଘରୋଇ ଅଷ୍ଟ୍ରେଲିଆ ଓ ଭାରତ ପାଇଁ ଏହି ମ୍ୟାଚ୍ ବେଶ୍ ଗୁରୁତ୍ୱବହନ କରୁଛି। ୨-୧ରେ ଅଗ୍ରଣୀ ଥିବା ଭାରତ ଏହି ମ୍ୟାଚ୍ ଜିତି ସିରିଜ ବିଜୟୀ ହେବା ଲକ୍ଷ୍ୟରେ ରହିଛି। ଅପରପକ୍ଷରେ ମିଚେଲ ମାର୍ଶଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ ପାଇଁ 'କର ବା ମର' ସ୍ଥିତି ସୃଷ୍ଟି କରିଛି। ସିରିଜରେ ପଛୁଆ ଥିବା କଙ୍ଗାରୁ ଦଳ ଏଠାରେ ବିଜୟୀ ହୋଇ ଡ୍ର ରଖିବା ଲକ୍ଷ୍ୟରେ ରହିଛି। ଯଦି ଅଷ୍ଟ୍ରେଲିଆ ପରାସ୍ତ ହୁଏ ତେବେ ସିରିଜ ମଧ୍ୟ ହାତଛଡ଼ା କରିବ। ତେଣୁ ଭାରତ ଅପେକ୍ଷା ଅଷ୍ଟ୍ରେଲିଆ ନିଶ୍ଚିତ ଭାବେ ଏହି ମ୍ୟାଚରେ ଚାପରେ ରହିବ।

ପୂର୍ବରୁ ସିରିଜର କାନବେରାରେ ଖେଳାଯାଇଥିବା ସିରିଜର ପ୍ରଥମ ମ୍ୟାଚ୍ ବର୍ଷା ଲାଗି ବାତିଲ ହୋଇଥିଲା। ଏହାପରେ ମେଲବୋର୍ଣ୍ଣ ମୁକାବିଲାକୁ ୪ ୱିକେଟରେ ଜିତି ଅଷ୍ଟ୍ରେଲିଆ ୧-୦ରେ ଅଗ୍ରଣୀ ଲାଭ କରିଥିଲା। କିନ୍ତୁ ଭ୍ରମଣକାରୀ ଭାରତ ୩ୟ ଓ ୪ର୍ଥ ମୁକାବିଲାରେ ଦମ୍‌ଦାର ପ୍ରଦର୍ଶନ କରି ଯଥାକ୍ରମେ ୫ ୱିକେଟ୍ ଓ ୪୮ ରନରେ ବିଜୟୀ ହୋଇଥିଲା। ଫଳରେ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଭାରତ ବର୍ତ୍ତମାନ ୨-୧ରେ ଆଗୁଆ ରହିଛି। ଆସନ୍ତାକାଲି ମଧ୍ୟ ଟିମ୍ ଇଣ୍ଡିଆ ଏହି ବିଜୟଧାରାକୁ ବଜାୟ ରଖିବା ସହ ଦୁଇଟି ଉପଲବ୍ଧି ହାସଲ କରିବା ଲକ୍ଷ୍ୟରେ ରହିଛି। ପ୍ରଥମତଃ ଅଷ୍ଟ୍ରେଲିଆ ମାଟିରେ ଦୀର୍ଘ ୧୭ ବର୍ଷ ହେଲା ଟି-୨୦ ସିରିଜ ପରାସ୍ତ ନ ହେବାର



ରେକର୍ଡ ବଜାୟ ରଖିବ। ଦ୍ୱିତୀୟରେ ଗତ ଦିନିକିଆ ସିରିଜ ପରାଜୟର ପ୍ରତିଶୋଧ ମଧ୍ୟ ଟି-୨୦ରେ ନେବାକୁ ଭାରତୀୟ ଦଳ ଲକ୍ଷ୍ୟ ରଖିଛି। ତେଣୁ ସୂର୍ଯ୍ୟକୁମାର ଓ ତାଙ୍କ ଦଳ ଟି-୨୦ ସିରିଜକୁ ଦମ୍‌ଦାର ଭାବେ ଫିନିଶ କରିବା ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇବେ।

ପଞ୍ଚମ ମ୍ୟାଚରେ ଉପଅଧିନାୟକ ଶୁବମାନ ଗିଲ୍ ଓ ଅଧିନାୟକ ସୂର୍ଯ୍ୟକୁମାରଙ୍କ ବ୍ୟାଟିଂ ଉପରେ ସମସ୍ତଙ୍କ ନଜର ରହିବ। ଆଉ ଦୁଇ ମାସ ପରେ ଭାରତରେ ଟି-୨୦ ବିଶ୍ୱକପ୍ ଖେଳାଯିବାକୁ ଥିବାବେଳେ ଗିଲ୍‌ଙ୍କ ଫର୍ମ ଟିମ୍ ମ୍ୟାନେଜମେଣ୍ଟ ପାଇଁ ଚିନ୍ତାର କାରଣ ପାଲଟିଛି। ଗିଲ୍ ଗତ ୭ଟି ଟି-୨୦ ମୁକାବିଲାରେ ଅର୍ଦ୍ଧଶତକ ମଧ୍ୟ ହାସଲ କରିପାରିନାହାନ୍ତି। ତେବେ ଗତ ୪ର୍ଥ ଟି-୨୦ରେ ସେ ୪୬ ରନର ପାଳି ଖେଳି ଫର୍ମକୁ ଫେରିଥିବାର ସଙ୍କେତ ଦେଇଛନ୍ତି। ସୂର୍ଯ୍ୟକୁମାର ମଧ୍ୟ ଏହି ସିରିଜରେ ଭଲ ଆରମ୍ଭ କରୁଥିଲେ ମଧ୍ୟ ଏହାକୁ ବଡ଼ ସ୍କୋରରେ ରୂପାନ୍ତରିତ କରିବାରେ ବିଫଳ ହୋଇଛନ୍ତି। ସେହିଭଳି ଏସିଆ କପ୍ ଫାଇନାଲର ହିରୋ ତିଲକ ବର୍ମା ସିରିଜର ଶେଷ ୩ଟି ମ୍ୟାଚରେ ଯଥାକ୍ରମେ ୦, ୨୯ ଓ ୫ ରନ କରି ନିରାଶ କରିଛନ୍ତି। ତିନି ସ୍ପିନର ବରୁଣ ଚକ୍ରବର୍ତ୍ତୀ, ଅକ୍ଷର

**୫ମ ଟି-୨୦**
**ଆରମ୍ଭ: ଅପରାହ୍ଣ ୧ଟା ୪୫**
**ଭେନ୍ୟୁ: ବ୍ରିସ୍‌ବେନ୍**
**ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ ନେଟୱର୍କ**

ପଟେଲ ଓ ୱାଶିଂଟନ ସୁନ୍ଦର ବୋଲିଂରେ ଭାରତର ପ୍ରମୁଖ ଶକ୍ତି ରହିଛନ୍ତି।

ଅପରପକ୍ଷରେ ଘରୋଇ ଅଷ୍ଟ୍ରେଲିଆର ବ୍ୟାଟରଙ୍କ ସ୍ପିନ ଦୁର୍ବଳତା ୪ର୍ଥ ଟି-୨୦ରେ ମଧ୍ୟ ପଦାରେ ପଡ଼ିଥିଲା। କାରାରା ଓଭାଲରେ ଅନୁଷ୍ଠିତ ଏହି ମ୍ୟାଚରେ ବରୁଣ, ଅକ୍ଷର ଓ ୱାଶିଂଟନ ମିଳିତ ଭାବେ ୧୦ ଓଭରରେ ୬ଟି ୱିକେଟ୍ ନେଇ ମ୍ୟାଚର ମୋଡ଼ ବଦଳାଇ ଦେଇଥିଲା। ଫଳରେ ଏକଦା ବିଜୟ ଦିଗରେ ଅଗ୍ରସର ହେଉଥିବା ଅଷ୍ଟ୍ରେଲିଆ ୪୮ ରନରେ ପରାସ୍ତ ହୋଇଥିଲା। ତେଣୁ ଏହି ମ୍ୟାଚରେ ଅଷ୍ଟ୍ରେଲିଆ ବ୍ୟାଟର୍ ଭାରତୀୟ ସ୍ପିନରଙ୍କୁ କେଉଁଭଳି ଭାବେ ମୁକାବିଲା କରୁଛନ୍ତି ଏହା ଉପରେ ସମସ୍ତଙ୍କ ନଜର ରହିଛି।

# ପାକିସ୍ତାନକୁ ୨ ରନ୍‌ରେ ହରାଇଲା ଭାରତ

ମୋଙ୍ଗକକ୍, ୭ ।୧୧ (ଏଜେନ୍ସି): ହଂକଂରେ ଖେଳାଯାଉଥିବା ୬ ଓଭରବିଶିଷ୍ଟ ହଂକଂ ସିକ୍ସେସ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ଅନୁଷ୍ଠିତ ଏକ ମ୍ୟାଚରେ ଭାରତ ଡିଏଲ୍ ପଦ୍ଧତିରେ ୨ ରନରେ ପାକିସ୍ତାନକୁ ହରାଇଦେଇଛି। ଏହି

**ହଂକଂ ସିକ୍ସେସ**



ମ୍ୟାଚରେ ଟସ୍ ଜିତି ପାକିସ୍ତାନ ଅଧିନାୟକ ଆବାସ ଆଫ୍ରିଦୀ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ଦୁଇ ଓପନର ରବିନ ଉଥପ୍ପା ଓ ଭରତ ଚିପିଲିଙ୍କ ଉପଯୋଗୀ ପାଳି ବଳରେ ୬ ଓଭରରେ ୪ ୱିକେଟ୍ ହରାଇ ୮୬ ରନ କରିଥିଲା। ଉଥପ୍ପା ୧୧ ବଲରେ ୨୮ ରନ ଓ ୧୩ ବଲରେ ୨୪ ରନ କରିଥିଲେ। ଅଧିନାୟକ ଦିନେଶ କାର୍ତ୍ତିକ ୬ଟି ବଲରେ ୧୭ ରନ କରି ଅପରାଜିତ ରହିଥିଲେ। ଷ୍ଟୁଆର୍ଟ ବିନ୍ନି ୪ ଓ ଅଭିମନ୍ୟୁ ମିଥୁନ ୬ ରନରେ ଆଉଟ୍ ହୋଇଥିଲେ। ପାକିସ୍ତାନ ପକ୍ଷରୁ ମହମ୍ମଦ ଶାହବାଜ ୨ଟି ୱିକେଟ ହାସଲ କରିଥିଲେ। ଜବାବରେ ପାକିସ୍ତାନ ୩ ଓଭରରେ ଗୋଟିଏ ୱିକେଟ୍ ହରାଇ ୪୧ ରନ କରିଥିବାବେଳେ ବର୍ଷା ହୋଇଥିଲା। ଓପନର ଖୱାଜ ନାଫି ୯ ବଲରେ ୧୮ ଓ ଅମଦୁଲ ସମାନ ୬ ବଲରେ ୧୬ ରନ କରି ଅପରାଜିତ ରହିଥିଲେ। ଏହାପରେ ଫଳାଫଳ ପାଇଁ ଡିଏଲ୍ ପଦ୍ଧତିର ସହାୟତା ନିଆଯାଇଥିଲା। ଏଥିରେ ଭାରତକୁ ୨ ରନରେ ବିଜୟୀ ହୋଇଥିଲା। ଭାରତ ଏଥିସହ ୨ ପଏଣ୍ଟ ପାଇ ପୁଲ୍-ସି'ର ଶୀର୍ଷ ସ୍ଥାନରେ ରହିଛି। ଭାରତ ଏହାର ଶେଷ ମ୍ୟାଚରେ ଶନିବାର କୁଏତକୁ ଭେଟିବ। ଅପରପକ୍ଷରେ ପାକିସ୍ତାନ ଅନ୍ୟ ଏକ ମ୍ୟାଚରେ କୁଏତକୁ ୪ ୱିକେଟରେ ହରାଇ ୨ ପଏଣ୍ଟ ପାଇଛି। ଚଳିତ ସଂସ୍କରଣରେ ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ଇଂଲଣ୍ଡ, ଶ୍ରୀଲଙ୍କା, ଭାରତ, ପାକିସ୍ତାନ, ବାଂଲାଦେଶ, କୁଏତ, ଆଫଗାନିସ୍ତାନ ଓ ଆୟୋଜକ ହଂକଂକୁ ମିଶାଇ ୧୨ଟି ଦଳ ଅଂଶଗ୍ରହଣ କରୁଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ଆଇସିସି ଅନୁମୋଦିତ ହାସଲ କରିଥିବାବେଳେ ପ୍ରତ୍ୟେକ ଦଳରେ ୬ଜଣ ଲେଖାଏ ଖେଳାଳି ରହିଥାନ୍ତି। ୬ ଓଭରବିଶିଷ୍ଟ ଏହି ମ୍ୟାଚରେ ପ୍ରତି ଦଳର ଜଣେ ବୋଲର ୨ ଓଭର ବୋଲିଂ କରିବାର ନିୟମ ରହିଛି।

# ରାଜ୍ୟ ସବ୍‌ଜୁନିଅର ବ୍ୟାଡ୍‌ମିଣ୍ଟନ ଉଦ୍‌ଘାଟିତ



ଭୁବନେଶ୍ୱର, ୭ ।୧୧ (ସମିସ): ସ୍ଥାନୀୟ ପୋଖରୀପୁଟସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ଓଡ଼ିଶା ବ୍ୟାଡ୍‌ମିଣ୍ଟନ ସଂଘ ଦ୍ୱାରା ରାଜ୍ୟ ସବ୍‌ଜୁନିଅର ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଚାରିଦିନ ବ୍ୟାପୀ ଚାଲିବାକୁ ଥିବା ଏହି ଚାମ୍ପିଅନସିପ୍‌ରେ ୧୫ ଓ ୧୭ ବର୍ଷରୁ କମ୍ ବୟସବର୍ଗରେ ୨୮୦ରୁ ଊର୍ଦ୍ଧ୍ୱ ଖେଳାଳି ଯୋଗଦେଇଛନ୍ତି। ପ୍ରଥମ ଦିନରେ ବାଳକ/ବାଳିକା ସିଙ୍ଗଲ୍ସ, ଡବଲ୍ସ ଓ ମିକ୍ସଡ ଡବଲ୍ସରେ ୮୦ଟି ମ୍ୟାଚ୍ ଖେଳାଯାଇଛି। ପ୍ରାୟ ସମସ୍ତ ସିଡେଡ୍ ଖେଳାଳି ନିଜ ନିଜ ମୁକାବିଲାରେ ବିଜୟୀ ହୋଇ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ଶୁକ୍ରବାର ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ବରିଷ୍ଠ ଅଧିକାରୀ ସୋନାଲି ଚାନ୍ଦ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘର ସମ୍ପାଦକ ନିଲୀନ କୁମାର, ଉପସଭାପତି ପ୍ରଦୀପ ପଟ୍ଟନାୟକ, ଆୟୋଜକ କମିଟିର ସଂପାଦକ ଅଜିତ ମହାନ୍ତି, ନିର୍ଦ୍ଦେଶକ ଶୁଭମ ନାୟକ, ପର୍ଯ୍ୟବେକ୍ଷକ ଶିବମ ଅଗ୍ରୱାଲ, ସଂଯୋଜକ ତାରାକାନ୍ତ ଦାଶ, ଅବଦୁଲ ହାକିମ, ଜୟପ୍ରକାଶ ଜେନା, ମୁଖ୍ୟ ରେଫରୀ ରୀତା ଦାଶ ଓ ଲକ୍ଷ୍ମୀପତି ନନ୍ଦ ପ୍ରମୁଖ ଉପସ୍ଥିତ ରହିଥିଲେ।




ଶୁକ୍ରବାର ହକି ଇଣ୍ଡିଆର ୧୦୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ନୂଆଦିଲ୍ଲୀରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୂର୍ବତନ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଭାରତ-ଏ ବିପକ୍ଷ ଦ୍ୱିତୀୟ ଅନ୍‌ଅଫିସିଆଲ୍ ଟେଷ୍ଟ**

# ଆକରମାନ୍‌ଙ୍କ ଶତକ ସତ୍ତ୍ୱେ ଦ.ଆଫ୍ରିକା-ଏ ପଛୁଆ

ବେଙ୍ଗାଲୁରୁ, ୭ ।୧୧ (ଏଜେନ୍ସି): ଘରୋଇ ଭାରତ-ଏ କ୍ରିକେଟ ଟିମ୍ ବିପକ୍ଷରେ ଏଠାରେ ଚାଲିଥିବା ଅନ୍ତିମ ତଥା ଦ୍ୱିତୀୟ ଅନ୍‌ଅଫିସିଆଲ୍ ଟେଷ୍ଟ ମ୍ୟାଚରେ ଦକ୍ଷିଣ ଆଫ୍ରିକା-ଏ ପ୍ରଥମ ପାଳିରେ ପଛୁଆ ରହିଛି। ଭାରତ-ଏ'ର ପ୍ରଥମ ପାଳି ସ୍କୋର ୨୫୫ ରନ ଜବାବରେ ଦକ୍ଷିଣ ଆଫ୍ରିକା-ଏ ୨୨୧ ରନରେ ସୀମିତ ରହିଛି। ଭ୍ରମଣକାରୀ ଦଳ ପକ୍ଷରୁ ଅଧିନାୟକ ମାର୍କସ ଆକରମାନ ଦ୍ରୁତ ଶତକୀୟ ପାଳି ଖେଳିଥିଲେ ମଧ୍ୟ ଦକ୍ଷିଣ ଆଫ୍ରିକା-ଏକୁ ଅଗ୍ରଣୀ କରାଇପାରି ନ ଥିଲେ। ଆକରମାନ ୧୭ ଚୌକା ଓ ୫ ଛକା ବଳରେ ୧୧୮ ବଲରୁ ୧୩୪ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓପନର୍ ଜୋର୍ଡାନ ହର୍‌ମାନ୍ ୨୬ ଓ ପ୍ରିନେଲାନ ସବରେୟିନ ୨୦ ରନ କରିଥିବାବେଳେ ଅନ୍ୟ ୮ ଜଣ ଦୁଇଅଙ୍କ ଛୁଇଁପାରି ନ ଥିଲେ। ବୋଲିଂରେ ଭାରତ-ଏ ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣା ୩ ଏବଂ ମହମ୍ମଦ ସିରାଜ ଓ ଆକାଶଦୀପ୍ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ୩୪ ରନରେ ଅଗ୍ରଣୀ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଭାରତ-ଏ ଶୁକ୍ରବାର ଷ୍ଟମ୍ପ ସୁଦ୍ଧା ୨୪ ଓଭରରେ ୩ ୱିକେଟ ହରାଇ ୭୮ ରନ ସଂଗ୍ରହ କରିଛି। ଖେଳ ଶେଷବେଳକୁ ଲୋକେଶ ରାହୁଲ ୨୬ ଓ କୁଲଦୀପ୍ ଯାଦବ କୌଣସି ରନ ନ କରି କ୍ରିଜରେ ରହିଛନ୍ତି। ଆଉଟ୍ ହୋଇଥିବା ବ୍ୟାଟରଙ୍କ ମଧ୍ୟରେ ସାଇ ସୁଦର୍ଶନ ୨୩, ଦେବଦତ୍ତ ପାଡିକଲ୍ ୨୪ ରନ କରିଥିବାବେଳେ ଓପନର୍ ଅଭିମନ୍ୟୁ ଈଶ୍ୱରନ ଖାତା ଖୋଲିପାରି ନ ଥିଲେ। ଦ୍ୱିତୀୟ ପାଳିରେ ୭ ୱିକେଟ୍ ବଳକା ଥାଇ ଘରୋଇ ଦଳ ଏବେ ମୋଟ୍ ଉପରେ ୧୧୨ ରନରେ ଅଗ୍ରଣୀ ରହିଛି। ମ୍ୟାଚ ଆହୁରି ୨ ଦିନ ବାକି ଥିବାରୁ ଫଳାଫଳ ବାହାରିବା ନିଶ୍ଚିତ ମନେ ହେଉଛି। ପୂର୍ବରୁ ପ୍ରଥମ ଟେଷ୍ଟକୁ ୩ ୱିକେଟରେ ଜିତି ଭାରତ-ଏ ସିରିଜରେ ୧-୦ରେ ଆଗୁଆ ରହିଛି।

**ଆଜିଠୁ ବିଦର୍ଭ ବିପକ୍ଷ ରଣଜୀ**

# ଓଡ଼ିଶାର ଚିନ୍ତା ଚୂଡ଼ାନ୍ତ ଏକାଦଶ ଗଠନ

କଟକ,୭।୧୧(ସମିସ): ଡିଫେଣ୍ଡିଂ ଚାମ୍ପିଅନ ବିଦର୍ଭ ବିପକ୍ଷରେ ଚଳିତ ରଣଜୀ ଟ୍ରଫିର ୪ର୍ଥ ଲିଗ୍ ମ୍ୟାଚ୍ ଖେଳିବ ଓଡ଼ିଶା ଦଳ। ଶନିବାର ଠାରୁ ନାଗପୁର ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଖେଳାଯିବ। ପ୍ରଥମ ତିନୋଟି ମ୍ୟାଚ୍‌ରୁ ଦୁଇଟି

- ● ବିଫଳତା ଆଣୁଛି ବ୍ୟାଟିଂ ଲାଇନ୍‌ଅପ୍‌ରେ ପରିବର୍ତ୍ତନ
- ● ନିରାଶ କରୁଛନ୍ତି ପ୍ରମୁଖ ବୋଲର; ଖେଳି ପାରନ୍ତି ଜାମେଲା
- ● ରାଜେଶଙ୍କ ବୋଲିଂ ଆଭରେଜ୍ ୨୦୦ ଟପିଛି

ପରାଜୟ ଜାଲରେ ଛନ୍ଦି ହୋଇ ନିନ୍ଦା ମୁଣ୍ଡାଇଥିବା ଓଡ଼ିଶା ଏହି ଧାରାରୁ ମୁକୁଳିବାକୁ ନିହାତି ଉଦ୍ୟମ କରିବ। ଅନ୍ୟପକ୍ଷରେ ଖେଳାଳିଙ୍କ ମନୋବଳକୁ ଦୃଢ଼ ରଖିବାକୁ ଶୁକ୍ରବାର ମ୍ୟାଚ୍ ପୂର୍ବ ଟିମ୍ ମିଟିଂରେ ଆଲୋଚନା କରାଯାଇଛି। ବିଦର୍ଭ ବିପକ୍ଷ ଶେଷ ୫ଟି ମ୍ୟାଚ୍‌ରେ ଓଡ଼ିଶା ଗୋଟିଏ ହେଲେ ବିଜୟ ସୁଯୋଗ ପାଇନଥିଲେ ସୁଦ୍ଧା



ନାଗପୁର ମୁକାବିଲା ରୋମାଞ୍ଚକ ହେବ ବୋଲି ଅନୁମାନ କରାଯାଇପାରେ। ଅକ୍ଷୟ ୱାଡେକରଙ୍କ ନେତୃତ୍ୱାଧୀନ ବିଦର୍ଭକୁ ଓଡ଼ିଶାର ଶୁଭ୍ରାଂଶୁ ବାହିନୀ କଡା ଟକ୍କର ଦେବା ଲକ୍ଷ୍ୟରେ ରହିଛି।

ନିକଟ ଅତୀତରେ ଶେଷ ହୋଇଥିବା ଇରାନୀ କପ୍‌ରେ ବିଦର୍ଭ ଚାମ୍ପିଅନ ଟାଇଟଲ ହାସଲ କରିବା ପରେ ରଣଜୀ ଟ୍ରଫିରେ ଭାଗ ନେଇଛି। ପ୍ରଥମ ତିନୋଟି ମ୍ୟାଚ୍‌ରୁ ବିଦର୍ଭକୁ ଗୋଟିଏ ବିଜୟ ଏବଂ ୨ଟି ଅମୀମାଂସିତ ଫଳାଫଳ ଦ୍ୱାରା ୧୩ ପଏଣ୍ଟ ମିଳିଛି। ଦଳ ଗ୍ରୁପ-ଏ ଟେବଲର ୨ୟ ସ୍ଥାନରେ ରହିଛି। ଯଶ ରାଥୋଡ, ଅମନ ମୋଖାଡେ, ଧ୍ରୁବ ସୋରେ, ଅକ୍ଷୟ କର୍ଣ୍ଣେୱାର ଦଳର ବ୍ୟାଟିଂ ଭାର ସମ୍ଭାଳିଛନ୍ତି। ଯଶ ଏବଂ ଅମନଙ୍କ ବ୍ୟାଟରୁ ଶତକୀୟ ପାଳି ଦେଖିବାକୁ ମିଳିଛି। ନଚିକେତ ଭୂତେ ହେଉଛନ୍ତି ଦଳର ସଫଳ ବୋଲର। ୩ଟି ମ୍ୟାଚରୁ ସେ ୧୫ଟି ୱିକେଟ ଅକ୍ତିଆର କରିଛନ୍ତି। ହର୍ଷ ଦୁବେ, ପ୍ରଫୁଲ୍ଲ ହିଙ୍ଗେ, ପାର୍ଥ ରେଖାଡେଙ୍କ କାନ୍ଧରେ ବିଦର୍ଭର ଶକ୍ତିଶାଳୀ ବୋଲିଂ ଲାଇନଅପ ଭରସା କରୁଛି। ବିଦର୍ଭକୁ ଟକ୍କର ଦେବା ଓଡ଼ିଶା ପାଇଁ କାଠିକର ପାଠ ହୋଇପାରେ।

ବିଦର୍ଭ ବିପକ୍ଷ ମ୍ୟାଚ୍ ପୂର୍ବରୁ ଓଡ଼ିଶା ଦଳରେ ପରିବର୍ତ୍ତନ ଅଣାଯାଇଛି। ଡାହାଣହାତୀ ପେସ୍ ବୋଲର ସୁନୀଲ କୁମାର ରାଉଳଙ୍କୁ ବାଦ୍ ଦେଇ ଦଳରେ ପେସ୍ ବୋଲର ପ୍ରଶାନ୍ତ ରଣା ଏବଂ ବାମହାତୀ ସ୍ପିନର ଜାମେଲା ଭଞ୍ଜନ ମହାପାତ୍ରଙ୍କୁ ସାମିଲ କରାଯାଇଛି। ପୂର୍ବରୁ ବାଦଲ ବିଶ୍ୱାଳ ଏବଂ ସୁମିତ ଶର୍ମା ପ୍ରମୁଖ ସ୍ପିନର ଭାବେ ଦଳରେ ରହିଛନ୍ତି। ବିଦର୍ଭ ବିପକ୍ଷରେ ସୁମିତଙ୍କୁ ବିଶ୍ରାମ ଦିଆଯାଇ ଜାମେଲାଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଇପାରେ। ତେବେ ଓଡ଼ିଶାର ଭରସାଯୋଗ୍ୟ ପେସ୍ ବୋଲର ରାଜେଶ ମହାନ୍ତିଙ୍କ ବିଫଳତା ଦଳ ପାଇଁ ଚିନ୍ତା ସୃଷ୍ଟି କଲାଣି। ୩ଟି ମ୍ୟାଚ୍‌ରୁ ସେ ମାତ୍ର ଗୋଟିଏ ୱିକେଟ ପାଇଛନ୍ତି। ମୋଟ୍ ୬୦ ଓଭର ବୋଲିଂ କରିଥିବା ରାଜେଶଙ୍କ ଆଭରେଜ ୨୦୭ ରହିଛି। ତାଙ୍କର ପ୍ରତ୍ୟାବର୍ତ୍ତନ ଓଡ଼ିଶା ପାଇଁ ନିହାତି ଆବଶ୍ୟକ ହୋଇଛି। ନବାଗତ ସମ୍ବିତ ବରାଳ ୫ଟି ଏବଂ ବାଦଲ ବିଶ୍ୱାଳ ୬ଟି ୱିକେଟ ଦଖଲ କରି ଅନ୍ୟମାନଙ୍କ ଠାରୁ ଆଗରେ ରହିଛନ୍ତି। ବ୍ୟାଟିଂ ବିଫଳତା ଓଡ଼ିଶା ପାଇଁ ଅନ୍ୟଏକ ଚିନ୍ତାର କାରଣ। ଗୌରବ ଚୌଧୁରୀ, ଶୁଭ୍ରାଂଶୁ ସେନାପତି, ସମ୍ବିତ ବରାଳ, ସନ୍ଦୀପ ପଟ୍ଟନାୟକ, ରାଜେଶ ଧୂପର, ସ୍ୱସ୍ତିକ ସାମଲ, ଗୋବିନ୍ଦ ପୋଦ୍ଦାର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ ସୁଦ୍ଧା ଉଚିତ୍ ସମୟରେ ଦଳ ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇ ପାରିନାହାନ୍ତି। ବିଦର୍ଭ ବିପକ୍ଷରେ ଚୂଡ଼ାନ୍ତ ଏକାଦଶ ଗଠନ କରିବା ନେଇ ଓଡ଼ିଶା ଶିବିରରେ ଚିନ୍ତା ବଢ଼ିଥିବା କୁହାଯାଉଛି।

'ନନ୍ଦିଘୋଷ ଟିଭି'
ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଅଛି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ଇନ୍‌ପୁଟ୍ କପି ଏଡିଟର (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଭିଡିଓ ଏଡିଟର୍ -ଡିଜିଟାଲ (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| କପି ଏଡିଟର -ଡିଜିଟାଲ (୦୩) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ଡିଜିଟାଲ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ନ୍ୟୁଜ୍ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସିଜି ଅପରେଟର (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସ୍ୱିଚର / ଅନଲାଇନ୍ ଏଡିଟର | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୧୫ ନଭେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS